# ଧରିତ୍ରୀ
DHARITRI

ବ୍ରହ୍ମପୁର, ମଙ୍ଗଳବାର, ଅଗଷ୍ଟ ୨୫/୨୦୨୦ (୧୨ ପୃଷ୍ଠା) | Berhampur, Tuesday, August 25/2020 | ★★★

୧୬ଶ ଭାଗ ୧୨୯ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹ ୪/-




## ଟେନିସ୍‌କୁ ଗ୍ରିଗୋରଙ୍କ ସଫଳ ପ୍ରତ୍ୟାବର୍ତ୍ତନ

କୋଭିଡ୍-୧୯ରୁ ଆରୋଗ୍ୟ ଲାଭ କରିବା ପରେ ବୁଲଗେରିଆର ଗ୍ରିଗୋର ଦିମିତ୍ରୋଭ୍ ଟେନିସ୍‌କୁ ସଫଳ ପ୍ରତ୍ୟାବର୍ତ୍ତନ କରିଛନ୍ତି।

୧୨

୧୦

## ଲକ୍‌ଡାଉନ୍ ଗରିବ କରିଦେଇଛି

ଅଭିନେତ୍ରୀ ଜରିନ୍ ଖାନ୍ କରୋନା ଯୋଗୁ ଏବେ ଗରିବ ହୋଇଯାଇଛନ୍ତି। କୌଣସି କାମ ହାତରେ ନ ଥିବାରୁ ଚଳିବା କଷ୍ଟକର ହୋଇପଡ଼ିଛି ବୋଲି ସେ କହିଛନ୍ତି।






# ସୋନିଆ ଅନ୍ତରୀଣ ଅଧ୍ୟକ୍ଷ ରହିଲେ

## ୭ ଘଣ୍ଟାର ସିଡବ୍ଲ୍ୟୁସି ବୈଠକ

ନୂଆଦିଲ୍ଲୀ,୨୪।୮

ସୋନିଆ ଗାନ୍ଧୀ କଂଗ୍ରେସର ଅନ୍ତରୀଣ ଅଧ୍ୟକ୍ଷ ପଦ ବଜାୟ ରଖିଛନ୍ତି। ଆସନ୍ତା ୬ ମାସ ମଧ୍ୟରେ ନୂଆ ସ୍ଥାୟୀ ଅଧ୍ୟକ୍ଷ ନିଯୁକ୍ତ କରାଯିବ। ସେତେ ଦିନ ପର୍ଯ୍ୟନ୍ତ ସୋନିଆ ହିଁ କଂଗ୍ରେସର ସର୍ବେସର୍ବା ହୋଇ ଦଳର



ସିଡବ୍ଲ୍ୟୁସି ବୈଠକ ପରେ ଖବରଦାତା ସମ୍ମିଳନୀକୁ ସମ୍ବୋଧିତ କରୁଛନ୍ତି କେ.ସି. ବେଣୁଗୋପାଳ।

ମଙ୍ଗ ଧରି ରହିଥିବେ। ସୋମବାର ୭ ଘଣ୍ଟା ଧରି ଚାଲିଥିବା କଂଗ୍ରେସ କାର୍ଯ୍ୟକାରୀ କମିଟି (ସିଡବ୍ଲ୍ୟୁସି)ର ମାରାଥନ ବୈଠକରୁ ଏହି ନିଷ୍କର୍ଷ ବାହାରିଛି। ୨୦୧୯ ସାଧାରଣ ନିର୍ବାଚନରେ କଂଗ୍ରେସର ଶୋଚନୀୟ ☞ପୃଷ୍ଠା-୪

# କ୍ଷମା ମାଗିଲେ ବିବେକ ଅବମାନନା

## ନିଜ ମନ୍ତବ୍ୟରେ ଅଟଳ ପ୍ରଶାନ୍ତ ଭୂଷଣ

ନୂଆଦିଲ୍ଲୀ,୨୪।୮

ଆଇନଜୀବୀ ପ୍ରଶାନ୍ତ ଭୂଷଣ ତାଙ୍କର ଦୁଇଟି ବିବାଦୀୟ ଟୁଇଟ୍‌କୁ ନେଇ କ୍ଷମା ମାଗିବେ ନାହିଁ ବୋଲି ସୋମବାର ସୁପ୍ରିମକୋର୍ଟରେ ସ୍ପଷ୍ଟ କରିଛନ୍ତି। ସର୍ବୋଚ୍ଚ ଅଦାଲତରେ ଦାଖଲ କରିଥିବା ସତ୍ୟପାଠରେ ପ୍ରଶାନ୍ତ କହିଛନ୍ତି, ତାଙ୍କ ମନ୍ତବ୍ୟ ନ୍ୟାୟାଳୟର 'ଗଠନମୂଳକ ସମାଲୋଚନା' ଥିଲା। ସୁପ୍ରିମକୋର୍ଟ ନିଜ ଉତ୍କୃଷ୍ଟ ରେକର୍ଡରୁ ପଥଚ୍ୟୁତ ହେଲେ ମୁହଁ ଖୋଲିବା ଦେଶର ଜଣେ ନାଗରିକ ତଥା ଅଦାଲତର ଅଧିକାରୀ ଭାବେ ତାଙ୍କର କର୍ତ୍ତବ୍ୟ। ତେଣୁ ମନ୍ତବ୍ୟ ପ୍ରତ୍ୟାହାର କରିବା ନିଷ୍ଠାହୀନ କ୍ଷମା ସହ ସମାନ। କ୍ଷମା ମାଗିଲେ ନିଜ ବିବେକ ଓ ସାମ୍ବିଧାନିକ ସଂସ୍ଥାର ଅବମାନନା ହେବ। ଏଥିପାଇଁ ନିଜ ମନ୍ତବ୍ୟର ସେ ଅଟଳ ରହିବେ ବୋଲି ପ୍ରଶାନ୍ତ ଜୋର୍ ଦେଇ କହିଛନ୍ତି। ମଙ୍ଗଳବାର ଏହି ପ୍ରସଙ୍ଗରେ ପୁଣି ଶୁଣାଣି ହେବ ବୋଲି ଅଦାଲତ ଜଣାଇଛନ୍ତି।

ସୋମବାର ଦାଖଲ କରିଥିବା ଅତିରିକ୍ତ ଜବାବରେ ପ୍ରଶାନ୍ତ କହିଛନ୍ତି, ସର୍ବୋଚ୍ଚ ଅଦାଲତ କିମ୍ବା କୌଣସି ପ୍ରଧାନ ବିଚାରପତିଙ୍କୁ ବଦନାମ କରିବା ପାଇଁ ନୁହେଁ, ବରଂ ଗଠନମୂଳକ ସମାଲୋଚନା ପାଇଁ ସେ ଟୁଇଟ କରିଥିଲେ। ସମ୍ବିଧାନର ରକ୍ଷକ ଓ ଲୋକଙ୍କ ଅଧିକାରର ପ୍ରହରୀ





ଭାବେ ନିଜ ଦୀର୍ଘକାଳୀନ ଭୂମିକାରୁ ଅଦାଲତ କୌଣସି ପ୍ରକାରେ ବିଚ୍ୟୁତ ନ ହେବେ ସେଥିଲାଗି ସେ ସଦ୍ଭାବନାପୂର୍ଣ୍ଣ ଟୁଇଟ୍ କରିଥିଲେ। ଉକ୍ତ ଟୁଇଟ୍ ଏହି ଅବସରରେ ବିଶ୍ୱାସର ପ୍ରତିନିଧିତ୍ୱ କରିଛି, ଯାହାକି ଆଗକୁ ମଧ୍ୟ ଜାରି ରହିବ। ଜଣେ ନାଗରିକ ଓ ଅଦାଲତର ସଚ୍ଚୋଟ ଅଧିକାରୀ ଭାବେ ତାଙ୍କ ଉଚ୍ଚ ଦାୟିତ୍ୱ ଉପରେ ଆଧାରିତ ଥିଲା। ତେଣୁ କ୍ଷମାମାଗିବା ନିଷ୍ଠାହୀନ। କାହାର ପ୍ରରୋଚନାରେ ନୁହେଁ, ବରଂ ଇମାନଦାର ଭାବେ କ୍ଷମା ମଗାଯିବା ଉଚିତ।

ଆକ୍ଟିଭିଷ୍ଟ ତଥା ଆଇନଜୀବୀ ପ୍ରଶାନ୍ତ ଭୂଷଣ ଗତ ଜୁନ୍ ୨୭ ଓ ୨୯ ତାରିଖରେ ଦୁଇଟି ଟୁଇଟ୍ କରିଥିଲେ। ପ୍ରଥମ ଟୁଇଟ୍‌ରେ ସେ କହିଥିଲେ, ଭବିଷ୍ୟତରେ ଐତିହାସିକମାନେ ୬ ବର୍ଷ ପଛକୁ ଫେରି ଭାରତରେ ବିନା କୌଣସି ଆନୁଷ୍ଠାନିକ ଜରୁରିକାଳୀନ ପରିସ୍ଥିତିରେ ଗଣତନ୍ତ୍ରକୁ ଧ୍ୱଂସ କରି ଦିଆଯାଇଥିବା ଦେଖିବାକୁ ପାଇଲେ ସେମାନେ ଏଥିରେ ନିର୍ଦ୍ଦିଷ୍ଟ ଭାବେ ସୁପ୍ରିମକୋର୍ଟ ଏବଂ ବିଶେଷକରି ୪ ଜଣ ସିଜେଆଇଙ୍କ ଭୂମିକା ରହିଥିବା ଜାଣିବାକୁ ପାଇବେ। ଏହାର ୨ ଦିନ ପରେ ପ୍ରଶାନ୍ତ ଦ୍ୱିତୀୟ ଟୁଇଟ୍‌ରେ ଉଲ୍ଲେଖ କରିଥିଲେ, ସିଜେଆଇ ଏସ୍. ଏ. ବୋବ୍‌ଡେ ନାଗପୁରସ୍ଥିତ ରାଜଭବନରେ ଜଣେ ଭାଜପା ନେତାଙ୍କ ୫୦ ଲକ୍ଷ ଟଙ୍କାର ହାର୍ଲେ ଡେଭିଡ୍‌ସନ ବାଇକ୍‌ରେ ବସିଥିବାବେଳେ ମାସ୍କ କିମ୍ବା ହେଲ୍‌ମେଟ୍ ପିନ୍ଧିନାହାନ୍ତି। ଅନ୍ୟପକ୍ଷେ ସେ ସୁପ୍ରିମକୋର୍ଟକୁ ଲକ୍‌ଡାଉନ୍ କରି ନାଗରିକମାନଙ୍କୁ ସେମାନଙ୍କ ନ୍ୟାୟ ପାଇବାର ମୌଳିକ ଅଧିକାରରୁ ବଞ୍ଚିତ କରିଛନ୍ତି! ସୁପ୍ରିମକୋର୍ଟ ଉପରୋକ୍ତ ଦୁଇଟି ଟୁଇଟ୍‌କୁ ନେଇ ଜୁଲାଇ ୨୨ରେ ନିଜଆଡ଼ୁ ମାମଲା ରୁଜୁ କରି ପ୍ରଶାନ୍ତଙ୍କୁ ନୋଟିସ କରିବା ସହ ଅଗଷ୍ଟ ୫ ସୁଦ୍ଧା ଜବାବ ଦାଖଲ ପାଇଁ ନିର୍ଦ୍ଦେଶ ଦେଇଥିଲେ। ଜବାବ ଦାଖଲ ପରେ ଉକ୍ତ ଦୁଇ ଟୁଇଟ୍ ଅଦାଲତ ଅବମାନନା କରୁଛି ବୋଲି ଗତ ୧୪ ତାରିଖରେ ସୁପ୍ରିମକୋର୍ଟ ରାୟ ଦେଇଥିଲେ। ଜଷ୍ଟିସ୍ ଅରୁଣ ମିଶ୍ରଙ୍କ ଅଧ୍ୟକ୍ଷତାରେ ଗଠିତ ୩ ଜଣିଆ ଖଣ୍ଡପୀଠ ପ୍ରଶାନ୍ତଙ୍କୁ ଦୋଷୀ ସାବ୍ୟସ୍ତ କରିଥିଲେ। ଗତ ୨୦ ତାରିଖରେ ଦଣ୍ଡବିଧାନ ହେବାକୁ ଥିବାବେଳେ ଏହାର ଦିନକ ପୂର୍ବରୁ ପ୍ରଶାନ୍ତ ସୁପ୍ରିମକୋର୍ଟରେ ଏକ ପିଟିଶନ ଦାଏର କରିଥିଲେ। ରିଭ୍ୟୁ ପିଟିଶନ୍‌ର ଶୁଣାଣି ନ ହେବା ଯାଏ ତାଙ୍କ ବିରୋଧରେ ଦଣ୍ଡବିଧାନ କରା ନ ଯାଉ ବୋଲି ସେ ଅନୁରୋଧ କରିଥିଲେ।

# ପୁଣି ୧୩ ପଇସା ବଢ଼ିଲା ପେଟ୍ରୋଲ

## ୯ ଦିନରେ ୮ ଥର ବୃଦ୍ଧି



**ଭୁବନେଶ୍ୱର,୨୪।୮:** ପେଟ୍ରୋଲ ଦର ବୃଦ୍ଧିରେ ବର୍ତ୍ତମାନ ବିରତି ଲାଗି ପାରୁନାହିଁ। ଗତ ୯ ଦିନ ମଧ୍ୟରେ ପେଟ୍ରୋଲ ଦର ୮ଥର ବଢ଼ିଥିବା ଜଣାପଡ଼ିଛି। ବର୍ତ୍ତମାନ କରୋନା ସଂକ୍ରମଣ ଲୋକଙ୍କ ଚିନ୍ତା ବଢ଼ାଇଥିବା ବେଳେ ତେଲ ଦର ବୃଦ୍ଧି ସମସ୍ୟାକୁ ଜଟିଳ କରୁଛି। ସୋମବାର ଲଗାତର ୫ମ ଦିନ ପାଇଁ ପେଟ୍ରୋଲ ଦର ବଢ଼ିଛି। ଭୁବନେଶ୍ୱରରେ ସୋମବାର ପେଟ୍ରୋଲ ଦର ୧୩ ପଇସା ବଢ଼ି ୮୨.୧୭ ଟଙ୍କା ଛୁଇଁଛି। ଏଠାରେ ଡିଜେଲ ଦର ଅପରିବର୍ତ୍ତିତ ୮୦.୦୩ ଟଙ୍କା ରହିଛି। ରବିବାର ପେଟ୍ରୋଲ ଦର ୧୪ ପଇସା ବଢ଼ିଥିଲା। ଗତ ୨୪ ଦିନ ହେବ ଡିଜେଲ ଦରରେ କୌଣସି ପରିବର୍ତ୍ତନ ଆସିନାହିଁ। ଗତ ୯ ଦିନରେ ପେଟ୍ରୋଲ ଦର ୮ଥର ବଢ଼ିବା ଯୋଗୁ ଦର ୧.୧୪ ଟଙ୍କା ମହଙ୍ଗା ହୋଇଛି। ମେଟ୍ରୋ ସହରଗୁଡ଼ିକ କଥା ବିଚାରକଲେ ପେଟ୍ରୋଲ ୧୨ରୁ ୧୩ ପଇସା ବଢ଼ିଛି। ନୂଆଦିଲ୍ଲୀରେ ପେଟ୍ରୋଲ ଦର ୧୩ ପଇସା ବଢ଼ି ୮୧.୬୨ ଟଙ୍କା ଥିବା ବେଳେ ଚେନ୍ନାଇରେ ୧୨ ପଇସା ବଢ଼ି ୮୪.୬୪ ଟଙ୍କା, କୋଲକାତାରେ ୧୨ ପଇସା ଉଚ୍ଚରେ ରହି ୮୩.୧୩ ଟଙ୍କା ଏବଂ ମୁମ୍ବାଇରେ ୧୨ ପଇସା ବୃଦ୍ଧି ପାଇ ୮୮.୨୮ ଟଙ୍କା ରହିଛି। ଏହି ସହରଗୁଡିକରେ ଡିଜେଲ ଦର ଯଥାକ୍ରମେ ୭୩.୫୬ ଟଙ୍କା, ୭୮.୮୬ ଟଙ୍କା, ୭୭.୦୬ ଟଙ୍କା ଏବଂ ୮୦.୧୧ ଟଙ୍କା ରହିଛି। ଜୁନ୍ ୨୯ ପରଠାରୁ ପେଟ୍ରୋଲ ଦରରେ କୌଣସି ପରିବର୍ତ୍ତନ ହୋଇ ନ ଥିଲା। ହେଲେ ଅଗଷ୍ଟ ୧୬ ପରଠାରୁ ଦରରେ ପୁଣି ପରିବର୍ତ୍ତନ ହେଉଛି।

### ଆଜିର ସମ୍ପାଦକୀୟ

**ମୁଣ୍ଡକୁ ଉଠିବ**

### ଆଜିର ମନ୍ତବ୍ୟ

"ପରିସ୍ଥିତି ନ ସୁଧୁରିବା ଯାଏ ଏନ୍‌ଇଇଟି ଏବଂ ଜେଇଇ ୨୦୨୦କୁ ବନ୍ଦ କରାଯାଉ।

–ମମତା ବାନାର୍ଜୀ, ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ

# ଡିସେମ୍ବର ୩୧ ଯାଏ ବଢ଼ିଲା ଗାଡ଼ି କାଗଜପତ୍ର ଅବଧି

କଟକ ଅଫିସ,୨୪।୮

## ଯାନବାହନ ମାଲିକ, ଚାଳକଙ୍କୁ ଆଶ୍ୱସ୍ତି

## ପଲ୍ୟୁଶନ ସାର୍ଟିଫିକେଟ୍ ବୈଧତା ବଢ଼ିବନି

ସମସ୍ତ ପ୍ରକାର ଯାନବାହନ କାଗଜପତ୍ରର ବୈଧତାକୁ ଡିସେମ୍ବର ୩୧ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି। କେନ୍ଦ୍ର ସଡ଼କ ପରିବହନ ଓ ରାଜପଥ ମନ୍ତ୍ରଣାଳୟ ଏନେଇ ଘୋଷଣା କରିବା ପରେ ରାଜ୍ୟ ପରିବହନ ପ୍ରାଧିକରଣ (ଏସ୍‌ଟିଏ) ପକ୍ଷରୁ ସୋମବାର ବିଜ୍ଞପ୍ତି ପ୍ରକାଶ ପାଇଛି।

ବିଜ୍ଞପ୍ତିରେ କୁହାଯାଇଛି ଯେ, ମୋଟର ଭେଇକଲ୍ ରୁଲ୍‌ସ-୧୯୮୯ ଅନ୍ତର୍ଗତ ଫିଟନେସ୍, ସମସ୍ତ ପ୍ରକାର ପରମିଟ୍, ଡ୍ରାଇଭିଂ ଲାଇସେନ୍ସ, ରେଜିଷ୍ଟ୍ରେସନ୍ ସାର୍ଟିଫିକେଟ୍ ଓ ଅନ୍ୟ କାଗଜପତ୍ରର ଅବଧି ଯାହା ୨୦୨୦ ଫେବୃୟାରୀ ୧ରୁ ସରିଛି, ତାହାକୁ ଡିସେମ୍ବର ୩୧ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି। ସେହିପରି ମାର୍ଚ୍ଚ ୧୮ରୁ ବୈଧତା ସରିଥିବା ଲର୍ନର୍ସ ଲାଇସେନ୍ସକୁ ମଧ୍ୟ ଡିସେମ୍ବର ୩୧ ଯାଏ ବଢ଼ାଇ ଦିଆଯାଇଛି। ଯାତ୍ରୀ ଓ ମାଲ୍‌ବାହୀ ଯାନ, ସ୍କୁଲ୍ ବସ୍ ଓ ଅନ୍ୟ ବସ୍‌ଗୁଡ଼ିକର କାଗଜପତ୍ର ବୈଧତା ମଧ୍ୟ ବଢ଼ିଛି। ତେବେ ପଲ୍ୟୁଶନ୍ ଅଣ୍ଡର କଣ୍ଟ୍ରୋଲ୍(ପିୟୁସି) ସାର୍ଟିଫିକେଟ୍ ଓ ଅସ୍ଥାୟୀ ପରମିଟ୍‌ର ବୈଧତା ବଢ଼ିନାହିଁ। ଗାଡ଼ି ଚାଳକମାନେ ପଲ୍ୟୁସନ୍ ସାର୍ଟିଫିକେଟ୍ କରାଇବାକୁ ନିର୍ଦ୍ଦେଶ ଦିଆଯାଇଛି। ପରିବହନ କମିଶନର ସଞ୍ଜୀବ ପଣ୍ଡା ଜାରି କରିଥିବା ଏହି ନିର୍ଦ୍ଦେଶନାମାକୁ ସମସ୍ତ ଜିଲାପାଳ, ଏସ୍‌ପି, ସମସ୍ତ ଆଞ୍ଚଳିକ ପରିବହନ ଅଧିକାରୀ ଓ ଅନ୍ୟ ବିଭାଗୀୟ ଅଧିକାରୀଙ୍କୁ ଦିଆଯାଇଛି। ଉଲ୍ଲେଖଯୋଗ୍ୟ, ଗତ ୧୩ ତାରିଖରେ ଏସ୍‌ଟିଏ ନିର୍ଦ୍ଦେଶନାମା ଜାରି କରି କଟକଣା ଭିତରେ ଆର୍‌ଟିଓ ଖୋଲିବା ପାଇଁ ଅନୁମତି ଦେଇଥିଲା। କିନ୍ତୁ ଏଯାବତ୍ ଆର୍‌ଟିଓଗୁଡ଼ିକ ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ ହୋଇପାରି ନ ଥିବାରୁ ବିଭିନ୍ନ ପ୍ରକାର ସାର୍ଟିଫିକେଟ୍ ନବୀକରଣ, ନୂତନ ଆବେଦନ ପାଇଁ ଗାଡ଼ି ମାଲିକମାନେ ଦ୍ୱନ୍ଦ୍ୱରେ ପଡ଼ିଥିଲେ। ସୋମବାର ନୂତନ ନିର୍ଦ୍ଦେଶନାମା ସେମାନଙ୍କୁ ଆଶ୍ୱସ୍ତ କରିଛି।

# ଲଘୁଚାପ: ୨୭ ଯାଏ ପ୍ରବଳ ବର୍ଷା

## ସ୍ଥିତି ଉପରେ ନଜର ରଖିବାକୁ ଜିଲାପାଳଙ୍କୁ ନିର୍ଦ୍ଦେଶ



ଭୁବନେଶ୍ୱର,୨୪।୮(ବ୍ୟୁରୋ)

ଉତ୍ତର ବଙ୍ଗୋପସାଗର ଏବଂ ଏହାର ଆଖପାଖ ଅଞ୍ଚଳରେ ସୋମବାର ଲଘୁଚାପ ସୃଷ୍ଟି ହୋଇଛି। ଏହାର ପ୍ରଭାବରେ ଆସନ୍ତା ୨୭ ତାରିଖ ଯାଏ ରାଜ୍ୟରେ ପ୍ରବଳ ବର୍ଷା ହୋଇପାରେ। ତେଣୁ ସ୍ଥିତି ଉପରେ ତୀକ୍ଷ୍ଣ ନଜର ରଖି ସତର୍କ ରହିବା ପାଇଁ ଜିଲାପାଳମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ବିଡିଓ, ତହସିଲଦାର, ଜଳ ସମ୍ପଦ ବିଭାଗ, ଗ୍ରାମ୍ୟ ଉନ୍ନୟନ ଏବଂ ପୂର୍ତ୍ତ ବିଭାଗର କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀ ଯେଭଳି ☞ପୃଷ୍ଠା-୪

# ଖୋର୍ଦ୍ଧାକୁ ଟପିଲା କଟକ

ଭୁବନେଶ୍ୱର, ୨୪।୮(ବ୍ୟୁରୋ)

ବସ୍ତିବହୁଳ ଭୁବନେଶ୍ୱର ପରେ ଗଳିକନ୍ଦିର ସହର କଟକରେ ଭୟଙ୍କର ରୂପ ନେଲାଣି କରୋନା ମହାମାରୀ। ଏହି ଦୁଇ ସହର ପାଇଁ ଖୋର୍ଦ୍ଧା ଓ କଟକ ଜିଲାରେ ସଂକ୍ରମଣ ହାର ହୁହୁ ହୋଇ ବଢ଼ି ଚାଲିଛି। ଦୈନିକ ପଜିଟିଭ୍ ଚିହ୍ନଟରେ ଗଞ୍ଜାମକୁ ଟପି ଖୋର୍ଦ୍ଧା ଜିଲା ଆଗରେ ରହିଥିବାବେଳେ ଏବେ କଟକ ଜିଲା ସମସ୍ତଙ୍କୁ ପଛରେ ପକାଇ ଶୀର୍ଷରେ ପହଞ୍ଚିଛି। ଶେଷ ୨୪ଘଣ୍ଟାରେ ରାଜ୍ୟର ୩୦ଜିଲାରୁ ୨,୯୪୯ ନୂଆ ଆକ୍ରାନ୍ତଙ୍କ ଚିହ୍ନଟ ହୋଇଛନ୍ତି। କଟକ ଜିଲାରୁ ସର୍ବାଧିକ ୫୮୯ ପଜିଟିଭ୍ ରହିଥିବାବେଳେ ଖୋର୍ଦ୍ଧାରେ ଦ୍ୱିତୀୟ, ☞ପୃଷ୍ଠା-୪

## ରାଜ୍ୟରେ ୮୧,୪୭୯ ଆକ୍ରାନ୍ତ, ୪୧୯ ମୃତ

- ଦିନକରେ ୨,୯୪୯ ନୂଆ ପଜିଟିଭ୍, ୧୦ ମୃତ
- କଟକରୁ ସର୍ବାଧିକ ୫୮୯ ଓ ଖୋର୍ଦ୍ଧାରୁ ୪୭୪ ଆକ୍ରାନ୍ତ
- ଗଞ୍ଜାମରେ ସର୍ବାଧିକ ମୃତ୍ୟୁ, ଦ୍ୱିତୀୟରେ ଖୋର୍ଦ୍ଧା, ଚତୁର୍ଥରେ କଟକ
- ରେକର୍ଡ ସଂଖ୍ୟକ ୨୫୧୯ ସୁସ୍ଥ

# ଆନ୍ଥ୍ରାକ୍ସ ଆଳରେ ଚାପି ଦିଆଯାଉଛି ହାତୀ ମୃତ୍ୟୁ

ଅସମାପିକା ସାହୁ
ଭୁବନେଶ୍ୱର, ୨୪।୮(ବ୍ୟୁରୋ)

## ଆର୍‌ଟିଆଇ ତଥ୍ୟରୁ ମିଳିଲା କେଳେଙ୍କାରୀ

- ୩ ବର୍ଷରେ ୨୦ ନମୁନାରୁ ମାତ୍ର ୨ ପଜିଟିଭ୍
- ସନ୍ଦେହ ଘେରରେ ବନ ଅଧିକାରୀ ଓ ପ୍ରାଣୀ ଚିକିତ୍ସକ
- ଉଚ୍ଚସ୍ତରୀୟ ତଦନ୍ତ ଦାବିକଲେ ବିଶେଷଜ୍ଞ



ଗତ ଦଶବର୍ଷ ମଧ୍ୟରେ ରାଜ୍ୟରେ ୭୮୪ ହାତୀ ମରିଛନ୍ତି। କେବଳ ଚଳିତବର୍ଷ ଅଗଷ୍ଟ ୨୩ ସୁଦ୍ଧା ୩୬ ହାତୀର ମୃତ୍ୟୁ ଘଟିଛି। ବିଦ୍ୟୁତ୍ ଆଘାତ, ଟ୍ରେନ୍ ଦୁର୍ଘଟଣା, ଶିକାର ଓ ରୋଗ ଆଦି ହାତୀ ମୃତ୍ୟୁର କାରଣ ବୋଲି ଅଧିକାଂଶ ସମୟରେ ବନ ବିଭାଗ ରିପୋର୍ଟ ଦେଉଥିବାବେଳେ ଅନେକ କ୍ଷେତ୍ରରେ ଆନ୍ଥ୍ରାକ୍ସ ରୋଗ ବା ପ୍ରାକୃତିକ ମୃତ୍ୟୁ ଦର୍ଶାଇ ଦୋଷ ଖସାଉଛନ୍ତି ବିଭାଗୀୟ ଉଚ୍ଚ ଅଧିକାରୀ। ହାତୀ ମୃତ୍ୟୁର ପ୍ରକୃତ କାରଣକୁ ଯୋଜନାବଦ୍ଧ ଭାବେ ଘୋଡ଼ାଇ ଦିଆଯାଉଛି।

ବନ ବିଭାଗ ତଥ୍ୟ ଅନୁସାରେ, ଗତ ୩ବର୍ଷରେ ଆନ୍ଥ୍ରାକ୍ସରେ ୨୦ ହାତୀଙ୍କ ମୃତ୍ୟୁ ଘଟିଛି। ହେଲେ ଫୁଲନଖରାସ୍ଥିତ ପ୍ରାଣୀ ରୋଗ ଗବେଷଣା ପ୍ରତିଷ୍ଠାନ ଚମକାଇ ଦେବାଭଳି ତଥ୍ୟ ଦେଇଛି। ସୂଚନା ଅଧିକାର ଆଇନ ବଳରେ ଓଡ଼ିଶା ବନ୍ୟପ୍ରାଣୀ ସମିତି ସମ୍ପାଦକ ଡ. ବିଶ୍ୱଜିତ୍ ମହାନ୍ତିଙ୍କୁ ପ୍ରତିଷ୍ଠାନଠାରୁ ମିଳିଥିବା ତଥ୍ୟ ଅନୁସାରେ, ୨୦୧୭ ଏପ୍ରିଲ ୧ରୁ ୨୦୨୦ ଜୁନ୍ ୨୫ ମଧ୍ୟରେ ଉକ୍ତ ପ୍ରାଣୀ ରୋଗ ଗବେଷଣା ପ୍ରତିଷ୍ଠାନକୁ ବନ ବିଭାଗ ୨୦ ହାତୀର ନମୁନା ଆନ୍ଥ୍ରାକ୍ସ ପରୀକ୍ଷା ପାଇଁ ପଠାଇଥିଲା। ସେଥିରୁ ମାତ୍ର ୨ଟି ନମୁନା ପଜିଟିଭ୍ ଆସିଥିଲା। ବାକି ନମୁନା ନେଗେଟିଭ୍ ରହିଥିଲା ଅର୍ଥାତ୍ ୧୮ ହାତୀଙ୍କ ମୃତ୍ୟୁର କାରଣ ଆନ୍ଥ୍ରାକ୍ସ ନୁହେଁ ବୋଲି ସ୍ପଷ୍ଟ ହୋଇଛି। କିନ୍ତୁ ଆଶ୍ଚର୍ଯ୍ୟର କଥା, ଏସବୁ ହାତୀ ମୃତ୍ୟୁ ଫାଇଲ୍ ଆନ୍ଥ୍ରାକ୍ସ ଆଳରେ ବନ୍ଦ କରିଦିଆଯାଇଥିବା ବିଶ୍ୱଜିତ୍ କହିଛନ୍ତି। ପ୍ରାଥମିକ ସ୍ତରରେ ଯେଉଁ ପ୍ରାଣୀ ଚିକିତ୍ସକମାନେ ଉକ୍ତ ୧୮ ହାତୀଙ୍କୁ ଆନ୍ଥ୍ରାକ୍ସରେ ମରିଥିବା ରିପୋର୍ଟ ଦେଇଥିଲେ, ସେମାନେ ଏବେ ସନ୍ଦେହ ଘେରକୁ ଆସୁଛନ୍ତି। ସେମାନେ ସତରେ କୌଣସି ଲକ୍ଷଣ ଦେଖିଥିଲେ ନା ବନ ବିଭାଗର ଉପରିସ୍ଥ ଅଧିକାରୀଙ୍କ ପକ୍ଷରୁ ଏଭଳି ରିପୋର୍ଟ ପ୍ରସ୍ତୁତ କରିବା ପାଇଁ କୁହାଯାଇଛି, ତାହାକୁ ନେଇ ଉଚ୍ଚସ୍ତରୀୟ ତଦନ୍ତ ଦାବି କରିଛନ୍ତି ବିଶ୍ୱଜିତ୍।

ତେବେ ଏହି ଆର୍‌ଟିଆଇ ତଥ୍ୟ ଶିମିଳିପାଳ ହାତୀ ମୃତ୍ୟୁ କେଳେଙ୍କାରୀକୁ ମଧ୍ୟ ପଦାକୁ ଆଣିଛି। ଶିମିଳିପାଳରେ ସର୍ବାଧିକ ୯ଟି ହାତୀ ଆନ୍ଥ୍ରାକ୍ସରେ ମରିଥିବା ବନ ବିଭାଗ ରିପୋର୍ଟ ଦେଇଥିଲା। କିନ୍ତୁ ପ୍ରାଣୀ ରୋଗ ଗବେଷଣା ପ୍ରତିଷ୍ଠାନ ତଥ୍ୟରେ ୯ରୁ ୯ଟି ନମୁନା ଆନ୍ଥ୍ରାକ୍ସ ନେଗେଟିଭ୍ ରହିଛି। ଶିମିଳିପାଳରେ ବର୍ଷସାରା ଶିକାରୀଙ୍କ ଉପଦ୍ରବ ଓ ମାଫିଆଙ୍କ ରାଜୁତି ଚାଲିଥିବାରୁ ଏଭଳି ରିପୋର୍ଟ ପ୍ରସ୍ତୁତି କରାଯାଉଥିବା ଆଶଙ୍କା ଦୃଢ଼ୀଭୂତ ହେବାରେ ଲାଗିଛି।

ସବୁଠାରୁ ଉଦ୍‌ବେଗଜନକ ଘଟଣା ହେଲା, ଗତ ୧୦ମାସରେ ୪ଟି ଘଟଣାରେ ଆନ୍ଥ୍ରାକ୍ସ ସନ୍ଦେହରେ ହାତୀ ମୃତଦେହକୁ ପୋଡ଼ାଯାଇଛି ବା ଗଭୀର ଗାତରେ ପୋତାଯାଇଛି। ୨୦୧୯ ଅକ୍ଟୋବର ୨୩ରେ ରେଢ଼ାଖୋଲ, ☞ପୃଷ୍ଠା-୪







କଂଗ୍ରେସ ଅଧ୍ୟକ୍ଷ ପଦ ଗାନ୍ଧୀ ପରିବାର ହାତରେ ହିଁ ରହୁ ବୋଲି ନୂଆଦିଲ୍ଲୀସ୍ଥିତ ଏଆଇସିସି ମୁଖ୍ୟାଳୟ ବାହାରେ କଂଗ୍ରେସ କର୍ମୀମାନେ ଦାବି କରୁଛନ୍ତି।



ଜେରୁଜେଲମରେ ମିଳିତ ପ୍ରେସ୍ କନ୍‌ଫରେନ୍ସ ପୂର୍ବରୁ ଆମେରିକା ପରରାଷ୍ଟ୍ର ସଚିବ ମାଇକ୍ ପମ୍ପିଓ ଓ ଇସ୍ରାଏଲ୍ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁ ଫେସ୍ ମାସ୍କ ପିନ୍ଧି କହୁଣିରେ ପରସ୍ପରକୁ ଅଭିବାଦନ ଜଣାଉଛନ୍ତି।




ପୂର୍ବତନ ଅର୍ଥମନ୍ତ୍ରୀ ତଥା ବରିଷ୍ଠ ଭାଜପା ନେତା ସ୍ୱର୍ଗତ ଅରୁଣ ଜେଟ୍‌ଲୀଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀରେ ବାପାଙ୍କୁ ଶ୍ରଦ୍ଧାଞ୍ଜଳି ଦେଉଛନ୍ତି ଝିଅ ସୋନାଲୀ ଜେଟ୍‌ଲୀ।

# ନେହେରୁ-ଗାନ୍ଧୀ ପରିବାରରୁ ୫, ବାହାରୁ ୧୩

**ନୂଆଦିଲ୍ଲୀ, ୨୪।୮**

ସମ୍ପ୍ରତି କଂଗ୍ରେସରେ ନେତୃତ୍ୱ ପ୍ରସଙ୍ଗକୁ ନେଇ ସମସ୍ୟା ମୁଣ୍ଡ ଟେକିଛି। ଏହି ପୁରୁଣା ରାଜନୈତିକ ଦଳ ସମ୍ପର୍କରେ ବିଶେଷଜ୍ଞମାନେ କହିଛନ୍ତି ଯେ, ନେହେରୁ ଗାନ୍ଧୀ ପରିବାର ବାହାରୁ ଦଳର ଅଧ୍ୟକ୍ଷ ବଛାଯିବା କାଳ୍ପନିକ ଭାବେ ଠିକ୍। ହେଲେ ଏହା ବାସ୍ତବତା ନୁହେଁ। ଦଳର ଇତିହାସ କହୁଛି, ଦେଶ ସ୍ୱାଧୀନ ହେବା ପରଠାରୁ ନେହେରୁ ଗାନ୍ଧୀ ପରିବାରରୁ ୫ ଏବଂ ବାହାରୁ ୧୩ ଜଣ କଂଗ୍ରେସର ଅଧ୍ୟକ୍ଷ ହୋଇଛନ୍ତି। କିନ୍ତୁ ପରିବାର ସଦସ୍ୟମାନେ ବାହାର ବ୍ୟକ୍ତିଙ୍କୁ ଏହି ପଦ ଦେବା ପରେ ବି ସେମାନଙ୍କ ଦ୍ୱାରା ଦଳ ସଞ୍ଚାଳନ କରାଯାଇଥାଏ। ଜବାହରଲାଲ୍ ନେହେରୁ, ଇନ୍ଦିରା ଗାନ୍ଧୀ, ରାଜୀବ ଗାନ୍ଧୀ, ସୋନିଆ ଗାନ୍ଧୀ ଓ ରାହୁଲ ଗାନ୍ଧୀ ସ୍ୱାଧୀନତା ପରଠାରୁ ବହୁଦିନ ଧରି ଦଳର ନେତୃତ୍ୱ ନେଇଆସିଛନ୍ତି। ସର୍ବାଧିକ କାଳ ଦଳର ଅଧ୍ୟକ୍ଷ ରହିଥିବା ସୋନିଆ ଗାନ୍ଧୀ ସୋମବାର ସିଡବ୍ଲ୍ୟୁସି ବୈଠକରେ ପଦ ଛାଡ଼ିବାକୁ ମନ ବଳାଇଥିଲେ। ଦଳର ପୁରୁଖା ୨୦ରୁ ଅଧିକ ନେତା ସାଙ୍ଗଠନିକ ପୁନର୍ଗଠନ ଓ ଦଳୀୟ ନେତୃତ୍ୱ ପରିବର୍ତ୍ତନ ଲାଗି ଚିଠି ଲେଖିବା ପରେ ଅସନ୍ତୁଷ୍ଟ ସୋନିଆ ହଠାତ୍ ନିଜ ପଦରୁ ଇସ୍ତଫା ଦେବାକୁ ଚାହିଁଥିଲେ। କିନ୍ତୁ ଦଳର ପୂର୍ଣ୍ଣକାଳୀନ ଅଧ୍ୟକ୍ଷ ବଛା ନ ହେବା ପର୍ଯ୍ୟନ୍ତ ପୁଣି ତାଙ୍କୁ ଅନ୍ତରୀଣ ଅଧ୍ୟକ୍ଷ ଦାୟିତ୍ୱରେ ରହିବା ଲାଗି ଅନୁରୋଧ କରାଯାଇଛି।

ନେହେରୁ ଗାନ୍ଧୀ ପରିବାରକୁ ଛାଡ଼ିଦେଲେ ବାହାର ନେତା ଭାବେ ଜେ. ବି. କ୍ରିପାଲାନି, ବି. ପଟ୍ଟାଭି ସୀତାରାମାୟା, ପୁରୁଷୋତ୍ତମ ଦାସ ଟଣ୍ଡନ, ୟୁ.ଏନ୍. ଧେବାର, ଏନ୍. ସଞ୍ଜୀବ ରେଡ୍ଡୀ, କେ. କାମରାଜ୍, ଏସ୍. ନିଜାଲିଙ୍ଗାପ୍ପା, ଜଗଜ୍ଜୀବନ ରାମ, ଶଙ୍କର ଦୟାଲ ଶର୍ମା, ଡି. କେ. ବରୁଆ, କେ. ବି. ରେଡ୍ଡୀ, ପି. ଭି. ନରସିଂହ ରାଓ, ସୀତାରାମ କେଶରୀଙ୍କୁ କଂଗ୍ରେସ ଅଧ୍ୟକ୍ଷ ପଦରେ ବସାଯାଇଥିଲା। ସମ୍ପ୍ରତି ଦଳର ଅନେକ ନେତା ନେତୃତ୍ୱ ନେବାର କ୍ଷମତା ରଖିଛନ୍ତି ଓ ନେହେରୁ ଗାନ୍ଧୀ ପରିବାର ବାହାରୁ ଦଳୀୟ ନେତାଙ୍କୁ ଅଧ୍ୟକ୍ଷ କରାଯିବା ଲାଗି ପ୍ରିୟଙ୍କା ଗାନ୍ଧୀ ଭଦ୍ରା କିଛିଦିନ ତଳେ କହିଥିଲେ। କଂଗ୍ରେସ ଲାଗି ଏବେ ନେତୃତ୍ୱ ପ୍ରସଙ୍ଗ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ହୋଇଛି ବୋଲି ଲେଖକ ତଥା ବରିଷ୍ଠ ଖବରଦାତା ରସିଦ୍ କିଡ୍‌ୱାଇ କହିଛନ୍ତି। ବାହାରୁ ଦଳର ଅଧ୍ୟକ୍ଷ ହୋଇଥିବା ଯେକେହି ନେତା ନେହେରୁ ଗାନ୍ଧୀ ପରିବାର ପ୍ରତି ଆନୁଗତ୍ୟ ଦେଖାଇବା ସହ ସେମାନଙ୍କ କଥା ଅନୁଯାୟୀ କାର୍ଯ୍ୟ କରିଥାନ୍ତି। ଏବେ ନେହେରୁ ଗାନ୍ଧୀ ପରିବାର ସଦସ୍ୟ ଭୋଟରଙ୍କୁ ମନାଇବାରେ ଓ ନେତାଙ୍କ ମନ ଜିଣିବାରେ ସେଭଳି ସଫଳ ନ ଥିବା ଜଣାପଡୁଛି। ଦଳରେ ଏବେ ଭିନ୍ନ ପରିବେଶ ଓ ପରିସ୍ଥିତି ସୃଷ୍ଟି ହୋଇଥିବାରୁ ଜଣେ ଅଣନେହେରୁ ଗାନ୍ଧୀ ପରିବାର ସଦସ୍ୟ ନେତୃତ୍ୱ ନେଇ କାର୍ଯ୍ୟ କରିବା କଷ୍ଟକର ବ୍ୟାପାର ହେବ ବୋଲି ସେଣ୍ଟର ଫର୍ ଦ ଷ୍ଟଡି ଅଫ୍ ଡେଭେଲପ୍‌ମେଣ୍ଟ ସୋସାଇଟିର ନିର୍ଦ୍ଦେଶକ ସଞ୍ଜୟ କୁମାର ପ୍ରକାଶ କରିଛନ୍ତି। ଜବାହରଲାଲ୍ ନେହେରୁ ବିଶ୍ୱବିଦ୍ୟାଳୟର ପ୍ରଫେସର ତଥା ରାଜନୀତି ବିଶାରଦ ସଞ୍ଜୟ କେ. ପାଣ୍ଡେ କହିଛନ୍ତି, କଂଗ୍ରେସରେ ନେହେରୁ ଗାନ୍ଧୀ ପରିବାର ସଦସ୍ୟଙ୍କ ପ୍ରଭାବ ରହିଆସିଥିବାରୁ ବାହାର ନେତା ଦଳର ମଙ୍ଗ ଧରି ଆଗକୁ ବଢ଼ିବା କଷ୍ଟକର ହେବ। ଏଭଳି ପରିସ୍ଥିତିରେ ଦଳର ଭବିଷ୍ୟତ ସେଭଳି ଉଜ୍ଜ୍ୱଳ ହୋଇପାରିବା ଆଶା କରାଯିବା ଭୁଲ୍ ହେବ ବୋଲି ସେ ମତ ଦେଇଛନ୍ତି।

### ସ୍ୱାଧୀନତା ପରବର୍ତ୍ତୀ କଂଗ୍ରେସ ଅଧ୍ୟକ୍ଷ

■ ଗାନ୍ଧୀ ■ ଅଣଗାନ୍ଧୀ

| ଅଧ୍ୟକ୍ଷ | ଅବଧି |
|---|---|
| ସୋନିଆ ଗାନ୍ଧୀ ଅନ୍ତରୀଣ (୨୦୧୯) | ୨ ବର୍ଷ |
| ରାହୁଲ ଗାନ୍ଧୀ (୨୦୧୭-୨୦୧୯) | ୨ ବର୍ଷ |
| ସୋନିଆ ଗାନ୍ଧୀ (୧୯୯୮-୨୦୧୭) | ୧୯ ବର୍ଷ |
| ସୀତାରାମ କେଶରୀ (୧୯୯୬-୧୯୯୮) | ୨ ବର୍ଷ |
| ପି.ଭି. ନରସିଂହରାଓ (୧୯୯୧-୧୯୯୬) | ୬ ବର୍ଷ |
| ରାଜୀବ ଗାନ୍ଧୀ (୧୯୮୫-୧୯୯୧) | ୬ ବର୍ଷ |
| ଇନ୍ଦିରା ଗାନ୍ଧୀ (୧୯୭୮-୮୩ ଓ ୧୯୮୩-୮୪) | ୬ ବର୍ଷ |
| କାସୁ ବ୍ରହ୍ମାନନ୍ଦ ରେଡ୍ଡୀ (୧୯୭୭-୧୯୭୮) | ୧ ବର୍ଷ |
| ଡି କେ ବାରୋ (୧୯୭୫-୧୯୭୭) | ୨ ବର୍ଷ |
| ଶଙ୍କରଦୟାଲ ଶର୍ମା (୧୯୭୨-୧୯୭୪) | ୨ ବର୍ଷ |
| ଜଗଜ୍ଜୀବନ ରାମ (୧୯୭୦-୧୯୭୧) | ୧ ବର୍ଷ |
| ଏସ୍ ନିଜଲିଙ୍ଗପ୍ପା (୧୯୬୮-୧୯୬୯) | ୨ ବର୍ଷ |
| କେ କାମରାଜ (୧୯୬୪-୧୯୬୭) | ୩ ବର୍ଷ |
| ନୀଲମ ସଞ୍ଜୀବ ରେଡ୍ଡୀ (୧୯୬୦-୧୯୬୩) | ୩ ବର୍ଷ |
| ଇନ୍ଦିରା ଗାନ୍ଧୀ (୧୯୫୯) | ୧ ବର୍ଷ |
| ୟୁ ଏନ୍ ଧେବର (୧୯୫୫-୧୯୫୯) | ୪ ବର୍ଷ |
| ଜବାହରଲାଲ ନେହେରୁ (୧୯୫୧-୧୯୫୪) | ୩ ବର୍ଷ |
| ପୁରୁଷୋତ୍ତମ ଦାସ ଟଣ୍ଡନ (୧୯୫୦) | ୧ ବର୍ଷ |
| ବି ପଟ୍ଟାଭି ସୀତାରାଇମାୟା (୧୯୪୮-୧୯୪୯) | ୧ ବର୍ଷ |
| ଜେ ବି କ୍ରିପାଲନୀ (୧୯୪୭) | ୧ ବର୍ଷ |

# କୋମାରେ କିମ୍

## ଭଉଣୀ କିମ୍ ୟୋ ଜଙ୍ଗଙ୍କୁ ଦାୟିତ୍ୱ ଅର୍ପଣ



କିମ୍ ୟୋ ଜଙ୍ଗ୍



କିମ୍ ଜଙ୍ଗ୍ ଉନ୍

**ପ୍ୟୋଙ୍ଗୟାଙ୍ଗ୍, ୨୪।୮**

ଉତ୍ତର କୋରିଆର ନେତା କିମ୍ ଜଙ୍ଗ୍ ଉନ୍ କୋମାରେ ଥିବା ଜଣାପଡ଼ିଛି। ତାଙ୍କ ଭଉଣୀ କିମ୍ ୟୋ ଜଙ୍ଗ୍ ବିଭିନ୍ନ ଜାତୀୟ ଓ ଅନ୍ତର୍ଜାତୀୟ ଘଟଣା ସମ୍ପର୍କରେ ବୁଝାଶୁଝା କରୁଥିବା ମିଡିଆ ରିପୋର୍ଟରୁ ପ୍ରକାଶ। ଆମେରିକା ଓ ଦକ୍ଷିଣ କୋରିଆ ସହ କୂଟନୈତିକ ସମ୍ପର୍କ ସ୍ଥାପନ ଲାଗି ସେକେଣ୍ଡ ଇନ୍ କମାଣ୍ଡ କିମ୍ ୟୋ ଜଙ୍ଗଙ୍କୁ ଦାୟିତ୍ୱ ଅର୍ପଣ କରାଯାଇଥିବା ଜଣାପଡ଼ିଛି। ଦକ୍ଷିଣ କୋରିଆର ପୂର୍ବତନ ରାଷ୍ଟ୍ରପତି କିମ୍ ଡାଏ ଜଙ୍ଗଙ୍କ ରାଜନୈତିକ ସଚିବ ତଥା ବିଶିଷ୍ଟ କୂଟନୀତିଜ୍ଞ ଚାଙ୍ଗ୍ ସୋଙ୍ଗ୍ ମିନ୍ ସୋସିଆଲ ମିଡିଆ ପୋଷ୍ଟରେ ଦର୍ଶାଇଛନ୍ତି ଯେ, ଉତ୍ତର କୋରିଆର କୌଣସି ନେତା ଏଭଳି ଅନ୍ୟ ଜଣଙ୍କ ହାତରେ ନେତୃତ୍ୱ ଟେକିଦେଇ ନ ଥାନ୍ତି। ଏହା ପଛରେ କିଛି ଚାଲ୍ କିମ୍ବା ଗୁରୁତର ଅସୁସ୍ଥତା କାରଣ ହୋଇପାରେ। କିମ୍ କୋମାରେ ଥାଇପାରନ୍ତି କିନ୍ତୁ ସେ ଏବେ ବି ଜୀବିତ ଅଛନ୍ତି। ତାଙ୍କ ଅନ୍ତେ କିଏ ଶାସନଭାର ସମ୍ଭାଳିବେ, ସେନେଇ କିଛି ସ୍ପଷ୍ଟ ହୋଇ ନ ଥିବା ସେ କହିଛନ୍ତି। ଗତ କିଛିଦିନ ଧରି କିମ୍ ସର୍ବସାଧାରଣରେ ଦେଖା ନ ଯିବା ଓ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଖରାପ ଥିବା ସନ୍ଦେହ କରାଯିବା ପରେ କିମ୍‌ଙ୍କ ମନ୍ତବ୍ୟ ଲୋକଲୋଚନକୁ ଆସିଛି। ଶେଷ ଥର ଲାଗି ଏପ୍ରିଲ ୧୧ରେ ୱାର୍କର୍ସ ପାର୍ଟି ପଲିଟ୍‌ବ୍ୟୁରୋ ବୈଠକରେ କିମ୍‌ଙ୍କୁ ଦେଖିବାକୁ ମିଳିଥିଲା। ତେବେ ଚାଙ୍ଗ୍ କହିଛନ୍ତି, ଚଳିତ ମାସରେ ଉତ୍ତର କୋରିଆ ପକ୍ଷରୁ ଜାରି କରାଯାଇଥିବା କିମ୍‌ଙ୍କ ସମସ୍ତ ଫଟୋ ଜାଲ୍।

# ରାହୁଲଙ୍କ ଫୋନ୍ ପରେ ଟୁଇଟ୍ ଡିଲିଟ୍ କଲେ ସିବଲ

**ନୂଆଦିଲ୍ଲୀ,୨୪।୮:** ସିଡବ୍ଲ୍ୟୁସି ବୈଠକରେ କଂଗ୍ରେସର ପୂର୍ବତନ ଅଧ୍ୟକ୍ଷ ରାହୁଲ ଗାନ୍ଧୀ ବର୍ଷିବା ପରେ ବରିଷ୍ଠ ନେତା କପିଲ ସିବଲ ତାଙ୍କୁ ଟାର୍ଗେଟ କରି ଏକ ଟୁଇଟ୍ କରିଥିଲେ। ପରେ ସେ ଉକ୍ତ ଟୁଇଟ୍‌କୁ ଡିଲିଟ୍ କରିଥିବା କହିଛନ୍ତି। ସିଡବ୍ଲ୍ୟୁସି ବୈଠକରେ ନେତୃତ୍ୱ ପରିବର୍ତ୍ତନକୁ ନେଇ ଟଣାଓଟରା ଚାଲିଥିବାବେଳେ କଂଗ୍ରେସରେ ଫାଟ ସୃଷ୍ଟି ହୋଇଥିବା ଖବର ଆସିଥିଲା। ଯେଉଁ ୨୩ ଜଣ ବରିଷ୍ଠ ନେତା ନେତୃତ୍ୱ ପରିବର୍ତ୍ତନ ଲାଗି ଅନ୍ତରୀଣ ଅଧ୍ୟକ୍ଷ ସୋନିଆ ଗାନ୍ଧୀଙ୍କୁ ଚିଠି ଲେଖିଥିଲେ ସେମାନଙ୍କ ମଧ୍ୟରୁ କପିଲ ସିବଲ ଅନ୍ୟତମ। ଏହାକୁ ନେଇ ରାହୁଲ ଅସନ୍ତୁଷ୍ଟ ନେତାମାନଙ୍କ ଉପରେ ବର୍ଷିଥିଲେ। ଭାଜପା ସହ ହାତ ମିଳାଇ ନେତାମାନେ ଦସ୍ତଖତ ଅଭିଯାନ କରିଥିବା ରାହୁଲ କହିଥିଲେ। ଏହା ପରେ ସିବଲ ଟୁଇଟ୍ କରି ଲେଖିଥିଲେ, ଗତ ୩୦ ବର୍ଷରେ ଭାଜପା ସପକ୍ଷରେ ମନ୍ତବ୍ୟ ଦେଇନାହୁଁ। ଏହାସତ୍ତ୍ୱେ ଆମକୁ ଭାଜପା ସହ ସାଲିସ କରିଥିବା କହୁଛନ୍ତି ବୋଲି ଟୁଇଟ୍ କରିଥିଲେ। ରାହୁଲ ତାଙ୍କୁ ଫୋନ୍ କରିବା ପରେ ସିବଲ ଉକ୍ତ ଟୁଇଟ୍‌କୁ ଡିଲିଟ୍ କରିଦେଇଥିଲେ।



କପିଲ ସିବଲ



ଭାଜପା ଇଙ୍ଗିତରେ କଂଗ୍ରେସର ନେତୃତ୍ୱ ପରିବର୍ତ୍ତନ ପାଇଁ ଦସ୍ତଖତ ଅଭିଯାନ କରାଯାଇଛି ବୋଲି ରାହୁଲ ଗାନ୍ଧୀ ଆଣିଥିବା ଅଭିଯୋଗ ପ୍ରମାଣିତ ହେଲେ ଇସ୍ତଫା ଦେବି।

– ଗୁଲାମନବୀ ଆଜାଦ, କଂଗ୍ରେସ ନେତା

# କୋଠା ଭୁଶୁଡ଼ିଲା: ଚାପିହୋଇଛନ୍ତି ୫୦ ଜଣ



**ମୁମ୍ବାଇ,୨୪।୮:** ମହାରାଷ୍ଟ୍ରର ରାୟଗଡ଼ ଜିଲା ମହାଦରେ ସୋମବାର ଏକ ୫ ମହଲା କୋଠା ଭୁଶୁଡ଼ିପଡ଼ିଛି। ଭଗ୍ନାବଶେଷ ତଳୁ ୨୫ ଜଣଙ୍କୁ ଉଦ୍ଧାର କରାଯାଇଥିବାବେଳେ ଆହୁରି ୫୦ ଜଣ ଚାପିହୋଇ ରହିଥିବା ଆଶଙ୍କା କରାଯାଉଛି।

ମୁମ୍ବାଇରୁ ୧୭୦ କି.ମି. ଦୂରରେ ଅବସ୍ଥିତ ମହାଦରେ ଥିବା 'ତାରିକ ଗାର୍ଡେନ' ବିଲ୍ଡିଂ ସୋମବାର ସନ୍ଧ୍ୟା ୬ଟାରେ ଭୁଶୁଡ଼ିପଡ଼ିଥିଲା। ଅଳ୍ପସଂଖ୍ୟକ ଲୋକ ଜୀବନ ବଞ୍ଚାଇ ସୁରକ୍ଷିତ ସ୍ଥାନକୁ ଯାଇପାରିଥିଲେ। ଉଦ୍ଧାରକାରୀ ଦଳ ଓ ଜାତୀୟ ବିପର୍ଯ୍ୟୟ ପ୍ରଶମନ ବଳ (ଏନ୍‌ଡିଆର୍‌ଏଫ୍) ଘଟଣାସ୍ଥଳରେ ପହଞ୍ଚି ୨୫ ଜଣଙ୍କୁ ଉଦ୍ଧାର କରିଛନ୍ତି। ଉକ୍ତ କୋଠାଟି ୧୦ ବର୍ଷ ପୁରୁଣା ହୋଇଥିବାବେଳେ ସେଠାରେ ୪୦ଟି ଆପାର୍ଟମେଣ୍ଟ ରହିଥିଲା। ଉଦ୍ଧାର କାର୍ଯ୍ୟ ତ୍ୱରାନ୍ୱିତ କରିବା ପାଇଁ ଜିଲା ପ୍ରଶାସନକୁ ମୁଖ୍ୟମନ୍ତ୍ରୀ ଉଦ୍ଧବ ଠାକ୍‌ରେ ନିର୍ଦ୍ଦେଶ ଦେଇଛନ୍ତି।

# ଆଲୋଚନା ବିଫଳ ହେଲେ ସେନା କାର୍ଯ୍ୟାନୁଷ୍ଠାନ

**ନୂଆଦିଲ୍ଲୀ, ୨୪।୮**



## ଚାଇନାକୁ ରାୱତଙ୍କ କଡ଼ା ଜବାବ

ଭାରତ-ଚାଇନା ସୀମା ବିବାଦର ସମାଧାନ ଲାଗି କୂଟନୈତିକ ଓ ସାମରିକ ସ୍ତରରେ ଆଲୋଚନା ଜାରି ରହିଛି। ଲଦାଖରେ ଚାଇନା ଅନୁପ୍ରବେଶ କରି ଟେଷ୍ଟ କରିବା ଓ ବିସ୍ତାରବାଦୀ ଆଭିମୁଖ୍ୟର ସମାଧାନ ଏ ପର୍ଯ୍ୟନ୍ତ ହୋଇପାରି ନାହିଁ। ଦୁଇଦେଶର ସେନା ଅଧିକାରୀସ୍ତରୀୟ ଆଲୋଚନା ୫ ଥର ହେଲାଣି। ତଥାପି ସମାଧାନ ହୋଇପାରି ନାହିଁ। ଆଲୋଚନା ମାଧ୍ୟମରେ ସୀମା ବିବାଦର ସମାଧାନ ହୋଇ ନ ପାରିଲେ ବିକଳ୍ପ ଭାବେ ସେନା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଚିଫ୍ ଅଫ୍ ଡିଫେନ୍ସ ଷ୍ଟାଫ୍(ସିଡିଏସ୍) ବିପିନ୍ ରାୱତ୍ ସୋମବାର କହିଛନ୍ତି। ଚାଇନା ସେନାର ଲଦାଖରେ ସୀମା ଉଲ୍ଲଂଘନର କଡ଼ା ଜବାବ ଦିଆଯିବ ବୋଲି ସେ ପ୍ରକାଶ କରିଛନ୍ତି। ତେବେ ଚାଇନା ସେନାକୁ ପଛକୁ ହଟାଇବା ଲାଗି ସେନା ପକ୍ଷରୁ କିଭଳି ସାମରିକ ପଦକ୍ଷେପ ଗ୍ରହଣ କରାଯିବ, ସେ ସମ୍ପର୍କରେ ରାୱତ୍ କିଛି କହିବାକୁ ମନା କରିଦେଇଛନ୍ତି। ଏପ୍ରିଲରୁ ଚାଇନା ଏଭଳି ଦୁଃସାହସ କରିଥିବାବେଳେ ଜୁନ୍ ୧୫ରେ ଦୁଇସେନା ମଧ୍ୟରେ ମୁହାଁମୁହିଁ ହୋଇଥିଲା। ଭାରତର ୨୦ ଯବାନ ଶହୀଦ ହୋଇଥିଲେ। ପରେ ଦୁଇଦେଶ ତିକ୍ତତା ଦୂର ଲାଗି ସହମତି ପ୍ରକାଶ କରିବାରୁ ଆଲୋଚନା ଆରମ୍ଭ ହୋଇଥିଲା। ଆଲୋଚନା ମୁତାବକ ଚାଇନା ସେନା ସମ୍ପୂର୍ଣ୍ଣ ପ୍ରତ୍ୟାହାର କରାଯାଇ ନ ଥିବା ରାୱତ୍ କହିଛନ୍ତି। ଫିଙ୍ଗର ୫, ଫିଙ୍ଗର ୮ରେ ଏବେବି ଚାଇନା ସେନା ଅଛନ୍ତି। ଏଲ୍‌ଏସିରେ ଦୁଇ ଦେଶର ସୈନ୍ୟ ଜଗି ରହିଥିବାବେଳେ ଆଲୋଚନା ଉପରେ ସମସ୍ତଙ୍କ ନଜର ରହିଛି। ଚାଇନା ପଛକୁ ନ ଫେରିଲେ କିମ୍ବା ଆଲୋଚନା ମାଧ୍ୟମରେ ସମାଧାନ ପନ୍ଥା ନ ବାହାରିଲେ ସେନା ବିକଳ୍ପ କଥା ଚିନ୍ତା କରାଯିବ ବୋଲି ରାୱତ୍ ପ୍ରକାଶ କରିଛନ୍ତି।

# ପିଲାଙ୍କୁ ଛାଡ଼ିବାକୁ ୬୨% ଅଭିଭାବକ ଅମଙ୍ଗ

## ସେପ୍ଟେମ୍ବର ୧ରୁ ସ୍କୁଲ ଖୋଲିବା ପ୍ରସଙ୍ଗ

**ନୂଆଦିଲ୍ଲୀ, ୨୪।୮**

ମହାମାରୀ କରୋନା ଯୋଗୁ ଶିକ୍ଷାନୁଷ୍ଠାନଗୁଡ଼ିକ ବନ୍ଦ ରହିଥିବାବେଳେ ସେପ୍ଟେମ୍ବର ୧ରେ ସରକାରଙ୍କ ନିର୍ଦ୍ଦେଶ କ୍ରମେ ସ୍କୁଲ ଖୋଲିବା ଲାଗି ଯୋଜନା କରୁଛନ୍ତି। ହେଲେ ଅଧିକାଂଶ ଅଭିଭାବକ ପିଲାଙ୍କୁ ସ୍କୁଲକୁ ଏବେ ଛାଡ଼ିବା ଲାଗି ପ୍ରସ୍ତୁତ ନ ଥିବା ଜଣାପଡ଼ିଛି। ଯଦି ସରକାର ସେପ୍ଟେମ୍ବର ୧ରୁ ଉଚ୍ଚ ଶ୍ରେଣୀଗୁଡ଼ିକୁ ଖୋଲିବାକୁ ନିଷ୍ପତ୍ତି ନିଅନ୍ତି ଓ ପର୍ଯ୍ୟାୟ କ୍ରମେ ସବୁ ଶ୍ରେଣୀ ଖୋଲେ, ତେବେ ଅଧିକାଂଶ ଅଭିଭାବକ ଏହାକୁ ଗ୍ରହଣ କରିବାକୁ ନାରାଜ ଥିବା ସର୍ଭେରୁ ଜଣାପଡ଼ିଛି। କେବଳ ୨୩ ପ୍ରତିଶତ ଅଭିଭାବକ ଏଥିଲାଗି ରାଜି ଥିବା ପ୍ରକାଶ କରିଛନ୍ତି। ସମ୍ପ୍ରତି ଅନ୍‌ଲାଇନ୍ କ୍ଲାସ ଜାରି ରଖିବା ସପକ୍ଷରେ ଅଧିକାଂଶ ଅଭିଭାବକ ଅଛନ୍ତି।

ସର୍ଭେରୁ ଜଣାପଡ଼ିଛି ଯେ, ୬୨ ପ୍ରତିଶତ ଅଭିଭାବକ ସେପ୍ଟେମ୍ବର ୧ରୁ ପିଲାଙ୍କୁ ସ୍କୁଲକୁ ଛାଡ଼ିବା ଲାଗି ଅମଙ୍ଗ ଅଛନ୍ତି। ଲୋକାଲ ସର୍କଲ ସର୍ଭେ ଅନୁଯାୟୀ ମାତ୍ରେ ୬ ପ୍ରତିଶତ ନାଗରିକ ସେପ୍ଟମ୍ବର ୧ରୁ ମଲ୍ଟିପ୍ଲେକ୍ସ ଓ ଥିଏଟର ଖୋଲିଲେ ସେଠାକୁ ଯିବା ଲାଗି ମନ ବଳାଇଛନ୍ତି। ଆଗାମୀ ୬୦ ଦିନ ମଧ୍ୟରେ ମେଟ୍ରୋ ଓ ଲୋକାଲ ଟ୍ରେନ୍‌ରେ ଯିବା ଲାଗି ୩୬ ପ୍ରତିଶତ ଲୋକ ଚାହିଁଛନ୍ତି। ଦୈନିକ ୭୦ ହଜାର ନୂଆ କରୋନା ରୋଗୀ ଚିହ୍ନଟ ହେଉଥିବାବେଳେ ଲୋକଙ୍କ ମନୋଭାବ ଏଭଳି ରହିଛି। ଆମେରିକାରେ ସ୍କୁଲ ଖୋଲିବାର ୨ ସପ୍ତାହ ମଧ୍ୟରେ ୯୭ ହଜାର ପିଲା କରୋନା ଆକ୍ରାନ୍ତ ହୋଇଥିଲେ। ଜର୍ମାନୀରେ ମଧ୍ୟ ଏଭଳି ସ୍ଥିତି ଦେଖିବାକୁ ମିଳିଥିଲା। ଏଭଳି ସ୍ଥିତି ଭାରତର ଅଭିଭାବକ ମହଲାରେ ଆତଙ୍କ ସୃଷ୍ଟିକରିବା ସ୍ୱାଭାବିକ। ଅତି କମ୍‌ରେ ଡିସେମ୍ବର ୩୧ ପର୍ଯ୍ୟନ୍ତ ଶିକ୍ଷାନୁଷ୍ଠାନ ନ ଖୋଲିବା ସପକ୍ଷରେ ଅଧିକାଂଶ ଅଭିଭାବକ ଅଛନ୍ତି। ଦେଶର ୨୬୧ ଜିଲାରେ ୨୫ ହଜାର ଲୋକଙ୍କୁ ନେଇ ଏହି ସର୍ଭେ କରାଯାଇଛି।



**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୨,୩୬,୭୫,୩୬୬ | ୮,୧୪,୦୨୬ | ୧,୬୧,୩୮,୧୨୪ |
| ଭାରତ | ୩୧,୪୯,୭୫୯ | ୫୮,୩୯୭ | ୨୩,୫୫,୮୨୩ |
| ଓଡ଼ିଶା | ୮୧,୪୭୯ | ୪୧୯(+୫୩) | ୫୬,୯୨୫ |

ସୋମବାର ରାତି ୯ଟା ସୁଦ୍ଧା (+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ) ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର

# ସମୟସୀମା ସ୍ପଷ୍ଟ କରନ୍ତୁ ସରକାର

କଟକ ଅଫିସ,୨୪।୮

## ଧର୍ମାନୁଷ୍ଠାନ ଖୋଲିବା ପ୍ରସଙ୍ଗ



- ହାଇକୋର୍ଟରେ ଆଉ ଏକ ଆବେଦନ
- ପୂର୍ବ ନିର୍ଦ୍ଦେଶର ୧୪ ଦିନ ପରେ ମଧ ନିଷ୍ପତ୍ତି ନେଇ ନାହାନ୍ତି ସରକାର

କରୋନା ମହାମାରୀ ଯୋଗୁ ଦୀର୍ଘ ୫ ମାସ ଧରି ବନ୍ଦ ପଡ଼ିଥିବା ସମସ୍ତ ଧର୍ମାନୁଷ୍ଠାନ ଖୋଲିବା ନେଇ ୨ଟି ଜନସ୍ୱାର୍ଥ ମାମଲା ରୁଜୁ ହୋଇଥିଲା। ହାଇକୋର୍ଟ ଏହାର ଶୁଣାଣି କରି ମନ୍ଦିର ଖୋଲିବା ନିଷ୍ପତ୍ତି ରାଜ୍ୟ ସରକାରଙ୍କ ଉପରେ ଛାଡ଼ିଥିଲେ। କିନ୍ତୁ ହାଇକୋର୍ଟଙ୍କ ନିର୍ଦ୍ଦେଶର ଦୁଇ ସପ୍ତାହ ପରେ ମଧ ତାହାକୁ ରାଜ୍ୟ ସରକାର କାର୍ଯ୍ୟକାରୀ କରିନାହାନ୍ତି। ତେଣୁ ମନ୍ଦିର ଓ ଅନ୍ୟ ଧର୍ମାନୁଷ୍ଠାନ କେବେ ଖୋଲିବ, ତାହାର ସମୟସୀମା ବାବଦରେ ସରକାର ସ୍ପଷ୍ଟ କରିବା ପାଇଁ ହାଇକୋର୍ଟରେ ସୋମବାର ପୁଣି ଏକ ଆବେଦନ ହୋଇଛି। କଟକର ସାମାଜିକ କର୍ମୀ ଜୟନ୍ତ ବଳ ଏହି ମାମଲା କରିଛନ୍ତି।

ଉଲ୍ଲେଖଯୋଗ୍ୟ, ଗତ ମାର୍ଚ୍ଚ ମାସ ଲକ୍‌ଡାଉନ ଆରମ୍ଭରୁ ରାଜ୍ୟର ସମସ୍ତ ଧର୍ମାନୁଷ୍ଠାନ ବନ୍ଦ ରହିଛି। ପରେ ଧର୍ମାନୁଷ୍ଠାନ ଖୋଲିବା ପାଇଁ କେନ୍ଦ୍ର ସରକାର ଯେଉଁ ନିର୍ଦ୍ଦେଶ ଦେଲେ, ରାଜ୍ୟ ସରକାର ତାହାର ବିପରୀତ ନିର୍ଦ୍ଦେଶ ଜାରିକରି ଧର୍ମାନୁଷ୍ଠାନ ଖୋଲିବା ଉପରେ କଟକଣା ଲଗାଇଥିଲେ। ଏହାକୁ ଚ୍ୟାଲେଞ୍ଜ କରି ହାଇକୋର୍ଟଙ୍କ ପାଖରେ ଦୁଇଟି ଜନସ୍ୱାର୍ଥ ମାମଲା ରୁଜୁ ହୋଇଥିଲେ। ପୁରୀର ତ୍ରିଲୋଚନ ରଥ ଓ କଟକର ଜୟନ୍ତ ବଳ ଏହି ମାମଲା କରିଥିଲେ। ଧର୍ମାନୁଷ୍ଠାନ ଖୋଲିବା ନେଇ ସେମାନେ କରିଥିବା ଆବେଦନର ଶୁଣାଣି ଗତ ୧୦ ତାରିଖରେ ହୋଇଥିଲା। କରୋନା ସ୍ଥିତି ଦେଖି ଧର୍ମାନୁଷ୍ଠାନ ଖୋଲିବ କି ନା, ସେନେଇ ରାଜ୍ୟ ସରକାର ନିଷ୍ପତ୍ତି ନିଅନ୍ତୁ ବୋଲି ମୁଖ୍ୟ ବିଚାରପତି ମହମ୍ମଦ ରଫିକ୍ ଓ ଜଷ୍ଟିସ୍ ବିଦ୍ୟୁତ୍ ରଞ୍ଜନ ଷଡ଼ଙ୍ଗୀଙ୍କୁ ନେଇ ଗଠିତ ଖଣ୍ଡପୀଠ ନିର୍ଦ୍ଦେଶ ଦେଇଥିଲେ। ଏହି ନିର୍ଦ୍ଦେଶକୁ ୧୪ ଦିନ ବିତିଗଲାଣି। କିନ୍ତୁ ଧର୍ମାନୁଷ୍ଠାନ ଖୋଲିବା ନିଷ୍ପତ୍ତି ଏଯାଏ ରାଜ୍ୟ ସରକାର ନେଇନାହାନ୍ତି। କୋର୍ଟ କୌଣସି ସମୟସୀମା ଧାର୍ଯ୍ୟ କରି ନ ଥିବାରୁ ରାଜ୍ୟ ସରକାର ନିଷ୍ପତ୍ତି ନେବାକୁ ପଛଘୁଞ୍ଚା ଦେଉଛନ୍ତି। ତେଣୁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦିଷ୍ଟ ସମୟ ସୀମା ଭିତରେ ନିଷ୍ପତ୍ତି ନେବା ପାଇଁ ନିର୍ଦ୍ଦେଶ ଦେବାକୁ ହାଇକୋର୍ଟଙ୍କ ପାଖରେ ନିବେଦନ କରାଯାଇଛି। ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ ବିଭୂତି ଭୂଷଣ ଚୌଧୁରୀ ମାମଲା ପରିଚାଳନା କରିଥିଲେ।

# ଘରେ ରହି ଅନ୍‌ଲାଇନ୍‌ରେ ପଢ଼ାଇବେ ଦୃଷ୍ଟିବାଧିତ ଅଧ୍ୟାପକ

ଭୁବନେଶ୍ୱର, ୨୪।୮(ବ୍ୟୁରୋ)

ୟୁଜି ଓ ପିଜି ଛାତ୍ରୀଛାତ୍ରଙ୍କୁ ଶିକ୍ଷାଦାନ ପାଇଁ ନୂଆ ଗାଇଡ୍‌ଲାଇନ୍ ଆସିଛି। ମହାମାରୀ କରୋନା କଟକଣା ସମୟରେ ଦୃଷ୍ଟିବାଧିତ ଅଧ୍ୟାପକଙ୍କୁ ଆଉ କଲେଜ ଆସିବାକୁ କୌଣସି ଆବଶ୍ୟକତା ନାହିଁ। ସେମାନେ ଏଣିକି ଘରେ ରହି ଅନ୍‌ଲାଇନ୍‌ରେ ପାଠ ପଢ଼ାଇପାରିବେ। ଏନେଇ ସୋମବାର ଉଚ୍ଚ ଶିକ୍ଷା ବିଭାଗ ସଚିବ ଶାଶ୍ୱତ ମିଶ୍ର ରାଜ୍ୟର ସମସ୍ତ ଡିଗ୍ରୀ କଲେଜ ଅଧକ୍ଷମାନଙ୍କୁ ଚିଠି ଲେଖି ଜଣାଇଛନ୍ତି। କରୋନା କଟକଣା ଯୋଗୁ ସବୁ ଶିକ୍ଷାନୁଷ୍ଠାନ ବନ୍ଦ ରହିଛି। ଏ ପରିସ୍ଥିତିରେ ଛାତ୍ରୀଛାତ୍ରଙ୍କୁ ସ୍କୁଲ ଓ କଲେଜ ଆସିବାକୁ ବାରଣ କରାଯାଇ ଅନ୍‌ଲାଇନ୍ ପାଠପଢ଼ା ବ୍ୟବସ୍ଥା କରାଯାଇଛି। ସେପଟେ ୟୁଜି ଓ ପିଜି

## ୟୁଜି, ପିଜି ପରୀକ୍ଷା ନେଇ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକୁ ଅପେକ୍ଷା

ଶେଷ ସେମିଷ୍ଟର ପରୀକ୍ଷା ନେଇ ଉଚ୍ଚ ଶିକ୍ଷା ମନ୍ତ୍ରୀ ଅରୁଣ କୁମାର ସାହୁ କହିଛନ୍ତି ଯେ, ସୁପ୍ରିମକୋର୍ଟରେ ଶୁଣାଣି ସରିଛି। ସମସ୍ତ ରାଜ୍ୟ ସରକାର ଲିଖିତ ଆକାରରେ ଦେବା ପାଇଁ ସୁପ୍ରିମକୋର୍ଟ ତିନିଦିନ ସମୟ ଦେଇଥିଲେ। ଆମେ ଆମର ପକ୍ଷ ରଖିଛୁ। ବିକଳ୍ପ ବ୍ୟବସ୍ଥାରେ ମୂଲ୍ୟାୟନ କରିବାକୁ ରାଜ୍ୟ ସରକାର ପୂର୍ବରୁ ଯେଉଁ ନିଷ୍ପତ୍ତି ନେଇଥିଲେ, ସେନେଇ ସୁପ୍ରିମକୋର୍ଟରେ ପକ୍ଷ ରଖିଛୁ। ସୁପ୍ରିମକୋର୍ଟ ଯାହା ନିର୍ଦ୍ଦେଶ ଦେବେ ତାକୁ ଆମେ ମାନିବୁ ବୋଲି ମନ୍ତ୍ରୀ ସାହୁ କହିଛନ୍ତି।


ରୁଚି ପ୍ରତିଭା ସମ୍ମାନ ସମାରୋହ-୨୦୨୦
RUCHI PRATIVA FOUNDATION ESTD. - 1976 CUTTACK
RUCHI FOODLINE Since 1976 45 Your Health. Our Wealth.
ସାଧନା । ସ୍ୱୀକୃତି । ସମ୍ବର୍ଦ୍ଧନା
ଅଗଷ୍ଟ ୨୦ ତାରିଖରେ ଭର୍ଚୁଆଲ୍ ପ୍ଲାଟ୍‌ଫର୍ମରେ ଯୋଗ ଦେଇଥିବା ମାନନୀୟ ଅତିଥି :
ମୁଖ୍ୟଅତିଥି : ଶ୍ରୀ ଦିବ୍ୟଶଙ୍କର ମିଶ୍ର, ମାନ୍ୟବର ମନ୍ତ୍ରୀ, ଶକ୍ତି, ଶିଳ୍ପ ଓ ସ୍ୱରାଷ୍ଟ୍ର
ମୁଖ୍ୟବକ୍ତା : ଡକ୍ଟର ବିନୟ କୁମାର ଦାସ, ନିର୍ଦ୍ଦେଶକ, ଆଇ.ଟି.ଆର, ଚାନ୍ଦିପୁର
ସମ୍ମାନିତ ଅତିଥି : ଶ୍ରୀ ବିଧୁଭୂଷଣ ମହାନ୍ତି, ଆଇ.ଆର.ଏସ, ପୂର୍ବତନ ଆୟକର ମହାନିର୍ଦ୍ଦେଶକ
ସଭାପତି : ଡକ୍ଟର ଶରତ କୁମାର ସାହୁ, ଅଧକ୍ଷ, ରୁଚି ପ୍ରତିଭା ଫାଉଣ୍ଡେସନ



ସମ୍ମାନିତ ଓଡ଼ିଶାର ପ୍ରତିଭା
ଦେଶ ଜ୍ୟୋତି ସମ୍ମାନ – ଶ୍ରୀ ମନୋଜ ଦାସ, ବିଖ୍ୟାତ ସାହିତ୍ୟିକ
ରୁଚି ଦେଶ ଗୌରବ ସମ୍ମାନ – ପ୍ରଫେସର ମନୋଜରଂଜନ ନାୟକ, ପ୍ରତିଷ୍ଠାତା ସଭାପତି, ସୋଆ ବିଶ୍ୱବିଦ୍ୟାଳୟ
ରୁଚି ବିଦ୍ୟାସାଗର ସମ୍ମାନ – ଶ୍ରୀମତୀ ସଂଜିତା ମହାପାତ୍ର, ଓଡ଼ିଶା ଟପର ଆଇ.ଏ.ଏସ.
ରୁଚି ଦେଶ ସେବା ସମ୍ମାନ – ଶ୍ରୀ ସବ୍ୟସାଚୀ ମିଶ୍ର, ଉତ୍ସର୍ଗୀକୃତ ଜନସେବୀ
ରୁଚି ବାରବାଟୀ କ୍ରୀଡ଼ା ସମ୍ମାନ – ଶ୍ରୀ ପ୍ରମୋଦ ଭଗତ, ଆନ୍ତର୍ଜାତୀୟ ପାରା ବ୍ୟାଡ୍‌ମିଣ୍ଟନ୍ ତାରକା
ରୁଚି ପ୍ରତିଭା ସମ୍ମାନ – ସୁଦୀପ ସୁଦର୍ଶନ ରଣା, ଯୁକ୍ତ ୨ ବିଜ୍ଞାନ ଟପର
ରୁଚି ପ୍ରତିଭା ସମ୍ମାନ – ସିଡୁ ବେହେରା, ଯୁକ୍ତ ୨ ବାଣିଜ୍ୟ ଟପର
ରୁଚି ପ୍ରତିଭା ସମ୍ମାନ – ଜିତେନ ମହାଳିକ, ମାଟ୍ରିକ ଟପର
ଦୀର୍ଘ ୨୪ ବର୍ଷ ଧରି ଓଡ଼ିଶାର ଶ୍ରେଷ୍ଠ ବିଦ୍ୟାର୍ଥୀ ଓ କୃତବିଦ୍ୟ ପ୍ରତିଭାମାନଙ୍କୁ ପୂଜା କରୁଥିବା ଏକ ଅଭିନବ ମଂଚ...
ରୁଚିର ଦୀର୍ଘ ୪୫ ବର୍ଷର ଜୟଯାତ୍ରାରେ ଆପଣମାନେ ଯେଉଁ ସ୍ନେହ, ଶ୍ରଦ୍ଧା ଓ ବିଶ୍ୱାସ ଅଜାଡ଼ି ଦେଇଛନ୍ତି- ସେଥିପାଇଁ ଆପଣମାନଙ୍କ ପାଖରେ ଆମେ ଋଣୀ। ଏବେ, ଏ ଋଣ ସୁଝିବାର ସମୟ ଆସିଛି। ଆପଣମାନଙ୍କର ସେବା କରିବା ପାଇଁ ରୁଚି ସଂକଳ୍ପବଦ୍ଧ...
OM OIL & FLOUR MILLS LTD, Madhupatna, Cuttack, Odisha - 753010
ruchifoodline.com ruchi_foodline ruchifoodline ruchifoodline


## ଗୋଟିଏ କୋଠାରୁ ୨୪ ପଜିଟିଭ ଚିହ୍ନଟ

### ମାଇକ୍ରୋ କଣ୍ଟେନ୍‌ମେଣ୍ଟ ଜୋନ୍ ଘୋଷଣା କଲା ସିଏମ୍‌ସି

କଟକ ଅଫିସ,୨୪।୮: କଟକ ସହରର ୨୬ ନମ୍ବର ୱାର୍ଡ଼ସ୍ଥିତ କୁମ୍ଭାରସାହିର ଗୋଟିଏ କୋଠାରୁ ୨୪ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଏହାପରେ ସେହି କୋଠାକୁ ସୋମବାର ମାଇକ୍ରୋ କଣ୍ଟେନ୍‌ମେଣ୍ଟ ଜୋନ୍ ଭାବେ ଘୋଷଣା କରାଯାଇଛି। ଏଠାରେ ସମସ୍ତଙ୍କ କରୋନା ପରୀକ୍ଷା ସହ କଣ୍ଟାକ୍ଟ ଟ୍ରେସିଂ ହେବ ବୋଲି କଟକ ମହାନଗର ନିଗମ (ସିଏମ୍‌ସି) କମିଶନର ଅନନ୍ୟା ଦାସ ସୂଚନା ଦେଇଛନ୍ତି। କୋଠାରୁ କେହି ବାହାରକୁ କିମ୍ବା ବାହାରୁ କେହି ଉକ୍ତ କୋଠାକୁ ଯାଇପାରିବେ ନାହିଁ। କୋଠାରେ ରହୁଥିବା ଲୋକଙ୍କୁ ସ୍ଥାନୀୟ ପୂଜା କମିଟି ଜରିଆରେ ଆବଶ୍ୟକ ସାମଗ୍ରୀ ଯୋଗାଇ ଦିଆଯିବ। ପରିମଳ ପାଇଁ ଭଗବାନ ଲେଙ୍କା, ଅତ୍ୟାବଶ୍ୟକ ସାମଗ୍ରୀ ଯୋଗାଣ ପାଇଁ ବିଶ୍ୱରଞ୍ଜନ ରାୟ ଓ ଚିକିତ୍ସା ସହାୟତା ପାଇଁ ଶିବ ଶଙ୍କର ସିଂଙ୍କୁ ଦାୟିତ୍ୱ ଦିଆଯାଇଛି।

# ଖୁବ୍‌ଶୀଘ୍ର ଜଟାଧାର ମୁହାଣ ଇସ୍ପାତ ପ୍ରକଳ୍ପ ନିର୍ମାଣ

ଭୁବନେଶ୍ୱର,୨୪।୮(ବ୍ୟୁରୋ)

- ୧୦ ବର୍ଷରେ ଓଡ଼ିଶାରେ ୧ ଲକ୍ଷ କୋଟିରୁ ଉର୍ଦ୍ଧ୍ୱ ପୁଞ୍ଜିନିବେଶ କରିବ ଜେଏସ୍‌ଡବ୍ଲ୍ୟୁ
- ନିଯୁକ୍ତି ସୁଯୋଗ, ରାଜସ୍ୱ ବୃଦ୍ଧି ଉପରେ ମୁଖ୍ୟମନ୍ତ୍ରୀଙ୍କ ଗୁରୁତ୍ୱ

ଜଗତ୍‌ସିଂହପୁର ଜିଲାର ଜଟାଧାର ମୁହାଣରେ ଜେଏସ୍‌ଡବ୍ଲ୍ୟୁ ୧୩.୨ ନିୟୁତ ଟନର ଷ୍ଟିଲ ପ୍ଲାଣ୍ଟ ନିର୍ମାଣ କରିବ। ଖୁବ୍‌ଶୀଘ୍ର ଏହାର ନିର୍ମାଣ କାର୍ଯ୍ୟ ଆରମ୍ଭ ହେବ। ଆସନ୍ତା ୧୦ ବର୍ଷ ମଧ୍ୟରେ ଜେଏସ୍‌ଡବ୍ଲ୍ୟୁ ଓଡିଶାରେ ୧ ଲକ୍ଷ କୋଟିରୁ ଉର୍ଦ୍ଧ୍ୱ ପୁଞ୍ଜିନିବେଶ କରିବ। ଏଥିସହିତ ପିପିପି ମୋଡରେ ଜେଏସ୍‌ଡବ୍ଲ୍ୟୁ ରାଜ୍ୟରେ ୧୦୦ ଶଯ୍ୟା ବିଶିଷ୍ଟ ଏକ ହସ୍ପିଟାଲ ଏବଂ ସୁନ୍ଦରଗଡ ଜିଲାର କୋଏଡାଠାରେ ଏକ ସ୍କୁଲ ସ୍ଥାପନ କରିବ। ଏହାଦ୍ୱାରା ଖଣି ଅଞ୍ଚଳର ଲୋକମାନେ ଉପକୃତ ହୋଇପାରିବେ। ରାଜ୍ୟ ସରକାରଙ୍କ ସହଯୋଗରେ ଏହି ପ୍ରକଳ୍ପ କାର୍ଯ୍ୟ ଖୁବ୍‌ଶୀଘ୍ର ଆରମ୍ଭ କରାଯିବ। ସୋମବାର ଭିଡିଓ କନ୍‌ଫରେନ୍ସ ଜରିଆରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସହ ଆଲୋଚନା ବେଳେ ଜେଏସ୍‌ଡବ୍ଲ୍ୟୁର ଅଧକ୍ଷ ସଜ୍ଜନ ଜିନ୍ଦଲ ଏହି ସୂଚନା ଦେଇଛନ୍ତି।

ରାଜ୍ୟ ସରକାର ଇସ୍ପାତ ପ୍ରକଳ୍ପ ପାଇଁ ଜମି, ଜଳ ଓ ବିଦ୍ୟୁତ ଯୋଗାଇ ଦେଇଛନ୍ତି। ଏହି ପ୍ରକଳ୍ପ ଯଥାଶ୍ରୀଘ୍ର ଆରମ୍ଭ ହେବା ନେଇ ରାଜ୍ୟ ସରକାର ମଧ ଆଶାବାଦୀ ଅଛନ୍ତି। ଆଲୋଚନା ବେଳେ ରାଜ୍ୟର ସମ୍ପଦକୁ ମୂଲ୍ୟଯୁକ୍ତ କରିବା ସହିତ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ଏବଂ ରାଜସ୍ୱ ବୃଦ୍ଧି କରିବା ଉପରେ ମୁଖ୍ୟମନ୍ତ୍ରୀ ଗୁରୁତ୍ୱ ଦେଇଛନ୍ତି। ଏହି ପ୍ରକଳ୍ପ ବିଷୟରେ ମୁଖ୍ୟମନ୍ତ୍ରୀ ଜାଣିବାକୁ ଚାହିଁବାରୁ ଜିନ୍ଦଲ କହିଥିଲେ ଯେ, ଓଡ଼ିଶାରେ ସମସ୍ତ ପ୍ରକଳ୍ପ କାର୍ଯ୍ୟକାରୀ କରିବାକୁ ଜେଏସ୍‌ଡବ୍ଲ୍ୟୁ ପ୍ରତିଶ୍ରୁତିବଦ୍ଧ। ସମସ୍ତ ପ୍ରକଳ୍ପକୁ ରାଜ୍ୟ ସରକାରଙ୍କ ସମ୍ପୂର୍ଣ୍ଣ ସମର୍ଥନ ମିଳୁଥିବାରୁ ଜିନ୍ଦଲ ସନ୍ତୋଷ ପ୍ରକାଶ କରିଛନ୍ତି। ଏହାଛଡ଼ା ସଜ୍ଜନ ଜିନ୍ଦଲ କହିଥିଲେ ଯେ, 'ଜେଏସ୍‌ଡବ୍ଲ୍ୟୁ ସେଣ୍ଟର ଫର ଡେଭେଲପମେଣ୍ଟ ଷ୍ଟଡିଜ ଫର ଓଡ଼ିଶା' ପାଇଁ 'ଜେଏସଡବ୍ଲ୍ୟୁ ଆଇଆଇଏମ୍ ସମ୍ବଲପୁର' ସହ ସହବନ୍ଧିତ ହେବ। ଏହି ଆଲୋଚନା ବେଳେ ମୁଖ୍ୟ ଶାସନ ସଚିବ, ଇସ୍ପାତ ଓ ଖଣି ବିଭାଗ ପ୍ରମୁଖ ସଚିବ, ସିଏମ୍‌ଡି ଇପିକଲ, ମୁଖ୍ୟମନ୍ତ୍ରୀଙ୍କ ସଚିବ(୫-ଟି) ପ୍ରମୁଖ ଉପସ୍ଥିତ ଥିଲେ।

# କେନ୍ଦ୍ର ମନ୍ତ୍ରୀଙ୍କୁ ଚିଠି ଲେଖିଲେ ଜୟନ୍ତ

ପୁରୀ ଅଫିସ, ୨୪।୮



ବଗଲା ଧର୍ମଶାଳା ସମ୍ମୁଖରେ ଭାଜପା ପକ୍ଷରୁ ଧାରଣା ଦିଆଯାଇଛି।

## ବଗଲା ଜମି ବିବାଦ ପ୍ରସଙ୍ଗ

### ବ୍ୟକ୍ତିଗତ ଭାବେ ହସ୍ତକ୍ଷେପ ପାଇଁ ଅନୁରୋଧ କଲେ

ବଗଲା ଧର୍ମଶାଳା ଜମି ବିବାଦ ଦିନକୁ ଦିନ ଅଧିକ ଜଟିଳ ହୋଇପଡୁଛି। ଏହି ଧର୍ମଶାଳାର ଜମି ବିକ୍ରିକୁ ଭାଜପା, କଂଗ୍ରେସ ଏବଂ ସିପିଆଇ(ଏମ୍) ପକ୍ଷରୁ ବିରୋଧ, ବିକ୍ଷୋଭ ଓ ପ୍ରତିବାଦ ଜାରି ରହିଛି। ସୋମବାର ପୁରୀ ବିଧାୟକ ଜୟନ୍ତ ଷଡ଼ଙ୍ଗୀ ଏହି ପ୍ରସଙ୍ଗରେ କେନ୍ଦ୍ର ସଂସ୍କୃତି ଓ ପର୍ଯ୍ୟଟନ ମନ୍ତ୍ରୀ ପ୍ରହ୍ଲାଦ ସିଂ ପଟେଲ ଏବଂ କେନ୍ଦ୍ର ପେଟ୍ରୋଲିୟମ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଚିଠି ଲେଖିଛନ୍ତି। ପୁରୀ ଜିଲାପାଳଙ୍କ ବେଆଇନ କାମ ଯୋଗୁ ଆଇନ ଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହୋଇପାରେ। ତେଣୁ ଏଥିରେ ବ୍ୟକ୍ତିଗତ ଭାବେ ହସ୍ତକ୍ଷେପ କରିବାକୁ ବିଧାୟକ ଷଡ଼ଙ୍ଗୀ ଦୁଇ କେନ୍ଦ୍ର ମନ୍ତ୍ରୀଙ୍କୁ ଅନୁରୋଧ ଜଣାଇଛନ୍ତି।

ବିଧାୟକ ଷଡ଼ଙ୍ଗୀ ତାଙ୍କ ଚିଠିରେ ଦର୍ଶାଇଛନ୍ତି ଯେ, ୧୯୦୪ ମସିହାରେ ବଳଗଣ୍ଡି ମୌଜାର ୨ ଏକର ୫୭୪ ଡେସିମିଲ ଜମିରେ ବାବୁ କହ୍ନେୟାଲାଲ ବଗଲା ଏକ ଧର୍ମଶାଳା ତିଆରି କରିଥିଲେ। ପୁରୀ ଆସୁଥିବା ଗରିବ ଓ ମଧ୍ୟବିତ୍ତ ଶ୍ରେଣୀର ଭକ୍ତମାନେ ଯେପରି କମ୍ ଅର୍ଥରେ ଏଠାରେ ସୁବିଧାରେ ରହିପାରିବେ ସେଥିପାଇଁ ୧୯୦୫ରେ ସେ ଏହି ଧର୍ମଶାଳାକୁ ପୁରୀ ଜିଲାପାଳ ତଥା ଲଜିଂ ହାଉସ୍ ଫଣ୍ଡ କମିଟି ସଭାପତିଙ୍କୁ ହସ୍ତାନ୍ତର କରିଥିଲେ। ଫଳରେ ଭାରତର ବିଭିନ୍ନ ସ୍ଥାନରୁ ଆସୁଥିବା ତୀର୍ଥଯାତ୍ରୀ, ଭକ୍ତ ଏହାଦ୍ୱାରା ଉପକୃତ ହେଉଥିଲେ। ମାତ୍ର ୨୦୧୮ରେ ରାଜ୍ୟ ସରକାର ଓଡ଼ିଶା ପ୍ଲେସେସ୍ ଅଫ୍ ପିଲିଗ୍ରିମେଜ୍ ଆଇନ ୧୯୨୦କୁ ଉଚ୍ଛେଦ କରିବା ସହ ଲଜିଂ ହାଉସ୍ ଫଣ୍ଡ କମିଟିକୁ ଭାଙ୍ଗି ଦେଇଥିଲେ। ବଗଲା ଧର୍ମଶାଳାର ପୁନରୁଦ୍ଧାର କାମ ଚାଲିଥିବାବେଳେ ଏହାକୁ ହଠାତ୍ ବନ୍ଦ କରି ଦିଆଯାଇଥିଲା। ଚକ୍ରାନ୍ତ କରାଯାଇ ବଗଲା ଜମିକୁ ଏବେ ବେଆଇନ ଭାବେ ବିକ୍ରି କରାଯାଇଛି। ଏହାକୁ ନେଇ ଜନସାଧାରଣଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଆଗକୁ ଏହା ଆଇନ ଶୃଙ୍ଖଳା ପରିସ୍ଥିତିର କାରଣ ହୋଇପାରେ। ତେଣୁ ଏଥିରେ ବ୍ୟକ୍ତିଗତ ଭାବେ ହସ୍ତକ୍ଷେପ କରିବାକୁ ଜୟନ୍ତ ଦୁଇ କେନ୍ଦ୍ର ମନ୍ତ୍ରୀଙ୍କୁ ଅନୁରୋଧ କରିଛନ୍ତି।

ଅନ୍ୟପକ୍ଷରେ ଭାଜପା ପକ୍ଷରୁ ଗତ ତିନିଦିନ ଭଳି ସୋମବାର ମଧ ବଗଲା ଧର୍ମଶାଳା ସମ୍ମୁଖରେ ଧାରଣା ଦିଆଯାଇଥିଲା। ବଗଲା ଜମିର ଯେଉଁ ବିକ୍ରି କବଲା କରାଯାଇଛି ତାହାକୁ ରଦ୍ଦ କରାଯାଉ। ବଗଲା ଧର୍ମଶାଳାର ପୁନରୁଦ୍ଧାର କରାଯାଇ ଗରିବ ଭକ୍ତଙ୍କ ରହଣି ସୁବିଧା ହେଉ ବୋଲି ଭାଜପା ଦାବି କରିଛି। ବିଧାୟକ ଷଡ଼ଙ୍ଗୀଙ୍କ ସହ ଭାଜପାର ପୂର୍ବତନ ଜିଲା ସଭାପତି ପ୍ରଭଞ୍ଜନ ମହାପାତ୍ର, ଯୁବମୋର୍ଚ୍ଚା ସଭାପତି ଜୟନ୍ତ ଦାଶ, ବିଜୟ ପ୍ରଧାନ, ସୋମନାଥ ଦାସ, ସୌମ୍ୟା ମିଶ୍ର, ଅନୀତା ପଟ୍ଟନାୟକ, ଅଜିତ ସାମନ୍ତରାୟ, ବିଶ୍ୱଜିତ ମହାନ୍ତି, ପ୍ରଦୀପ ପରିଡ଼ା ପ୍ରମୁଖ ଏହି ଧାରଣାରେ ସାମିଲ ଥିଲେ। ମଙ୍ଗଳବାର ଯୁବ କଂଗ୍ରେସ ପକ୍ଷରୁ ବଗଲା ଧର୍ମଶାଳା ଆଗରେ ପ୍ରତିବାଦ ସଭା କରାଯିବ। ସେହିପରି ଭାଜପା ମହିଳା ମୋର୍ଚ୍ଚା ପକ୍ଷରୁ ଧାରଣା ଦିଆଯିବ ବୋଲି ଜଣାପଡ଼ିଛି।

# ଉଚ୍ଚସ୍ତରୀୟ ତଦନ୍ତ ଦାବିକଲା କଂଗ୍ରେସ



ଭୁବନେଶ୍ୱର,୨୪।୮(ବ୍ୟୁରୋ)

ପୁରୀ ବଗଲା ଧର୍ମଶାଳା ଜମି ବିକ୍ରିରେ ଆଇନକାନୁନକୁ ଜଳାଞ୍ଜଳି ଦିଆଯାଇ ନାହିଁ, ଶ୍ରୀମନ୍ଦିର ସୁରକ୍ଷା କରିଡର ନାଁରେ ସରକାର ଅଧିଗ୍ରହଣ କରିଥିବା ସମସ୍ତ ଜମି ବିବାଦୀୟ ଏବଂ ବେଆଇନ। ବଗଲା ଧର୍ମଶାଳା ଜମି ଲୋଭ ଦେଖାଇ ସରକାର ଏବଂ ଜିଲା ପ୍ରଶାସନ ଶ୍ରୀମନ୍ଦିରଠାରୁ ୭୫ ମିଟର ପରିଧି ଭିତରେ ଜମି ହରାଇଥିବା ବହୁ ବ୍ୟକ୍ତି ଓ ଲଜ୍ ମାଲିକଙ୍କୁ ଭଣ୍ଡାଇଛନ୍ତି ବୋଲି କଂଗ୍ରେସ ଅଭିଯୋଗ କରିଛି। ପ୍ରଦେଶ କଂଗ୍ରେସ ପକ୍ଷରୁ ସୋମବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଦଳ ନେତା ସତ୍ୟପ୍ରକାଶ ନାୟକ କହିଛନ୍ତି, ଶ୍ରୀମନ୍ଦିର ସୁରକ୍ଷା କରିଡର ନାଁରେ ହୋଇଥିବା ଜମି ଅଧିଗ୍ରହଣ ରାଜ୍ୟ ସରକାରଙ୍କ ଜମି ଅଧିଗ୍ରହଣ ଓ ପୁନର୍ବାସ ଥଇଥାନ ଆଇନ ୨୦୧୩ ମୁତାବକ କରାଯାଇନାହିଁ। ଏପରିକି ବଗଲା ଧର୍ମଶାଳା ଜମିକୁ ଯେଉଁଭଳି ଚକ୍ରାନ୍ତ କରି ମହାପ୍ରଭୁ ଜଗନ୍ନାଥଙ୍କ ନାଁରେ ଥିବା ଜମି ରାଜସ୍ୱ ବିଭାଗକୁ ହସ୍ତାନ୍ତର କରାଗଲା ତାହା ବେଆଇନ। ସରକାର ନିୟମ ଉଲ୍ଲଂଘନ କରିଛନ୍ତି ବୋଲି ସତ୍ୟ ଅଭିଯୋଗ କରିଛନ୍ତି।

ସୁରକ୍ଷା କରିଡର ପାଇଁ ଜମି ନେଲା ବେଳେ ସରକାର ଲୋକଙ୍କୁ ଅନ୍ଧାରରେ ରଖି ଆଇନତଃ ଜମି ଅଧିଗ୍ରହଣ ନ କରି ଲୋକଙ୍କଠାରୁ କିଣାବିକା କରିଛନ୍ତି। ୨୦୧୫ରେ ମନ୍ଦିର ନିକଟରେ ଯେଉଁ ଅଳ୍ପ କେତେକ ପ୍ଲଟ୍‌କୁ ସରକାର ନେଇଥିଲେ ସେତେବେଳେ ଡିସିମିଲ ପିଛା ୧,୦୮,୬୧୨ ଟଙ୍କା ହିସାବରେ ମୂଲ୍ୟ ନିର୍ଦ୍ଧାରଣ କରିଥିଲେ। ଏହାର ୪ବର୍ଷ ପରେ ସେହି ଜମି ମୂଲ୍ୟ ଡିସିମିଲ୍ ପିଛା ୫୮,୮୮୯ ଟଙ୍କା ସ୍ଥିର କରିଛନ୍ତି। ଅର୍ଥାତ୍ ଡିସିମିଲ ଉପରେ ପ୍ରାୟ ୫୦ ହଜାର ଟଙ୍କା କିପରି କାଟିଲେ ବୋଲି ପ୍ରଶ୍ନ କରିଛି କଂଗ୍ରେସ। ଜିଲାପାଳ ନିଜେ ସର୍ବୋଚ୍ଚ ରାଜସ୍ୱ ଅଧିକାରୀ ଏବଂ ଲଜିଂ ହାଉସ୍ ଫଣ୍ଡ ଅଧକ୍ଷ ହିସାବରେ ଲଜିଂ ହାଉସ୍ ଫଣ୍ଡ ନାଁରେ ଥିବା ସ୍ଥିତିବାନ ଜମିକୁ ବେଆଇନ ଭାବେ ସରକାରୀ ଖାତାକୁ ନେବା ଧର୍ତ୍ତବ୍ୟ ଅପରାଧ ବୋଲି କଂଗ୍ରେସ ନେତା ନିଶିକାନ୍ତ ମିଶ୍ର କହିଛନ୍ତି। ଏଥିସହ ଜିଲାପାଳଙ୍କ ବଦଳି କରିବାକୁ ମଧ ଦାବି କରିଛନ୍ତି।


ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ
ODISHA STATE OPEN UNIVERSITY
ଓଡ଼ିଶା ସରକାରଙ୍କ ଦ୍ୱାରା ସ୍ଥାପିତ * ୟୁ.ଜି.ସି ଦ୍ୱାରା ମାନ୍ୟତା ପ୍ରାପ୍ତ
All programmes are recognised by UGC & are equivalent to the Degrees offered by the Regular Universities.
ADMISSION ANNOUNCEMENT 2020-21
PROGRAMMES ON OFFER
MASTER DEGREE PROGRAMMES
Eligibility: +3 Pass Duration: 2 Years
MA in Political Science (MAPS), MA in Sociology (MASO), MA in History (MAHI), MA in Public Administration (MAPA), MA in English (MAEG), MA in Odia (MAOD), MA in Hindi (MAHD), MA in Rural Development (MARD), Master of Commerce (MCOM), MA in Journalism and Mass Com. (MJMC), MSc. in Cyber Security (MSCS), MA in Public Policy (MAPP), MA in Economics (MAEC), MA in Sanskrit (MASK)
BACHELOR DEGREE PROGRAMME
Eligibility: +2 Pass Duration: 3 Years
BA (Honours) in History, BA (Honours) in English, BA (Honours) in Odia, BA (Honours) in Political Science, BA (Honours) in Sociology, BA (Honours) in Hindi, BBA (Bachelor of Business Administration), BA (Honours) in Economics, B Com. (Honours), BA (Honours) in Journalism & Mass Com., BA (Honours) in Sanskrit
POST GRADUATE DIPLOMA PROGRAMMES
Eligibility: +3 Pass Duration: 18 Months
Journalism and Mass Com. (PGDJMC), Rural Development (PGDRD), Media Management (PGDMM), Rural Management (PGDRM), Computer Applications (PGDCA), Cyber Security (PGDCS), Management (PGDIM), Disaster Management (PGDDM)
DIPLOMA PROGRAMMES
Eligibility: +2 Pass Duration: 1 Year
Disaster Management (DDM), Functional Hindi & Translation (DFHT), Accounting (DIA), Journalism and Mass Com. (DJMC), Odia Language and Com. (DOLC), Rural Development (DRD), Entrepreneurship Development (DED), Media Management (DMM), Rural Management (DRM), Computer Applications (DCA), Cyber Security (DCS), Management (DIM), Office Management (DOM), Multimedia & Animation (DMA), Tribal Studies (DTBS), Banking and Insurance (DBI)
POST GRADUATE CERTIFICATE PROGRAMME
Eligibility: +3 Pass Duration: 6 Months
Reasearch Methodology (PGCRSM), Digital Library (PGCDL)
CERTIFICATE PROGRAMMES
Eligibility: +2 Pass Duration: 6 Months
Communication Skills (CCS), Translation (English-Odia) (CIT), Journalism & Mass Com. (CJMC), Rural Development (CRD), e-Commerce (CEC), Media Management (CMM), Rural Management (CRM), Soft Skill and IT Skill (CSSITS), Geriatric Care (CGC), Functional Sanskrit (CFS), Legal Awareness (CLA)
Students Handbooks & Prospectus can be downloaded from website: www.osou.ac.in
Admission form is to be submitted through the online portal of the Odisha State Open University, Sambalpur
website: www.osou.ac.in
GET IT ON Google Play
DOWNLOAD 'OSOU' MOBILE APP
Contact Address: Odisha State Open University, Sambalpur
Phone: 0663-2521600, 0663-2521700
TOLL FREE No: 1800 34567 58
Email: admission@osou.ac.in
Regional Centres
BJB (Auto) College, Bhubaneswar (0674-2970779)
S.B.R. Govt. Women's College, Berhampur (0680-2222169)
Vikram Deb (Auto) College, Jeypore (06854-230213)
Fakir Mohan (Auto) College, Balasore (06782-263871)
WhatsApp 8895903525
ADMISSION OPEN
APPLY NOW

ଧରିତ୍ରୀ
DHARITRI
ମଙ୍ଗଳବାର, ୨୫ ଅଗଷ୍ଟ, ୨୦୨୦




## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ: ..............................
ଜନ୍ମ ତାରିଖ: ..............................


ଅଭିନବ୍
ପରିବାରବର୍ଗ


ଆର୍ୟନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ବିଦ୍ୟାଶ୍ରୀଙ୍କ ସମେତ ୪ଜଣଙ୍କ ଲାଏ ଡିଟେକ୍ସନ ହେବ

ଭୁବନେଶ୍ୱର,୨୪।୮(ବ୍ୟୁରୋ)

## ଆଦିତ୍ୟ ମୃତ୍ୟୁ ମାମଲା

- ଫୋରେନ୍‌ସିକ୍ ବିଭାଗକୁ ଚିଠି ଲେଖିଲା କ୍ରାଇମବ୍ରାଞ୍ଚ
- ନ୍ୟାୟ ଭିକ୍ଷା କଲେ ଆଦିତ୍ୟଙ୍କ ମା'ବାପା

ମାନବପ୍ରେମୀ ଆଦିତ୍ୟ ଦାସ ମୃତ୍ୟୁ ମାମଲାରେ କ୍ରାଇମ୍‌ବ୍ରାଞ୍ଚ ତଦନ୍ତକୁ ଦେଢ ମାସରୁ ଊର୍ଦ୍ଧ୍ୱ ବିତିଛି। ହେଲେ ଜିଆର୍‌ପି ଭଳି କ୍ରାଇମବ୍ରାଞ୍ଚ କିଛି ବି ସୁରାକ ପାଇପାରୁନି। ଆଦିତ୍ୟଙ୍କ ସ୍ତ୍ରୀ ବିଦ୍ୟାଶ୍ରୀ,ସହଯୋଗୀ ବିକାଶ, ପପୁ ଓ ପ୍ରୀତମ୍‌ଙ୍କୁ ପଚରାଉଚରାବେଳେ ପରସ୍ପର ଉପରେ ଦୋଷ ଲଦାଲଦି ହେଉଥିବାରୁ ତଦନ୍ତ କରୁଥିବା ଟିମ୍ ଦ୍ୱନ୍ଦ୍ୱରେ ପଡୁଛି। ଶେଷରେ ସତ ଜାଣିବା ପାଇଁ କ୍ରାଇମ୍‌ବ୍ରାଞ୍ଚ ସେମାନଙ୍କର ଲାଏ ଡିଟେକ୍ସନ କରିବାକୁ ରସୁଲଗଡ଼ସ୍ଥିତ ଫୋରେନ୍‌ସିକ ବିଭାଗକୁ ଚିଠି ଲେଖିଛି। ତେବେ ଏଥିପାଇଁ ସେମାନେ ରାଜି ଥିବାବେଳେ ବିଭାଗର ଅନୁମତି ମିଳିବା ପରେ ଲାଏ ଡିଟେକ୍ଟର ଟେଷ୍ଟ କରାଯିବ।

ଏପଟେ ସୋସିଆଲ ମିଡିଆରେ ଏକ ଭିଡିଓ ମାଧ୍ୟମରେ ନ୍ୟାୟ ପାଇଁ ଗୁହାରି କରିଛନ୍ତି ଆଦିତ୍ୟଙ୍କ ମା' ଓ ବାପା। ସେମାନେ କାନ୍ଦି କାନ୍ଦି କହିଛନ୍ତି ଯେ, ଆମର କିଛି ଦରକାର ନାହିଁ, କେବଳ ଆମକୁ ନ୍ୟାୟ ଦରକାର। ପୁଅର ରହସ୍ୟଜନକ ମୃତ୍ୟୁ ଉପରୁ ପରଦା ହଟାଇ ପ୍ରକୃତ ସତ୍ୟ ସାମ୍ନାକୁ ଅଣାଯାଉ ବୋଲି ସେମାନେ ନିବେଦନ କରିଛନ୍ତି। ଏଥିସହ ଆଦିତ୍ୟଙ୍କ ମୃତ୍ୟୁ ପରେ ପରିବାର ପକ୍ଷରୁ ଥାନାରେ ଏତଲା ଦିଆଯାଇ ନ ଥିବାରୁ ଏହାକୁ ନେଇ ଯେଉଁ ପ୍ରଶ୍ନ ଉଠୁଛି ତାହାର ଉତ୍ତର ରଖିଛନ୍ତି। ସେମାନେ କହିଛନ୍ତି, ପୁଅର ମୃତଦେହ ଦେଖି ହତବାକ ହୋଇଯାଇଥିଲେ। ପିପୁଲ ଫର୍ ସେବାର ପିଲାମାନେ କେସ୍ ଦେଇଥିଲେ। ତେଣୁ ଓକିଲଙ୍କ ପରାମର୍ଶକ୍ରମେ ସେମାନେ ଆଉ କେସ୍ ଦେଇ ନ ଥିଲେ। ତେବେ ତଦନ୍ତ ଚାଲିଥିବାବେଳେ ସେମାନଙ୍କ ଉପରେ ବିଭିନ୍ନ ପ୍ରକାର ଚାପ ପଡୁଥିବା ଆଦିତ୍ୟଙ୍କ ମା'ବାପା କୋହଭରା କଣ୍ଠରେ କହିଛନ୍ତି। ଏଥିସହ କିଛି ଲୋକ ସାହାଯ୍ୟ କରିବାକୁ ଚାହୁଁଛନ୍ତି। ପୁଅକୁ ହରେଇ ଆମେ ଦୁଃଖରେ ଅଛୁ। ଆମକୁ ସାହାଯ୍ୟ କରି ଆଉ ଦୁଃଖ ନ ଦେବାକୁ ସେମାନେ ପ୍ରକାଶ କରିଛନ୍ତି। ଲୋକେ ଏହାକୁ ଦେଖିବା ପରେ ଆଦିତ୍ୟଙ୍କ ପାଇଁ ନ୍ୟାୟ ଦାବି କରିଛନ୍ତି। ସୂଚନାଯୋଗ୍ୟ, ଜୁଲାଇ ୭ରେ ଲିଙ୍ଗରାଜ ଷ୍ଟେଶନ ନିକଟ ରେଳ ଧାରଣାରୁ ଆଦିତ୍ୟଙ୍କ ମୃତଦେହ ମିଳିଥିଲା। ବାହାଘରର ମାସେ ନ ପୂରୁଣୁ ଏଭଳି ମୃତ୍ୟୁକୁ ନେଇ ଅନେକ ପ୍ରଶ୍ନ ଉଠିଥିଲା।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ପାଇକ ହୋଇ ଚରଣ ଫାଟୁଆ,**
**ବଳଦ ହୋଇ ଚାଲଇ ମଠୁଆ,**
**ଗାୟକ ହୋଇ ତା' କଣ୍ଠ ମୋଟୁଆ;**
**କହେ ଦନାଇ ଏ ହଟହଟୁଆ।**

ପଦାତିକ ତଥା ପିଆଦା ଶ୍ରେଣୀର ବ୍ୟକ୍ତିଙ୍କ କ୍ଷେତ୍ରରେ ପାଦ ଫାଟିବା ତାଙ୍କ ବୃତ୍ତି ପକ୍ଷେ ପ୍ରତିବନ୍ଧକ ସୃଷ୍ଟି କରିଥାଏ। ବଳଦ ମଠୁଆ ହେଲେ ଚାଷକାମ ଭଲ ବା ଠିକ୍ ସେ ହୋଇପାରି ନ ଥାଏ। ସେହିପରି ଯିଏ ଗୀତ ଗାଏ ତା'ର କଣ୍ଠ ବା ଗଳା ମୋଟା ହୋଇଥିଲେ ତାଙ୍କ ଗୀତ ଶ୍ରୁତିମଧୁର ଲାଗି ନ ଥାଏ। ଏପରି ଅବସ୍ଥା ନିଜ ନିଜର ବୃତ୍ତିକୁ ଠିକ ଢଙ୍ଗରେ ତୁଲାଇବା ଦିଗରେ ଅନ୍ତରାୟ ସୃଷ୍ଟି କରୁଥିବା ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

**ପେଟ ପୋଷ**
**ନାହିଁ ଦୋଷ।**

ପେଟର କ୍ଷୁଧା ସହ୍ୟ କରିବା ଅତ୍ୟନ୍ତ କଷ୍ଟକର। ପେଟର ଭୋକ ଅନେକଙ୍କୁ ଭିନ୍ନ ଭିନ୍ନ ପନ୍ଥା ଆପଣେଇନେବାକୁ ବାଧ୍ୟ କରେ। ହାତ ଚଳୁଥିଲେ ଭାତ ମିଳିବାରେ ଅସୁବିଧା ରହି ନ ଥାଏ। ଅବାଟରେ ନ ଯାଇ ପେଟ ପୋଷିବା ପାଇଁ ଯେ କୌଣସି ପ୍ରକାରର ବୃତ୍ତି ଗ୍ରହଣୀୟ ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ,ପ୍ରବଚନ ଓ ଅନ୍ୟାନ୍ୟ – ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ


## classifieds Everyday
0674-2580101, 2549302




**SALE**

ଭୁବନେଶ୍ୱର, ମଞ୍ଚେଶ୍ୱର, ହଂସପାଳ, ପାହାଳ, କେଶୁରାରେ ଘର କଲାଭଳି ଘରବାରି **boundary plot** ମିଳୁଅଛି। **8249728525, 9090142564.** D-69146

Book 2BHK flat near Kalinga Nagar, 300meter NH-5, 800meter DN Regalia, RERA, SBI approved. 7978584549. D-69728

ଭୁବନେଶ୍ୱର ନିକଟସ୍ଥ ପିତାପଲ୍ଲୀଛକରେ **NH16**କୁ ଲାଗି **30ft mainroad** ଓ **25ft subroad** ଥାଇ **BDA** ଅନ୍ତର୍ଭୁକ୍ତ ସ୍ଥିତିବାନ ପ୍ଲଟ୍ **Electricity,** ପାଚେରିସହ ମିଳୁଅଛି। **9090963952.** D-69141

3' boundary developed gharabari plot near Synergy College, Phulnakhara. 9937166932. D-69327

**Flats sale Jagannathdham Puri, cost 1250. lakhs with fully furnished Bhulaxmi Team. 7978230118, 9668060081.** D-69142




Get refreshment body massage by expert therapist contact for. 9556978408. D-69722

Swarna SPA newly open positively health benefits with expert therapist. 7873794731. D-69721

Newly open full body massage SPA in Bhubaneswar. Contact: 7205058838. D-69720

Newly open SPA centre smart therapist body massage, Bamikhal. 7205187702. D-59957

Newly open SPA centre smart therapist body massage, Rasulgarh. 7846814019. D-59958

Monalisa massage club : All types body massage with hiprofile smart lady rooms service available 9708545108. D-18023

**8th Happy Birthday**



(Aanshu)
**Aaryan Anshuman**
Ratilo, Nimapada, Puri
May you continue to improve as a person with each passing year wishing you a very
Happy Birthday.
D-69727

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


## ପ୍ରଥମ ପୃଷ୍ଠାରୁ...

### ସୋନିଆ ଅନ୍ତରୀଣ...

ପରାଜୟ ପରେ ଦଳର ଅଧ୍ୟକ୍ଷ ଥିବା ରାହୁଲ ଗାନ୍ଧୀ ନିଜକୁ ଉତ୍ତରଦାୟୀ କରି ଇସ୍ତଫା ଦେଇଥିଲେ। ଗତବର୍ଷ ଅଗଷ୍ଟରେ ବହୁ ଆଲୋଚନା ପର୍ଯ୍ୟାଲୋଚନା ପରେ ଉପା ଅଧ୍ୟକ୍ଷା ସୋନିଆ ଗାନ୍ଧୀଙ୍କୁ କଂଗ୍ରେସର ଅଧ୍ୟକ୍ଷ କରାଯାଇଥିଲା। ଇତିମଧ୍ୟରେ ସାଙ୍ଗଠନିକ ଦୁର୍ବଳତା ଓ ନେତୃତ୍ୱ ପରିବର୍ତ୍ତନକୁ ନେଇ କଂଗ୍ରେସରେ ଅସନ୍ତୋଷ ବଢ଼ିଚାଲିଥିଲା। ରାଜସ୍ଥାନ କଂଗ୍ରେସରେ ଗତମାସର ବିଦ୍ରୋହ ପରେ ଅସନ୍ତୋଷର ନିଆଁ ବ୍ୟାପିବା ଆରମ୍ଭ ହୋଇଥିଲା। କିଛିଦିନ ତଳେ କଂଗ୍ରେସରେ ସଂସ୍କାର ଆଣିବା ପାଇଁ ଦଳୀୟ ନେତୃତ୍ୱରେ ପରିବର୍ତ୍ତନ କରାଯାଉ ବୋଲି ୨୩ ଜଣ ବରିଷ୍ଠ ନେତା ଓ ପୂର୍ବତନ ନେତା-ମନ୍ତ୍ରୀ ସୋନିଆଙ୍କୁ ଚିଠି ଲେଖିଥିଲେ। ଜଣେ ସକ୍ରିୟ, ପୂର୍ଣ୍ଣକାଳୀନ ଓ ଦୃଶ୍ୟମାନ ନେତାଙ୍କୁ କଂଗ୍ରେସ ଅଧ୍ୟକ୍ଷ ଭାବେ ନିଯୁକ୍ତ କରାଯାଉ ବୋଲି ସେମାନେ ଦାବି କରିଥିଲେ। ଫଳରେ ସୋନିଆ ସିଡବ୍ଲ୍ୟୁସି ବୈଠକରେ ଇସ୍ତଫା ଦେବେ ବୋଲି ସୋମବାର ଘୋଷଣା କରିଥିଲେ।

ନିର୍ଦ୍ଧାରିତ କାର୍ଯ୍ୟକ୍ରମ ଅନୁସାରେ ସୋମବାର ପୂର୍ବାହ୍ନ ୧୧ଟାରେ ସିଡବ୍ଲ୍ୟୁସିର ଭର୍ଚୁଆଲ ମିଟିଂ ବସିଥିଲା। କଂଗ୍ରେସର ସର୍ବୋଚ୍ଚ ନୀତି ନିର୍ଦ୍ଧାରଣକାରୀଙ୍କୁ ନେଇ ୭ ଘଣ୍ଟା ଧରି ଚାଲିଥିବା ଏହି ବୈଠକରେ ସୋନିଆ ଇସ୍ତଫା ଦେବାକୁ ଚାହୁଁଥିବା ଓ ନୂଆ ନେତା ଚୟନ ପାଇଁ କହିଥିଲେ। ଅଧିକାଂଶ ବରିଷ୍ଠ ନେତା ସୋନିଆଙ୍କ ସପକ୍ଷରେ ମତ ଦେଇଥିଲେ। ବୈଠକରେ ନେତୃତ୍ୱ ପରିବର୍ତ୍ତନ ନେଇ କୌଣସି ଚୂଡ଼ାନ୍ତ ନିଷ୍ପତ୍ତି ହୋଇପାରି ନ ଥିଲା। ପୂର୍ବତନ ପ୍ରଧାନମନ୍ତ୍ରୀ ମନମୋହନ ସିଂଙ୍କ ନେତୃତ୍ୱରେ ବରିଷ୍ଠ ନେତାମାନେ ସୋନିଆ ହିଁ ଦଳର ଅଧ୍ୟକ୍ଷା ହୋଇ ରୁହନ୍ତୁ ବୋଲି ପ୍ରସ୍ତାବ ଦେଇଥିଲେ। ମନମୋହନଙ୍କ ଦାବିକୁ ଜଣେ ପରେ ଜଣେ ନେତା ଦୋହରାଇଥିଲେ। ବୈଠକରେ ସେମାନେ ପତ୍ର ଲେଖିଥିବା ନେତାମାନଙ୍କୁ ଟାର୍ଗେଟ କରିଥିଲେ। ବିଶେଷକରି ବରିଷ୍ଠତମ ଦସ୍ତଖତକାରୀ ତଥା ସିଡବ୍ଲ୍ୟୁସି ସଦସ୍ୟ ଗୁଲାମନବୀ ଆଜାଦ ଅନ୍ୟମାନଙ୍କ ଆକ୍ରୋଶର ଶିକାର ହୋଇଥିଲେ। ବରିଷ୍ଠ ନେତା ପି. ଚିଦାମ୍ବରମ୍ ନୂଆ ଅଧ୍ୟକ୍ଷ ନିର୍ବାଚନ ପାଇଁ ଏଆଇସିସିର ଏକ ଭର୍ଚୁଆଲ ଅଧିବେଶନ ଡାକିବାକୁ ପ୍ରସ୍ତାବ ଦେଇଥିଲେ। ମିଳିଥିବା ସୂଚନାନୁସାରେ ପୂର୍ବତନ ଅଧ୍ୟକ୍ଷ ରାହୁଲ ଗାନ୍ଧୀ ପତ୍ରରେ ସ୍ୱାକ୍ଷରକାରୀମାନଙ୍କୁ କଡ଼ା ସମାଲୋଚନା କରିଥିଲେ। ଚିଠି ଲେଖାର ସମୟ ଏବଂ ଏହି ପ୍ରସଙ୍ଗକୁ ସାର୍ବଜନୀନ କରିଥିବାରୁ ରାହୁଲ ଆପତ୍ତି ଉଠାଇଥିଲେ। ସୋନିଆ ଗାନ୍ଧୀ ହସ୍ପିଟାଲରେ ଚିକିତ୍ସାଧୀନ ଥିବାବେଳେ ଏବଂ ରାଜସ୍ଥାନରେ ରାଜନୈତିକ ସଙ୍କଟ ସୃଷ୍ଟି ହୋଇଥିବା ସମୟରେ ନେତୃତ୍ୱ ପରିବର୍ତ୍ତନ ପାଇଁ ଦାବି କରିବା ଅନୁଚିତ ବୋଲି ରାହୁଲ କହିଥିଲେ।

୫୦ରୁ ଊର୍ଦ୍ଧ୍ୱ ସିଡବ୍ଲ୍ୟୁସି ସଦସ୍ୟ ମତାମତ ରଖିବା ପରେ ଏଆଇସିସି ବୈଠକ ଡକାଯାଇ ନୂଆ ଅଧ୍ୟକ୍ଷ ନିଯୁକ୍ତ କରାଯିବା ପର୍ଯ୍ୟନ୍ତ ଅନ୍ତରୀଣ ଅଧ୍ୟକ୍ଷ ପଦ ବଜାୟ ରଖିବା ପାଇଁ ସୋନିଆଙ୍କୁ ସର୍ବସମ୍ମତ ଅନୁରୋଧ କରାଯାଇଥିଲା। ଏହାସହ ଦଳ ସାମ୍ନା କରୁଥିବା ଚ୍ୟାଲେଞ୍ଜଗୁଡ଼ିକର ମୁକାବିଲା ପାଇଁ ଆବଶ୍ୟକ ପରିବର୍ତ୍ତନ ସକାଶେ ତାଙ୍କୁ କ୍ଷମତା ପ୍ରଦାନ କରାଯାଇଥିଲା। ଏନେଇ ସିଡବ୍ଲ୍ୟୁସି ପକ୍ଷରୁ ଏକ ସଂକଳ୍ପନାମା ଗୃହୀତ ହୋଇଛି। ସେହିପରି ସୋନିଆ ଓ ରାହୁଲଙ୍କ ହାତମୁଠାକୁ ସବୁ ପ୍ରକାରେ ଟାଣ କରିବା ପାଇଁ ସ୍ଥିର କରାଯାଇଛି। ଦଳୀୟ ନେତୃତ୍ୱକୁ ନ୍ୟୂନ କରିବାକୁ କାହାକୁ ଅନୁମତି ଦିଆଯିବ ନାହିଁ। ଦଳ ଭିତରର ପ୍ରସଙ୍ଗଗୁଡ଼ିକୁ ଗଣମାଧ୍ୟମ ଜରିଆରେ ଆଲୋଚନା କରାଯିବ ନାହିଁ କିମ୍ବା ସର୍ବସାଧାରଣରେ ପ୍ରକାଶ କରାଯିବ ନାହିଁ। ଏପରି ସମସ୍ୟାଗୁଡ଼ିକ କଂଗ୍ରେସର ସ୍ୱାର୍ଥ ଓ ଶୃଙ୍ଖଳା ଦୃଷ୍ଟିରୁ କେବଳ ଦଳ ଭିତରେ ଉପସ୍ଥାପନ କରାଯିବ ବୋଲି ସାଧାରଣ ସମ୍ପାଦକ (ସଙ୍ଗଠନ) କେ.ସି. ବେଣୁଗୋପାଳ ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ସ୍ଥିତି ସ୍ୱାଭାବିକ ହେଲେ ଏଆଇସିସି ବୈଠକ ବସିବ ବୋଲି ସେ କହିଛନ୍ତି। ଅନ୍ୟପକ୍ଷରେ ୬ ମାସ ଭିତରେ ଏଆଇସିସି ବୈଠକ ବସିବ। ଉକ୍ତ ବୈଠକରେ ନୂଆ ନେତା ଚୟନ କରାଯିବା ପର୍ଯ୍ୟନ୍ତ ସୋନିଆ କଂଗ୍ରେସର ଅନ୍ତରୀଣ ମୁଖ୍ୟ ହୋଇ ରହିବେ ବୋଲି ବରିଷ୍ଠ ନେତା ପି.ଏଲ୍. ପୁନିଆ କହିଛନ୍ତି।

### ଖୋର୍ଦ୍ଧାକୁ ଟପିଲା...

ଯାଜପୁର ତୃତୀୟ ଓ କୋରାପୁଟ ଚତୁର୍ଥ ସ୍ଥାନରେ ରହିଛି। ତେବେ ଆବଶ୍ୟକ ପଦକ୍ଷେପ ଯୋଗୁ ପୂର୍ବରୁ ଶୀର୍ଷରେ ରହୁଥିବା ଗଞ୍ଜାମ ଜିଲା ଏବେ ଦୈନିକ ସଂକ୍ରମଣ ହାରରେ ପଞ୍ଚମ ସ୍ଥାନରେ ରହିଛି। ରବିବାର ନୂଆ ଆକ୍ରାନ୍ତଙ୍କ ସମ୍ପର୍କରେ ସୂଚନା ଓ ଲୋକ ସମ୍ପର୍କ ବିଭାଗ ଦେଇଥିବା ତଥ୍ୟ ଅନୁସାରେ, ଖୋର୍ଦ୍ଧାରୁ ଦ୍ୱିତୀୟ ସର୍ବାଧିକ ୪୭୪ ପଜିଟିଭ୍ ବାହାରିଥିବାବେଳେ ଯାଜପୁର ୨୧୫, କୋରାପୁଟ ୧୮୧, ଗଞ୍ଜାମ ୧୭୯, ମୟୂରଭଞ୍ଜ ୧୫୬, ରାୟଗଡ଼ା ୧୪୩, ସମ୍ବଲପୁର ୧୦୪, ନୟାଗଡ଼ ୯୩, ସୁନ୍ଦରଗଡ଼ ୮୧, ବାଲେଶ୍ୱର ୮୮, ପୁରୀ ୮୬, ସୁନ୍ଦରଗଡ଼ ୮୧, ମାଲକାନଗିରି ୭୮, ଭଦ୍ରକ ୬୬, ବରଗଡ଼ ୬୨, ବଲାଙ୍ଗୀର ୫୭, କେନ୍ଦ୍ରାପଡ଼ା ୫୬, ଜଗତ୍‌ସିଂହପୁର ୫୧, କନ୍ଧମାଳ ୩୪, କଳାହାଣ୍ଡି ଓ କେନ୍ଦୁଝରରୁ ୩୦ଜଣ ଲେଖାଏ, ନବରଙ୍ଗପୁର ଓ ସୋନପୁରରୁ ୨୬ଜଣ ଲେଖାଏ, ଝାରସୁଗୁଡ଼ା ୨୦, ଢେଙ୍କାନାଳ ୧୩, ବୌଦ୍ଧ ଓ ଗଜପତିରୁ ୩ଜଣ ଲେଖାଏ, ନୂଆପଡ଼ା ଓ ଦେବଗଡରୁ ୨ଜଣ ଲେଖାଏ ଓ ଅନୁଗୋଳରୁ ଜଣେ ନୂଆ ଆକ୍ରାନ୍ତ ରହିଛନ୍ତି। ଫଳରେ ରାଜ୍ୟରେ ମୋଟ ସଂକ୍ରମିତ ସଂଖ୍ୟା ୮୧,୪୭୯କୁ ବୃଦ୍ଧି ପାଇଛି। ସେପଟେ ରାଜ୍ୟରେ ଆଉ ୧୦ ମୁଣ୍ଡ ନେଇଛି କରୋନା। ଗଞ୍ଜାମ ଜିଲାରୁ ସର୍ବାଧିକ ୫ଜଣ ଥିବାବେଳେ ସୁନ୍ଦରଗଡ଼ ୨, ରାୟଗଡ଼ା, ନୟାଗଡ଼ ଓ କଟକରୁ ଜଣେ ଲେଖାଏ ମୃତକ ରହିଛନ୍ତି। ଏହାକୁ ମିଶାଇ ରାଜ୍ୟରେ କରୋନାଜନିତ ମୃତ୍ୟୁ ସଂଖ୍ୟା ୪୧୯ରେ ପହଞ୍ଚିଛି। କେବଳ ଗଞ୍ଜାମ ଜିଲାରୁ ସର୍ବାଧିକ ୧୭୯ଜଣ କରୋନାରେ ମରିଥିବାବେଳେ ଖୋର୍ଦ୍ଧାରେ ୫୪, ସୁନ୍ଦରଗଡ଼ରେ ୨୮ ଓ ୨୫ ମୃତ୍ୟୁ ସଂଖ୍ୟା ସହ କଟକ ଚତୁର୍ଥ ସ୍ଥାନରେ ରହିଛି। ଅନ୍ୟପକ୍ଷରେ ରାଜ୍ୟରେ ପୁଣି ରେକର୍ଡ ସଂଖ୍ୟକ ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି। ଦିନକରେ ୨୫୧୯ ସୁସ୍ଥ ହୋଇ ହସ୍ପିଟାଲରୁ ଡିସ୍‌ଚାର୍ଜ ହୋଇଥିବାରୁ ମୋଟ ଆରୋଗ୍ୟ ସଂଖ୍ୟା ୫୬,୯୨୪ ଛୁଇଁଛି।

### ଲଘୁଚାପ: ୨୭...

ଉଦ୍ଧାର କାର୍ଯ୍ୟ ଓ ରାସ୍ତା ମରାମତି ପାଇଁ ସଜାଗ ରହିବେ ସେଥିପାଇଁ ଜିଲାପାଳମାନଙ୍କୁ କୁହାଯାଇଛି। ୨୫ ତାରିଖ ସକାଳୁ ୨୬ ତାରିଖ ସକାଳ ମଧ୍ୟରେ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁର, କଟକ, କେନ୍ଦୁଝର, ମୟୂରଭଞ୍ଜ, ଢେଙ୍କାନାଳ, ଅନୁଗୋଳ, ଦେବଗଡ ଜିଲାରେ ଅତି ପ୍ରବଳ ବର୍ଷା ହେବା ନେଇ ପାଣିପାଗ ବିଭାଗ ପକ୍ଷରୁ ରେଡ୍ ୱାର୍ନିଂ ଜାରି କରାଯାଇଛି। ଏଥିସହିତ ପୁରୀ, ଖୋର୍ଦ୍ଧା, ସୁନ୍ଦରଗଡ଼, ସମ୍ବଲପୁର, ସୁବର୍ଣ୍ଣପୁର, ବୌଦ୍ଧ, ବଲାଙ୍ଗୀର ଏବଂ କନ୍ଧମାଳ ଜିଲାର କେତେକ ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବ ବୋଲି ଅନୁମାନ କରାଯାଇଛି। ଏ ନେଇ ପାଣିପାଗ ବିଭାଗ ପକ୍ଷରୁ ଅରେଞ୍ଜ ୱାର୍ନିଂ ଜାରି କରାଯାଇଛି। ଝାରସୁଗୁଡ଼ା, ବରଗଡ଼, କଳାହାଣ୍ଡି, ନୟାଗଡ଼, ଗଞ୍ଜାମ, ନୂଆପଡ଼ା, ନବରଙ୍ଗପୁର, ମାଲକାନଗିରି ଏବଂ କୋରାପୁଟ ଜିଲାରେ ପ୍ରବଳ ବର୍ଷା ହେବା ନେଇ ସତର୍କ କରାଯାଇଛି। ଏହି ସବୁ ଜିଲା ପାଇଁ ପାଣିପାଗ ବିଭାଗ ଏଲୋ ୱାର୍ନିଂ ଜାରି କରିଛି। ସେହିପରି ୨୭ ତାରିଖରେ ଲଘୁଚାପ ପଶ୍ଚିମ ଓ ଦକ୍ଷିଣ ଓଡ଼ିଶା ଉପରକୁ ଚାଲିଯିବ। ଏଥିଯୋଗୁ ସମ୍ବଲପୁର, ସୁବର୍ଣ୍ଣପୁର, ବରଗଡ଼, ବୌଦ୍ଧ, ବଲାଙ୍ଗୀର, କଳାହାଣ୍ଡି, କନ୍ଧମାଳ, ନୂଆପଡ଼ା ଏବଂ ଦେବଗଡ଼ ଜିଲାରେ ଅତି ପ୍ରବଳ ବର୍ଷା ହୋଇପାରେ। ଏହି ସମୟରେ ଝାରସୁଗୁଡ଼ା, ସୁନ୍ଦରଗଡ଼, ନବରଙ୍ଗପୁର, କନ୍ଧମାଳ, ଅନୁଗୋଳ ଏବଂ କେନ୍ଦୁଝର ଜିଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଲଘୁଚାପ ଯୋଗୁ ଉପକୂଳରେ ଘଣ୍ଟାକୁ ୪୫ରୁ ୫୫ କି.ମି. ବେଗରେ ପବନ ବହିପାରେ। ଏହାକୁ ଦୃଷ୍ଟିରେ ରଖି ୨୫ରୁ ୨୭ ତାରିଖ ପର୍ଯ୍ୟନ୍ତ ସମୁଦ୍ରକୁ ନ ଯିବା ଲାଗି ମତ୍ସ୍ୟଜୀବୀମାନଙ୍କୁ ସତର୍କ କରାଯାଇଛି। ଲଘୁଚାପ ଯୋଗୁ ମହାନଦୀ, ବ୍ରାହ୍ମଣୀ, ବୈତରଣୀ, ବୁଢାବଳଙ୍ଗ, ସୁବର୍ଣ୍ଣରେଖା ନଦୀରେ ବନ୍ୟା ହେବାର ସମ୍ଭାବନା ରହିଛି।

### ଆନ୍ଥ୍ରାକ୍ସ ଆଳରେ...

୨୦୨୦ ଜାନୁୟାରୀ ୧୯ରେ ରେଢ଼ାଖୋଲ, ଫେବୃୟାରୀ ୧୯ରେ କେନ୍ଦୁଝର ଓ ଜୁନ୍ ୨୦ରେ ଅନୁଗୋଳ ଛେଣ୍ଡିପଦାରେ ଏଭଳି ହୋଇଥିଲା। ହେଲେ ସେହି ୪ ମୃତ ହାତୀର ନମୁନା ପ୍ରାଣୀରୋଗ ଗବେଷଣା ପ୍ରତିଷ୍ଠାନ କିମ୍ବା ଓୟୁଏଟିକୁ ପଠାଯାଇନାହିଁ। ଡିଏଫ୍‌ଓ ଓ ପ୍ରାଣୀ ଚିକିତ୍ସକ ନମୁନାକୁ କାହିଁକି ଏଠାକୁ ପଠାଇବାକୁ ଉଚିତ ମଣିଲେନି ତାହା ମଧ୍ୟ ପ୍ରଶ୍ନବାଚୀ ସୃଷ୍ଟି କରିଛି। ତେଣୁ ଆନ୍ଥ୍ରାକ୍ସ ନେଗେଟିଭ୍ ଆସିଥିବା ସମସ୍ତ ୧୮ ହାତୀ ମୃତ୍ୟୁର ପୁନଃ ତଦନ୍ତ ପାଇଁ ବିଶ୍ୱଜିତ୍ ଦାବି କରିଛନ୍ତି। ସେ କହିଛନ୍ତି, ଯଦି ଠିକ୍ ତଦନ୍ତ ହୋଇଥାନ୍ତା, ତେବେ ଶିକାର ପାଇଁ ଏହିସବୁ ହାତୀଙ୍କ ମୃତ୍ୟୁ ଘଟିଥିବା ଧରାପଡ଼ିଯାଇଥାନ୍ତା। କିନ୍ତୁ ତାହାକୁ ପ୍ରାକୃତିକ ମୃତ୍ୟୁ ବୋଲି କହିଦେଲେ। ଯାହାକୁ ଆନ୍ଥ୍ରାକ୍ସ ବୋଲି ସନ୍ଦେହ କରୁଛନ୍ତି, ତା'ର ଶବ ବ୍ୟବଚ୍ଛେଦ ହେଉନାହିଁ। ଯେଉଁମାନେ ଆନ୍ଥ୍ରାକ୍ସ ବୋଲି ରିପୋର୍ଟ ଦେଉଛନ୍ତି, ସେମାନେ କେଉଁ ଆଧାରରେ ଏପରି କରୁଛନ୍ତି? ଗୋଟେ ରୋଗକୁ ଚିହ୍ନିବା ପାଇଁ କିଛି ଲକ୍ଷଣ ଥିବ। ଶବ ବ୍ୟବଚ୍ଛେଦ ନ କରି କାହିଁକି ଏଭଳି ମନଇଚ୍ଛା ରିପୋର୍ଟ ଦେଉଛନ୍ତି, ତାହା ଉପରେ କାର୍ଯ୍ୟାନୁଷ୍ଠାନ ହେବା ଦରକାର। ୨୦ ହାତୀ ମୃତ୍ୟୁରୁ ବନ ବିଭାଗ ୯୦% ଭୁଲ୍ ରିପୋର୍ଟ ଦେବା ଆଶ୍ଚର୍ଯ୍ୟର କଥା। ବର୍ତ୍ତମାନ ସେସବୁ ହାତୀର ମୃତ ଶରୀର ନାହିଁ। କେବଳ ଫଟୋ ରହିଛି। ତେଣୁ କେସ୍ ରେଜିଷ୍ଟର କରି ସେହି ଫଟୋ ଆଧାରରେ ତଦନ୍ତ ହେବା ଉଚିତ ବୋଲି ବିଶ୍ୱଜିତ କହିଛନ୍ତି। ଏ ନେଇ ପିସିସିଏଫ୍(ବନ୍ୟପ୍ରାଣୀ) ହରିଶଙ୍କର ଉପାଧ୍ୟାୟ କହିଛନ୍ତି, ଆନ୍ଥ୍ରାକ୍ସରେ ମୃତ୍ୟୁ ହୋଇନି ଅର୍ଥ ଅନ୍ୟ କୌଣସି କାରଣରୁ ହୋଇଥିବ। କିନ୍ତୁ ଶିକାର ପାଇଁ ମରିଥିଲେ ପାରିପାର୍ଶ୍ୱିକ ସ୍ଥିତିରୁ ଜଣାପଡ଼ିଥାନ୍ତା। ବନ ବିଭାଗ କର୍ମଚାରୀ ଓ ପ୍ରାଣୀ ଚିକିତ୍ସକ ଭୁଲ୍ ରିପୋର୍ଟ ଦେବାରେ କିଛି ଲାଭ ନାହିଁ। ତେବେ ପ୍ରାଣୀ ରୋଗ ଗବେଷଣା ପ୍ରତିଷ୍ଠାନ ରିପୋର୍ଟ ଅନୁସାରେ ପରବର୍ତ୍ତୀ ପଦକ୍ଷେପ ନିଆଯିବ ବୋଲି ସେ କହିଛନ୍ତି।

### ଆନ୍ଥ୍ରାକ୍ସ କିପରି ବ୍ୟାପେ

ଆନ୍ଥ୍ରାକ୍ସ ଏକ ଗୁରୁତର ସଂକ୍ରାମକ ରୋଗ, ଯାହାକି ବାସିଲସ୍ ଆନ୍ଥ୍ରାସିସ୍ ବ୍ୟାକ୍ଟେରିଆ ଦ୍ୱାରା ହୋଇଥାଏ। ଏହି ବ୍ୟାକ୍ଟେରିଆ ପ୍ରାକୃତିକ ଅବସ୍ଥାରେ ମାଟିରେ ମିଳିଥାଏ। ଏହା ଉଭୟ ଗୃହପାଳିତ ଓ ବନ୍ୟପ୍ରାଣୀଙ୍କୁ ସଂକ୍ରମିତ ହୋଇଥାଏ। ସଂକ୍ରମିତ ପ୍ରାଣୀ କିମ୍ବା ସେମାନଙ୍କ ମାଂସ ବା ଅନ୍ୟ କିଛି ସଂକ୍ରମିତ ପଦାର୍ଥ ସଂସ୍ପର୍ଶରେ ଆସି ଏହା ମଣିଷକୁ ମଧ୍ୟ ବ୍ୟାପିଥାଏ। ଯେଉଁଠି ପ୍ରାଣୀଙ୍କ ଦେହରେ ଆନ୍ଥ୍ରାକ୍ସ ଦେଖାଯାଏ, ସେହି ଅଞ୍ଚଳରେ ପ୍ରାଣୀଙ୍କର ପର୍ଯ୍ୟାୟକ୍ରମେ ସାମୂହିକ ଟିକାଦାନ ଆବଶ୍ୟକ ହୋଇଥାଏ। ହାତୀ ଚଳାଚଳ କରୁଥିବା ଅଞ୍ଚଳରେ ଯଦି ଅନ୍ୟ କେଉଁ ତୃଣଭୋଜି ପ୍ରାଣୀ ଯଥା ହରିଣ, ଗାଈ, ମେଣ୍ଢା, ଛେଳି ଆଦି ଆନ୍ଥ୍ରାକ୍ସରେ ସଂକ୍ରମିତ ହୋଇଥାନ୍ତି, ତେବେ ତୃଣରୁ ହିଁ ତାହା ହାତୀକୁ ସଂକ୍ରମିତ ହୋଇଥାଏ। ଏହାପରେ ହାତୀଙ୍କ ଆଖି, ନାକ, କାନ, ପାଟି, ମଳଦ୍ୱାର, ଯୌନାଙ୍ଗ ଓ ଶୁଣ୍ଢରୁ ରକ୍ତସ୍ରାବ ହୋଇଥାଏ। ମରିଯିବା ପରେ ମୃତଦେହ ବହୁତ ଫୁଲିଯିବା ସହ ଦ୍ରୁତଗତିରେ ଡିକମ୍ପୋଜ ହୋଇଥାଏ।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** – ଆଜି ବନ୍ଧୁଙ୍କ ସହ ଆଲୋଚନାରେ ସହକର୍ମୀଙ୍କ ସହ ମନୋମାଳିନ୍ୟ ଯୋଗୁ ମନ ଉଦାସ ରହିପାରେ। ପରିବାରରେ ପୈତୃକ ସମ୍ପତ୍ତିକୁ କେନ୍ଦ୍ରକରି ଟଣାଓଟରା ଦେଖା ଦେବାର ଆଶଙ୍କା ମଧ୍ୟ ରହିଛି। କିନ୍ତୁ ଆତ୍ମୀୟ କିମ୍ବା ଅନ୍ତରଙ୍ଗ ବନ୍ଧୁଙ୍କ ସାହାଯ୍ୟର ହାତ ଆପଣଙ୍କ ନିକଟକୁ ଲମ୍ବି ଆସିପାରେ।

**ବୃଷ** – ଅନ୍ୟମାନଙ୍କ ଦ୍ୱାରା ପ୍ରଭାବିତ ହୋଇ ଭିନ୍ନ ମାର୍ଗରେ ଅର୍ଥ ବ୍ୟୟ କରିବାକୁ ବାଧ୍ୟ ହେବେ। କର୍ମକ୍ଷେତ୍ରରେ ଆପଣ ସତ୍ୟର ଅପଳାପ କରି ସମାଲୋଚିତ ହେବେ। ସ୍ନାୟବିକ ଦୁର୍ବଳତା ଲାଗି ରହିବା କାରଣରୁ ହାତ ଓ ପାଦରେ ଯନ୍ତ୍ରଣା ଅନୁଭବ କରିବାର ସୂଚନା ରହିଛି। ଅବଶ୍ୟ ଚେଷ୍ଟା କରୁଥିବା କାମରେ ଆଂଶିକ ସଫଳତା ପାଇବେ।

**ମିଥୁନ** – ଅର୍ଥ ସମ୍ପର୍କୀୟ ଆଲୋଚନାରେ ଆପଣଙ୍କୁ ନିମନ୍ତ୍ରିତ କରିପାରେ। ଆପଣଙ୍କ କୃପଣତା ପ୍ରତି ଅନ୍ୟମାନଙ୍କ ଟାହି ଟାପରା ମନକୁ ବାଧିପାରେ। ପୁନଶ୍ଚ ଅଜୀର୍ଣ୍ଣ କିମ୍ବା ମଧୁମେହଜନିତ ଅସୁସ୍ଥତା ମଧ୍ୟ ଅନୁଭବ କରିପାରନ୍ତି। କାମ ହାସଲରେ ନିଜ ଲୋକମାନେ ପ୍ରତିବନ୍ଧକ ସୃଷ୍ଟିଜନିତ ଅସୁବିଧାରେ ପଡିବେ।

**କର୍କଟ** – କୌଣସି ଲୋଭନୀୟ ସୁଯୋଗକୁ ହାତଛଡା କରିପାରିବେ ନାହିଁ। କର୍ମକ୍ଷେତ୍ରରେ ଜଣେ ବନ୍ଧୁଙ୍କ ଉପସ୍ଥିତିକୁ କେନ୍ଦ୍ରକରି ଝଗଡା ଲାଗିପାରେ। ଯାନବାହନ ଚାଳନାରେ ସତର୍କତା ଅବଲମ୍ବନ କରନ୍ତୁ। ପାରିବାରିକ କ୍ଷେତ୍ରରେ ଯେତେଟା ପରିସ୍ଥିତିକୁ ଜଟିଳ ମନେକରୁଛନ୍ତି ବାସ୍ତବରେ ସେପରି କିଛି ହେବନି।

**ସିଂହ** – ବିଭିନ୍ନ କ୍ଷେତ୍ରରୁ ସମାଲୋଚନାର ସ୍ୱର ଶୁଣିବାକୁ ପାଇପାରନ୍ତି। ଭୁଲ୍ ବୁଝାମଣା କାରଣରୁ ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖାଦେଇପାରେ। ଆର୍ଥିକ ଦିଗରୁ ଦିନଟି ବହୁତ ଭଲ ରହିବ। ସାମାଜିକ ସ୍ତରରେ ଛୋଟ ବଡ ସମସ୍ୟା ରହିଥିଲେ ମଧ୍ୟ ବିଶେଷ କିଛି ଅସୁବିଧା ରହିବ ନାହିଁ।

**କନ୍ୟା** – ଆଜି ସାମାଜିକ ସ୍ତରରେ ସମ୍ମାନ ଲାଭ ଓ ପଦମର୍ଯ୍ୟାଦା ବୃଦ୍ଧି ପାଇବ। କିନ୍ତୁ ସଭାସମିତି କିମ୍ବା ଆଲୋଚନା କାଳରେ ସଂଯମତା ରକ୍ଷା ନ କଲେ ବିବାଦଗ୍ରସ୍ତ ହୋଇପାରନ୍ତି। ଈର୍ଷା ଓ ଅସୂୟା କାରଣରୁ ନିଜ ଲୋକମାନେ ବିଶ୍ୱାସଘାତକତା କରିବାର ସୂଚନା ମିଳିପାରେ। ମାଲିମକଦ୍ଦମାରେ ବିଜୟପ୍ରାପ୍ତି ଘଟିବ।

**ତୁଳା** – ଅନ୍ୟମାନଙ୍କର ଘରୋଇ ସମସ୍ୟା ପ୍ରତି କର୍ଣ୍ଣପାତ କରିବାରେ ଅନିଚ୍ଛା ପ୍ରକାଶ କରିପାରନ୍ତି। ଯାତ୍ରା ସମୟରେ କୌଣସି ଯୁବକ ବ୍ୟକ୍ତିଠାରୁ ଯଥେଷ୍ଟ ସହାୟତା ପାଇବେ। ଆଲୋଚନା କାଳରେ ନ୍ୟାୟୋଚିତ ପରାମର୍ଶ ଏବଂ ଗଠନମୂଳକ ପ୍ରେରଣା ଦେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ।

**ବିଛା** – ବାରମ୍ବାର ଚେଷ୍ଟା କରି ବିଫଳ ହୋଇଥିବା କ୍ଷେତ୍ରରୁ ଆଶାଜନକ ଫଳ ପାଇବେ। ଆଜିର ପାରିବାରିକ ଖର୍ଚ୍ଚ ପରିମାଣ ଦିଗୁଣା ହୋଇପାରେ। ସାୟାହ୍ନେ ଏକ ସାଧାରଣ କଥାରେ ଘରୋଇ କଳହକୁ ନେଇ ଅଶାନ୍ତି ଲାଗିରହିବ। ପ୍ରଶାସନ, ଯାନବାହନ, ନିର୍ମାଣ ଓ ଯାତ୍ରାରୁ ସୁଫଳ ପାଇବେ।

**ଧନୁ** – ବିଭିନ୍ନ ପ୍ରକାରର ବିବାଦୀୟ ଘଟଣାକୁ ସ୍ଥାନୀତ କରି ଅଶାନ୍ତ ବାତାବରଣ ସୃଷ୍ଟି କରିପାରେ। ପାରିବାରିକ ଠାରୁ ଆରମ୍ଭ କରି ପ୍ରତ୍ୟେକ କ୍ଷେତ୍ରରେ ପ୍ରତିଯୋଗିତା ମନୋଭାବ ଉପୁଜିବ। କର୍ମକ୍ଷେତ୍ରରେ କିମ୍ବା ସାମାଜିକ ସ୍ତରରେ ହାତପାହାନ୍ତାରେ ସୁଯୋଗ ପାଇବେ। ବନ୍ଧୁଙ୍କ ଅଭିଯୋଗ, ଉଚ୍ଚ ପଦାଧିକାରୀଙ୍କ ଚାପରୁ ଚିନ୍ତିତ ହେବେ।

**ମକର** – କର୍ମକ୍ଷେତ୍ରରେ କୌଣସି ଆଶଙ୍କା ଯଦି କରୁଛନ୍ତି ସେଥିରେ କିଛି ହେବ ନାହିଁ। କିନ୍ତୁ ପରିବାରରେ ପିଲାମାନଙ୍କ ପଢା ସମସ୍ୟା ନେଇ ମନ ଭାରାକ୍ରାନ୍ତ ରହିପାରେ। କୌଣସି ବନ୍ଧୁଙ୍କ ସକାଶେ ପ୍ରତୀକ୍ଷାଜନିତ ଯନ୍ତ୍ରଣା ତୀବ୍ରତର ହେବାର ଅନୁଭବ କରିବେ। ଠିକ୍ ଭାବରେ କାମ ହେବାରେ କୌଣସି ଅସୁବିଧା ରହିବ ନାହିଁ।

**କୁମ୍ଭ** – କର୍ମକ୍ଷେତ୍ରରେ ସମସ୍ୟା ବିଜଡିତ ପରିସ୍ଥିତି ମଧ୍ୟରେ ବନ୍ଧୁଙ୍କ ପରାମର୍ଶରେ ସାନ୍ତ୍ୱନା ମିଳିବ। ଶିଳ୍ପ,ବାଣିଜ୍ୟ ଓ କଳା ସାହିତ୍ୟରେ ସମସ୍ୟା ସମାଧାନ ହୋଇଯିବ। ଆଲୋଚନା ସମୟରେ ବନ୍ଧୁଙ୍କ ଅକାଟ୍ୟ ଯୁକ୍ତିକୁ ଗ୍ରହଣ କରିବାକୁ ବାଧ୍ୟ ହେବେ। ଆକସ୍ମିକ ସ୍ଥାନାନ୍ତର ସୂଚନାକୁ ସହଜରେ ଗ୍ରହଣ କରିପାରିବେ ନାହିଁ।

**ମୀନ** – କର୍ମକ୍ଷେତ୍ରରେ କେତୁଙ୍କ କୁପ୍ରଭାବରୁ ଅପରିଣାମଦର୍ଶୀ ହୋଇ ସମାଲୋଚିତ ହେବେ। ପରିବାରରେ ପିଲାମାନଙ୍କ କାର୍ଯ୍ୟକଳାପ ନାପସନ୍ଦ କରିପାରନ୍ତି। ଯେକୌଣସି ପରିସ୍ଥିତିରେ ହେଉନା କାହିଁକି, ଆପଣ ସହକର୍ମୀଙ୍କ ଆଭ୍ୟନ୍ତରୀଣ ବ୍ୟାପାରରେ ମୁଣ୍ଡ ପୂରାନ୍ତୁନାହିଁ। ବ୍ୟବସାୟ ଓ ଆନୁଷ୍ଠାନିକ କାମରୁ ଖୁସୀ ରହିବେ।

ଆଜି ଭାଦ୍ରବ ଶୁକ୍ଲପକ୍ଷର ସ୍ମାର୍ତ୍ତସମ୍ମତ ରାଧାଷ୍ଟମୀ ମଙ୍ଗଳବାର, ଶ୍ରୀସୁଦର୍ଶନ ଦେବଙ୍କ ଆଶ୍ରମ ବିଜେ, ଅତିବଡି ଜଗନ୍ନାଥଦାସଙ୍କ ଜୟନ୍ତୀ, ଚକ୍ଷୁଦାନପକ୍ଷ ଆରମ୍ଭ(ଅଗଷ୍ଟ ୨୫ଠାରୁ ସେପ୍ଟେମ୍ବର ୮ ତାରିଖ), ଅଗଷ୍ଟ ୨୫ ତାରିଖ, ରାଶି ନକ୍ଷତ୍ର-ସକାଳ ଘ.୦୮.୧୭ମି. ଗତେ ବିଶାଖା/ବିଛା, ମକର ରାଶିର ଘାତବାର, ସପ୍ତମୀର ଏକୋଦ୍ଦିଷ୍ଟ ଓ ଅଷ୍ଟମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୦୮.୦୪ମି. ଗତେ ଘ.୧୦.୩୪ମି. ମଧ୍ୟେ, ଘ.୦୧.୦୩ମି.ଗତେ ଘ.୦୨.୪୪ମି. ମଧ୍ୟେ, ଘ.୦୩.୩୩ମି. ଗତେ ଘ.୦୫.୧୪ମି. ମଧ୍ୟେ, ସନ୍ଧ୍ୟା ଘ.୦୬.୦୩ମି. ଗତେ ଘ.୦୬.୪୯ମି.ମଧ୍ୟେ, ରାତ୍ରି ଘ.୦୯.୦୭ମି. ଗତେ ଘ.୧୧.୨୫ମି. ମଧ୍ୟେ, ଘ.୦୧.୪୩ମି. ଗତେ ଘ.୦୩.୧୫ମି. ମଧ୍ୟେ ଅମୃତ ବେଳା। ଦିବା ଘ.୦୨.୫୬ମି. ଗତେ ଘ.୦୪.୩୧ମି. ମଧ୍ୟେ ରାହୁକାଳ।

## ସଂକ୍ଷେପରେ

### ଚାଷୀଙ୍କୁ ଆବଶ୍ୟକ ସାର ଦେବାକୁ କଂଗ୍ରେସର ଦାବି

ଭୁବନେଶ୍ୱର,୨୪।୮(ବ୍ୟୁରୋ): ସାରା ରାଜ୍ୟରେ ଅନୁକୂଳ ପାଣିପାଗ ଥିବା ଯୋଗୁ ଚାଷ ପାଇଁ ୟୁରିଆସାରର ଯଥେଷ୍ଟ ଚାହିଦା ରହିଛି। କିନ୍ତୁ ସରକାରଙ୍କ ପକ୍ଷରୁ ୟୁରିଆ ଯୋଗାଣ କ୍ଷେତ୍ରରେ ବିଳମ୍ବ ଯୋଗୁ ଚଳିତ ଖରିଫ୍ ଚାଷ ବାଧାପ୍ରାପ୍ତ ହେଉଛି। ଚାଷୀମାନେ ସାର ପାଇଁ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଖରିଫ୍ ଚାଷ ପାଇଁ ରାଜ୍ୟରେ ୪ ଲକ୍ଷ ୫୦ ହଜାର ମେଟ୍ରିକ୍ ଟନ୍ ସାର ଚାଷୀଙ୍କୁ ଯୋଗାଇବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିବା ବେଳେ ଅଗଷ୍ଟ ସୁଦ୍ଧା ୩ ଲକ୍ଷ ୫୦ ହଜାର ମେଟ୍ରିକ୍ ଟନ୍ ଦିଆଯିବା କଥା। କିନ୍ତୁ ରବିବାର ସୁଦ୍ଧା ପ୍ରାୟ ୨ ଲକ୍ଷ ମେଟ୍ରିକ୍ ଟନ୍ ସାର ଯୋଗାଇ ଦିଆଯାଇଥିବା ବେଳେ ଆଉ ଦେଢ ଲକ୍ଷ ମେଟ୍ରିକ୍ ଟନ୍ ସାର ସରକାର ଚାଷୀଙ୍କୁ ଯୋଗାଇ ଦେଇପାରି ନାହାନ୍ତି। ଫଳରେ ଅନେକ ସ୍ଥାନରେ ସାର କଳାବଜାର ହେବା ସହ ଚାଷୀ ଚଢା ଦରରେ ୟୁରିଆ ବସ୍ତା ପିଛା ୨ଶହରୁ ୩୦୦ ଟଙ୍କାରେ କିଣିବାକୁ ବାଧ ହେଉଛନ୍ତି। ଏଥିପ୍ରତି କୃଷି ବିଭାଗର ନିଘା ନାହିଁ। ଏଥିରେ ଉଭୟ ସରକାର ଚାଷୀଙ୍କ ଆୟ କିପରି ୨ଗୁଣା ବଢାଇବେ ବୋଲି ସୋମବାର ପିସିସି କାର୍ଯ୍ୟାଳୟରେ ଅନୁଷ୍ଠିତ ଏକ ଖବରଦାତା ସମ୍ମିଳନୀରେ ପିସିସି କିଷାନ ସେଲ୍ ଅଧ୍ୟକ୍ଷ ଅମିୟ କୁମାର ପଟ୍ଟନାୟକ ସରକାରଙ୍କୁ ପ୍ରଶ୍ନ କରିଛନ୍ତି। ଅଧିକ ଫସଲ ଅମଳ ପାଇଁ ସାର ମୁଖ୍ୟ ଉପାଦାନ। ହେକ୍ଟର ପିଛା ୮୧ କେଜି ସାର ପ୍ରୟୋଗ କରାଯିବା ସହ ଚଳିତ ଖରିଫ୍ ଚାଷ ପାଇଁ ସରକାର ୯ ଲକ୍ଷ ୬୦ ହଜାର ମେଟ୍ରିକ୍ ଟନ୍ ସାର ଚାଷୀଙ୍କୁ ଯୋଗାଇଦେବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରିଛନ୍ତି। ବର୍ତ୍ତମାନ ସୁଦ୍ଧା ଚାଷୀଙ୍କୁ ୬୦ ପ୍ରତିଶତ ସାର ମଧ ସରକାର ଯୋଗାଇ ପାରିନାହାନ୍ତି। ଏପରିକି ସାର କଳାବଜାର ରୋକିବା, ପରିବହନ, ପ୍ୟାକିଂ, ଗୋଦାମ ଘର ପ୍ରଭୃତିର କୌଣସି ଭିତ୍ତିଭୂମି ନାହିଁ ବୋଲି ସେ କହିଛନ୍ତି। କେନ୍ଦ୍ର ସରକାରଙ୍କ ପକ୍ଷରୁ ଚାଷୀଙ୍କୁ ଆବଶ୍ୟକ ପରିମାଣର ସାର ଯୋଗାଣ ଓ ସୁଦୃଢ ରେଲୱେ ର୍ୟାକ୍ ବ୍ୟବସ୍ଥା କରିବା ସହ ରାଜ୍ୟ ସରକାର ଚାଷୀଙ୍କୁ ଆବଶ୍ୟକ ପରିମାଣର ୟୁରିଆ ନିର୍ଦ୍ଦିଷ୍ଟ ସମୟସୀମା ମଧରେ ଯୋଗାଇ ଦେବାକୁ କଂଗ୍ରେସ ଦାବି କରିଛି।

# ଓଏଚ୍ଆର୍ସି: ପୂର୍ଣ୍ଣ ସଦସ୍ୟ ଥାଇ ମାମଲା ବଢୁଛି

ତ୍ରିନାଥ ମହାନ୍ତି
ଭୁବନେଶ୍ୱର,୨୪।୮(ବ୍ୟୁରୋ)

- ହୋଇପାରୁନି ତ୍ୱରିତ ଫଇସଲା
- ନ୍ୟାୟ ପାଇଁ ବର୍ଷ ବର୍ଷ ଧରି ଅପେକ୍ଷା
- ମେ ସୁଦ୍ଧା ବିଚାରାଧୀନ ମାମଲା ୧୪୦୧୧କୁ ବୃଦ୍ଧି

ପୋଲିସ, ପ୍ରଶାସନଠାରୁ ନ୍ୟାୟ ନ ମିଳିଲେ ସାଧାରଣ ଲୋକେ ରାଜ୍ୟ ମାନବାଧିକାର କମିଶନ (ଓଏଚ୍ଆର୍ସି)ଙ୍କ ଦ୍ୱାରସ୍ଥ ହୋଇଥାନ୍ତି। କମିଶନଙ୍କ ଉପରେ ଭରସା ଥିବାରୁ ମାମଲା ସଂଖ୍ୟା ବଢ଼ିବାରେ ଲାଗିଛି। ହେଲେ ତ୍ୱରିତ ଫଇସଲା ହୋଇପାରୁ ନ ଥିବାରୁ ଗଦାଗଦା ମାମଲା ପଡ଼ି ରହୁଛି। ସବୁଠାରୁ ଉଦ୍‌ବେଗର ବିଷୟ ହେଉଛି, ପୂର୍ବରୁ କମିଶନରେ ଜଣେ ସଦସ୍ୟ ଥିବାବେଳେ ଯେତିକି ମାମଲାର ଫଇସଲା ହେଉଥିଲା, ଏବେ ପୂର୍ଣ୍ଣ ସଦସ୍ୟ ଥାଇ ବି ସେହି ଅନୁପାତରେ ହୋଇପାରୁନି। ଫଳରେ ନ୍ୟାୟ ପାଇଁ ଲୋକଙ୍କୁ ବର୍ଷ ବର୍ଷ ଧରି ଅପେକ୍ଷା କରିବାକୁ ପଡୁଛି।

୨୦୦୦ ମସିହା ଜାନୁୟାରୀ ୨୭ରେ ଓଏଚ୍ଆର୍ସି ସ୍ଥାପନ କରାଯାଇଥିଲେ ମଧ ୨୦୦୩ ଜୁଲାଇ ୧୧ରୁ କାର୍ଯ୍ୟ କରିଥିଲା। ଦୀର୍ଘ ୬ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ଅଧ୍ୟକ୍ଷ ପଦବୀ ଖାଲିପଡ଼ିଥିଲା। ସେହି ସମୟରେ ପର୍ଯ୍ୟାୟକ୍ରମେ ସଦସ୍ୟ ଥିବା ଡ. ଆର୍.ଏନ୍.ବହିଦାର, ଜଷ୍ଟିସ ବି.କେ.ମିଶ୍ର ଓ ଜଷ୍ଟିସ ରଘୁବୀର ଦାସ କାର୍ଯ୍ୟକାରୀ ଅଧ୍ୟକ୍ଷ ଦାୟିତ୍ୱ ତୁଲାଉଥିଲେ। ତେବେ ଜଷ୍ଟିସ ବି.କେ. ମିଶ୍ରଙ୍କ ସମୟରେ ପାଖାପାଖି ୫ବର୍ଷ ଧରି ଜଣିକିଆ ସଦସ୍ୟରେ କମିଶନ କାର୍ଯ୍ୟ କରିଥିଲା। ୨୦୧୯ ସେପ୍ଟେମ୍ବର ୪ରେ ଓଡ଼ିଶା ହାଇକୋର୍ଟର ପୂର୍ବତନ ବିଚାରପତି ଜଷ୍ଟିସ ବିମଳ ପ୍ରସାଦ ଦାସଙ୍କୁ ଅଧ୍ୟକ୍ଷ ଭାବେ ନିଯୁକ୍ତି ଦେଇଥିଲେ ରାଜ୍ୟ ସରକାର। ଜଷ୍ଟିସ ରଘୁବୀର ଦାସ ଓ ଅସୀମ ଅମିତାଭ ଦାଶ ମଧ ସଦସ୍ୟ ଭାବେ ନିଯୁକ୍ତି ପାଇଥିଲେ। ଏହାପରଠାରୁ ପୂର୍ଣ୍ଣକାଳୀନ ୩ ସଦସ୍ୟ ବିଶିଷ୍ଟ ପ୍ୟାନେଲ କାର୍ଯ୍ୟ ଆରମ୍ଭ କରିଥିଲା। ହେଲେ ଏପର୍ଯ୍ୟନ୍ତ ଆଶାନୁରୂପେ ମାମଲାର ଫଇସଲା ହୋଇପାରୁନି। ଓଏଚଆର୍ସି ତଥ୍ୟରୁ ଜଣାପଡିଛି ଯେ, ପୂର୍ଣ୍ଣକାଳୀନ ସଦସ୍ୟଙ୍କୁ ନେଇ କମିଶନ କାର୍ଯ୍ୟ ଆରମ୍ଭ କରିବାର ପୂର୍ବମାସ ଅର୍ଥାତ୍ ୨୦୧୯ ଅଗଷ୍ଟ ଆରମ୍ଭରୁ ୧୩୪୦୮ଟି ମାମଲା ବିଚାରାଧୀନ ଥିବାବେଳେ ସେହି ମାସରେ ୨୭୩ଟି ନୂଆ ଆବେଦନ ପଞ୍ଜୀକୃତ ହୋଇଥିଲା। ଜଣିକିଆ ସଦସ୍ୟ ଥିବା ସତ୍ତ୍ୱେ କମିଶନ ସେହି ମାସରେ ୨୮୩ଟି ମାମଲାର ସମାଧାନ ହୋଇଥିଲା। ଫଳରେ ମାସ ଶେଷରେ ମାମଲା ସଂଖ୍ୟା ୧୩୩୯୮କୁ ହ୍ରାସ ପାଇଥିଲା। ୩ଜଣିଆ ପ୍ୟାନେଲର ସମସ୍ତ ପଦବୀ ପୂରଣ ହେବା ପରେ କମିଶନଙ୍କ ଉପରେ ଲୋକଙ୍କ ଭରସା ଆହୁରି ବଢ଼ିଯାଇଥିଲା। ଫଳରେ ସେପ୍ଟେମ୍ବର ମାସରେ ହିଁ ଆଉ ୩୪୫ ନୂଆ ମାମଲା ପଞ୍ଜୀକରଣ ହୋଇଥିଲା ଓ ଫଇସଲା ପରେ ବିଚାରାଧୀନ ମାମଲା ସଂଖ୍ୟା ୧୩୩୯୨କୁ ଖସି ଆସିଥିଲା। କିନ୍ତୁ ଏହାପରଠାରୁ ମାମଲାଗୁଡ଼ିକର ଫଇସଲା ଆଖିଦୃଶିଆ ହୋଇପାରିନାହିଁ। ଅକ୍ଟୋବରରେ କମିଶନ ୩୮୮ଟି ନୂଆ ମାମଲା ଗ୍ରହଣ କରିଥିବାବେଳେ ମାତ୍ର ୩୦୩ଟିର ସମାଧାନ ହୋଇଥିଲା। ଫଳରେ ମାମଲା ସଂଖ୍ୟା ୧୩୪୭୭କୁ ବୃଦ୍ଧି ପାଇଥିଲା। ବିଭିନ୍ନ ମାସରେ ପଞ୍ଜୀକୃତ ହେଉଥିବା କିଛି ନୂଆ ମାମଲା ସହ ପଡ଼ି ରହିଥିବା ପୁରୁଣା ବିଚାରାଧୀନ ମାମଲା ସେମିତି ଗଡ଼ି ଚାଲିଲା। ଫଳରେ ଡିସେମ୍ବରରେ ୧୩୬୬୬, ଜାନୁୟାରୀରେ ୧୩୭୩୮, ଫେବୃୟାରୀରେ ୧୩୭୫୨କୁ ବୃଦ୍ଧି ପାଇଥିଲା। କେବଳ ମାର୍ଚ୍ଚରେ ଏହି ମାମଲା ସଂଖ୍ୟାରେ ସାମାନ୍ୟ ହ୍ରାସ ପାଇ ୧୩୭୪୫ ରହିଥିବାବେଳେ ଏହାପରେ ପୁଣି ବୃଦ୍ଧିପାଇ ମେ'ରେ ୧୪୦୧୧ରେ ପହଞ୍ଚିଛି।

ଅନ୍ୟପକ୍ଷରେ ଉକ୍ତ ତଥ୍ୟ ଅନୁସାରେ, ଅନେକ ଆବେଦନକାରୀ କ୍ଷମତା ବାହାରେ ଥିବା ସିଭିଲ ବିବାଦ, କୋର୍ଟରେ ବିଚାରାଧୀନ ମାମଲା, ଚାକିରି ମାମଲା କିମ୍ବା ଜମିଜମା ବିବାଦ ସମ୍ବନ୍ଧୀୟ ସେବା ପ୍ରସଙ୍ଗରେ କମିଶନଙ୍କ ହସ୍ତକ୍ଷେପ ଲୋଡୁଛନ୍ତି। କମିଶନ ପ୍ରତି ମାସରେ ଏହିପରି ଶହ ଶହ ମାମଲା ଖାରଜ କରୁଛନ୍ତି। ୨୦୧୯ ସେପ୍ଟେମ୍ବରରେ ଏପରି ୨୨୦ଟି ମାମଲା ଖାରଜ ହୋଇଥିବାବେଳେ ନଭେମ୍ବରରେ ୨୪୩ ଓ ୨୦୨୦ ଫେବୃୟାରୀରେ ୨୬୨ ଅଭିଯୋଗ ଖାରଜ ହୋଇଥିଲା।

ଏନେଇ ମାବାଧିକାର କର୍ମୀ ବିଶ୍ୱପ୍ରିୟ କାନୁନ୍‌ଗୋ କହିଛନ୍ତି, ପଡ଼ି ରହିଥିବା ମାମଲାଗୁଡ଼ିକର ଶୀଘ୍ର ସମାଧାନ କରିବା ସମ୍ଭବ ନୁହେଁ। ଆହୁରି ଅଧିକ ସମୟର ଆବଶ୍ୟକତା ରହିଛି। କିନ୍ତୁ ଏହି ସମୟ ଭିତରେ ୩ଜଣିଆ ବେଞ୍ଚ ମାନବିକ ଅଧିକାର ପ୍ରଚାର ଓ ପ୍ରସାର ପାଇଁ ସେଭଳି ଆଖିଦୃଶିଆ ପଦକ୍ଷେପ ନେଇ ନାହାନ୍ତି। ଓଏଚ୍ଆର୍ସିର ଜଣେ ସଦସ୍ୟ ନାମ ଗୋପନ ରଖି କହିଛନ୍ତି, ସ୍ୱଳ୍ପ କର୍ମଚାରୀ ଦ୍ୱାରା ଏକାଧିକ ମାମଲାର ଫଇସଲା କରାଯାଉଛି। ମାମଲା ପଡି ରହିଥିବା କହିବା ଠିକ୍ ନୁହେଁ। ମାମଲାର ଗୁରୁତ୍ୱକୁ ଦେଖି ବିଚାର କରାଯାଉଛି। କମିଶନଙ୍କ ଉପରେ ଲୋକଙ୍କର ଯଥେଷ୍ଟ ଭରସା ରହିଛି।

# ଡିଏସ୍‌ପି ସ୍ତରରେ ଅଦଳବଦଳ

କଟକ ଅଫିସ,୨୪।୮

ଓଡ଼ିଶା ପୋଲିସର ଡିଏସ୍‌ପି ସ୍ତରରେ ସୋମବାର ବଡ଼ ଧରଣର ଅଦଳବଦଳ ହୋଇଛି। ଭୁବନେଶ୍ୱରସ୍ଥିତ ବିଜୁ ପଟ୍ଟନାୟକ ରାଜ୍ୟ ପୋଲିସ ଏକାଡେମୀ (ବିପିଏସ୍‌ପିଏ)ରେ ତାଲିମ୍ ପରେ ୮ଜଣ କ୍ୟାଡେଟ୍ ଡିଏସ୍‌ପିଙ୍କୁ ଓଡ଼ିଶାର ବିଭିନ୍ନ ସ୍ଥାନରେ ନିଯୁକ୍ତି ଦିଆଯାଇଛି। ସଞ୍ଜୟ ମହାପାତ୍ରଙ୍କୁ କୋରାପୁଟର ନନ୍ଦପୁର, ବିମଳକାନ୍ତ ନାୟକଙ୍କୁ ବ୍ରହ୍ମପୁର ଆଇଏଏଚ୍‌ଟିୟୁ ଡିଏସ୍‌ପି, ଆକାଶ ଚନ୍ଦ୍ର ସାହୁଙ୍କୁ ରାୟଗଡ଼ାର ବିଷମକଟକ ଏସ୍‌ଡିପିଓ, ଦୀପକ ଗୋଚ୍ଛାୟତଙ୍କୁ ବରଗଡ଼ ଏସ୍‌ଡିପିଓ, ଇନ୍ଦୁରେଖା ପଣ୍ଡିମକବାଟଙ୍କୁ କେନ୍ଦୁଝରର ଡିଆଇବି ଡିଏସ୍‌ପି, ସୌରଭ ଓତାଙ୍କୁ ରାଉରକେଲାର ବଣାଇ ଏସ୍‌ଡିପିଓ, ଶଶାଙ୍କ ଶେଖର ବେଉରାଙ୍କୁ ସୁନ୍ଦରଗଡ଼ର ବଡ଼ଗାଁ ଏସ୍‌ଡିପିଓ ଭାବେ ଅବସ୍ଥାପିତ କରାଯାଇଛି।

ସେହିଭଳି ରାଉରକେଲା ପିସିଆର୍ ସେଲ୍‌ର ଡିଏସ୍‌ପି ସନତ ନୂତନ ସମଦଙ୍କୁ ପାନପୋଷ ଏସ୍‌ଡିପିଓ ଏବଂ ସେଇ ସ୍ଥାନରେ ଥିବା ଅସୀମ ପଣ୍ଡାଙ୍କୁ ପିସିଆର୍ ସେଲ୍‌କୁ ପଠାଯାଇଛି। କଟକ ସ୍ୱତନ୍ତ୍ର ବ୍ରାଞ୍ଚ୍ ଡିଏସ୍‌ପି ଗୋପାଳକୃଷ୍ଣ ବେହେରାଙ୍କୁ ବିଧାନସଭା ସୁରକ୍ଷା ଅଧିକାରୀ, ବ୍ରହ୍ମପୁର ଆଇୟୁସିଏଡବ୍ଲ୍ୟୁ ଡିଏସ୍‌ପି ସାର୍ଥକ ରାୟଙ୍କୁ ଭଦ୍ରକ ଏସ୍‌ଡିପିଓ, ସିଆଇଡି-ସିବି ଡିଏସ୍‌ପି ରିତେଶ ମହାପାତ୍ରଙ୍କୁ ବାଲେଶ୍ୱରର ନିଳଗିରି ଏସ୍‌ଡିପିଓ, ଅନୁଗୋଳ ଡିଏସ୍‌ପି ଦିଲ୍ଲୀପ ନାୟକଙ୍କୁ ଗଜପତି ଆର୍.ଉଦୟଗିରି ଏସ୍‌ଡିପିଓ, ଭଦ୍ରକ ସଦର ଏସ୍‌ଡିପିଓ ସୁନିଲ ନନ୍ଦଙ୍କୁ ଭଦ୍ରକ ପିସିଆର୍ ସେଲ୍ ଡିଏସ୍‌ପି ଭାବେ ବଦଳି କରାଯାଇଛି। ନୀଳଗିରି ଏସ୍‌ଡିପିଓ ଅମୂଲ୍ୟ ଧରଙ୍କୁ ବାଲେଶ୍ୱର ଡିଏସ୍‌ପି, ବରଗଡ଼ ଏସ୍‌ଡିପିଓ ସୁଧାକର ସାହୁଙ୍କୁ ବରଗଡ଼ ଡିଏସ୍‌ପି, ବଡ଼ଗାଁ ଏସ୍‌ଡିପିଓ ବିଜୟ ନନ୍ଦଙ୍କୁ ଅନୁଗୋଳ ଡିଏସ୍‌ପି, କେନ୍ଦୁଝର ଡିଆଇବି ଡିଏସ୍‌ପି ହିରେଶ ଚନ୍ଦ୍ର ପାଣ୍ଡେଙ୍କୁ ସୁନ୍ଦରଗଡ଼ ଡିଏସ୍‌ପି, ଭଦ୍ରକ ଡିଏସ୍‌ପି ଅଶୋକ ଦାସଙ୍କୁ ଧାମନଗର ଏସ୍‌ଡିପିଓ, କୋରାପୁଟ ନନ୍ଦପୁର ଏସ୍‌ଡିପିଓ ଧୀରେନ୍ଦ୍ର ସ୍ୱାଇଁଙ୍କୁ ବୌଦ୍ଧ ଡିଏସ୍‌ପି, ଖୋର୍ଦ୍ଧା ଡିଏସ୍‌ପି ଅନୁପ କାନୁନ୍‌ଗୋଙ୍କୁ ବାଲେଶ୍ୱର ପିସିଆର୍ ସେଲ୍ ଡିଏସ୍‌ପି, ବାଲେଶ୍ୱର ଡିଏସ୍‌ପି ମନୋଜ ରାଉତଙ୍କୁ କ୍ରାଇମବ୍ରାଞ୍ଚ ଏସ୍‌ଟିଏଫ୍ ଡିଏସ୍‌ପି, କଟକ ଏସିପି ସତ୍ୟଜିତ ମିଶ୍ରଙ୍କୁ ସୋନପୁର ଡିଏସ୍‌ପି ଏବଂ ଭୁବନେଶ୍ୱର ଏସିପି ରବୀନ୍ଦ୍ରନାଥ ଶତପଥୀଙ୍କୁ ଅନୁଗୋଳ ଡିଏସ୍‌ପି ଭାବେ ଅବସ୍ଥାପିତ କରାଯାଇଛି।

# ଓଡ଼ିଶାରୁ ଦୁଇ ଶିକ୍ଷକ ପାଇବେ ଜାତୀୟ ପୁରସ୍କାର

ଭୁବନେଶ୍ୱର, ୨୪।୮(ବ୍ୟୁରୋ)

ଚଳିତବର୍ଷ ଜାତୀୟ ଶିକ୍ଷକ ପୁରସ୍କାର ପାଇଁ ଓଡ଼ିଶାରୁ ଦୁଇଜଣ ଶିକ୍ଷକ ମନୋନୀତ ହୋଇଛନ୍ତି। ସେମାନେ ହେଲେ ବୌଦ୍ଧ ଜିଲାର ହରଭଙ୍ଗା ଅନ୍ତର୍ଗତ ସରସରାସ୍ଥିତ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ବସନ୍ତ କୁମାର ସାହୁ ଓ ଖୋର୍ଦ୍ଧା ଜିଲା ଅନ୍ତର୍ଗତ ଭୁବନେଶ୍ୱରସ୍ଥିତ ଭୀମଭୋଇ ଦୃଷ୍ଟିହୀନ ବିଦ୍ୟାଳୟ ଶିକ୍ଷକ ତାପସ କୁମାର ମହାନ୍ତି। ଶିକ୍ଷା ମନ୍ତ୍ରଣାଳୟର ଏକ ସ୍ୱାଧୀନ କମିଟି ବିଭିନ୍ନ ରାଜ୍ୟରୁ ମୋଟ ୧୫୩ଜଣ ଶିକ୍ଷକଙ୍କୁ ଶର୍ଟଲିଷ୍ଟେଡ୍ କରିଥିବାବେଳେ ୪୭ଜଣ ଶିକ୍ଷକ ୨୦୨୦ ଜାତୀୟ ଶିକ୍ଷକ ପୁରସ୍କାର ପାଇଁ ମନୋନୀତ ହୋଇଛନ୍ତି। ତେବେ ଏମାନଙ୍କ ମଧ୍ୟରୁ ଓଡ଼ିଶାରୁ ମନୋନୀତ ୨ଜଣ ଶିକ୍ଷକ ଓଡ଼ିଶା ପାଇଁ ଗୌରବ ଆଣିଛନ୍ତି।

# ଏସ୍ଆଇଙ୍କ ବିରୋଧରେ ମହିଳାଙ୍କ ବଳାତ୍କାର ଅଭିଯୋଗ

ଭୁବନେଶ୍ୱର,୨୪।୮(ବ୍ୟୁରୋ)

**ନ୍ୟାୟ ପାଇଁ ଡିଜିପିଙ୍କ ଦ୍ୱାରସ୍ଥ ହେଲେ ପୀଡ଼ିତା**

କନ୍ଧମାଳ ଜିଲାରେ କାର୍ଯ୍ୟରତ ଜଣେ ମହିଳା ଏସ୍ଆଇ ବଳାତ୍କାରର ଶିକାର ହୋଇଛନ୍ତି। ଏନେଇ ଗଞ୍ଜାମ ଜିଲା ଖଲ୍ଲିକୋଟ ଥାନାରେ କାର୍ଯ୍ୟରତ ଜଣେ ଏସ୍ଆଇଙ୍କ ବିରୋଧରେ ଥାନାରେ ଅଭିଯୋଗ କରିଛନ୍ତି। ହେଲେ ନ୍ୟାୟ ନ ମିଳିବାରୁ ପୀଡିତା ଜଣକ ସୋମବାର ଭୁବନେଶ୍ୱର ଆସି ପୋଲିସ ଡିଜିଙ୍କୁ ନ୍ୟାୟ ମାଗିଛନ୍ତି। ତେବେ ଡିଜିପିଙ୍କ ସହ ତାଙ୍କର ଭେଟ ହୋଇ ନ ଥିଲେ ମଧ କାର୍ଯ୍ୟାଳୟ ପକ୍ଷରୁ ତାଙ୍କ ଅଭିଯୋଗକୁ ଗ୍ରହଣ କରାଯାଇଥିବା ଜଣାପଡିଛି। ଅଭିଯୁକ୍ତଙ୍କୁ ଗିରଫ ସହ ତାଙ୍କୁ ଚାକିରିରୁ ବହିଷ୍କାର କରିବାକୁ ପୀଡିତା ନିବେଦନ କରିଛନ୍ତି। ପୀଡିତା ମହିଳା ଏସ୍ଆଇଙ୍କ ଅଭିଯୋଗ ଅନୁଯାୟୀ, ୨୦୧୭ରେ ଭୁବନେଶ୍ୱର ବିଜୁ ପଟ୍ଟନାୟକ ପୋଲିସ ଟ୍ରେନିଂ ଏକାଡେମୀରେ ଉଭୟ ଟ୍ରେନିଂ ନେଉଥିଲେ। ଏହି ସମୟରେ ଅଭିଯୁକ୍ତ ଜଣକ ତାଙ୍କୁ ଭଲ ପାଉଥିବା କହିଥିଲେ। ଟ୍ରେନିଂ ସରିବା ପରେ ସମ୍ବଲପୁରର ଏକ ଥାନାରେ ତାଙ୍କର ପୋଷ୍ଟିଂ ହୋଇଥିଲା। ହେଲେ ଅଭିଯୁକ୍ତ ଏସ୍ଆଇ ସେଠାକୁ ଯାଇ ବଳାତ୍କାର କରିଥିଲେ। ପରେ ମହିଳା ଜଣଙ୍କ ଥାନାରେ ଅଭିଯୋଗ କରିବାକୁ ଚାହିଁବାରୁ ସେ ବିବାହ ପ୍ରତିଶ୍ରୁତି ଦେଇ ମାମଲାକୁ ଚାପି ଦେଇଥିଲେ। କିନ୍ତୁ ପରବର୍ତ୍ତୀ ସମୟରେ ସମାନ ପ୍ରତିଶ୍ରୁତି ଦେଇ ବିଭିନ୍ନ ସ୍ଥାନରେ ବାରମ୍ବାର ବଳାତ୍କାର କରିଥିଲେ ମଧ ବିବାହ କରିବାକୁ ରାଜି ନ ହେବାରୁ ଶେଷରେ ପୀଡିତା ମହିଳା ଏସ୍ଆଇ ଜଣକ ନ୍ୟାୟ ପାଇଁ ପୁଣି ଦାରିଙ୍ଗବାଡ଼ି ଥାନାରେ ଏତଲା ଦେଇଛନ୍ତି। ଏତଲା ଦେବାର ୧୦ଦିନ ବିତିଯାଇଥିଲେ ମଧ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ ହେବାରୁ ସେ ଡିଜିପିଙ୍କ ଦ୍ୱାରସ୍ଥ ହୋଇଛନ୍ତି।

# ସହରରେ ପଶିଲା ଗୋଠଛଡ଼ା ଦନ୍ତା



ଜାତୀୟ ରାଜପଥରେ ବୁଲୁଥିବା ହାତୀ।

ବାରିପଦା ଅଫିସ,୨୪।୮

ଝାଡ଼ଖଣ୍ଡରୁ ଆସି ଉତ୍ପାତ ଚଳାଇଥିବା ଏକ ଗୋଠଛଡ଼ା ଦନ୍ତା ବାଟବଣା ହୋଇ ସୋମବାର ସକାଳେ ମୟୂରଭଞ୍ଜ ଜିଲା ବାରିପଦା ସହରରେ ପ୍ରବେଶ କରିଥିଲା। ଏନେଇ ସହରବାସୀ ଆତଙ୍କିତ ହୋଇ ପଡ଼ିଥିଲେ। ଖବର ପ୍ରଚାରିତ ହେବା ପରେ ଶହ ଶହ ଲୋକ ତାର ପିଛା କରିଥିଲେ। ହାତୀଟି ଜାତୀୟ ରାଜପଥରେ ୫କି.ମି. ପର୍ଯ୍ୟନ୍ତ ଯାଇ ଦୀର୍ଘ ସମୟ ପର୍ଯ୍ୟନ୍ତ ପ୍ରତିହାରୀପୁର ଗ୍ରାମରେ ଅଟକି ରହିଥିଲା । ଏହି ସମୟରେ ରାସ୍ତାରେ ଗାଡ଼ିମୋଟର ଚଳାଚଳ ବନ୍ଦ ହୋଇଯାଇଥିଲା।

ହାତୀଟି ପଶ୍ଚିମବଙ୍ଗ ସୀମାକୁ ଲାଗିଥିବା ଘଣଘଣା ଜଙ୍ଗଲର ଲକ୍ଷ୍ମୀପୋଷି ଦେଇ ବାରିପଦା ସହର ମୁର୍ଗାବାଡ଼ି ଅଞ୍ଚଳରେ ପ୍ରବେଶ କରିଥିଲା। ପ୍ରାତଃ ଭ୍ରମଣରେ ଯାଉଥିବା ଲୋକେ ହାତୀଟିକୁ ଦେଖି ଭୟଭୀତ ହୋଇପଡ଼ିଥିଲେ। କିଛି ଦିନ ହେଲା ଝାଡ଼ଖଣ୍ଡରୁ ହାତୀପଲ ଆସି ରାସଗୋବିନ୍ଦପୁର ରେଞ୍ଜ ଅଞ୍ଚଳରେ ରହି ଆସୁଛନ୍ତି। ବାଟବଣା ହୋଇ ହାତୀଟି ସହର ମୁହାଁ ହୋଇଥିବା ଓ ଏହାର ଗତିବିଧି ଉପରେ ନଜର ରଖାଯାଇଥିବା ଡିଏଫ୍ଓ ସ୍ୱୟମ୍ ମଲ୍ଲିକ କହିଛନ୍ତି। ରିପୋର୍ଟ ଲେଖା ହେବା ବେଳକୁ ହାତୀଟି ଦେଉଳି ରେଞ୍ଜ ଅଧୀନ ହଳଦିଆ ଗ୍ରାମ୍ୟ ଜଙ୍ଗଲରେ ଅଟକି ରହିଥିବା ସୂଚନା ମିଳିଛି।

# ରକ୍ତଦାତାଙ୍କୁ ମାଗଣାରେ ଚାରା ବଣ୍ଟନ

ଭୁବନେଶ୍ୱର,୨୪।୮(ବ୍ୟୁରୋ)

ଅଗଷ୍ଟ କ୍ରାନ୍ତି ସପ୍ତାହରେ (ଗତ ୯ରୁ ୧୫ତାରିଖ ପର୍ଯ୍ୟନ୍ତ) ରାଜ୍ୟର ସମସ୍ତ ଜିଲାରେ 'ମୋ ପରିବାର' ପକ୍ଷରୁ ରକ୍ତଦାନ ଅଭିଯାନ ତ୍ୱରାନ୍ୱିତ ଭାବେ କାର୍ଯ୍ୟକାରୀ କରାଯାଇଛି। ଏହି ଅବସରରେ ରାଜ୍ୟ ଜଙ୍ଗଲ ଓ ପରିବେଶ ବିଭାଗ ଆନୁକୂଲ୍ୟରେ ସମସ୍ତ ରକ୍ତଦାତାଙ୍କୁ ମାଗଣାରେ ଚାରା ବଣ୍ଟନ କରାଯାଇଛି। ପ୍ରତ୍ୟେକ ରକ୍ତଦାତାଙ୍କୁ ମୂଲ୍ୟବାନ ବୃକ୍ଷ ଓ ଫଳ ଚାରା ପ୍ରଦାନ କରାଯାଇଛି। 'ମୋ ପରିବାର' ଉଦ୍ୟମରେ ବିଭିନ୍ନ ଜିଲାରେ ଆୟୋଜିତ ବିଶାଳ ରକ୍ତଦାନ ଶିବିର ଓ ଚାରା ବଣ୍ଟନ କାର୍ଯ୍ୟକ୍ରମରେ ରାଜ୍ୟର ବହୁ ମନ୍ତ୍ରୀ, ବିଧାୟକ ଓ ଅନ୍ୟ ଗଣ୍ୟମାନ୍ୟ ବ୍ୟକ୍ତିମାନେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରତ୍ୟେକ ରକ୍ତଦାତାଙ୍କୁ ମାଗଣାରେ ଚାରା ବଣ୍ଟନ କରିଛନ୍ତି। ରାଜ୍ୟରେ ଜଙ୍ଗଲ ପରିସୀମା ବୃଦ୍ଧି, ସବୁଜିମାମୟ ପରିବେଶ ସୃଷ୍ଟି ସହିତ ରାଜ୍ୟବାସୀଙ୍କ ମଧ୍ୟରେ ଜଙ୍ଗଲ ସଂରକ୍ଷଣ ବାର୍ତ୍ତାକୁ ପ୍ରସାରିତ ଓ ପ୍ରଚାରିତ କରିବା ଦିଗରେ ରକ୍ତଦାତାଙ୍କୁ ମାଗଣାରେ ଚାରା ବଣ୍ଟନ କାର୍ଯ୍ୟକ୍ରମ ନିଶ୍ଚିତରୂପେ ପ୍ରେରଣାଦାୟୀ ହେବ ବୋଲି ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ କହିଛନ୍ତି।




- ପ୍ଲାନ: ସିଙ୍ଗଲ୍ ପ୍ରିମିଅମ ଇମିଡିଏଟ୍ ଆନୁଇଟୀ ପ୍ଲାନ
- ମଲ୍ଟିପଲ୍ ବିକଳ୍ପସବୁ: ବାଛିବାକୁ ପାଇବେ 10 ଆନୁଇଟୀ ବିକଳ୍ପ
- ବିକଳ୍ପ ଆନୁଇଟୀ ପେମେଣ୍ଟସ: ମାସିକ, ତ୍ରୈମାସିକ, ଅର୍ଦ୍ଧ-ବାର୍ଷିକ କିମ୍ବା ବାର୍ଷିକ
- ବୟସ ଯୋଗ୍ୟତା: ପ୍ରବେଶ ବେଳେ ଅନ୍ୟୁନ ବୟସ : 30 ବର୍ଷ (ପୂରିଥିବ) ପ୍ରବେଶ ବେଳେ ସର୍ବାଧିକ ବୟସ : 100 ବର୍ଷ (ପୂରିଥିବ) ବିକଳ୍ପ F ପାଇଁ, 85 ବର୍ଷ (ପୂରିଥିବ) ଅନ୍ୟ ସମସ୍ତ ବିକଳ୍ପ ପାଇଁ, ବିକଳ୍ପ F ବ୍ୟତୀତ

ଏଲଆଇସି'ର ଜୀବନ ଅକ୍ଷୟ VII
ଏକ ନନ୍-ଲିଙ୍କଡ, ନନ୍-ପାର୍ଟିସିପେଟିଙ୍ଗ, ଇଣ୍ଡିଭିଜୁଆଲ୍ ଇମିଡିଏଟ୍ ଆନୁଇଟୀ ପ୍ଲାନ
UIN-512N337V01 ପ୍ଲାନ ନଂ: 857

ନମୁନା ନିଦର୍ଶନ : ବୟସ - 50, ଆନୁଇଟୀ ଦେୟ ହେବ - ବାର୍ଷିକ, ବିଧି - ଅଫ୍‌ଲାଇନ୍

| କ୍ରୟ ମୂଲ୍ୟ* | 25 ଲକ୍ଷ | 50 ଲକ୍ଷ | 1 କୋଟି | 5 କୋଟି | |
|---|---|---|---|---|---|
| ବିକଳ୍ପ A | 1,70,000 | 3,40,750 | 6,82,500 | 34,12,500 | ବିକଳ୍ପ A: ଆନୁଇଟୀ ଫର୍ ଲାଇଫ୍ |
| ବିକଳ୍ପ F | 1,34,250 | 2,69,250 | 5,39,500 | 26,97,500 | ବିକଳ୍ପ F: ଆନୁଇଟୀ ଫର୍ ଲାଇଫ୍ ସାଙ୍ଗକୁ କ୍ରୟ ମୂଲ୍ୟ ଫେରସ୍ତ |
| ବିକଳ୍ପ J | 1,33,750 | 2,68,250 | 5,37,500 | 26,87,500 | ବିକଳ୍ପ J: ଜଏଣ୍ଟ ଲାଇଫ୍ ଆନୁଇଟୀ ରେ ବ୍ୟବସ୍ଥା ଅନୁସାରେ ଜଣେ ବି ଆନୁଇଟାଣ୍ଟ ଜୀବିତ ଥିବା ପର୍ଯ୍ୟନ୍ତ 100% ଆନୁଇଟୀ ଦେୟ ଏବଂ ଶେଷ ବ୍ୟକ୍ତିଙ୍କ ମୃତ୍ୟୁ ପରେ କ୍ରୟ ମୂଲ୍ୟ ଫେରସ୍ତ । |

*ତଥା ନିୟମଅନୁସାରେ ପ୍ରଯୁଜ୍ୟ କର । ଅଙ୍କସବୁ ଟଙ୍କାରେ ।

ଅନ୍‌ଲାଇନ୍ ରେ ମଧ ଉପଲବ୍ଧ

ଡାଉନ୍‌ଲୋଡ୍ କରନ୍ତୁ ଏଲଆଇସି ମୋବାଇଲ ଆପ୍ "MyLIC" | ଦେଖନ୍ତୁ: licindia.in | କଲ୍ ସେଣ୍ଟର ସର୍ଭିସ (022) 6827 6827

ବିଶଦ ବିବରଣୀ ପାଇଁ, ଆପଣଙ୍କ ଏଜେଣ୍ଟ/ପାଖ ଏଲଆଇସି ଶାଖାକୁ ସମ୍ପର୍କ କରନ୍ତୁ ବା ନିଜ ସହର ନାମ ଏସ୍‌ଏମ୍‌ଏସ୍ କରନ୍ତୁ 56767474 କୁ

ଫ୍ରଡ୍ ଫୋନ କଲ୍ ଏବଂ ମିଛ/ଶଠ ଅଫର୍ ପ୍ରତି ସାବଧାନ । ଆଇଆର୍‌ଡିଏଆଇ ଇନ୍‌ସ୍ୟୋରାନ୍ସ ପଲିସୀ ବିକ୍ରୀ, ବୋନସ ଘୋଷଣା ବା ପ୍ରିମିଅମସବୁ ବିନିଯୋଗ କରିବା ଭଳି କାର୍ଯ୍ୟକଳାପରେ ସଂଶ୍ଳିଷ୍ଟ ନଥାଏ । ଏଭଳି ଫୋନ କଲ୍ ପାଇବା ବ୍ୟକ୍ତି ପୁଲିସରେ ଅଭିଯୋଗ ଦାୟର କରିବାକୁ ଅନୁରୋଧ ।
ଆପଦାବଳୀ, ସର୍ତ୍ତ ଓ ନିୟମାବଳୀ ବିଷୟକ ସବିଶେଷ ବିବରଣୀ ପାଇଁ, ବିକ୍ରୟ ସମ୍ପନ୍ନ କରିବା ପୂର୍ବରୁ ବିକ୍ରୟ ପୁସ୍ତିକା ଧ୍ୟାନପୂର୍ବକ ପଢ଼ିବାକୁ ଅନୁରୋଧ ।

ଆମକୁ ଦେଖନ୍ତୁ ଏଠାରେ: LIC India Forever
IRDAI Regn No.: 512

LIC
ଲାଇଫ ଇନ୍‌ସିଓରେନ୍ସ କର୍ପୋରେଶନ ଅଫ ଇଣ୍ଡିଆ
LIFE INSURANCE CORPORATION OF INDIA
ପ୍ରତି କ୍ଷଣ ଆପଣଙ୍କ ସାଥିରେ
LIC/PRA/20-21/06/ORI

# କାଲିମେଳାରେ ମାରଣାସ୍ତ୍ର କାରଖାନା ଠାବ

**ବିପୁଳ ପରିମାଣର ବିସ୍ଫୋରକ ସାମଗ୍ରୀ ଜବତ**

ମାଲକାନଗିରି/କାଲିମେଳା, ୨୪।୮(ଡି.ଏନ୍.ଏ.)

ମାଲକାନଗିରି ଜିଲା ପୋଲିସ କାଲିମେଳା ବ୍ଲକରେ କୋମ୍ବିଂ ଅପରେଶନ କରୁଥିବା ବେଳେ ବନ୍ଧୁକ ତିଆରି କାରଖାନା ଠାବ କରିଛି। ସେଠାରୁ ବହୁ ପରିମାଣରେ ବନ୍ଧୁକ ତିଆରି ସାମଗ୍ରୀ ସହ ବିସ୍ଫୋରକ ଜବତ କରିଛି ବୋଲି ଏସ୍‌ପି ହୃଷିକେଶ ଡି. ଖିଲାରି ଏକ ଖବରଦାତା ସମ୍ମିଳନୀରେ ପ୍ରକାଶ କରିଛନ୍ତି। ସୋମବାର ବିଏସ୍‌ଏଫ୍ ୭୬ ବାଟାଲିୟନ ଓ ଡିଭିଏଫ୍ ପକ୍ଷରୁ କାଲିମେଳା ବ୍ଲକର ମାଓବାଦୀ ପ୍ରଭାବିତ କୁରୁବ୍, ସୁଧାକୋଣ୍ଡା ଓ ଏଲ୍କାନୁର ଜଙ୍ଗଲରେ କୋମ୍ବିଂ ଅପରେଶନ କରୁଥିଲେ। ଏହି ସମୟରେ ଜଙ୍ଗଲ ଭିତରେ ମାଓବାଦୀଙ୍କ ଦ୍ୱାରା ଏକ ଡମ୍ପର ଲୁଚାଇ ରଖାଯାଇଥିବା ପୋଲିସ ନିକଟରେ ସୂଚନା ପହଞ୍ଚିଥିଲା। ପରେ ଏହି ଡମ୍ପରକୁ ପୋଲିସ ଠାବକରି ଯାଞ୍ଚ କରିଥିଲା। ସେଥିରୁ ବ୍ୟାପକ ପରିମାଣରେ ବିସ୍ଫୋରକ ଓ ବନ୍ଧୁକ ତିଆରି ସାମଗ୍ରୀ ମିଳିଥିଲା। ୧୨ ବୋର୍ ବନ୍ଧୁକର ଗୁଳି, ଗୁଳି ତିଆରି ସାମଗ୍ରୀ ଓ ଖୋଳ, ୯୩ ଡିଟୋନେଟର, ୨ଟି ଗ୍ୟାସ୍ ସିଲିଣ୍ଡର, ଗୁଳି ତିଆରିରେ ବ୍ୟବହୃତ ହେବାକୁ ଥିବା ଲେଦ୍ ମେଶିନ, ଲୁହା ଯୋଡ଼ା ସାମଗ୍ରୀ, ମାଓବାଦୀଙ୍କ ସାହିତ୍ୟ ପୁସ୍ତକ ଏବଂ ଅନ୍ୟାନ୍ୟ ସାମଗ୍ରୀ ପୋଲିସ ଜବତ କରିଛି। ପୋଲିସ ବାହିନୀ ଉପରେ ଆକ୍ରମଣ କରିବାକୁ ଏହି ବନ୍ଧୁକ ତିଆରି କାରଖାନା ନିର୍ମାଣ ଲାଗି ଲାଲବାହିନୀ ଯୋଜନା କରୁଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି ବୋଲି ଏସ୍‌ପି ଖିଲାର କହିଛନ୍ତି।



ଜବତ ବିସ୍ଫୋରକ ସାମଗ୍ରୀ।

ବିଶ୍ୱବ୍ରହ୍ମାଣ୍ଡର ସୃଷ୍ଟି କ୍ରମରେ ମଣିଷ ଶେଷ ସୃଷ୍ଟି ନୁହେଁ। କ୍ରମବିକାଶ ଗତି କରି ଚାଲିଛି। ଏବଂ ମନୁଷ୍ୟକୁ ଅତିକ୍ରମ କରି ଏହା ଆଗକୁ ଆଗକୁ ଚାଲିବ। ବର୍ତ୍ତମାନ ପ୍ରତ୍ୟେକ ମଣିଷ ନିଜେ ସ୍ଥିର କରିନେଉ ଯେ, ସେ ଏହି ନୂତନ ଜାତିର (ଅତିମାନବ) ଅଭ୍ୟୁଦୟ ପାଇଁ ଦୁଃସାହସିକ ଅଭିଯାନରେ ଭାଗ ନେବ କି ନାହିଁ। -ଶ୍ରୀମା

# ମୁଣ୍ଡକୁ ଉଠିବ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ୧୩ ଅଗଷ୍ଟରେ ନୂଆ ଟିକସ ସଂସ୍କାର 'ଫେସଲେସ୍ ଟାକ୍ସ ଆସେସ୍‌ମେଣ୍ଟ ଆଣ୍ଡ ଅପିଲ୍'କୁ ଶୁଭାରମ୍ଭ କରିଥିଲେ। ସେତିକିବେଳେ ସେ କହିଥିଲେ ଯେ, ଦେଶର ମାତ୍ର ୧.୫ କୋଟି ଲୋକ ପ୍ରକୃତପକ୍ଷେ ଆୟକର ଦେଉଛନ୍ତି। କିନ୍ତୁ ଖାତାରେ କରଦାତାଙ୍କ ସଂଖ୍ୟା ୭.୫ କୋଟି ଅଛି। ୧୩୦ କୋଟି ଲୋକସଂଖ୍ୟା ବିଶିଷ୍ଟ ଦେଶରେ ଦେଢ଼ କୋଟି ବ୍ୟକ୍ତି କର ଦେବା ନିଶ୍ଚିତ ଭାବେ ନଗଣ୍ୟ। ଅପରପକ୍ଷରେ ଆୟକର ଦେଉଥିବା ବ୍ୟକ୍ତି ଯେ କେବଳ ଟିକସ ଦେଉଛନ୍ତି, ତାହା ନୁହେଁ; ଦେଶର ପ୍ରତ୍ୟେକ ନାଗରିକ ପରୋକ୍ଷ ଭାବେ ବିଭିନ୍ନ ପ୍ରକାର ଟିକସ ଦେଇଚାଲିଛନ୍ତି। ସେସବୁକୁ ହିସାବ କଲେ ସରକାର ବିଭିନ୍ନ ଉପାୟରେ ରାଜସ୍ୱ ଆଦାୟ କରୁଛନ୍ତି। ସମ୍ଭବତଃ ଭାରତରେ ଏଭଳି କୌଣସି ଜୀବିତ ମଣିଷ ନ ଥିବ ଯିଏ ପ୍ରତ୍ୟେକ ଦିନ କୌଣସି ଗୋଟିଏ ସାମଗ୍ରୀ ପାଇଁ ଟିକସ ଦେଉ ନ ଥିବ।

ଆଜିର ସ୍ଥିତିକୁ ଦେଖିଲେ ତୈଳ ବିପଣନ କମ୍ପାନୀଗୁଡ଼ିକ ପେଟ୍ରୋଲ ଓ ଡିଜେଲ ଦର ଲଗାତର ବଢ଼ାଇ ଚାଲିଛନ୍ତି। ଗତ ୯ ଦିନରେ ୮ ଥର ପେଟ୍ରୋଲ ବଢ଼ି ରେକର୍ଡ କରିଛି। ୨୪ ଅଗଷ୍ଟରେ ପେଟ୍ରୋଲ ଲିଟର ପିଛା ପୁଣି ୧୩ ପଇସା ବୃଦ୍ଧି ପାଇଛି। ଫଳରେ ଭୁବନେଶ୍ୱରରେ ପେଟ୍ରୋଲ ଲିଟର ପିଛା ୮୨ ଟଙ୍କା ୧୭ ପଇସାରେ ପହଞ୍ଚିଛି। ଡିଜେଲ ଦର ଅପରିବର୍ତ୍ତିତ ୮୦ ଟଙ୍କା ୩ ପଇସା ଅଛି। ପେଟ୍ରୋଲ ଦର କ୍ରମାଗତ ବଢ଼ିଚାଲୁଥିଲେ ମଧ୍ୟ କେହି ସେହି ପ୍ରସଙ୍ଗରେ ପ୍ରଶ୍ନ ଉଠାଉ ନାହାନ୍ତି କି ପାଟି ଖୋଲୁନାହାନ୍ତି। ଯେଉଁମାନେ ନୀରବ ରହୁଛନ୍ତି ସେମାନଙ୍କ ମନରେ କ୍ରୋଧ ଜାତ ହେଉଥିଲେ ମଧ୍ୟ କିଛି କହିବାକୁ ଭୟ କରୁଛନ୍ତି। ଏତିକିରେ ଜନସାଧାରଣଙ୍କ ଦୁଃଖ ସରୁନାହିଁ। ରୋଡ୍ ଟିକସ, ଗାଡ଼ି ପଞ୍ଜୀକରଣ ଲାଗି ଦେୟ ଦେବାକୁ ପଡୁଛି। ପୁଣି ବିଭିନ୍ନ ଟୋଲ ଗେଟ୍‌ରେ ଦୀର୍ଘଦିନ ଧରି ଅର୍ଥ ଆଦାୟ କରାଯାଉଛି। ଏସବୁସହିତ କିଣାଯାଉଥିବା ପ୍ରତ୍ୟେକ ଲିଟର ପେଟ୍ରୋଲ ଓ ଡିଜେଲରେ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ପକ୍ଷରୁ ବିଭିନ୍ନ ପ୍ରକାର ସେସ୍ ଆଦାୟ କରାଯାଉଛି। ଯେମିତି ସବୁଆଡ଼ୁ ଜନସାଧାରଣଙ୍କୁ ଶୋଷି ଚାଲ ବୋଲି ଏକ ଅଘୋଷିତ ନିର୍ଦ୍ଦେଶ କାମ କଲା ଭଳି ମନେ ହେଲାଣି। ତେଲ ଦର କାହିଁକି ବଢୁଛି ବୋଲି ପ୍ରଶ୍ନ ହେଲେ ସରକାରୀ ଉତ୍ତର ମିଳିଥାଏ-ଅନ୍ତର୍ଜାତୀୟ ସ୍ତରରେ ଅଶୋଧିତ ତେଲ ଦର ବଢୁଥିବାରୁ ଏହାର ପ୍ରଭାବ ପେଟ୍ରୋଲ ଓ ଡିଜେଲ ଉପରେ ପଡ଼ିଛି। ଏଥିରୁ ଲୋକେ କ'ଣ ବୁଝନ୍ତି କେଜାଣି କିଛି ପ୍ରତିବାଦ କରନ୍ତି ନାହିଁ। ଅନ୍ୟପକ୍ଷରେ ସରକାରଙ୍କ ପାଇଁ କମ୍ପାନୀ ସ୍ୱାର୍ଥ ସର୍ବାଗ୍ରେ ରହିଆସୁଛି। କେନ୍ଦ୍ର ସରକାର ବେପାରୀଙ୍କ ସ୍ୱାର୍ଥ ପାଇଁ ଯେଉଁଭଳି ଯୁକ୍ତି ସାଇତି ରଖିଥାଆନ୍ତି, ସାଧାରଣ ଲୋକଙ୍କ ସପକ୍ଷରେ କିଛି କହି ନ ଥାନ୍ତି। ସମସ୍ତେ ଜାଣନ୍ତି ଯେ, ପେଟ୍ରୋଲ ଓ ଡିଜେଲ ଦର ବଢ଼ିଲେ ସାମଗ୍ରୀଗୁଡ଼ିକର ପରିବହନ ଖର୍ଚ୍ଚ ବହୁଗୁଣ ବୃଦ୍ଧିପାଏ, ଯଦ୍ଦ୍ୱାରା ଅତ୍ୟାବଶ୍ୟକ ଦ୍ରବ୍ୟର ମୂଲ୍ୟ ବଢ଼ିଚାଲେ। ବର୍ତ୍ତମାନର କରୋନା ସମୟରେ ଲୋକେ ହନ୍ତସନ୍ତ ହେଉଥିବା ବେଳେ ତେଲ ଦର ବଢ଼ିଚାଲିବା 'ବୋଝ ଉପରେ ନଳିତା ବିଡ଼ା' ସଦୃଶ।

ଆଜିର କେନ୍ଦ୍ର ସରକାର କରୋନା ସମୟରେ ଆର୍ଥିକ ବୋଝରେ ନଇଁଯାଇ ରାଷ୍ଟ୍ରାୟତ୍ତ ଉଦ୍ୟୋଗଗୁଡ଼ିକର ଅଂଶଧନ ବିକ୍ରି କରିବାରେ ବ୍ୟସ୍ତ। ଦେଶର ଅନେକ ବିମାନବନ୍ଦରକୁ ଆଦାନୀ ଭଳି ଘରୋଇ ସଂସ୍ଥା ହାତରେ ଟେକି ଦିଆଯାଉଛି। ହେଲେ କରୋନା ସମୟରେ ତେଲ ଦର ବଢ଼ିବା ଯୋଗୁ ଜିନିଷର ମୂଲ୍ୟ ବୃଦ୍ଧି ଲୋକଙ୍କୁ ବାଧୁଥିଲେ ମଧ୍ୟ ସରକାର ଦୃଷ୍ଟି ନ ଦେବା ଏକ ଜନମଙ୍ଗଳ ରାଷ୍ଟ୍ରର ପ୍ରଶାସନ ତା'ର ଦାୟିତ୍ୱ ଭୁଲିଯାଉଛି ବୋଲି କହିବାକୁ ହେବ? ସମ୍ବିଧାନର ଅନୁଚ୍ଛେଦ ୩୭୦ ଉଚ୍ଛେଦଠାରୁ ରାମ ମନ୍ଦିର ଲାଗି ଭୂମିପୂଜନ ଯେତେଗୁଡ଼ିଏ କାର୍ଯ୍ୟ ଲାଗି କେନ୍ଦ୍ର ସରକାର ବିଜୟ ଶିରପା ମୁଣ୍ଡାଇ ଥାଆନ୍ତୁ ନା କାହିଁକି ସାଧାରଣ ଲୋକଙ୍କ ଜୀବିକା ସୁରକ୍ଷିତ କରି ଜୀବନ ସହଜ ନ ହେଲେ ଆଗକୁ ପରିସ୍ଥିତି ଭିନ୍ନ ମୋଡ଼ ନେବାର ଆଶଙ୍କା ରହିଛି। ଆଜିର କ୍ଷମତାସୀନ ବ୍ୟକ୍ତି ଭୁଲିଯିବା ଉଚିତ ନୁହେଁ ଯେ ଭାରତ ଏକ ସହନଶୀଳ ରାଷ୍ଟ୍ର। କରୋନା ସହିତ ସରକାରୀ ବ୍ୟବସ୍ଥାକୁ ଭୟ କରି ସାଧାରଣ ନାଗରିକ ଆଜି ନୀରବ ରହିଯାଇପାରେ। କିନ୍ତୁ ଅର୍ଥନୀତିର ମାଡ଼ ଯେଉଁଭଳି ଭାବେ ପେଟକୁ ବାଧିଲାଣି ତାହାର କ୍ରୋଧ ଏହି ଭାରତୀୟଙ୍କ ମୁଣ୍ଡକୁ ଉଠିବାକୁ ସମୟ ଲାଗିପାରେ, କିନ୍ତୁ ସେମାନେ ଭୁଲିଯିବେ ନାହିଁ।

## ୨୫ ବର୍ଷ ତଳର ଧରିତ୍ରୀ

୨୫ ଅଗଷ୍ଟ ୧୯୯୫

- ଚାଇନା ଜନ୍ମିତ ଆମେରିକୀୟ ମାନବାଧିକାର କର୍ମକର୍ତ୍ତା ହାରୀ ଇଙ୍କୁ ଚାଇନାର ଏକ କୋର୍ଟ ୧୫ ବର୍ଷର ଜେଲ୍‌ଦଣ୍ଡରେ ଦଣ୍ଡିତ କରିବା ସହ ଗୁପ୍ତଚର କାର୍ଯ୍ୟରେ ଲିପ୍ତଥିବା ଯୋଗୁ ଦେଶରୁ ବହିଷ୍କାର ପାଇଁ ରାୟ ଦେଇଛନ୍ତି।
- ମୋହାଜୀର କ୍ୱାମୀ ଆନ୍ଦୋଳନ ପକ୍ଷରୁ ଡାକରା ଦିଆଯାଇଥିବା ଧର୍ମଘଟରେ କରାଚୀ ଓ ହାଇଦ୍ରାବାଦରେ ହିଂସାକାଣ୍ଡ ଘଟି ୧୧ ଜଣ ବ୍ୟକ୍ତି ପ୍ରାଣ ହରାଇଛନ୍ତି।
- ଏକ ଜାତୀୟ ପର୍ଯ୍ୟଟନ ନୀତି ପ୍ରସ୍ତୁତ କରିବା ଏବଂ ଏହାର ଦେଖାଶୁଣା କରିବା ପାଇଁ କେନ୍ଦ୍ର ସରକାର କ୍ୟାବିନେଟ୍ ସ୍ତରୀୟ ଏକ ସବ୍‌କମିଟି ଗଠନ କରିବାକୁ ଘୋଷଣା କରିଛନ୍ତି।

## su | do | ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | A | | | | | 8 | | 2 | 1 | | 6 | | | 5 |
| 8 | C | | | 2 | | 5 | | | A | | 3 | | 9 | 0 |
| | 3 | 9 | | | | | | | | | 5 | B | | |
| | | | | 0 | | | 4 | A | | | | | 2 | 6 |
| | 2 | | 8 | | | B | | | | | E | A | | |
| | | | | 8 | | C | | | | 1 | | | 4 | |
| | | 0 | 4 | | D | | A | E | | | | | 7 | |
| | | 7 | 5 | | 9 | | | D | | 0 | 8 | | | |
| C | | | | A | B | 2 | | | | D | | | | |
| 1 | 9 | | | E | 2 | | 5 | B | | | | | 0 | |
| | | 6 | | | | 9 | C | 3 | | | 4 | E | | D |
| 9 | | 5 | | 4 | | | | | | 7 | | C | | 8 |
| | | B | | 5 | 7 | | | | | | | | A | |
| | | | C | | 0 | | 8 | | | | D | | 1 | 4 |
| | 4 | | | | | | 0 | 1 | | | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 1 | 7 | C | A | D | E | 3 | 9 | 8 | 4 | 2 | 5 | B | 6 | 0 |
| 4 | E | 5 | 8 | 6 | 0 | 1 | D | 2 | 3 | B | C | A | 7 | 9 |
| D | A | 0 | 7 | 9 | 4 | C | E | B | 6 | 1 | 8 | 5 | 3 | 2 |
| 2 | 6 | 8 | B | 1 | 3 | 5 | 4 | 0 | 9 | A | 7 | E | C | D |
| 3 | B | 9 | C | 5 | 2 | 6 | A | 7 | D | 0 | E | 8 | 1 | 4 |
| 7 | 1 | 3 | D | 0 | 6 | E | 8 | 4 | 5 | C | 2 | 9 | B | A |
| E | 0 | 2 | 9 | A | 1 | B | 6 | D | 8 | 7 | 3 | C | 4 | 5 |
| 9 | 8 | 4 | 2 | B | 5 | 7 | C | A | 1 | E | 6 | 0 | D | 3 |
| C | D | 6 | 3 | 7 | 8 | 0 | 5 | 9 | B | 4 | A | 1 | 2 | E |
| B | 5 | A | 4 | E | C | 2 | 1 | 3 | 0 | D | 9 | 6 | 8 | 7 |
| 8 | 4 | 1 | 0 | C | A | 9 | 2 | 5 | 7 | 3 | B | D | E | 6 |
| 0 | 9 | E | 6 | 4 | B | A | 7 | C | 2 | 8 | D | 3 | 5 | 1 |
| A | 2 | D | 5 | 3 | 9 | 8 | B | 1 | E | 6 | 4 | 7 | 0 | C |
| 5 | 3 | 7 | E | 8 | D | 4 | 0 | 6 | C | 9 | 1 | 2 | A | B |
| 6 | C | B | 1 | 2 | 7 | D | 3 | E | A | 5 | 0 | 4 | 9 | 8 |

ଗତକାଲିର ଉତ୍ତର



# ଜୀବନ ଓ ଜୀବିକା କିଏ ଆଗ

ସହଦେବ ସାହୁ

ଜୀବିକା ଆଗ ନା ଜୀବନ ଆଗ- ଏମିତି ପ୍ରଶ୍ନ କରିବା ବେଳେ ମହାମାରୀ ସମୟର ଅର୍ଥନୀତି (ପାଣ୍ଡେମିକ ଇକନମିକ୍ସ) ବୁଝିବାର ଠିକ୍ ମାର୍ଗରେ ଚାଲିବା ଦରକାର। ଏ ଦ୍ୱନ୍ଦ୍ୱ କିପରି ଆସୁଛି ଦେଖନ୍ତୁ। ବଞ୍ଚିଲେ ତ ରୋଜଗାର କଥା ଚିନ୍ତା କରିବା, ମରିବାକୁ ଅପେକ୍ଷା କରିଥିବା ଲୋକର ଖାଇବା ଚିନ୍ତା ଆସିବ କି? ଏକଲା ଥିବା ବ୍ୟକ୍ତିଟିଏ ଜୀବନ ଚାହେଁ, ବଞ୍ଚିବାକୁ ଚାହେଁ, ତା' ପରେ ରୋଜଗାର ବା ଜୀବିକା ଅର୍ଜନ କରିବାକୁ ଯିବ। ପରିବାର ଗଢ଼ିଥିବା ଲୋକ ଆଗରେ କୁଟୁମ୍ବଙ୍କୁ ସମ୍ଭାଳିବା ଚିନ୍ତା, ଆୟର ମାର୍ଗ ବନ୍ଦ ହୋଇଗଲେ କୁଟୁମ୍ବମାନେ ଭୋକଉପାସରେ ମରିଯିବେ ଯେ! ଏ ଚିନ୍ତା ରୋଜଗାରକ୍ଷମ କର୍ତ୍ତା ବା ଅଭିଭାବକକୁ ଜୀବନମୂର୍ଚ୍ଛା କାମଧନ୍ଦା କରିବାକୁ ଠେଲିଦିଏ। ଏବେ ପାଠକମାନେ ଶୁଣୁଥିବେ, କେତେକ ଲୋକ ପଚାରୁଛନ୍ତି ଅନ୍ୟ ରାଜ୍ୟରୁ ଲୋକ ଫେରାଇ ନ ଆଣି ସେମାନେ କାମଧନ୍ଦା କରୁଥିବା ସ୍ଥାନରେ ଛାଡ଼ିଦେବା ଉଚିତ ଥିଲା ନାହିଁ କି? ଏବେ ତ ପ୍ରବାସୀ କର୍ମଜୀବୀମାନେ ସେମାନଙ୍କ କର୍ମସ୍ଥଳକୁ ଫେରିବାକୁ ଲାଗିଲେଣି, କରୋନା ଭୟ କମି ନ ଥିଲେ ବି। ତା' ହେଲେ ଜୀବିକା ଆଗ।

ଜନମଙ୍ଗଳ ରାଷ୍ଟ୍ର ଧାରଣା ନ ଥିଲା ବେଳେ ଏ କଥା ସମ୍ଭବ ଥିଲା, କିନ୍ତୁ ଯେଉଁ ସମୟରେ ସରକାର ମା' ପେଟରୁ ମଶାଣି ପର୍ଯ୍ୟନ୍ତ ନାଗରିକର ମଙ୍ଗଳ-ଯୋଜନା କରୁଛନ୍ତି ସେ ସମୟରେ ସବୁ କାମ ତ ବଞ୍ଚେଇରଖିବା ପାଇଁ, ସୁସ୍ଥରେ ରହିବା ପାଇଁ। ନଚେତ୍ କରୋନା ଭାଇରସ ଦୁନିଆଟାକୁ ଘେରିଗଲା ବେଳେ ଡାକ୍ତରୀ ବ୍ୟବସ୍ଥାକୁ ଛିନ୍ ଭିନ୍ କରିଦେଲା, ଲକ୍ଷ ଲକ୍ଷ ଲୋକଙ୍କୁ ଶ୍ମଶାନକୁ ପଠାଇ ଦେଲା। ଲୋକେ ଦ୍ୱାର ବନ୍ଦ କରି ଘର ଭିତରେ ରହି ରହି ଥକ୍କା ହୋଇଗଲେଣି, ଅର୍ଥନୈତିକ କାରବାର ଠପ୍ ହୋଇଯିବାରୁ ରୋଗ ଆଗରେ ମଣିଷର ମୂଲ୍ୟ କମି କମି ଯାଉଛି। ଆହୁରି ଖରାପ କଥା ଯେ ଧୈର୍ଯ୍ୟଚ୍ୟୁତି ବି ଭ୍ରାନ୍ତ ଧାରଣାକୁ ଖୋରାକ ଯୋଗାଉଛି – ତେଣୁ ପ୍ରଶ୍ନ ହେଉଛି କାମଧନ୍ଦା (ଇକନମିକ ଆକ୍ଟିଭିଟି) ଚାଲୁ ନ କଲେ କୋଟି କୋଟି ଲୋକ ଉପାସରେ ରହିବେ, ପୁଣି କେତେ ଦିନ? କୋଟି କୋଟି ଲୋକ ଭୋକରେ ରହୁଥିବା ବେଳେ କେଇ ହଜାର ଲୋକଙ୍କୁ ସଂକ୍ରମଣରୁ ବଞ୍ଚାଇବା ପାଇଁ କାମଧନ୍ଦା ସବୁ ବନ୍ଦ କରିଦେବ?

ମହାମାରୀର ଇକନମିକ ସେମିତି କାମ କରେ ନାହିଁ। ଲୋକଙ୍କ ସ୍ୱାସ୍ଥ୍ୟ ମୂଳ ଲକ୍ଷ୍ୟ ନ ହେଲେ ଅର୍ଥନୈତିକ ପୁନରୁତ୍ଥାନ (ଇକନମିକ ରିକଭରି) ଅସମ୍ଭବ। ଖାଉଟି ରୋଗରେ ପଡ଼ିଥିଲେ ବା ରୋଗଭୟରେ ଘରେ ରହିଥିଲେ ଦୋକାନ ବଜାରକୁ ଯିବ ନାହିଁ। ଯେଉଁମାନେ ସମାଲୋଚନା କରୁଛନ୍ତି ସେମାନେ ବାହାରକୁ ବାହାରିବାକୁ ଡରୁନାହାନ୍ତି କି? ନିରାପତ୍ତା ବ୍ୟକ୍ତିଗତ ହୋଇପଡ଼ିଲେ ଦୋକାନବଜାରକୁ ଲୋକେ ଯିବେ ନାହିଁ, କିଣାକିଣି ବନ୍ଦ ହୋଇଗଲେ ସାମଗ୍ରୀ ଉତ୍ପାଦନ ଦରକାର ହେବ ନାହିଁ, ତେଣୁ କଳକାରଖାନା ବନ୍ଦ ହେବ। ପ୍ରତ୍ୟେକ ବ୍ୟକ୍ତିର ନିରାପତ୍ତା ଧାରଣା ଉପରେ ନିର୍ଭର କରେ ଖାଉଟି କାରବାର ଓ ବେପାର ଚାଲିବ କି ନାହିଁ। ଭାଇରସ ଭୟରେ ଲୋକେ ଦୋକାନକୁ ଯିବେନାହିଁ, ବୁଲିବାକୁ ବାହାରିବେ ନାହିଁ ଆଉ ପଦାରେ ଭୋଜନ କରିବାକୁ ଯିବେ ନାହିଁ। ପୁଣି ଏଆଡ଼େ କେହି ବାହାରକୁ ଯିବ ନାହିଁ (ସୋସିଆଲ ଡିଷ୍ଟାନ୍ସିଂ ମାନିବ) ତ ସେଆଡ଼େ ହୋଟେଲ ଖୋଲ ବୋଲି କହିଲେ ବି ହୋଟେଲ କେମିତି ଚାଲିବ? ଲକ୍‌ଡାଉନ୍ ଥାଉ କି ନ ଥାଉ ସୋସିଆଲ୍ ଡିଷ୍ଟାନ୍ସିଂ ତ ରହିବ, ତାକୁ ଯଦି ରଖିବା ଇକନମିକ୍ ରିକଭରି କେମିତି ହେବ? ଦୁଇ ମିଟର ଛାଡ଼ି ଚଲାବୁଲା କରିବା ବା ସେତିକି ଦୂରରୁ କଥା କହିବା କୋଉ ବ୍ୟବସାୟକୁ ଆଗେଇନେବ? ବ୍ୟକ୍ତିର ନିରାପତ୍ତା ବା ସୁସ୍ଥତା ଯଦି ତାକୁ ଛୁଆଁଛୁଇଁ କରିବାକୁ ମନା କରିବ, ତେବେ ସେ ସାମଗ୍ରୀ ବାଛିବ କିପରି ବା ସେବା ପାଇବ କିପରି। ତା' ମାନେ ସେ ଇକନମିକ୍ ବଢ଼ାଇବାରେ ବାଧକ ସାଜିବ।

ସୁତରାଂ ଗୋଟି ଗୋଟିକିଆ ଲୋକର ସ୍ୱାସ୍ଥ୍ୟକୁ ନ ଜଗି ବଜାର ବା ଇକନମି ପାଇଁ ଲୋକଙ୍କୁ ଛାଡ଼ିଦେଲେ ଆମେ ବେଶି ଲୋକଙ୍କୁ ମୃତ୍ୟୁ ମୁହଁକୁ ଟାଣିନେବା ଓ ତାହାର ଫଳ ହେବ ପରିବାରଗୁଡ଼ିକୁ ଅକଥନୀୟ ଆର୍ଥିକ ଦୁର୍ଗତିରେ ପକାଇଦେବା। କେବଳ ଆମେରିକାରେ ନୁହେଁ ଆମ ଦେଶରେ ବି ଗରାଖଙ୍କ ଖର୍ଚ୍ଚ ଅର୍ଥନୈତିକ ଅଭିବୃଦ୍ଧି ଆଣିବାରେ ସବୁଠୁ ବଡ଼ ଭାଗ ନେଇଥାଏ। ବଜାର ଧୀରେ ଧୀରେ ବା ଖଣ୍ଡ ଖଣ୍ଡ କରି ଖୋଲିଲେ ଅର୍ଥନୈତିକ ଅଭିବୃଦ୍ଧି ଆଶାନୁରୂପ ହେବ ନାହିଁ। ସାମାଜିକ ଦୂରତା ଓ ତୁଣ୍ଡି ପିନ୍ଧା ନ ମାନି ଯେଉଁ ଦେଶମାନେ ଅର୍ଥନୈତିକ କାର୍ଯ୍ୟକଳାପ ଚାଲୁ ରଖିଥିଲେ ସେମାନେ ପରବର୍ତ୍ତୀ କାଳରେ ମୃତ୍ୟୁହାର ଅଧିକ ହେବାର ଦେଖିଛନ୍ତି, କାରଣ ନୂଆ ସଂକ୍ରମଣ ବ୍ୟାପିଥିଲା, ମୃତ୍ୟୁହାର ବଢ଼ିଥିଲା, ବହୁଦିନ ପାଇଁ ଅର୍ଥନୈତିକ କାରବାର ବିପର୍ଯ୍ୟସ୍ତ ହୋଇଥିଲା। ଯଦି କାମିକା ଲୋକଟା ମରିଗଲା ପରିବାର ଚଳିବ କିପରି, ଜୀବନ ରହିବ କିପରି? ତେଣୁ ଜୀବନ ରକ୍ଷା ଜୀବିକା ରକ୍ଷାର ପରିପନ୍ଥୀ ନୁହେଁ, ବରଂ ସହାୟକ ହୋଇଥାଏ।

ଜୀବନ ରକ୍ଷା ଲାଗି ଆବଶ୍ୟକ ପ୍ରବଳ ସରକାରୀ ଖର୍ଚ୍ଚ, ଜନସ୍ୱାସ୍ଥ୍ୟ ଓ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଉପସ୍ଥିତ ଓ ଭବିଷ୍ୟତ ଆବଶ୍ୟକତା ପୂରଣ କରିବା ପାଇଁ। ଲକ୍ଷ୍ୟ ହେଉଛି ଭାଇରସ ସଂକ୍ରମଣକୁ ରୋକିବା, ସ୍ୱାସ୍ଥ୍ୟକର୍ମୀମାନଙ୍କୁ ରକ୍ଷା କରିବା, ହଠାତ୍ ଦରକାର ସ୍ଥଳରେ ହେଲ୍‌ଥ କାପାସିଟି ଅର୍ଥାତ୍ ସ୍ୱାସ୍ଥ୍ୟସେବା-ସାମର୍ଥ୍ୟକୁ ପ୍ରବଳ ଭାବରେ ବଢ଼ାଇପାରିବା, ଅବଶ୍ୟ ବର୍ତ୍ତମାନର ଅଣ-କୋଭିଡ୍-୧୯ ଆଦି ରୋଗବୈରାଗର ସ୍ୱାସ୍ଥ୍ୟ ଯତ୍ନ ଆଦିକୁ ଚାଲୁରଖି। ଟିକା ତ ସୁସ୍ଥ ଲୋକଙ୍କ ପାଇଁ, ରୋଗର ଔଷଧ ନୁହେଁ। କୋଭିଡ୍-୧୯ ଛଡ଼ା ଅନ୍ୟ ଗୁରୁତର ରୋଗର ଚିକିତ୍ସା, ପ୍ରାଣରକ୍ଷାକାରୀ ପ୍ରକ୍ରିୟା ତଥା ଚିକିତ୍ସା ବ୍ୟବସ୍ଥା ଭଳି ପ୍ରାଥମିକ ଯତ୍ନ ପାଇଁ ଅଧିକ ଖର୍ଚ୍ଚ ଅପେକ୍ଷା କରିପାରେ, ଯଥା ସମୟରେ କରାଯାଇପାରେ। ଏବେ ଫୋକସ୍ ବା ଧ୍ୟାନର କେନ୍ଦ୍ରବିନ୍ଦୁ ହେବ ଯେ କୌଣସି କାରଣରୁ ମୃତ୍ୟୁକୁ ରୋକିବା- କେବଳ କୋଭିଡ୍-୧୯ କାରଣରୁ ନୁହେଁ, ଅନ୍ୟ କାରଣରୁ ମଧ୍ୟ। ତା' ମାନେ ଅଣକୋଭିଡ୍-୧୯ ଚିକିତ୍ସା ବି ବଢ଼ିବା କଥା।

କୋଭିଡ୍-୧୯ ଚାରିଆଡ଼େ ବ୍ୟାପୁଥିଲା ବେଳେ ଘରଭିତରେ ରହିବା ଭଳି ଜୀବିକାକୁ ବାଧା ଦେଉଥିବା କଟକଣା ରୋଗ ବ୍ୟାପିବାର ପ୍ରବଳତାକୁ କମାଇପାରେ। ଲକ୍‌ଡାଉନ୍ ଏକ ବଳଦିଆ ଅସ୍ତ୍ର ହୋଇପାରେ କିନ୍ତୁ ବଡ଼ ପ୍ରଭାବୀ ଅସ୍ତ୍ର, ଚାରୋଟି ଅଭ୍ୟାସକୁ ଆପଣେଇଲେ ଲୋକେ ସଂକ୍ରମଣ କବଳରୁ ଖସିଯାଇପାରିବେ: ସୁଦୂରପ୍ରସାରୀ ଟେଷ୍ଟିଂ, ସଂକ୍ରମିତ ଲୋକକୁ ଏକୁଟିଆ ରଖିବା, ସଂକ୍ରମିତ ଜଣାପଡ଼ିବା କ୍ଷଣି ତା' ସହିତ ମିଶିଥିବା ଲୋକମାନଙ୍କୁ ଖୋଜି ବାହାର କରିବା ଓ ସେମାନଙ୍କୁ ଆଇସୋଲେଶନ୍‌ରେ (ଏକୁଟିଆ) ରଖିବା, ସଂକ୍ରମିତ ହୋଇଥିଲେ କ୍ୱାରାଣ୍ଟାଇନ୍‌ରେ (କାହା ସାଙ୍ଗରେ ନ ମିଶିବା) ରଖିବା। ଏ ସବୁ କାମ ପାଇଁ ବହୁତ ଟଙ୍କା-ବଳ ଓ ମଣିଷ-ବଳ ଦରକାର। ଟଙ୍କା ଥିଲେ ବି ଏତେ ଲୋକ (ସେବକ ସେବିକା) କାହାନ୍ତି? ସେମାନେ ମଧ୍ୟ ତାଲିମ ପାଇଥିବା ଦରକାର, ତାହା ତ ସମୟ ଦରକାର କରେ। ଖୋଜିବାହାର କରିବା (ଟ୍ରେସିଂ) ବେଳେ ଲୋକଟିର ଜୋତା ଚମଡ଼ା କାହା କାହା ସଂସ୍ପର୍ଶରେ ଆସିଛି ତାହା ବି ଦେଖିବାକୁ ପଡ଼ିବ। ଯେତେ ଶୀଘ୍ର ସଙ୍ଗହୀନ (ଡିଷ୍ଟାନ୍ସିଂ) କରିହେବ ସେତେ ଭଲ, ନ ହେଲେ ସଂକ୍ରମଣ ବାପିଯାଇଥିବ। ଏଥିରେ ଅଳ୍ପ ସମୟରେ ବେଶି ଲୋକଙ୍କ ପରୀକ୍ଷା ଦରକାର, ତେଣୁ ବୈଷୟିକ ଜ୍ଞାନପ୍ରାପ୍ତ ଲୋକ (ଟେକ୍ନିସିଆନ୍) ଦରକାର, ଆଉ ଟଙ୍କା ଦରକାର। ପୁଣି ଲୋକର ଗୋପନୀୟତା (ସିକ୍ରେସି) ରଖିବାକୁ ପଡ଼ିବ। ଖାଲି ଟ୍ରେସିଂ କରିଦେଲେ ସରିଯାଏ ନାହିଁ। କଳ କାରଖାନାରେ କାମ କି ମାଛମାଂସ ବଜାରରେ ବା ଗୋଦାମରେ କିଣାକିଣି, ବସରେ ଡ୍ରାଇଭର ବା କଣ୍ଡକ୍ଟର କାମ କରିବା ଭଳି ଜାଗାରେ ଲୋକ ଲୋକ ଭିତରେ ଦୂରତା ରଖିବା ବ୍ୟବସ୍ଥା କରାଯିବା କଥା। କାର୍ଯ୍ୟସ୍ଥଳକୁ ବାରମ୍ବାର ଡିସ୍‌ଇନ୍‌ଫେକ୍ସନ୍ କରାଇବା, କାମ କରୁଥିବା ଲୋକ ଲୋକ ଭିତରେ ବାଡ଼ ବା ପଟା ବସାଇବା, ପ୍ରତି ଜାଗାରେ ସାନିଟାଇଜର୍ ଲଗାଇଥିବା ବ୍ୟବସ୍ଥା ସମ୍ପୃକ୍ତ କମ୍ପାନୀ ବା ଠିକାଦାର ବା ଅଫିସ୍ କରିବାକୁ ପଡ଼ିବ। ସରକାରଙ୍କ ପବ୍ଲିକ୍ ହେଲ୍‌ଥ ଓ ସାନିଟେସନ୍ ଭଳି ଜନସ୍ୱାସ୍ଥ୍ୟ ବ୍ୟବସ୍ଥାରେ ପ୍ରବଳ ଖର୍ଚ୍ଚ କଲା ପରେ ଏବଂ ଲୋକେ ମାସ୍କ-ପିନ୍ଧାକୁ ପୋଷାକର ଅଂଶ ବୋଲି ଗ୍ରହଣ କରିନେଲା ପରେ ଜୀବିକା ଅର୍ଜନ ବାଟ ଖୋଲିଯିବ। ରୋଗ କି ସଂକ୍ରମଣ ହେଲେ କର୍ମଚାରୀଟିକୁ ପେଡ୍ ସିକ୍‌ଲିଭ୍ ଦେବା, କ୍ୱାରାଣ୍ଟାଇନରେ ଥିବା ବେଳେ ତା' ପରିବାର ଚଳିବା ପାଇଁ ସରକାରୀ ସାହାଯ୍ୟ ଦେବା ଏତେ ବ୍ୟୟବହୁଳ ହେବ ଯେ ଜୀବିକାଠାରୁ ଜୀବନ ଶ୍ରେୟ ବୋଲି ସରକାର ଭାବିବେ। ପ୍ରାକ୍-କୋଭିଡ୍-୧୯ ଅବସ୍ଥାକୁ ଫେରିବାକୁ ହେଲେ ଲୋକଙ୍କ ଭୟ ଦୂର କରିବାକୁ ପଡ଼ିବ, ଏଥିଲାଗି କେବଳ ଟିକା ବାହାରିବା ନୁହେଁ ସାଧାରଣ ଲୋକର ହାତପାଆନ୍ତିରେ ଟିକା ମିଳିବା ଦରକାର ଏବଂ କୋଭିଡ୍-୧୯ ରୋଗ ଭଲ କରୁଥିବା ଔଷଧ ବି ଦରକାର। ତାହା ନ ହେଲେ ଲୋକେ କାମଦାମ କରିବା ପାଇଁ ଘରୁ ବାହାରିବେ ନାହିଁ। ଜୀବିକା ମିଳିବ କିପରି?

sahadevas@yahoo.com



# ସୁଖର ସନ୍ଧାନ କେଉଁଠି

ମୀରା ବେଉରା

ଈଶ୍ୱରଙ୍କ ସୃଷ୍ଟିରେ ମଣିଷ ଶ୍ରେଷ୍ଠ ଜୀବ। ବିକାଶର ପ୍ରକ୍ରିୟାରେ ପ୍ରାୟ ଲକ୍ଷ ଲକ୍ଷ ବର୍ଷ ପୂର୍ବେ ମାଙ୍କଡ଼ରୁ ଆସି ଆଜି ମଣିଷରେ ପରିଣତ ହୋଇଛି। ପ୍ରାଗ୍ ଐତିହାସିକ ଯୁଗରୁ ଆସି ଅତ୍ୟାଧୁନିକ ଯନ୍ତ୍ରଯୁଗରେ ପଦାର୍ପଣ କରିଛି। ସବୁ କିଛି ମଣିଷ କ୍ଷଣିକରେ ପାଇବାକୁ ଚାହୁଁଛି। ଏତେ ଉନ୍ନତିର ଶିଡ଼ି ଚଢ଼ିବା ପରେ ମଧ୍ୟ ଭୟ, ନିଦ୍ରାହୀନତା, କ୍ରୋଧ, ଈର୍ଷା ଭଳି ମାରାତ୍ମକ ବ୍ୟାଧିରେ ସେ ଆଜି ଜର୍ଜରିତ। ସବୁଠୁ ଆଶ୍ଚର୍ଯ୍ୟର କଥା ହେଲା ଯେଉଁ ମଣିଷ ପ୍ରତିଯୋଗିତା ଭିତ୍ତିରେ ମାରଣାସ୍ତ୍ର ନିର୍ମାଣ କରି ବିଶ୍ୱବାସୀଙ୍କୁ ଆତଙ୍କିତ କରି ଔଦ୍ଧତ୍ୟ, ଅହଂକାରରେ ଫାଟି ପଡୁଥିଲା ସେହି ମଣିଷ ଆଜି ଅଖଣ୍ଡ କ୍ଷମତା, ଐଶ୍ୱର୍ଯ୍ୟପୂର୍ଣ୍ଣ ଜୀବନଶୈଳୀକୁ ଆପଣେଇ ଗୋଟିଏ କ୍ଷୁଦ୍ର ଅଦୃଶ୍ୟ ଶତ୍ରୁ କରୋନାର ଭୟରେ କବାଟ କିଳି କାଳାତିପାତ କରୁଛି। ସବୁଠୁ ଆଶ୍ଚର୍ଯ୍ୟର କଥା ହେଲା- ସମଗ୍ର ମଣିଷ ଜାତିକୁ ଏବେ ଆଟମ୍ ବମ୍‌ଠାରୁ ମଧ୍ୟ ଭୟଙ୍କର ଆତ୍ମଘାତୀ ଚିନ୍ତାଧାରା ଗ୍ରାସ କରିଛି। ମଣିଷର ଏହି ଚିନ୍ତାଧାରା ମଣିଷକୁ ବିକାଶ ପଥରେ ନେବା ପରିବର୍ତ୍ତେ ଧୀରେ ଧୀରେ ବିନାଶ ଆଡ଼କୁ ନେଇଯାଉଛି। ମଣିଷ ଆପଣା ହସ୍ତେ ଜିହ୍ୱା ଛେଦିଲା ପରି ଜାଣି ଶୁଣି ନିଜକୁ ଧ୍ୱଂସ କରିବା ପାଇଁ ଯେପରି ପ୍ରତିଜ୍ଞାବଦ୍ଧ ହୋଇଛି। ଏତେ ସୁଖ ସମୃଦ୍ଧିରେ ଥାଇ ମଧ୍ୟ ପ୍ରତ୍ୟହ ସୁଖର ସନ୍ଧାନରେ ଆର୍ତ୍ତଚିତ୍କାର କରୁଛି। ଖୋଜୁଛି ପ୍ରକୃତ ସୁଖ କେଉଁଠି ଅଛି। ସୁଖକୁ ଖୋଜି ଖୋଜି ଦୁଃଖକୁ ନିମନ୍ତ୍ରଣ କରି ଆଲିଙ୍ଗନ କରିବାକୁ ବାଧ୍ୟ ହେଉଛି। ବାରମ୍ବାର ସୁଖକୁ ଖୋଜି ଆତ୍ମସମୀକ୍ଷା କରୁଛି। ଭୁଲ୍ ରହିଲା କେଉଁଠି? ସୁଖର ସଂଜ୍ଞା ଆଜି ବଦଳି ଯାଇଛି ତା'ପାଇଁ। ଅହେତୁକ ଭୋଗବାଦୀ ଚିନ୍ତାଧାରା ଅତ୍ୟାଧୁନିକ ଜୀବନଶୈଳୀର ମାୟା ଓ ମୋହରେ ପଡ଼ି ସେ ଆଜି ଛଟପଟ ହେଉଛି। ଏହାର ଅନ୍ତ କେଉଁଠି ସେ ଜାଣିପାରୁନି, ଯାହା ଫଳରେ ମାନବବାଦ ସମାଜରୁ ହଜି ହଜି ଯାଉଛି। ମାନବବାଦ ପରିବର୍ତ୍ତେ ପୁଞ୍ଜିବାଦ, ପ୍ରଭୁତ୍ୱବାଦ ସୃଷ୍ଟି ହୋଇଛି। ସବୁଠୁ ଆଶ୍ଚର୍ଯ୍ୟ ମଣିଷ ମଣିଷକୁ ଭଲ ପାଇପାରୁନି। ଭଲ ପାଇବା ପରିବର୍ତ୍ତେ ତା' ଭିତରେ ଘୃଣା, ଈର୍ଷା, ଦ୍ୱେଷ ପ୍ରକଟିତ ହୋଇଛି। କିନ୍ତୁ ମଣିଷ ଭୁଲିଯାଉଛି ଭୋଗ ବିଳାସରୁ ମିଳୁଥିବା ଖୁସି ସାମୟିକ। ଚିରନ୍ତନ ଖୁସି କିନ୍ତୁ ନିର୍ବିବାଦୀୟ, ଲାଳସା ବିହୀନ, ଈର୍ଷା ବିହୀନ ଜୀବନରୁ ହିଁ ମିଳିଥାଏ।

କଳିଙ୍ଗ ଯୁଦ୍ଧରେ ମୌର୍ଯ୍ୟ ସମ୍ରାଟ ଅଶୋକ କଳିଙ୍ଗ ଯୁଦ୍ଧରେ ଜୟ ଲାଭ କରିଥିଲେ ସୁଦ୍ଧା ଶାନ୍ତି କି ଆନନ୍ଦ ବା ସୁଖ ପାଇ ନ ଥିଲେ। ସେହିଭଳି ଦିଗ୍‌ବିଜୟୀ ଯୋଦ୍ଧା ଗ୍ରୀକ୍ ବୀର ଆଲେକ୍‌ଜାଣ୍ଡାର ପୃଥିବୀର ଅର୍ଦ୍ଧାଧିକ ଅଂଶ ଜୟ କରି ମଧ୍ୟ ସୁଖ ପାଇ ନ ଥିଲେ। ଗୋଟିଏ ପୃଥିବୀ ମଧ୍ୟ ତାଙ୍କ ପାଖରେ କମ୍ ପଡ଼ିଯାଇଥିଲା। ସେ ଚାହୁଁଥିଲେ ଆଉ ଗୋଟିଏ ପୃଥିବୀ ଥାଆନ୍ତା କି? ଦୁର୍ଦ୍ଧର୍ଷ ଏକଚ୍ଛତ୍ରବାଦୀ ଅମାପ ଧନସମ୍ପତ୍ତିର ମାଲିକ ହିଟଲରଙ୍କୁ ଏହି ଅହଂକାର ମଧ୍ୟ ସୁଖ ବଦଳରେ ଦୁଃଖ ହିଁ ଦେଇଥିଲା। ଆଜି ସକାରାତ୍ମକ ଚିନ୍ତା ବଦଳରେ ମଣିଷ ପାଖରେ ଆତ୍ମଘାତୀ ଚିନ୍ତାଧାରା କାହିଁକି ଆସୁଛି? କାହିଁକି ସେ ପ୍ରତିଯୋଗିତା ଭିତ୍ତିରେ ଗଢ଼ିଚାଲିଛି ଗୋଟିଏ ପରେ ଗୋଟିଏ ପରମାଣୁ ବୋମା। ସେ ନିଉକ୍ଲିଅର ବୋମା ହେଉ ଅବା ଜୈବିକ ବୋମାର ଅସ୍ତ୍ର ହେଉ ମଣିଷ ମଣିଷକୁ ଭଲପାଇବା ପରିବର୍ତ୍ତେ ଈର୍ଷା କରି ଘୃଣା କରୁଛି। ପ୍ରତିଯୋଗିତାର ଅହେତୁକ ମୋହରେ ଅନ୍ଧ ହୋଇ ସଫଳତାର ଶୀର୍ଷକୁ ଉଠିବାକୁ ଚେଷ୍ଟା କରି ସମଗ୍ର ମଣିଷ ଜାତିକୁ ନିଜ ଅକ୍ତିଆରରେ ରଖି ଶାସନ ଡୋରିରେ ବାନ୍ଧିବାକୁ ଚାହୁଁଛି। ନିଜକୁ ଈଶ୍ୱରର ପ୍ରତୀକ ମହାଶକ୍ତିମାନ ଭାବି ସମଗ୍ର ବିଶ୍ୱକୁ ନିଜ ଅକ୍ତିଆରରେ ରଖିବାକୁ ବୃଥା ଅପଚେଷ୍ଟା କରୁଛି। ନିଃସ୍ୱାର୍ଥପର ନିରଅଂହକାର ବଦଳେ ଧୀରେ ଧୀରେ ସ୍ୱାର୍ଥପର ହୋଇଯାଉଛି। ପ୍ରତିଯୋଗିତାର ଶିଡ଼ି ଚଢ଼ି ଚଢ଼ି କ୍ରୋଧର ବଶବର୍ତ୍ତୀ ହୋଇ ଏତେ ଅହଂକାରୀ ହୋଇଯାଇଛି ଯେ ନିଜକୁ ମଧ୍ୟ ଏହି ଆତ୍ମଘାତୀ ଚିନ୍ତାଧାରା ଦ୍ୱାରା ଧ୍ୱଂସ କରିବାକୁ ପଛାଉ ନାହିଁ। ଏହି ଚିନ୍ତାଧାରାରୁ ସେ ଯଦି ଓହରି ନ ଯାଏ ତେବେ ଡାଇନୋସର ପ୍ରାଣୀ ଭଳି ଏ ମଣିଷ ଜାତି ଯେ ଦିନେ ପୃଥିବୀ ପୃଷ୍ଠରୁ ଧ୍ୱଂସ ପାଇନଯିବ ଏ କଥା କିଏ କହିବ।

ଜାତି ସଂଘର 'ଗ୍ଲୋବାଲ ହାପିନେସ୍ ଇଣ୍ଡେକ୍ସ' (ବୈଶ୍ୱିକ ଖୁସି ତାଲିକା)କୁ ଦେଖନ୍ତୁ। ଏଥିରେ ପ୍ରକାଶ ପାଇଛି ଯେ,୨୦୧୯ ମାର୍ଚ୍ଚ ୨୦ରେ ହୋଇଥିବା ସର୍ଭେ ଅନୁଯାୟୀ ଭାରତର ସ୍ଥାନ ୧୪୦। ବିଶ୍ୱର ସର୍ବାଧିକ ଖୁସିର ରାଷ୍ଟ୍ର ହେଉଛି ଫିନ୍ ଲାଣ୍ଡ। ଏହାପରେ ଡେନ୍‌ମାର୍କ, ନରୱେ, ଆୟର ଲାଣ୍ଡ, ନେଦେର ଲାଣ୍ଡ ଇତ୍ୟାଦି କ୍ରମାନୁସାରେ ଅଛନ୍ତି। ୨୦୧୮ରେ ଖୁସିର ତାଲିକାରେ ଭାରତର ସ୍ଥାନ ଥିଲା ୧୩୩। ସେହିପରି ୨୦୧୭ରେ ଖୁସି ତାଲିକାରେ ଭାରତର ସ୍ଥାନ ଥିଲା ୧୨୨। ଯଦି ବିଶ୍ଳେଷଣ କରିବା ତେବେ ଜାଣିପାରିବା ବିଶ୍ୱରେ ଖୁସିର ତାଲିକାରେ ଭାରତର ସ୍ଥାନ କ୍ରମାନ୍ୱୟରେ ତଳକୁ ତଳକୁ ଆସୁଛି। ବିକାଶରେ ଯେତେ ଆଗକୁ ଗଲେ ମଧ୍ୟ ଆମେ ଖୁସିର ତାଲିକାରେ ତଳକୁ ଖସି ଖସି ଆସିଛୁ। ଏହି 'ବୈଶ୍ୱିକ ଖୁସି ତାଲିକା' ଭାରତ ସମେତ ବହୁ ଦେଶ ପାଇଁ ଖୁବ୍ ଗୁରୁତ୍ୱପୂର୍ଣ୍ଣ, ଯେଉଁମାନେ କେବଳ ଉତ୍ପାଦନର ହାରକୁ ବିକାଶର ମାପ ଦଣ୍ଡ ବୋଲି ଧରି ନେଇଛନ୍ତି। କିନ୍ତୁ ଆମକୁ ଓ ପ୍ରତ୍ୟେକ ମଣିଷକୁ ଖୁସିରେ ରଖିବାକୁ ହେଲେ ସାମାଜିକ ନ୍ୟାୟ, ସମାନତା, ସ୍ୱାଧୀନତା, ସହଭାଗିତା ଭଳି ମୂଲ୍ୟବୋଧଗୁଡ଼ିକ ପ୍ରତି ଧ୍ୟାନଦେବାକୁ ହେବ। ସମସ୍ତଙ୍କ ଭିତରେ ସ୍ନେହ, ଶ୍ରଦ୍ଧା, ଭଲପାଇବା ବଜାୟ ରଖିବାକୁ ପଡ଼ିବ।

ଆମେ କଦାପି ଭୁଲିବା ଉଚିତ ନୁହେଁ ଯେ ସାଧୁ, ସନ୍ଥଙ୍କ ଦେଶ ଭାରତବର୍ଷ 'ସର୍ବେ ଅମୃତସ୍ୟ ପୁତ୍ରାଃ' ଏବଂ 'ବସୁଧୈବ କୁଟୁମ୍ବକମ୍'ର ପୃଷ୍ଠଭୂମି ଉପରେ ଦଣ୍ଡାୟମାନ। ଏ ମଣିଷ ଜାତି କେବେ ବୁଝିବ ଯେ ବିଶ୍ୱ ଶାନ୍ତି ପାଇଁ ଆଟମ୍ ବମ୍ ନୁହେଁ କି ଜୈବିକ ବମ୍ ନୁହେଁ, ବିଶ୍ୱ ଶାନ୍ତି ପାଇଁ ଲୋଡ଼ା ଆତ୍ମନ ବମ୍। ଅର୍ଥାତ୍ ଆତ୍ମାକୁ ସୁଖ ଦେଉଥିବା କାର୍ଯ୍ୟ ଯଦି ମଣିଷ ଆପଣେଇବ ତେବେ ସୁଖ ଶାନ୍ତି ଲାଭ କରିବାକୁ ସମର୍ଥ ହେବ। ପରୋପକାର, ଦୟା, ଦାନ, ସ୍ନେହଶୀଳ ମନୋଭାବ ହିଁ ମଣିଷକୁ ଖୁସି ଦିଏ ଅନ୍ୟଥା ଅମାପ ଧନ ସମ୍ପତ୍ତି ଠୁଳ କରି ନିଜର ଆଧିପତ୍ୟ ବିସ୍ତାର କରିବା ଚିନ୍ତାଧାରା ହିଁ ମଣିଷକୁ ଯନ୍ତ୍ରଣା ଦେଇଥାଏ। ଗୌତମ ବୁଦ୍ଧଙ୍କ ଭାଷାରେ କାମନା ହିଁ ଦୁଃଖର କାରଣ। ସୁଖରେ ରହିବା ହେଉଛି ଏକ ମାନସିକ ସ୍ଥିତି, ଯାହା ଅନ୍ୟକୁ ଦେଲେ ଏହା ବୃଦ୍ଧି ପାଏ। ସେହି ମଣିଷ ସୁଖୀ ଏବଂ ଆନନ୍ଦ ପ୍ରାପ୍ତ କରେ ଯିଏ ଅନ୍ୟ ପାଇଁ ବଞ୍ଚିଥାଏ, ଅନ୍ୟର ଖୁସିରେ ଖୁସି ଦୁଃଖରେ ଦୁଃଖୀ ହୁଏ। ଯାହାର ହୃଦୟ ବଡ଼, ମନ ନିର୍ମଳ ହୋଇଥାଏ ତାହା ଅମାପ ଧନ ସମ୍ପତ୍ତି କି ଆଧିପତ୍ୟରେ ନୁହେଁ ବରଂ ଅହଂ ବ୍ରହ୍ମାସ୍ମି ଅର୍ଥାତ୍ ମୁ ହିଁ ବ୍ରହ୍ମ ଭାବରୁ ହିଁ ହୋଇଥାଏ। ମଣିଷ ନିଜ ଆତ୍ମା ଭିତରେ ବ୍ରହ୍ମକୁ ଆବିଷ୍କାର କରି ଆତ୍ମା ଭିତରେ ସୁଖକୁ ସନ୍ଧାନ କରି ସମସ୍ତ ପ୍ରାଣୀଙ୍କୁ ସୁଖ ପ୍ରଦାନ କରେ। ସେ ହିଁ ମଣିଷ। ଯେ ପର୍ଯ୍ୟନ୍ତ ମଣିଷ ନିଜ ଭିତରେ ଶ୍ରଦ୍ଧାକୁ ଖୋଜି ନ ପାଇଛି ତା' ଭିତରେ ଆତ୍ମବିଶ୍ୱାସ ନ ଜାଗିଛି, ଚେତନା ଜାଗ୍ରତ ନ ହୋଇଛି ଏବଂ ସେହି ଚେତନାରୁ ତା'ର କର୍ମ, ଚରିତ୍ର ଓ ଲକ୍ଷ୍ୟ ନ ବଦଳିଛି ସେପର୍ଯ୍ୟନ୍ତ ସେ ସୁଖର ସନ୍ଧାନ ପାଇବ ନାହିଁ।

ରଘୁନାଥଜୀଉ ମହାବିଦ୍ୟାଳୟ, କଟକ,
ମୋ- ୯୮୫୩୩୫୦୩୮୪

## ଏଇ ଭାରତରେ

ଦେଶରେ ବିଭାଜନକାରୀ ଶକ୍ତି ତଥା ମାନବିକତାର ଶତ୍ରୁମାନଙ୍କ ପାଇଁ ହାଜି ଦିଲାବର ହୁସେନ୍‌ଙ୍କ ସାମାଜିକ ଏକତାର ଏକ ବଡ଼ ଉଦାହରଣ। ସେ ପଞ୍ଜାବର ବାବା ଫରିଦଙ୍କ ନଗରୀ ଫରିଦକୋର୍ଟରେ ଅଚିହ୍ନା ଶବ ସଂସ୍କାର କରୁଛନ୍ତି। ମୃତବ୍ୟକ୍ତି ଯଦି ହିନ୍ଦୁ କିମ୍ବା ଶିଖ୍ ହୋଇଥାନ୍ତି ତେବେ ହୁସେନ୍ ସେମାନଙ୍କୁ ଶ୍ମଶାନକୁ ନେଇ ଯଥା ବିଧିରେ ଦାହ କରୁଛନ୍ତି। ମୁସଲମାନଙ୍କ ଶବକୁ କବରସ୍ଥଳକୁ ନେଇ କବର ଦେଉଛନ୍ତି। ହୁସେନଙ୍କର ଏହି ମାନବୀୟ ସେବାକୁ ତାଙ୍କ ପଡ଼ୋଶୀମାନେ ପସନ୍ଦ କରୁନାହାନ୍ତି, ହେଲେ ସେ କାହା କଥା ନ ଶୁଣି ସାମ୍ପ୍ରଦାୟିକ ସଦ୍‌ଭାବନାର ବାର୍ତ୍ତା ଦେଇଚାଲିଛନ୍ତି। ଫରିଦକୋର୍ଟରେ ମେଡିକାଲ କଲେଜ ଥିବାରୁ ରାଜ୍ୟର ବିଭିନ୍ନ ଜିଲା ତଥା ପଡ଼ୋଶୀ ରାଜସ୍ଥାନରୁ ବହୁ ଅଚିହ୍ନା ଶବ ପୋଷ୍ଟମର୍ଟମ ପାଇଁ ଆସିଥାଏ। ପୋଷ୍ଟମର୍ଟମ ଶେଷ ହେବା ପରେ ତାହାକୁ ନେଇ ଅନ୍ତିମ ସଂସ୍କାର କରିଥାନ୍ତି ଓ ଏହା କରିବା ଦ୍ୱାରା ତାଙ୍କୁ ଶାନ୍ତି ମିଳେ ବୋଲି କହନ୍ତି ହୁସେନ୍। ଫରିଦକୋର୍ଟ ସାହାରା ସୋସାଇଟିର ମୁଖ୍ୟ ଅଶୋକ ଭଟ୍‌ନଗର ହୁସେନଙ୍କୁ ଏହି କାର୍ଯ୍ୟରେ ସହଯୋଗ କରୁଛନ୍ତି। ଏବେସୁଦ୍ଧା ହୁସେନ୍ ଶହ ଶହ ଶବ ସଂସ୍କାର କରିସାରିଲେଣି। ରାମବାଗ ଶ୍ମଶାନଘାଟରେ ସେ ଅଧିକାଂଶ ଶବ ସଂସ୍କାର କରୁଛନ୍ତି। ଏହି କାର୍ଯ୍ୟରେ ତାଙ୍କ ସେବା ଅଟକି ଯାଇନାହିଁ, ବରଂ କରୋନା ମହାମାରୀ ସମୟରେ ସେ ଲୋକଙ୍କ ଲାଗି ମଧ୍ୟ ଦେବଦୂତ ସାଜିଛନ୍ତି। ନିଜ ଖର୍ଚ୍ଚରେ ଅନେକଙ୍କୁ ରାଶନ ସାମଗ୍ରୀ ବାଣ୍ଟିଛନ୍ତି। ଗୋଶାଳା ଯାଇ ସେଠାରେ ଗୋରୁଙ୍କ ଯତ୍ନ ନେଉଛନ୍ତି।

## ଚିରନ୍ତନୀ

ଝରଇ ଅହରହ
ଧରଣୀ ଦୁରୁବହ
ବିପୁଳ ସ୍ୱେଦରାଶି ପରଶେ
ପତର ଲତ ପରେ
କି ମୃଦୁ ବାଣୀ ଝରେ
ସବୁଜ-ଘାସ-ଲୋମହରଷେ।
(ବର୍ଷାରତି)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

# ପାଠକ ଶ୍ରେଷ୍ଠ ବିଚାରକ

## ଅବସରପ୍ରାପ୍ତ ଶିକ୍ଷକଙ୍କ ଭିକ୍ଷାବୃତ୍ତି

ମହାଶୟ,

ସମାଜରେ କୁଆଡ଼େ ଶିକ୍ଷକର ସ୍ଥାନ ଉଚ୍ଚରେ ବୋଲି ମନ୍ତ୍ରୀଙ୍କଠାରୁ ଆରମ୍ଭ କରି ନେତାଏ ଡିଣ୍ଡିମ ପିଟୁଥିବା ବେଳେ ଜଣେ ଅବସରପ୍ରାପ୍ତ ଶିକ୍ଷକ ଭିକ୍ଷାବୃତ୍ତି ଖବର ପଢ଼ି ମରଣତୁଲ୍ୟ ଦୁଃଖ ଓ ଆଶ୍ଚର୍ଯ୍ୟ ଲାଗିଲା। ଦୀର୍ଘ ୨୦ ବର୍ଷ ହେଲା ଅବସର ନେଇଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ପେନ୍‌ସନ୍ ନ ପାଇ ଏ ପରିଣତ ବୟସରେ ରାସ୍ତା କଡ଼ରେ ପଡ଼ି ଭିକ୍ଷା ମାଗି ଚଳିବା ସମାଜ ପାଇଁ ଲଜ୍ଜାଜନକ। ଏ ବିଷୟରେ ସେ ଉଚ୍ଚ ପଦାଧିକାରୀଙ୍କୁ ନିଜର ଦୁଃଖ ଜଣାଇଥିଲେ ମଧ୍ୟ କିଛି ପ୍ରତିକାର ନ ହେବା କଥା ଶୁଣିବା ପରେ ଆହୁରି ଦୁଃଖ ଲାଗୁଛି। ଅର୍ଥାଭାବରୁ ପରିବାରର ସମସ୍ତେ ତାଙ୍କୁ ଏକା ଛାଡ଼ିଦେଇଛନ୍ତି। ଏ କଷ୍ଟରୁ ମୁକୁଳାଇବା ପାଇଁ ସରକାର ଶୀଘ୍ର ବ୍ୟବସ୍ଥା କରି ତାଙ୍କୁ ଏଥିରୁ ରକ୍ଷା କରନ୍ତୁ ଓ ତାଙ୍କର ପେନ୍‌ସନ୍‌ର ପିଛିଲା ଅର୍ଥ ତାଙ୍କ ଉତ୍ତରାଧିକାରୀ ନାତୁଣୀ ଓ ନାତିଙ୍କ ନାମରେ ରଖିବାର ବ୍ୟବସ୍ଥା କରନ୍ତୁ। ଏହାର ଆଶୁ ସମାଧାନ ଏକାନ୍ତ କାମ୍ୟ।

ସଚ୍ଚିଦାନନ୍ଦ ମିଶ୍ର, ଗଡ଼ହଳଦିଆ, ଖୋର୍ଦ୍ଧା।

## ତ୍ରୁଟି ପାଇଁ ଅର୍ଥ ଫେରସ୍ତ ହେଉ

ରାଜ୍ୟରେ ମାଧ୍ୟମିକ ଶିକ୍ଷା ପରିଷଦ ଆନୁକୂଲ୍ୟରେ କରାଯାଇଥିବା ମାଟ୍ରିକ ପରୀକ୍ଷାରେ ଛାତ୍ରୀଛାତ୍ରଙ୍କ ଖାତାଦେଖାରେ ତ୍ରୁଟି କରିଥିବା ଶିକ୍ଷୟିତ୍ରୀଶିକ୍ଷକଙ୍କଠାରୁ ପୁନଃ ଯାଞ୍ଚ ପାଇଁ ଅର୍ଥ ଫେରସ୍ତ କରାଯାଉ। ବାରମ୍ବାର ଭୁଲ୍ ପାଇଁ ଅଧିକ ଦଣ୍ଡ ବ୍ୟବସ୍ଥା ମଧ୍ୟ କରାଯିବା ଆବଶ୍ୟକ, ଯାହାଦ୍ୱାରା ପରବର୍ତ୍ତୀ ସମୟରେ ସେମାନେ ନିଜକୁ ମାର୍ଜିତ କରିପାରିବେ।

ରମେଶ ଚନ୍ଦ୍ର ବେହେରା, ଆୟତପୁର, କିଶନନଗର, କଟକ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

ଧରିତ୍ରୀ
DHARITRI
ମଙ୍ଗଳବାର, ଅଗଷ୍ଟ ୨୫, ୨୦୨୦



## ଜୁଆ ଆଡ୍ଡାରେ ଚଢ଼ାଉ, ୬ ଗିରଫ

ବାରିପଦା ଅଫିସ-ମୟୂରଭଞ୍ଜ ଜିଲା ବେତନଟୀ ଥାନା ଅଧୀନ ଭଦୁଶୋଳ ଜଙ୍ଗଲରେ ଚାଲିଥିବା ଜୁଆ ଆଡ୍ଡା ଉପରେ ସୋମବାର ପୋଲିସ ଚଢ଼ାଉ କରି ୬ ଅଭିଯୁକ୍ତଙ୍କୁ ଗିରଫ କରିଛି। ଘଟଣାସ୍ଥଳରୁ ୧୨ହଜାର ୩୫୦ଟଙ୍କା, ୧୩ଟି ବାଇକ୍ ଓ ୯ଟି ସାଇକେଲ ଜବତ କରାଯାଇଛି। ଅଭିଯୁକ୍ତମାନେ ହେଲେ ବାରିପଦା ସଦର ଥାନା ଅଞ୍ଚଳର ନିତ୍ୟାନନ୍ଦ ମହାନ୍ତ ଓ ତାରାଚାନ୍ଦ ମହାନ୍ତ, ବେତନଟୀ ଥାନା ବାଙ୍କଡ଼ହରା ଗ୍ରାମର ତପନ କୁମାର ମହାନ୍ତ, ଭଦୁଶୋଳ ଗ୍ରାମର ଦୁର୍ଗା ଗୁଡ୍ଡୁ, ଓରା ଚନ୍ଦାବିଲା ଗ୍ରାମର ଭୋଳାନାଥ ମହାନ୍ତ ଓ ଜ୍ୟୋତିପୁର ଗ୍ରାମର ରାଜକୁମାର ମହାନ୍ତ। ବେତନଟୀ ଥାନାଧିକାରୀ ଅଶୋକ କୁମାର ନାୟକ ସଦଳବଳେ ଚଢ଼ାଉ କରି ଅଭିଯୁକ୍ତମାନଙ୍କୁ କୋର୍ଟଚାଲାଣ କରିଥିବା କହିଛନ୍ତି।

## ସଂକ୍ଷେପରେ

### ବର୍ଷାରେ ଭୁଶୁଡ଼ିଲା ଦୋକାନ କାନ୍ଥ

ବାଲେଶ୍ୱର ଅଫିସ,୨୪।୮- ବାଲେଶ୍ୱର ସହର ସେଣ୍ଟ୍ରାଲ ସ୍କୁଲ ଛକରେ ମ୍ୟୁନିସିପାଲିଟି ପକ୍ଷରୁ ନିର୍ମାଣ ହୋଇଥିବା ମାର୍କେଟ୍ କମ୍ପ୍ଲେକ୍ସ ମଧ୍ୟରୁ ଦୁଇଟି ଦୋକାନ ଘର ପଛପଟ କାନ୍ଥ ଲଗାଣ ବର୍ଷା ଯୋଗୁ ଭୁଶୁଡ଼ିଯିବାରୁ ଅଳ୍ପକେ ବର୍ତ୍ତିଯାଇଛନ୍ତି ଦୋକାନୀ। ଏଥିସହିତ ବହୁ ସାମଗ୍ରୀ ନଷ୍ଟ ହୋଇଛି। ଲଗାଣବର୍ଷା ଯୋଗୁ ମାର୍କେଟ୍ କମ୍ପ୍ଲେକ୍ସର କାନ୍ଥ ଦୁଇଟି ସୋମବାର ପୂର୍ବାହ୍ନରେ ଭୁଶୁଡ଼ି ପଡ଼ିଥିଲା। ଖବରପାଇ ମ୍ୟୁନିସିପାଲିଟିର କର୍ମକର୍ତ୍ତା ଉଭୟ ଭୁଶୁଡିଥିବା ଦୋକାନଗୁଡ଼ିକୁ ପରିଦର୍ଶନ କରି ବିଭାଗୀୟ ଅଧିକାରୀଙ୍କ ନିକଟରେ ରିପୋର୍ଟ ଦାଖଲ କରିଛନ୍ତି।

### ବରଡ଼ିହାରେ କଙ୍ଗାରୁ କୋର୍ଟ: ପ୍ରେମିକଙ୍କୁ ନିସ୍ତୁକ ପିଟିଲେ ଗ୍ରାମବାସୀ

ଜଳେଶ୍ୱର,୨୪।୮(ସ୍ୱ.ପ୍ର.)-ବାଲେଶ୍ୱର ଜିଲାର ରାଇବଣିଆ ଥାନା ଅଞ୍ଚଳରେ ଜଣେ ବିବାହିତା ମହିଳାଙ୍କ ସହ ଜଣେ ଯୁବକଙ୍କ ପ୍ରେମ ସମ୍ପର୍କକୁ ନେଇ ଗ୍ରାମବାସୀ କଙ୍ଗାରୁ କୋର୍ଟରେ ଦଣ୍ଡ ଦେଇଛନ୍ତି। ସେମାନେ ଉଭୟ ମହିଳା ଓ ଯୁବକଙ୍କୁ ଅଙ୍ଗନୱାଡି କେନ୍ଦ୍ରରେ ତାଲା ପକାଇଥିଲେ। ଗାଁରେ ପଞ୍ଚାୟତ ବସି ସମାଧାନ ଲାଗି ଚେଷ୍ଟା ଚାଲିଥିବା ବେଳେ ଗ୍ରାମବାସୀ ଯୁବକଙ୍କୁ ନିସ୍ତୁକ ପିଟିଥିଲେ। ଖବର ଲେଖା ହେବା ପର୍ଯ୍ୟନ୍ତ କଙ୍ଗାରୁ କୋର୍ଟ ଚାଲୁ ରହିଥିଲା। ଉକ୍ତ ମହିଳାଙ୍କ ସ୍ୱାମୀ ବାହାରେ ରହି କାର୍ଯ୍ୟ କରୁଥିବା ବେଳେ ସେ ୨ ପିଲା ସହ ଗାଁରେ ରହୁଥିଲେ। ପରେ ତାଙ୍କ ଗାଁର ଜଣେ ଯୁବକଙ୍କ ସହ ତାଙ୍କର ଅନୈତିକ ସମ୍ପର୍କ ଥିବା ଗ୍ରାମବାସୀ ଜାଣିବାକୁ ପାଇଥିଲେ। ରବିବାର ରାତିରେ ସମ୍ପୃକ୍ତ ଯୁବକ ମହିଳାଙ୍କ ସହ ଘରେ ଥିବା ବେଳେ ଗାଁର ଏସ୍ଏଚ୍‌ଜି ଚଢ଼ାଉ କରିଥିଲେ।

### ନୀଳଗିରି ମେଡ଼ିକାଲରେ ପାନୀୟ ଜଳ ଯୋଗାଣ କେନ୍ଦ୍ର ଉଦ୍‌ଘାଟିତ

ସଜନାଗଡ଼, ୨୪।୮(ଡି.ଏନ.ଏ.)- ବାଲେଶ୍ୱର ଜିଲା ରୋଟାରୀ କ୍ଲବ ପକ୍ଷରୁ ନୀଳଗିରି ମେଡ଼ିକାଲ ପରିସରରେ ରବିବାର ଥଣ୍ଡା, ଗରମ ପାନୀୟ ଜଳ ଯୋଗାଣ କେନ୍ଦ୍ରକୁ କେନ୍ଦ୍ରମନ୍ତ୍ରୀ ତଥା ବାଲେଶ୍ୱର ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଉଦ୍‌ଘାଟନ କରିଛନ୍ତି। ଫଳରେ ମେଡ଼ିକାଲକୁ ଆସୁଥିବା ରୋଗୀମାନେ ଗରମ ପାଣିର ଆବଶ୍ୟକତା ଦୂର କରିବା ସହ ଖରାଦିନେ ଥଣ୍ଡା ପାଣି ମଧ ପାଇପାରିବେ ବୋଲି କେନ୍ଦ୍ରମନ୍ତ୍ରୀ ଷଡ଼ଙ୍ଗୀ କହିଥିଲେ। କାର୍ଯ୍ୟକ୍ରମରେ ଏସ୍‌ଡ଼ିଏମ୍‌ଓ ଡା. ଅଜୟ କୃଷ୍ଣ ସାମଲ, ରୋଟାରୀ କ୍ଲବର ସଭାପତି ଆଶିଷ ଭାଟାର୍ଜୀ, ସମ୍ପାଦକ ଆଶିଷ ଅଗ୍ରୱାଲ, ହରିଶ୍ ଗୁପ୍ତା, ସଞ୍ଜିବ ଡେଡ଼ୱାନିଆ, ମେହୁଲ ବର୍ମା, ହରିଶ ପଟେଲ, ଅମିତ ଅଗ୍ରୱାଲ, ସଙ୍ଗୀତା ମହାନ୍ତି, ତପନ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

### କୁଶେଇ ନଦୀରୁ ମିଳିଲା ନିଖୋଜଙ୍କ ମୃତଦେହ

କେନ୍ଦୁଝର, ୨୪।୮ (ସ୍ୱ.ପ୍ର.)-କେନ୍ଦୁଝର ଜିଲା ଦୈତାରୀ ଥାନା ଅନ୍ତର୍ଗତ ବ୍ରାହ୍ମଣୀପାଳ ସଉତୁଣୀ ନାଳ ନିକଟସ୍ଥ କୁଶେଇ ନଦୀରୁ ସୋମବାର ଏକ ମୃତଦେହ ମିଳିଥିଲା। ମୃତକ ହେଲେ ପଞ୍ଚମ ଗ୍ରାମ ଟିକରସାହିର ବୀରୁ ଆଙ୍ଗରାଇ। ସୂଚନା ଅନୁଯାୟୀ ମୃତକ ଜଣଙ୍କ ଦୈତାରୀ ରେଲୱେ ସାଇଡିଙ୍ଗରେ ୱାଗନ ଲେବର ଭାବେ କାମ କରନ୍ତି। ପ୍ରତ୍ୟେକ ଦିନ ଭଳି ରବିବାର ଦିନ କାମସାରି ନିଜ ଗ୍ରାମକୁ କୁଶେଇ ନଦୀ ପାର ହୋଇ ଯାଉଥିବା ବେଳେ ନଦୀର ସ୍ରୋତରେ ଭାସି ଯାଇଥିଲେ। ସ୍ଥାନୀୟ ଲୋକ ଦେଖି ପୋଲିସକୁ ଖବର ଦେଇଥିଲେ। ପୋଲିସ ମୃତଦେହକୁ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ପଠାଇ ତଦନ୍ତ ଜାରି ରଖିଛି।

### ୬୪ ହଜାର ଚାରା ବଣ୍ଟନ ନିଷ୍ପତ୍ତି

ଖଇରା,୨୪।୮(ଡି.ଏନ୍.ଏ.)-ବାଲେଶ୍ୱର ଜିଲା ସୋର ରେଞ୍ଜ ଅଧୀନରେ ଚାରାରୋପଣକୁ ଅଧିକ ତ୍ୱରାନ୍ୱିତ କରିବାକୁ ଚଳିତ ବର୍ଷ ବନ ବିଭାଗ ସ୍ୱତନ୍ତ୍ର ଭାବେ ଧ୍ୟାନ ଦେଇଛି। ୩ଟି ଚାରା ରୋପଣ କେନ୍ଦ୍ର ମାଧ୍ୟମରେ ୬୪ହଜାର ଚାରା ମାଗଣାରେ ବଣ୍ଟନ ପାଇଁ ବନ ବିଭାଗ ତରଫରୁ ନିଷ୍ପତ୍ତି ନିଆଯାଇଛି। ଏଥି ମଧ୍ୟରେ କୁପାରୀ ନର୍ସରୀରେ ୧୬ହଜାର, କଇଥଗଡିଆ ଅସ୍ଥାୟୀ ନର୍ସରୀରେ ୧୬ହଜାର ଏବଂ ବେକ୍ଟେଇ ଅସ୍ଥାୟୀ ନର୍ସରୀରେ ୩୨ ହଜାର ଅଁଳା, ଜାମୁ, ପିଜୁଳି, ବେଲ, ଆତ, କଇଥ, ବରକୋଳି, ବାହାଡା ଇତ୍ୟାଦି ଚାରା ବଣ୍ଟନ ପାଇଁ ବ୍ୟବସ୍ଥା କରାଯାଇଛି। ୨୧ତାରିଖରୁ ବଣ୍ଟନ ଆରମ୍ଭ ହୋଇସାରିଥିବା ବେଳେ ଜଣେ ବ୍ୟକ୍ତି ପରିଚୟପତ୍ର ଦେଖାଇ ସର୍ବାଧିକ ୧୦ଟି ଗଛ ନେଇ ପାରିବେ ବୋଲି ଫରେଷ୍ଟର କିଶୋର ଭୁୟାଁ ସୂଚନା ଦେଇଛନ୍ତି।

# ରୋଜଗାର ଚିନ୍ତାରେ ମାଛଧରାଳି

■ ୬ ମାସ ହେଲା ପିଛା ଛାଡୁନି ସମସ୍ୟା
■ ପ୍ରକୃତି ସାଧୁଛି ଦାଉ

ଭଦ୍ରକ ଅଫିସ, ୨୪।୮

କରୋନା ପ୍ରଭାବରେ ଦେଶରେ ସବୁ ବର୍ଗର ଲୋକ ପ୍ରଭାବିତ ହୋଇଥିବା ବେଳେ ମାଛଧରାଳୀ ମଧ ଏଥିରୁ ବାଦ୍ ପଡ଼ିନାହାନ୍ତି। ସବୁ ଶ୍ରେଣୀର ଲୋକଙ୍କ ପାଇଁ ବିଭିନ୍ନ ଯୋଜନା ପ୍ରଣୟନ କରାଯାଇଛି। ହେଲେ ମତ୍ସ୍ୟଜୀବୀଙ୍କ ପାଇଁ ସରକାରୀ ସହାୟତା ସମୁଦ୍ରକୁ ଶଙ୍ଖେ। ଏଣୁ ୬ ମାସ ଧରି ରୋଜଗାର ହରାଇଛନ୍ତି ସମୁଦ୍ର କୂଳିଆ ମାଛଧରାଳୀମାନେ। ଏପଟେ କୋଭିଡ୍ ସଙ୍କଟ ସାଙ୍ଗକୁ ପ୍ରକୃତି ଦାଉ ସାଧୁଛି ବୋଲି ମତ ରଖୁଛନ୍ତି ସେମାନେ। କୋଭିଡ୍ କାରଣରୁ ମାର୍ଚ୍ଚଠାରୁ ଲକ୍‌ଡାଉନ ଓ ଶଟ୍‌ଡାଉନ ଫଳରେ ବଜାର ମାନ୍ଦା ପଡ଼ିଛି। କେଉଁ ମାସରେ ବଜାର ସକାଳୁ ୧୦ଟା ପର୍ଯ୍ୟନ୍ତ ଖୋଲିଲା ତ କେତେବେଳେ ମଧ୍ୟାହ୍ନ ୨ଟା ପର୍ଯ୍ୟନ୍ତ। ଫଳରେ ସମୁଦ୍ରରୁ ଧରି ଆଣିଥିବା ମାଛର ବଜାର ଚାହିଦା ରହିଲା ନାହିଁ। ଯେଉଁ ମାଛ କେଜି ପିଛା ୧୦୦ ଟଙ୍କାରେ ବିକ୍ରି ହେଉଥିଲା ତାହା ଏବେ ଅଧା ଦରରେ ବେପାରୀମାନେ ନେଉଛନ୍ତି। ଯେଉଁ ବେପାରୀ ୫ କୁଇଣ୍ଟାଲ ମାଛ ନେଉଥିଲେ ସେମାନେ ଏବେ କୁଇଣ୍ଟାଲ ମାଛ ବି ନେଉନାହାନ୍ତି। ସ୍ଥାନୀୟ ବ୍ୟବସାୟୀ ସମୁଦ୍ର ମାଛ ନେବାକୁ ଅମଙ୍ଗ ହେଉଛନ୍ତି। ଫଳରେ ମାଛଧରାକୁ ବେଉସା କରି ଚଳୁଥିବା ଭଦ୍ରକ ଜିଲାର ବାସୁଦେବପୁର ଓ ଚାନ୍ଦବାଲି (ଧାମରା) ଅଞ୍ଚଳର ହଜାର ହଜାର ପରିବାର ଦାଦନ ଖଟିବା ପାଇଁ ଯିବାକୁ ଚିନ୍ତା କଲେଣି।



ଜେଟିରେ ଅଟକି ରହିଥିବା ଯନ୍ତ୍ରଚାଳିତ ଡଙ୍ଗା।

ବଙ୍ଗୋପସାଗରର ୫୦ କି.ମି. ପର୍ଯ୍ୟାପ୍ତ ସମୁଦ୍ର ବେଳାଭୂମି ଉପରେ ନିର୍ଭର କରି ୨ଟି ବ୍ଲକ ଅଧୀନ ୧୨୮ଟି ଗାଁର ଲୋକେ ଏହି ବେଉସା କରି ଚଳନ୍ତି। ଏହି ଗାଁଗୁଡ଼ିକର ମୋଟ ୧୬,୫୨୭ ପରିବାରର ୮୭,୫୯୩ ଲୋକ ମାଛଧରି ପରିବାର ପ୍ରତିପୋଷଣ କରନ୍ତି। ଏଥିରୁ ୩୦,୬୫୮ ପୁରୁଷ, ୨୯,୭୮୨ ମହିଳା ଓ ୨୭,୧୫୩ ଶିଶୁ ମାଛଧରା ଆୟ ଉପରେ ନିର୍ଭର କରିଥାନ୍ତି। ଏହି ୨ଟି ବ୍ଲକର ମୋଟ ୨୯,୧୯୭ ମାଛ ଧରାଳୀ ଥିବା ଜିଲା ମତ୍ସ୍ୟବିଭାଗ ଗଣନା କରିଛି। ବାସୁଦେବପୁର ବ୍ଲକରେ ମୋଟ ୨୫୪ଟି ମାଛଧରା ଡଙ୍ଗା ଥିବା ବେଳେ ଧାମରା ଅଞ୍ଚଳର ୪୦୨ ଏହିଭଳି ମୋଟ ୬୫୬ ଯନ୍ତ୍ରଚାଳିତ ଡଙ୍ଗା ସମୁଦ୍ରରେ ମାଛଧରା କାର୍ଯ୍ୟ ପାଇଁ ନିୟୋଜିତ ହେଉଛି। କୋଭିଡ୍ କଟକଣା କାରଣରୁ ଅଧିକାଂଶ ଡଙ୍ଗାରେ ମାଛଧରାଳିମାନେ ସମୁଦ୍ରକୁ ଯାଆନ୍ତି ନାହିଁ। ଜେଟିମାନଙ୍କରେ ଡଙ୍ଗା ଗୁଡ଼ିକ ଲଙ୍ଗର ପକାଇ ଅଟକି ରହୁଥିବା ଦୃଶ୍ୟ ଦେଖିବାକୁ ମିଳେ।

ଅନ୍ୟପକ୍ଷେ ସମୁଦ୍ରକୂଳିଆ ଜିଲା ହୋଇଥିବାରୁ ପ୍ରାୟ ସମୟ ଘୂର୍ଣ୍ଣିଝଡ଼ ମାଛଧରାଳୀଙ୍କ ପାଇଁ ଅଡୁଆ ସୃଷ୍ଟି କରୁଛି। ଅଦିନିଆ ବର୍ଷା, ଘୂର୍ଣ୍ଣିଝଡ଼ ଏମାନଙ୍କ ପାଇଁ ଅଭିଶାପ ପାଲଟୁଛି। ଫେବୃୟାରୀରେ ଲଗାଣ ବର୍ଷା, ମେ' ପ୍ରଥମ ସପ୍ତାହରେ ଲଗାଣ ବର୍ଷା, ତୃତୀୟ ସପ୍ତାହରେ ଅମ୍ଫାନ୍ ବାତ୍ୟା, ଅଗଷ୍ଟ ମାସରେ ୨୦ରୁ ୨୨ ତାରିଖ ଲଘୁଚାପ ଜନିତ ବର୍ଷା ସେମାନଙ୍କ ପାଇଁ କାଳ ସାଜିଛି। ଏହି କାରଣରୁ ଜିଲାରେ କେତେବେଳେ ରେଡ୍ ୱାର୍ନିଂ ତ କେତେବେଳେ ୟେଲୋ ୱାର୍ନିଂ ଦାଉ ସାଧୁଛି। ଏହି ସମୟରେ ସମୁଦ୍ରକୁ ଯାଇ ପାରୁନାହାନ୍ତି ମାଛଧରାଳୀ। ଏନେଇ ମାଛଧରାଳୀ ସୁବ୍ରତ ମାନା କୁହନ୍ତି ସରକାରୀ ସ୍ତରରେ ମାଛଧରାଳୀଙ୍କ ପାଇଁ ସ୍ୱତନ୍ତ୍ର ସହାୟତା ଯୋଜନା ନାହିଁ। ପ୍ରଶାସନର କଟକଣା ଓ ପ୍ରକୃତିର ଦାଉ କାରଣରୁ ୬ ମାସ ଧରି ଆମେ ସମସ୍ୟା ଭୋଗୁଛୁ। ଏଣୁ ଏଥିପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେବା ଆବଶ୍ୟକ। ଜିଲା ମତ୍ସ୍ୟ ଅଧିକାରୀ ସନ୍ତୋଷ କୁମାର ଦଳେଇ କୁହନ୍ତି, ସରକାରଙ୍କ ପକ୍ଷରୁ ସେମାନଙ୍କ ଆର୍ଥିକ ମାନଦଣ୍ଡ ବୃଦ୍ଧି ନିମନ୍ତେ ବିଭିନ୍ନ ସହାୟତା ପ୍ରଦାନ କରାଯାଉଛି। ଯଦିଓ କୋଭିଡ୍‌କୁ ନେଇ କୌଣସି ଯୋଜନା ନାହିଁ କିନ୍ତୁ ସେମାନଙ୍କୁ ଅନ୍ୟ ସମୟରେ ସରକାରଙ୍କ ବିଭିନ୍ନ ସବ୍‌ସିଡି ଯୋଜନା ପ୍ରଦାନ କରାଯାଉଛି।

# ୫୬୦ ବସ୍ତାକୁ ୧୫୦୦ ଚାଷୀ



ପୋଲିସ ଉପସ୍ଥିତିରେ ଅଧିକାରୀମାନେ ଚାଷୀଙ୍କୁ ବୁଝାଶୁଝା କରୁଛନ୍ତି।

ଚମ୍ପୁଆ,୨୪।୮(ଡି.ଏନ.ଏ.)

ଚାଷପାଇଁ ସାର ଅତି ଆବଶ୍ୟକ ହୋଇପଡିଛି। ସାର ପାଇଁ ଚାଷୀ ଲ୍ୟାମ୍ପ ଆଗରେ ଆଧାର କାର୍ଡ ଦେଇ ସକାଳୁ ଜଗିବସିଛନ୍ତି। ମାତ୍ର ଚାଷୀଙ୍କ ତୁଳନାରେ ଆସିଥିବା ସାରକୁ ନେଇ ବାଣ୍ଟିବା ପାଇଁ ଲ୍ୟାମ୍ପ କର୍ତ୍ତୃପକ୍ଷଙ୍କ ଅଡୁଆ ବଢିଥିବା ବେଳେ କୃଷି ବିଭାଗର ହସ୍ତକ୍ଷେପ ପରେ ବିଳମ୍ବରେ ସାର ବଣ୍ଟନ କରାଯାଇଥିଲା। ସୋମବାର ଚମ୍ପୁଆ ଲ୍ୟାମ୍ପ ପକ୍ଷରୁ ୟୁରିଆ ସାର ବିକ୍ରୟ ବ୍ୟବସ୍ଥା କରାଯାଇଥିଲା। କିନ୍ତୁ ଏହି ସାର ବଣ୍ଟନ ବେଳେ ଉତ୍ତେଜନା ଦେଖାଦେଇଥିଲା। ଯାମୁଦଲକ ଓ ରିମୁଳି ଆଦି ଦୁଇଗୋଟି ଲ୍ୟାମ୍ପକୁ ସାର ଆସି ନ ଥିବା ବେଳେ ଉକ୍ତ ଦୁଇ ଲ୍ୟାମ୍ପର ଚାଷୀମାନେ ଚମ୍ପୁଆ ଲ୍ୟାମ୍ପରୁ ସାର ନେବାପାଇଁ ପହଞ୍ଚି ଯାଇଥିଲେ। ମାତ୍ର ୫୬୦ ବ୍ୟାଗ ସାର ଆସିଥିବା ବେଳେ ୧୫୦୦ ଚାଷୀ ଉପସ୍ଥିତ ହୋଇଥିଲେ। ଲ୍ୟାମ୍ପ ପକ୍ଷରୁ ୮ ଟ୍ରିପ ଅର୍ଡର ହୋଇଥିବା ବେଳେ କେବଳ ୨ ଟ୍ରିପ ସାର ଆସିଥିବା ଲ୍ୟାମ୍ପ ଏମଡି ବିଭୂତି ଭୂଷଣ ଗିରି ସୂଚନା ଦେଇଥିଲେ। ପ୍ରଥମରୁ ସୁରୁଖୁରରେ ଚାଲିଥିବା ବଣ୍ଟନ ବ୍ୟବସ୍ଥା ପରେ ଆଧାର କାର୍ଡ ଓଲଟ ପାଲଟ ଯୋଗୁ ବିଗିଡିଯାଇଥିଲା। ଚାଷି ଓ ଲ୍ୟାମ୍ପ ମଧ୍ୟରେ ଉତ୍ତେଜନା ଦେଖାଦେବାରୁ ଜିଲା କୃଷି ଅଧିକାରୀ ଓ ପୋଲିସ ସବଇନ୍ସପେକ୍ଟର ସ୍ୱରୂପ ରଞ୍ଜନ ନାଏକ ପହଞ୍ଚି ଚାଷୀଙ୍କୁ ବୁଝାଶୁଝା କରିବା ପରେ ପରିସ୍ଥିତି ସମାଧାନ ହୋଇଥିଲା। ସୂଚନା ଯୋଗ୍ୟକି ଚମ୍ପୁଆ, ରିମୁଳି ଓ ଯାମୁଦଲକ ଲ୍ୟାମ୍ପର ୪୮୦୦ ଚାଷୀ ରହିଥିବା ବେଳେ ଆବଶ୍ୟକ ପରିମାଣରେ ୟୁରିଆ ସାର ପାଇପାରୁ ନାହାନ୍ତି।

# ରାସ୍ତା ମଝିରେ ଆକ୍ରାନ୍ତଙ୍କୁ ଛାଡ଼ି ପଳାଇଲା ଆମ୍ବୁଲାନ୍ସ

ପଦ୍ମପୁର, ୨୪।୮(ଡି.ଏନ୍.ଏ.)

କରୋନା ଆକ୍ରାନ୍ତ ଜଣେ ମହିଳାଙ୍କୁ କଟକରୁ ଗାଁକୁ ନେଇ ଆସୁଥିବା ଏକ ଘରୋଇ ଆମ୍ବୁଲାନ୍ସ ରାସ୍ତା ମଝିରେ ଛାଡ଼ି ପଳାଇବା ଘଟଣା ଚର୍ଚ୍ଚାର ବିଷୟ ହୋଇଛି। ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ବାଲିମୁଣ୍ଡା ପଞ୍ଚାୟତ ଅନ୍ତର୍ଗତ ନନ୍ଦପାଟଣା ଗ୍ରାମରେ ଏହି ଘଟଣା ଘଟିଛି। ଏହାକୁ ସ୍ଥାନୀୟ ଲୋକେ ବିରୋଧ କରି ଆକ୍ରାନ୍ତଙ୍କୁ କୋଭିଡ୍ ହସ୍ପିଟାଲକୁ ନେବା ପାଇଁ ଜିଦ୍ ଧରି ରୋଗୀଙ୍କୁ ଶୁଆଇ ରାସ୍ତା ଅବରୋଧ କରିଥିଲେ। ଫଳରେ ବାସୁଦେବପୁର-ଧାମରା ରାସ୍ତାର ଉଭୟ ପାର୍ଶ୍ୱରେ ଶତାଧିକ ଗାଡ଼ି ଅଟକି ରହିଥିଲା। ଖବର ପାଇ ନାୟିକାଣିଡିହୀ ଥାନାଧିକାରୀ ଉମାଶଙ୍କର ନାୟକ ପୋଲିସ କର୍ମଚାରୀଙ୍କ ସହ ଘଟଣାସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିଥିଲେ। ଏକ ଘଣ୍ଟା ପରେ ଯାନବାହାନ ଚଳାଚଳ ସ୍ୱାଭାବିକ ହୋଇଥିଲା।



ରାସ୍ତା ମଝିରେ ଶୋଇ ରହିଥିବା ମହିଳା।

ସୂଚନା ଅନୁଯାୟୀ, ମହିଳା ଜଣକ କଟକର ଏକ ହସ୍ପିଟାଲରେ ଗତ ୧୫ ଦିନ ହେଲା ଚିକିତ୍ସିତ ହେଉଥିଲେ। କରୋନା ପରୀକ୍ଷାରୁ ପଜିଟିଭ୍ ରିପୋର୍ଟ ଆସିବା ପରେ ହସ୍ପିଟାଲ କର୍ତ୍ତୃପକ୍ଷ ତାଙ୍କୁ ଘରକୁ ପଠାଇ ଦେଇଥିଲେ। ସୋମବାର ମଧ୍ୟାହ୍ନରେ ଉକ୍ତ ମହିଳାଙ୍କୁ ଆଣିଥିବା ଘରୋଇ ଆମ୍ବୁଲାନ୍ସଟି ବାଲିମୁଣ୍ଡା ବଜାରରେ ଛାଡ଼ି ପଳାଇ ଯାଇଥିଲା। ମହିଳା ଜଣକ ସେଠାରେ ୪ ଘଣ୍ଟା ଧରି ପଡ଼ି ରହିଥିଲେ ମଧ ତାଙ୍କୁ କୌଣସି ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରାଯାଇ ନ ଥିଲା। ଏସଂକ୍ରାନ୍ତରେ ବାସୁଦେବପୁର ତହସିଲଦାର ସୌମ୍ୟଶ୍ରୀ ପାଣିଗ୍ରାହୀଙ୍କୁ ପଚାରିବାରୁ ଆକ୍ରାନ୍ତଙ୍କୁ ଭଦ୍ରକ ସାଳନ୍ଦୀ କୋଭିଡ୍ ହସ୍ପିଟାଲକୁ ସ୍ଥାନାନ୍ତର କରିବେ ବୋଲି କହିଛନ୍ତି। ରିପୋର୍ଟ ଲେଖା ବେଳକୁ ଆକ୍ରାନ୍ତ ମହିଳା ବାଲିମୁଣ୍ଡା ହାଟଚାଳୀରେ ଅବହେଳିତ ଅବସ୍ଥାରେ ପଡ଼ି ରହିଥିଲେ। ଏହାକୁ ନେଇ ସାଧାରଣରେ ଅସନ୍ତୋଷ ଦେଖା ଦେଇଛି।

## ଏନ୍‌ଏଚ୍‌ର ଦୁରବସ୍ଥା ପାଇଁ ଆନ୍ଦୋଳନ ଚେତାବନୀ

କେନ୍ଦୁଝର, ୨୪।୮(ସ୍ୱ.ପ୍ର./ଡି.ଏନ.ଏ.)

କେନ୍ଦୁଝର ଜିଲା ଦେଇ ଯାଇଥିବା ବ୍ୟସ୍ତ ବହୁଳ ଜାତୀୟ ରାଜପଥ ୨୦ ଓ ୪୯ ର ଦୁରବସ୍ଥା ପାଇଁ ଜିଲାବାସୀ ଆନ୍ଦୋଳନକୁ ଓହ୍ଲାଇବେ। ଏହି ଜାତୀୟ ରାଜପଥରେ ପ୍ରତିଦିନ ହଜାର ହଜାର ଛୋଟ ଓ ବଡ ଯାନ ଯିବା ଆସିବା କରୁଥିବା ବେଳେ ଲୁହାପଥର ବୋଝେଇ ଟ୍ରକ, ଟ୍ରେଲର ଯାତାୟାତ କରିଥାଏ। ଏହି ରାସ୍ତା କାମ ସମ୍ପୂର୍ଣ୍ଣ ହୋଇନଥିବା ବେଳେ ଟୋଲ ଆଦାୟକୁ ଆଗରୁ ବିରୋଧ କରାଯାଇଥିଲା। ଏବେ ରାସ୍ତା ମରାମତି କରାଯାଉଥିବାରୁ ମରଣା ଯନ୍ତା ପାଲଟିଛି। ଫଳରେ ପ୍ରତିଦିନ ଦୁର୍ଘଟଣା ଘଟୁଥିବାବେଳେ ବ୍ୟାପକ ଜନଜୀବନ ପ୍ରଭାବିତ ହେଉଛି। ଏନେଇ ବିଭିନ୍ନ ସଂଗଠନ ପକ୍ଷରୁ ବହୁବାର ସ୍ୱର ଉତ୍ତୋଳନ କରାଯାଇଥିଲେ ମଧ ଏହାର ସୁଫଳ କିଛି ମିଳୁନାହିଁ। ଏଣୁ ବାଧ ହୋଇ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବାକୁ ସୋମବାର ସ୍ଥାନୀୟ ରୋଟାରୀ ଭବନ ଠାରେ ଏକ ସର୍ବଦଳୀୟ ବୈଠକରେ ନିଷ୍ପତ୍ତି ହୋଇଛି। ଏହି ବୈଠକରେ କଂଗ୍ରେସ, ବିଜେଡି, ବିଜେପି, ଭାଜପା, ସିପିଏମ ଦଳର ନେତାଙ୍କ ସହ ଜିଲାର ବହୁ ବୁଦ୍ଧିଜୀବୀ ଯୋଗ ଦେଇଥିଲେ। ବୈଠକରେ ପ୍ରଥମେ ଜିଲାପାଳଙ୍କୁ ଏହାର ଶୀଘ୍ର ସମାଧାନ ପାଇଁ ଦାବିପତ୍ର ପ୍ରଦାନ କରାଯିବ ବୋଲି ନିଷ୍ପତ୍ତି ଗ୍ରହଣ କରାଯାଇଛି। ଯଦି ସମସ୍ୟାର ସମାଧାନ ନ ହୁଏ ତେବେ ଆଗାମୀ ଦିନରେ ଆନ୍ଦୋଳନ କରାଯିବ।

## କଣ୍ଟାବଣି ଦଳ ଚାମ୍ପିୟନ

ଆନ୍ତଃଜିଲା ଭଲିବଲ ଟୁର୍ନାମେଣ୍ଟ

ରୂପ୍‌ସା, ୨୪।୮(ଡି.ଏନ.ଏ.)

ବାଲେଶ୍ୱର ଜିଲା ରୂପ୍‌ସା ଥାନା ଗଡ଼ପଦା ପଞ୍ଚାୟତ ଅନ୍ତର୍ଗତ ହବିଗଞ୍ଜ ବିକାଶ ପରିଷଦ ଆନୁକୂଲ୍ୟରେ ଆୟୋଜିତ ଏକ ଦିବସୀୟ ଆନ୍ତଃଜିଲା ଭଲିବଲ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଫାଇନାଲ ମ୍ୟାଚ୍‌ରେ ମୟୂରଭଞ୍ଜର ମନ୍ତ୍ରୀଡାହି ଦଳକୁ ୨-୦ ସେଟ୍‌ରେ ପରାସ୍ତ କରି ବାଲେଶ୍ୱର ଲଛମନଖୁଣ୍ଟାର କଣ୍ଟାବଣି ଦଳ ଚଳିତବର୍ଷ ଚାମ୍ପିୟନ ହୋଇଛି।

ଏହି ଟୁର୍ନାମେଣ୍ଟରେ ବିଭିନ୍ନ ଜିଲାରୁ ୮ଟି ପ୍ରମୁଖ ଦଳ ଅଂଶଗ୍ରହଣ କରିଥିଲେ। ରେଫ୍‌ରୀ ମାନସ ମିଶ୍ର ଓ ଅମୂଲ୍ୟ ରାଉତ ମ୍ୟାଚ୍ ପରିଚାଳନା କରିଥିଲେ। ମୁଖ୍ୟଅତିଥି ବରିଷ୍ଠ ଶିକ୍ଷକ ତଥା ବିକାଶ ପରିଷଦର ଆବାହକ ଗୋପାଳ ଚନ୍ଦ୍ର ସାହୁ ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରିବା ସହ ଚାମ୍ପିୟନ ଓ ରନର୍ସଅପ୍ ଦଳକୁ ନଗଦ ରାଶି ଓ ଟ୍ରଫି ପ୍ରଦାନ କରିଥିଲେ। ସାମାଜିକ କର୍ମୀ ଶମ୍ଭୁନାଥ ମାଝି ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ପରିଷଦର କର୍ମକର୍ତ୍ତା ଶତ୍ରୁଘ୍ନ ଦଳେଇ, ଦୀନବନ୍ଧୁ ଦଳେଇ, ଜତୀଶ କୁମାର ଦଳେଇ, ଦେବାଶିଷ ବେହେରା, ସୁନୀଲ ବାରିକ ପ୍ରମୁଖ ଟୁର୍ନାମେଣ୍ଟ ପରିଚାଳନାରେ ସହଯୋଗ କରିଥିଲେ।

## କାର୍‌ରୁ ନକଲି ଜର୍ଦ୍ଦା ଜବତ

ଭଦ୍ରକ ଅଫିସ, ୨୪।୮

ଭଦ୍ରକ ସହର ନକଲି ଜର୍ଦ୍ଦାର ହବ୍ ପାଲଟିଛି। ୨ ବର୍ଷ ମଧ୍ୟରେ ୧୦ ରୁ ଊର୍ଦ୍ଧ୍ୱ ସ୍ଥାନରୁ ନକଲି ଜର୍ଦ୍ଦା କାରଖାନା ପୋଲିସ ଦ୍ୱାରା ଠାବ ହୋଇସାରିଥିବା ବେଳେ ଏବେ ପୁଣି ସୋମବାର ନକଲି ଜର୍ଦ୍ଦା ଜବତ କରିଛି ଗ୍ରାମାଞ୍ଚଳ ପୋଲିସ। ଲକ୍ଷାଧିକ ଟଙ୍କାର ନକଲି ଜର୍ଦ୍ଦା ଏକ କାର୍ ଯୋଗେ ଚାଲାଣ ହେଉଥିବା ବେଳେ ପୂର୍ବରୁ ଛକି ରହିଥିବା ପୋଲିସ ଅର୍ଣ୍ଣପାଳ ଗଜେନ୍ଦ୍ରପୁର ନିକଟରେ ଗାଡ଼ିକୁ ଜବତ କରିଛି। ପୋଲିସକୁ ଦେଖି ଗାଡ଼ି ଡ୍ରାଇଭର ଓ ଅନ୍ୟ ଜଣେ ସହଯୋଗ ଦୌଡ଼ି ପଳାଇଥିଲେ। ପୋଲିସ ଦ୍ୱାରା କାର୍‌କୁ ଜବତ କରାଯାଇ ତଦନ୍ତ ଆରମ୍ଭ ହୋଇଛି। ସୂଚନା ଥାଉକି ନକଲି ଜର୍ଦ୍ଦା ପ୍ରସ୍ତୁତ ସାମଗ୍ରୀ ଆଣି ଘରୋଇ ଉପାୟରେ ବିଭିନ୍ନ ନାମୀଦାମୀ କମ୍ପାନୀର ପ୍ୟାକିଂ କରାଯାଇ ଅସଲି ଦରରେ ଜର୍ଦ୍ଦା ଗୁଡ଼ିକୁ ବିକ୍ରି କରାଯାଉଛି। ଏହା ଏବେ ନିତିଦିନିଆ ଘଟଣା ପାଲଟିଛି। ଠିକ୍ ଭାବେ କାର୍ଯ୍ୟାନୁଷ୍ଠାନ ନିଆଯାଉ ନ ଥିବାରୁ ଏହି କାମ ଦିନକୁ ଦିନ ବଢ଼ିବାରେ ଲାଗିଛି ବୋଲି ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି।

# ବଦଳିଲେ ଭଣ୍ଡାରିପୋଖରୀ ଥାନାଧିକାରୀ

ବାଲି ମାଫିଆଙ୍କ ସହ ବାର୍ତ୍ତାଳାପର ଅଡିଓ ଭାଇରାଲ

ଭଦ୍ରକ ଅଫିସ, ୨୪।୮

ବାଲି ମାଫିଆଙ୍କୁ ସୁହାଇଲା ଭଳି ଥାନାଧିକାରୀଙ୍କ କଥାବାର୍ତ୍ତାର ଅଡିଓ ରେକର୍ଡ ଏବେ ସୋସିଆଲ ମିଡ଼ିଆରେ ଭାଇରାଲ ହେବାରେ ଲାଗିଛି। ଏନେଇ ବିବାଦୀୟ ହୋଇପଡ଼ିଛନ୍ତି ଭଦ୍ରକ ଜିଲା ଭଣ୍ଡାରିପୋଖରୀ ଥାନାଧିକାରୀ ସନାତନ ସାହୁ। ଘଟଣାର ଗୁରୁତ୍ୱ ଦୃଷ୍ଟିରୁ ଏସ୍‌ପି ରାଜେଶ ପଣ୍ଡିତ ପ୍ରାଥମିକ ତଦନ୍ତ କରି ଥାନାଧିକାରୀ ସାହୁଙ୍କୁ ଜିଲା ମୁଖ୍ୟାଳୟକୁ ବଦଳି କରିଛନ୍ତି।

ଭଣ୍ଡାରିପୋଖରୀ ତହସିଲ ଅଧୀନ ବାଲିପୋଖରୀସ୍ଥିତ ବୈତରଣୀ ନଦୀପଠାରୁ ପ୍ରତ୍ୟେକ ଦିନ ବେଆଇନ ଭାବେ ବାଲିଖନନ ହେଉଛି। ଟନ୍ ଟନ୍ ବାଲି ତାଡ଼ି ଚୋରାରେ ବିକ୍ରି କରି ମାଫିଆ ମାଲାମାଲ ହେଉଛନ୍ତି। ଫଳରେ ସରକାରଙ୍କର ଲକ୍ଷ ଲକ୍ଷ ଟଙ୍କା ରାଜସ୍ୱ ହାନୀ ହେବା ସହ ନଦୀ ପଠା ମଧ ଖାଇଗଲାଣି। ଏପରିସ୍ଥଳେ ବାଲି ମାଫିଆଙ୍କ ସହ ଥାନା ଅଧିକାରୀ ସୁସମ୍ପର୍କ ସ୍ଥାପନ କରିଥିବା ଭାଇରାଲ ଅଡିଓରୁ ଜାଣିବାକୁ ମିଳିଛି। ଥାନାଧିକାରୀଙ୍କ ସହ କଥା ହେଉଥିବା ବ୍ୟକ୍ତିଙ୍କୁ ଡକାଇ ଏସ୍‌ପି ତଦନ୍ତ ଆରମ୍ଭ କରିଛନ୍ତି। ଘଟଣାର ତଦନ୍ତ ଜାରି ରହିଛି ଓ ବିବାଦୀୟ ଥାନାଧିକାରୀ ସାହୁଙ୍କୁ ଜିଲା ମୁଖ୍ୟାଳୟକୁ ବଦଳି କରାଯାଇଥିବା ଏସ୍‌ପି ଗଣମାଧ୍ୟମକୁ ସୂଚନା ଦେଇଛନ୍ତି।

## ଚୋରା ମଦ ବେପାରୀ ଗିରଫ

ଭଦ୍ରକ ଅଫିସ, ୨୪।୮

ଭଦ୍ରକ ଜିଲାର ପୁରୁଣାବଜାର ପୋଲିସ ଚନ୍ଦନ ବଜାର ଅଞ୍ଚଳରୁ ବିପୁଳ ପରିମାଣରେ ବିଦେଶୀ ମଦ ସହ ଏକ ସ୍କୁଟି ଜବତ କରିଛି। ପୁରୁଣାବଜାର ଥାନାଧିକାରୀ ଗଣେଶ୍ୱର ପ୍ରଧାନ କୌଣସି ସୂତ୍ରରୁ ଖବର ପାଇ ଚନ୍ଦନ ବଜାର ଅଞ୍ଚଳରେ ଚଢ଼ାଉ କରି ବିପୁଳ ପରିମାଣର ବିଦେଶୀ ମଦ ଜବତ କରିବା ସହିତ ରଞ୍ଜନ ସାହୁଙ୍କୁ ଗିରଫ କରିଛି।

## ସରକାରୀ ଜମିରୁ ଜବରଦଖଲ ହଟାଇବାକୁ ନିର୍ଦ୍ଦେଶ

୩ମାସ ହେଲା ଘରୁ ବାହାରିପାରୁ ନ ଥିଲେ ୩ ପରିବାର

ତିହିଡ଼ି, ୨୪।୮(ସ୍ୱ.ପ୍ର.)

୩ମାସ ହେଲା ସରକାରୀ ରାସ୍ତା ଜବରଦଖଲ ଯୋଗୁ ଭଦ୍ରକ ଜିଲା ତିହିଡ଼ି ବ୍ଲକ ନନ୍ଦପୁର ଗ୍ରାମର ତିନୋଟି ପରିବାର ଘରୁ ବାହାରି ନ ପାରି ଗୃହବନ୍ଦୀ ଜୀବନ ବିତାଉଥିଲେ। ଜବରଦଖଲ ନେଇ ସ୍ଥାନୀୟ ଅଞ୍ଚଳରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଥିଲା। ଏହାର ସମାଧାନ ପାଇଁ ସୋମବାର ସ୍ଥାନୀୟ ତହସିଲଦାର ରମେଶ ପଣ୍ଡା, ସ୍ଥାନୀୟ ଥାନା ଅଧିକାରୀ ରମେଶ ସିଂଙ୍କ ସମେତ ତହସିଲ କାର୍ଯ୍ୟାଳୟର କର୍ମଚାରୀ, ରାଜସ୍ୱ ନିରୀକ୍ଷକ ପହଞ୍ଚି ଉକ୍ତ ରାସ୍ତାକୁ ମାପଚୁପ କରିଥିଲେ। ମାପଚୁପରେ ସରକାରୀ ରାସ୍ତା ବାହାରିବା ପରେ ଏହା ଉପରେ ବେଆଇନ ଭାବେ ନିର୍ମାଣ କରାଯାଇଥିବା ଘରକୁ ଭାଙ୍ଗିବା ପାଇଁ ତହସିଲଦାର ତୁରନ୍ତ ଉପଜିଲାପାଳଙ୍କୁ ଚିଠି କରିଛନ୍ତି। ପ୍ରଶାସନର ଏହି ନିଷ୍ପତ୍ତି ଗ୍ରାମବାସୀଙ୍କୁ ଆଶ୍ୱସ୍ତ କରିଛି।

# ଜିଲା ସୈନିକ ବୋର୍ଡ ବନ୍ଦ

କେନ୍ଦ୍ରମନ୍ତ୍ରୀଙ୍କୁ ସ୍ମାରକପତ୍ର ଦେଲେ ଅବସରପ୍ରାପ୍ତ ସୈନିକ

ବାଲେଶ୍ୱର ଅଫିସ, ୨୪।୮

ପୂର୍ବତନ ସୈନିକମାନଙ୍କର ସ୍ୱାସ୍ଥ୍ୟ ଏବଂ ବିଭାଗୀୟ ତଥ୍ୟ ବୁଝିବା ପାଇଁ ଦୀର୍ଘଦିନ ଧରି ବାଲେଶ୍ୱର ଷ୍ଟେଶନ ଛକରେ ଜିଲା ସୈନିକ ବୋର୍ଡ଼ କାର୍ଯ୍ୟାଳୟ କାର୍ଯ୍ୟକାରୀ ହୋଇଆସୁଥିଲା। କୌଣସି କାରଣରୁ ଏହି କାର୍ଯ୍ୟାଳୟ ବନ୍ଦ ହେବା ପରେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି ପୂର୍ବତନ ସୈନିକମାନେ। ଏହାକୁ ପୁନର୍ବାର ଚାଲୁ କରିବା ପାଇଁ ସେମାନେ ସୋମବାର କେନ୍ଦ୍ରମନ୍ତ୍ରୀ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀଙ୍କୁ ସାକ୍ଷାତ୍ କରି ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି।

ବାଲେଶ୍ୱର, ଭଦ୍ରକ ଏବଂ ମୟୂରଭଞ୍ଜ ଜିଲାର ପୂର୍ବତନ ସୈନିକମାନଙ୍କ ପାଇଁ ଏହି ଅଫିସ୍ ଉଦ୍ଦିଷ୍ଟ ରହିଥିଲା। ପେନସନ ସମ୍ବନ୍ଧୀୟ, ଥଇଥାନ, ନିଜର ପ୍ରମାଣପତ୍ର, ବାସସ୍ଥାନ ପ୍ରମାଣପତ୍ର, ନିଜ ପିଲାମାନଙ୍କର ପଢ଼ିବା ସମ୍ବନ୍ଧୀୟ ଟ୍ୟୁଶନ୍ ଫି' ଚିଲଡ୍ରେନ୍ ଏଜୁକେଶନ ଫି' ଆଦି ପାଇଁ ସୈନିକ ବୋର୍ଡ଼ ଅଫିସ୍ ଉପରେ ନିର୍ଭର କରିଥାନ୍ତି। ବର୍ତ୍ତମାନ ଏହି ଅଫିସରେ କୌଣସି ସମ୍ପାଦକ କିମ୍ବା କିରାଣି ନ ଥିବା ଯୋଗୁ ଅଫିସରେ ତାଲା ଝୁଲୁଛି। ପ୍ରତ୍ୟେକ ଦିନ ବହୁ ଦୂରଦୂରାନ୍ତରୁ ଲୋକମାନେ ଅଫିସକୁ ଆସି ନିରାଶରେ ଫେରିଯାଉଛନ୍ତି। ତେଣୁ ଏହାର ବିହିତ ପ୍ରତିକାର ପାଇଁ କେନ୍ଦ୍ରମନ୍ତ୍ରୀଙ୍କୁ ସାକ୍ଷାତ୍ କରି ସଂଘର ଉପସଭାପତି ଅନନ୍ତ ଦାସ, ସମ୍ପାଦକ ଆନନ୍ଦ ବରାଳ, ଅନ୍ୟ ସଭ୍ୟ ମାନସ ମହାପାତ୍ର, ପ୍ରଦୀପ କୁମାର ବେହେରା, ରବୀନ୍ଦ୍ର ମହାକୁଡ଼, ଦୀନବନ୍ଧୁ ବେହେରା, ଷ୍ଟାଲିନ୍ ରାଉତ, ହରିହର ରାଉତ, ପ୍ରଫୁଲ୍ଲ କୁମାର ପଣ୍ଡା, ଭଗବାନ ସାହୁ ଓ ପ୍ରଦୀପ ସାହୁ ପ୍ରମୁଖ ଆଲୋଚନା କରିଛନ୍ତି। ଏହାର ବିଧିବଦ୍ଧ କାର୍ଯ୍ୟାନୁଷ୍ଠାନ ପାଇଁ ପ୍ରତିରକ୍ଷା ବିଭାଗକୁ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି।

# ହାତୀ ଉପଦ୍ରବ: ଗ୍ରାମବାସୀ ଆତଙ୍କିତ

ଖାଇଲେ ଧାନ, ନଷ୍ଟ କଲେ ବୋଇତାଳୁ ଚାଷ

ପାଟଣା,୨୪।୮(ସ୍ୱ. ପ୍ର.):

କେନ୍ଦୁଝର ଜିଲା ପାଟଣା ରେଞ୍ଜ୍‌ରେ ୨୩ ଟିକିଆ ହାତୀ ପଲଙ୍କ ଉପଦ୍ରବ ବଢ଼ିବାରେ ଲାଗିଛି। ହାତୀପଲ ଦିନବେଳେ ଜଙ୍ଗଲ ଭିତରେ ରହୁଥିବାବେଳେ ସନ୍ଧ୍ୟାହେଲେ ଗାଁଭିତରକୁ ପଶି ଆଶି ଆତଙ୍କ ଖେଳାଉଛନ୍ତି। ଏହି ହାତୀପଲ ରବିବାର ପୁଣି କରଞ୍ଜିଆ ରେଞ୍ଜରୁ ଆସି ପାଟଣା ରେଞ୍ଜ ର ଗୋରାଣ୍ଡି ଯୋଡି ଓ ଉଦୟପୁର ବିଟ ଅନ୍ତର୍ଗତ ଚାତର ପାଣି, ଗୋଜିଟାଙ୍ଗିରି, ବାଲିତୋଟା, ବରବେଡା, ଲକ୍ଷ୍ମୀପଶୀ, ଜଗନ୍ନାଥପୁର ଓ ଖୁଣ୍ଟାପଡା ଗ୍ରାମରେ ପଶି ଉପଦ୍ରବ କରିଛନ୍ତି। ଏହି ହାତୀପଲ ଖୁଣ୍ଟା ପଡା ଗ୍ରାମର ବନ ମାଳି ମୁଣ୍ଡାଙ୍କ ଆଜବେଷ୍ଟସ ଘର, ବରବେଡା ଗ୍ରାମର ପ୍ରଭାକର ମହନ୍ତଙ୍କ ପକ୍କା ଘର ଓ ଗୋଜିଟାଙ୍ଗିରି ଗ୍ରାମର ବୁଧୁ ମୁଣ୍ଡାଙ୍କ ଚାଳ ଘର କାନ୍ଥ ଓ ଆଜବେଷ୍ଟଷ୍ଟେସ କଣା କରିପକାଇବା



ହାତୀପଲ ଧାନ ଖାଇବାକୁ ଚାଷ ଜମିରେ ପଶିଛନ୍ତି।

ସହ ଭାଙ୍ଗି ଦେଇଛନ୍ତି। ହାତୀ ପଲଙ୍କ ଭୟଙ୍କର ଗର୍ଜନରେ ରାତିରେ ଲୋକେ ଭୟରେ ଉଜାଗର ହୋଇ ରହୁଛନ୍ତି। ଏଣେ ବନ ବିଭାଗର ଶତ ଚେଷ୍ଟା ପରେ ବି ପାଟଣା ଓ କରଞ୍ଜିଆ ରେଞ୍ଜରୁ ହାତୀପଲ ହଟୁ ନାହାନ୍ତି। ଏହି ହାତୀ ପଲ ଲୋକଙ୍କ ନିଦ ହଜାଇଦେବା ସହ ବନ ବିଭାଗକୁ ମଧ ୩ ଦିନ ହେବ ନାକେଦମ କରିସାରିଲେଣି। ଘଟଣା ସ୍ଥଳରେ ହାତୀ ଘଉଡାଇବା ଓ ତାଙ୍କ ଗତିବିଧିଉପରେ ନଜର ରଖିବାକୁ ସାହରାପଡା ଫରେଷ୍ଟର ସୁନିତା ବୋଘେଲଙ୍କ ସହ ରାଇଡିହା, ମାଛଗଡ଼, ଉଦୟପୁର ଫରେଷ୍ଟ ଗାର୍ଡ ଓ ପାରା ଷ୍ଟାଫ ଜଗି ରହି କାମ କରୁଥିବା ରେଞ୍ଜର ପବିତ୍ର ମୋହନ ନାୟକ ସୂଚନା ଦେଇଛନ୍ତି। ରବିବାର ୨୩ ଟିକିଆ ହାତୀପଲ ପାଟଣା ରେଞ୍ଜରେ ଉପଦ୍ରବ କରିବା ପରେ ୧୫ଟି ହାତୀ ସୋମବାର ସକାଳୁ ଦେଓ ନଦୀ ପାର ହୋଇ କରଞ୍ଜିଆ ରେଞ୍ଜକୁ ଚାଲି ଯାଇଥିବା ବେଳେ ୮ ହାତୀ ଉଦୟପୁର ବିଟ ଲକ୍ଷ୍ମୀପଶି ଖେସେରା ଜଙ୍ଗଲ ଓ ଜଗନ୍ନାଥ ପୁର ଅଞ୍ଚଳରେ ସୋମବାର ଏକର ଏକର ଧାନ ଫସଲ ନଷ୍ଟ କରିଛନ୍ତି।

## ପାହାଡ଼ରୁ ଯୁବତୀଙ୍କ ଖପୁରୀ, କଙ୍କାଳ ଜବତ

ପୋଲସରା(ଡି.ଏନ.ଏ): ପୋଲସରା ଥାନା ଗୋଛାବାଡ଼ି ପଞ୍ଚାୟତ ଚେଙ୍ଗ ଓ ବେରୁହାଁବାଡ଼ି ନିକଟ ପାହାଡ଼ରୁ ଜଣେ ଯୁବତୀଙ୍କ ଖପୁରୀ, କଙ୍କାଳ, ଚୁଡି ଓ ପୋଷାକ ପୋଲିସ ଜବତ କରିଛି। ପାହାଡ଼ରେ ଗଳିତ ମୃତଦେହ ପଡ଼ିଥିବା ନେଇ ରବିବାର ସନ୍ଧ୍ୟାରେ ପୋଲିସ କୌଣସି ସୂତ୍ରରୁ ଖବର ପାଇଥିଲା। ସୋମବାର ପୁରୁଷୋତ୍ତମପୁର ଏସ୍‌ଡିପିଓ ସୀମା ସ୍ୱାଇଁ, ପୋଲସରା ଥାନାଧିକାରୀ ଜିତେନ୍ଦ୍ର କୁମାର ମଲ୍ଲିକ ଓ ସାଇଣ୍ଟିଫିକ ଟିମ ଘଟଣାସ୍ଥଳରେ ପହଞ୍ଚି ଖପୁରୀ, କଙ୍କାଳ ଆଦି ଜବତ କରି ବ୍ରହ୍ମପୁର ପଠାଇଛନ୍ତି। ଏ ନେଇ ନଂ.୧୮/୨୦ରେ ଅପମୃତ୍ୟୁ ମାମଲା ରୁଜୁ କରାଯାଇ ତଦନ୍ତ ଚାଲିଛି।



## ସଂକ୍ଷେପରେ

### ୬୧ ଜଣଙ୍କୁ ଦିଆଗଲାଣି ପ୍ଲାଜ୍‌ମା ଥେରାପି

**ଛତ୍ରପୁର,୨୪।୮(ଡି.ଏନ୍.ଏ.):** ଗଞ୍ଜାମ ଜିଲାରେ କରୋନାରେ ଗୁରୁତର ୬୧ ରୋଗୀଙ୍କୁ ପ୍ଲାଜ୍‌ମା ଥେରାପି ଦିଆଗଲାଣି। ଶୀତଳାପଲ୍ଲୀସ୍ଥିତ କୋଭିଡ୍ ହସ୍ପିଟାଲରେ ଏହି ଥେରାପି ଦିଆଯାଇଥିବା ଜିଲା

**ଶୀତଳାପଲ୍ଲୀ କୋଭିଡ୍ ହସ୍ପିଟାଲ**

କୋଭିଡ୍ ସେଲ୍ ପକ୍ଷରୁ ସୋମବାର ଟୁଇଟ କରି ସୂଚନା ଦିଆଯାଇଛି। ଆହୁରି ସୂଚନା ଦିଆଯାଇଛି ଯେ, ବ୍ରହ୍ମପୁରସ୍ଥିତ ଏମ୍‌କେସିଜି ପ୍ଲାଜ୍‌ମା ବ୍ୟାଙ୍କରେ କରୋନାରୁ ସୁସ୍ଥ ୧୧୨ ଜଣଙ୍କ ପ୍ଲାଜମା ଗ୍ରହଣ ନିମନ୍ତେ ସ୍କ୍ରିନିଂ କରାଯାଇଥିଲା। ସେଥିରୁ ୭୭ ଜଣଙ୍କଠାରୁ ପ୍ଲାଜ୍‌ମା ସଂଗ୍ରହ କରଯାଇଥିଲା। ଅନ୍ୟପକ୍ଷରେ ବର୍ତ୍ତମାନ ସୁଦ୍ଧା ଜିଲ୍ଲାରେ ୨୮୭ ପ୍ଲାଜ୍‌ମାଦାତା ଚିହ୍ନଟ ହୋଇଥିବା ଜିଲାପାଳ ବିଜୟ୍ ଅମୃତା କୁଲାଙ୍ଗେ ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, ଜିଲାରେ ୧୪ ହଜାରରୁ ଉର୍ଦ୍ଧ୍ୱ କରୋନାରୁ ସୁସ୍ଥ ହୋଇଛନ୍ତି। ଏବେ ଜିଲାରେ ଆରୋଗ୍ୟଙ୍କ ସ୍ୱାସ୍ଥ୍ୟ ସ୍କ୍ରିନିଂ ଓ ପ୍ଲାଜମାଦାତା ଚିହ୍ନଟ ଚାଲିଛି। ବର୍ତ୍ତମାନ ସୁଦ୍ଧା ୧୪୧୭ ଘରକୁ ଯାଇ ୬୦୧୨ଙ୍କ ସ୍କ୍ରିନିଂ କରାଯାଇଛି।

### ନାବାଳିକାଙ୍କୁ ଅସଦାଚରଣ, ଅଭିଯୁକ୍ତ ଗିରଫ

**ଗୋପାଳପୁର,୨୪।୮:** ଜଣେ ନାବାଳିକାଙ୍କୁ ଅସଦାଚାରଣ କରିବା ଅଭିଯୋଗରେ ଗୋଳନ୍ଥରା ଥାନା ପୋଲିସ ଅଭିଯୁକ୍ତଙ୍କୁ ସୋମବାର ଗିରଫ କରିଛି। ସେ ହେଲେ କେ. ଯୁଧିଷ୍ଠିର। ତାଙ୍କୁ କୋର୍ଟଚାଲାଣ କରାଯାଇଛି। ଗତ ୨୯ ତାରିଖରେ ନାବାଳିକା ତାଙ୍କ ବାପାଙ୍କ ଦୋକାନରେ ବସିଥିଲେ। ଯୁଧିଷ୍ଠିର ପୁଡ଼ିଆ କିଣିବା ବାହାନାରେ ଯାଇ ତାଙ୍କୁ ଅସଦାଚାରଣ କରିଥିଲେ। ନାବାଳିକା ପାଟି କରିବାରୁ ସେ ଚମ୍ପଟ ମାରିଥିଲେ। ଝିଅଠାରୁ ଘଟଣା ସମ୍ପର୍କରେ ଜାଣିବା ପରେ ବାପା ଥାନାରେ ଅଭିଯୋଗ କରିଥିଲେ। ନଂ.୨୦୩/୨୦ରେ ପୋଲିସ ମାମଲା ରୁଜୁ କରିଥିଲା। ସୋମବାର ଯୁଧିଷ୍ଠିର ଗାଁରେ ବୁଲୁଥିବା ବେଳେ ତାଙ୍କୁ କାବୁ କରାଯାଇଛି।

### ମୃତଦେହ ସଂସ୍କାର ପାଇଁ କାଠ ଯୋଗାଇବାକୁ କଂଗ୍ରେସର ଦାବି

**ପାରଳାଖେମୁଣ୍ଡି,୨୪।୮(ସ୍ୱ.ପ୍ର.):** ପାରଳାଖେମୁଣ୍ଡିଠାରେ ମୃତ ବ୍ୟକ୍ତିଙ୍କ ସତ୍କାର କରିବାରେ ସମସ୍ୟା ହେଉଥିବା ନେଇ ନଗର କଂଗ୍ରେସ ପ୍ରଶାସନର ଦ୍ୱାରସ୍ଥ ହୋଇଛି। ପାରଳାଖେମୁଣ୍ଡି ନଗର ସଂଗ୍ରେସ ସଭାପତି ବସନ୍ତ କୁମାର ପଣ୍ଡା ସୋମବାର ଜିଲାପାଳଙ୍କ ଦାୟିତ୍ୱରେ ଥିବା ମହେଶ କୁମାର ଚୌଧୁରୀଙ୍କୁ ଭେଟି ଏକ ଦାବିପତ୍ର ପ୍ରଦାନ କରିଛନ୍ତି। କରୋନା ଏବଂ ଅନ୍ୟ କାରଣ ଯୋଗୁ ୨ମାସ ମଧ୍ୟରେ ପାରଳାଖେମୁଣ୍ଡି ଅଞ୍ଚଳରେ ଅନେକ ଲୋକଙ୍କ ମୃତ୍ୟୁ ଘଟିଛି। ମୃତଦେହ ସତ୍କାର ପାଇଁ ଏଠାରେ ଗୋବର ଘସି ବ୍ୟବହାର କରାଯାଇଥାଏ। ହେଲେ ଏବେ ତାହା ମିଳୁ ନ ଥିବାରୁ ସମସ୍ୟା ହେଉଛି। ଏଭଳି ସମୟରେ ତିତ୍‌ଲି ବାତ୍ୟାରେ ଭାଙ୍ଗିଥିବା ଏବଂ ରାସ୍ତା ସମ୍ପ୍ରସାରଣବେଳେ କଟାଯାଇଥିବା ଗଛଗୁଡ଼ିକୁ ସତ୍କାର କାର୍ଯ୍ୟରେ ବିନିଯୋଗ ପାଇଁ ଯୋଗାଇଦେବା ନିମନ୍ତେ ଦାବିପତ୍ରରେ ଉଲ୍ଲେଖ ରହିଛି।

# ଗଞ୍ଜାମରେ କଟକଣା କୋହଳ

ଛତ୍ରପୁର(ଡି.ଏନ୍.ଏ.)/ ବ୍ରହ୍ମପୁର ଅଫିସ, ୨୪।୮



ବୈଠକରେ ଉପସ୍ଥିତ ଜିଲାପାଳ ଓ ଅନ୍ୟମାନେ।

■ ସକାଳ ୫ରୁ ରାତି ୮ଟା ଯାଏ ଖୋଲିଲା ଦୋକାନ

■ ବାହାରୁ ଆସୁଥିବା ଲୋକଙ୍କ ଉପରେ ନଜର ରହିବ

ଗଞ୍ଜାମ ଜିଲାରେ ସୋମବାରଠାରୁ କଟକଣା ସାମାନ୍ୟ କୋହଳ ହୋଇଛି। ଜିଲାକୁ ପ୍ରବେଶ ଓ ଜିଲାରୁ ପ୍ରସ୍ଥାନ ଲାଗି ଥିବା କଟକଣା କୋହଳ ହଟିଛି। ସେହିପରି ଏଣିକି ଜିଲାରେ ସୋମବାରଠାରୁ ଶୁକ୍ରବାର ପର୍ଯ୍ୟନ୍ତ ସକାଳ ୫ଟାରୁ ରାତି ୮ଟା ଯାଏ ଦୋକାନ ବଜାର ଖୋଲାରହିବ। ପୂର୍ବଭଳି ଶନିବାର ଓ ରବିବାର ଶଟ୍‌ଡାଉନ ଜାରି ରହିବ। ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ଟୁଇଟ୍ କରି ଏହି ସୂଚନା ଦେଇଛନ୍ତି। ବ୍ରହ୍ମପୁର ସହରରେ ମଧ୍ୟ ଅନୁରୂପ କୋହଳ ହୋଇଥିବା ବିଏମ୍‌ସି କମିଶନର ଚକ୍ରବର୍ତ୍ତୀ ସିଂ ରାଠୋର ଟୁଇଟ କରି ସୂଚାଇଛନ୍ତି। ସୋମବାରଠାରୁ ସହରର ସମସ୍ତ ପ୍ରବେଶପଥ ଖୋଲିଛି। ବସ୍ ଚଳାଚଳ ଆରମ୍ଭ କରିଥିବା ଦେଖାଯାଇଛି। ଜିଲାରେ ଦୋକାନୀମାନେ ଗ୍ରାହକଙ୍କ ମଧ୍ୟରେ ସାମାଜିକ ଦୂରତ୍ୱ ରକ୍ଷାକୁ ଗୁରୁତ୍ୱ ଦେବେ। ପଞ୍ଚସୂତ୍ର ନିୟମ ମାନିବେ। କରୋନା ଯାଇନି, ତେଣୁ ସତର୍କତା ଅବଲମ୍ବନ ଜରୁରୀ ବୋଲି ଜିଲାପାଳ କହିଛନ୍ତି।

ଅନ୍ୟପକ୍ଷରେ ଛତ୍ରପୁରଠାରେ ଭିଡିଓ କନଫରେନ୍ସରେ ଜିଲାପାଳ ସୋମବାର ସମସ୍ତ ଅଧିକାରୀମାନଙ୍କ ସହିତ କୋଭିଡ୍ ପରିଚାଳନା ସମ୍ପର୍କିତ ଆଲୋଚନା କରିଥିଲେ। କରୋନା ଆକ୍ଟିଭ କେସ ଶୂନ୍ୟ କରିବା, ଦୋକାନ ଖୋଲିବା ସମୟ ବୃଦ୍ଧି, ସାମାଜିକ ଦୂରତ୍ୱ, କରୋନାରୁ ସୁସ୍ଥଙ୍କ ସ୍ୱାସ୍ଥ୍ୟଯାଞ୍ଚ ଓ ପ୍ଲାଜ୍‌ମା ଦାନ ଆଦି ବିଷୟ ଆଲୋଚନା ହୋଇଛି। ବାହାରୁ ଆସୁଥିବା ବ୍ୟକ୍ତି ଓ ପ୍ରବାସୀଙ୍କ ଦ୍ୱାରା ସଂକ୍ରମଣର ସମ୍ଭାବନା ରହିଛି। ଗ୍ରାମସ୍ତରରେ ଗଠିତ ଗ୍ରାମ୍ୟ କମିଟିର ଭୂମିକା ବର୍ତ୍ତମାନ ସମୟରେ ଗୁରୁତ୍ୱପୂର୍ଣ୍ଣ। ଗାଁ ଲୋକଙ୍କ ଦ୍ୱାରା ବାହାରୁ ଯାତାୟାତ କରୁଥିବା ଲୋକଙ୍କ ଉପରେ ନଜର ରଖିହେବ। ଗ୍ରାମାଞ୍ଚଳ ସ୍ତରରୁ ଠିକ୍ ପରିଚାଳନା କରିବାକୁ ଜିଲାପାଳ ଅଧିକାରୀମାନଙ୍କୁ କହିଥିଲେ। ସଂପ୍ରତି ଯେଉଁ କୋହଳ ହୋଇଛି, ତାହା କଣ୍ଟେନମେଣ୍ଟ ଜୋନ ପାଇଁ ଲାଗୁ ହେବନାହିଁ। କଣ୍ଟେନମେଣ୍ଟ ଜୋନ୍ ଘୋଷିତ ଅଞ୍ଚଳରେ ଆର୍‌ଆର୍‌ଟି ଟେଷ୍ଟ ଓ କରୋନା ସଂକ୍ରମିତ ଲକ୍ଷଣ ଯାଞ୍ଚ ଚାଲୁ ରହିବ। ହୋମ ଆଇସୋଲେଶନରେ ଥିବା ବ୍ୟକ୍ତିଙ୍କ ତଥ୍ୟ ସଂଗ୍ରହ ପ୍ରକ୍ରିୟା ଚାଲୁ ରହିବ। ଆକ୍ଟିଭ କେସ ଥିବା ଅଞ୍ଚଳରେ ଜିରୋ କରିବା ପ୍ରକ୍ରିୟା ଚାଲୁ ରହିବ। ହୋମ ଆଇସୋଲେଶନରେ ରହିଥିବା ବ୍ୟକ୍ତିଙ୍କର ଯଦି ମଧୁମେହ ଥାଏ ତେବେ ସେମାନଙ୍କୁ ହୋମ ଆଇସୋଲେଶନରେ ନ ରଖି କୋଭିଡ୍ ଚିକିତ୍ସାଳୟକୁ ସ୍ଥାନାନ୍ତର କରବାକୁ ଜିଲାପାଳ କହିଛନ୍ତି। ଆସନ୍ତା ସେପ୍ଟେମ୍ବର ମାସରେ ସମସ୍ତ କାର୍ଯ୍ୟାଳୟ ଜନସାଧାରଣଙ୍କ ନିମନ୍ତେ ଖୋଲାଯିବା ଯୋଜନା ରହିଛି। ଗୋଷ୍ଠୀ ଉନ୍ନୟନ ଅଧିକାରୀ ପୂର୍ବାହ୍ନରେ କୋଭିଡ୍ ପରିଚାଳନା ଏବଂ ଅପରାହ୍ନରେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା ଓ ଚରାରୋପଣ କାର୍ଯ୍ୟର ପରିଚାଳନା କରିବେ। ସେହିପରି ତହସିଲଦାରମାନେ ପୂର୍ବାହ୍ନରେ କୋଭିଡ କାର୍ଯ୍ୟ ଓ ଅପରାହ୍ନରେ ରାଜସ୍ୱ କାର୍ଯ୍ୟ ପରିଚାଳନା କରିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି।

# ରାଇପଙ୍ଗାରେ ମାଓବାଦୀ ବିରୋଧୀ ପୋଷ୍ଟର

ବାଲିଗୁଡା,୨୪।୮(ଡି.ଏନ୍.ଏ.)



ମାଓବାଦୀ ବିରୋଧୀ ପୋଷ୍ଟର।

କନ୍ଧମାଳ ଜିଲା ବାଲିଗୁଡ଼ା ଥାନା ଅନ୍ତର୍ଗତ ରାଇପଙ୍ଗା ଗ୍ରାମରେ ମାଓବାଦୀ ବିରୋଧୀ ପୋଷ୍ଟର ଲାଗିଥିବା ସୋମବାର ଦେଖାଯାଇଛି। ଆଇଏନ୍‌ପିପିଏଫ ପକ୍ଷରୁ ଲଗାଯାଇଥିବା ଏହି ପୋଷ୍ଟରରେ କଞ୍ଚାଲଗୁ ହିଂସାକୁ ବିରୋଧ କରାଯାଇଛି। ଆଇଏନ୍‌ପିପିଏଫ ଜିଲା କମିଟି ପକ୍ଷରୁ ମାଓବାଦୀମାନଙ୍କ କାର୍ଯ୍ୟକୁ କଟୁ ଭାଷାରେ ସମାଲୋଚନା କରାଯାଇଛି। ମାଓବାଦୀମାନେ ଅଗଷ୍ଟ ୧୮ରୁ ୨୪ ପର୍ଯ୍ୟନ୍ତ ବନ୍ଦ ସଫଳ କରିବା ପାଇଁ କେଉଁ ଅଧିକାରରେ ଆହ୍ୱାନ କରିଛନ୍ତି, ଓ କ'ଣ ପାଇଁ କଞ୍ଚାଲଗୁରେ ହିଂସା ଘଟାଇଲେ ବୋଲି ଆଇଏନ୍‌ପିପିଏଫ ପ୍ରଶ୍ନ ଉଠାଇଛି। ବିକାଶ କାମକୁ ବିରୋଧ କରି କଞ୍ଚାଲଗୁଠାରେ ଘଟାଯାଇଥିବା ହିଂସାକୁ ଆମେ ନିନ୍ଦା କରୁଛୁ। ଆଦିବାସୀ ବିକାଶ ବିରୋଧୀ ନକ୍ସଲ ତୁମକୁ ଏହାର ଜବାବ ଦେବାକୁ ପଡିବ ବୋଲି ପୋଷ୍ଟରରେ ଉଲ୍ଲେଖ କରାଯାଇଛି। ପୋଷ୍ଟର ଶେଷରେ କେକେବିଏନ୍ ଡିଭିଜିନାଲ କମିଟି ମୁରାଦାବାଦ୍, ଆଇଏନପିପିଏଫ କନ୍ଧମାଳ ଜିଲା କମିଟି ଉଲ୍ଲେଖ ରହିଛି।

## ଏଟିଏମ୍‌ରୁ ଲୁଟ୍ ଉଦ୍ୟମ ବିଫଳ

**ଭଞ୍ଜନଗର,୨୪।୮(ଡି.ଏନ.ଏ):** ଭଞ୍ଜନଗର ଥାନା କୁଲାଡ଼ସ୍ଥିତ ଷ୍ଟେଟ୍ ବ୍ୟାଙ୍କ ଏଟିଏମ୍‌ରୁ ରବିବାର ରାତିରେ ଟଙ୍କା ଲୁଟ୍ ଉଦ୍ୟମ ହୋଇଥିଲା। ସୋମବାର ଏହା ଜଣାପଡ଼ିବା ପରେ ସ୍ଥାନୀୟ ଲୋକେ ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ସାଇଣ୍ଟିଫିକ୍ ଟିମ୍ ସହାୟତାରେ ତଦନ୍ତ ଆରମ୍ଭ କରିଛି। ଲୁଟେରା ଏଟିଏମ୍ ତାଡ଼ି ଟଙ୍କା ନେବାକୁ ଉଦ୍ୟମ କରିଥିଲେ ମଧ୍ୟ ସେଥିରେ ବିଫଳ ହୋଇଛନ୍ତି। ଏ ନେଇ ଭଞ୍ଜନଗର ଥାନାରେ ନଂ. ୪୬୩/୨୦ରେ ମାମଲା ରୁଜୁ ହୋଇଛି। ଥାନା ଅଧିକାରୀ ସୁଦିପ୍ତ ସାହୁ କହିଛନ୍ତି, ସିସିଟିଭି ଫୁଟେଜ୍ ଯାଞ୍ଚ ପରେ ତଦନ୍ତରେ ଅଗ୍ରଗତି ହେବ। ଦୁର୍ବୃତ୍ତଙ୍କୁ ଚିହ୍ନଟ କରି ଗିରଫ କରାଯିବ।



ସୋମବାର ବ୍ରହ୍ମପୁର ସହରରେ ହୋଇଥିବା ଭିଡ।

## ଶଟ୍‌ଡାଉନ୍ ପରେ ଅସମ୍ଭାଳ ଭିଡ଼

ବ୍ରହ୍ମପୁର ଅଫିସ, ୨୪।୮

ଗଞ୍ଜାମ ଜିଲାରେ କରୋନା ସ୍ଥିତିକୁ ଦେଖି ଜିଲାପାଳ ମହାନଗରରେ ପ୍ରତି ସପ୍ତାହର ଶନିବାର ଓ ରବିବାର ୨ ଦିନିଆ ଶଟ୍‌ଡାଉନ ଘୋଷଣା କରିଛନ୍ତି। ୨୩ତାରିଖରେ ଏହାର ଅବଧି ସରିଥିଲା। ସେହିପରି ସୋମବାର ସକାଳ ୫ଟାରୁ ରାତି ୮ ଯାଏ ଦୋକାନ ବଜାର ଖୋଲା ରହିବ ବୋଲି ବିଏମ୍‌ସି କମିଶନର ଚକ୍ରବର୍ତ୍ତୀ ସିଂ ରାଠୋର ରବିବାର ରାତିରେ ବିଜ୍ଞପ୍ତି ଜାରି କରିଥିଲେ। ଏହା ସତ୍ତ୍ୱେ ସୋମବାର ସକାଳୁ ବ୍ରହ୍ମପୁର ସହରର ବିଭିନ୍ନ ଛକରେ ଲୋକଙ୍କ ପ୍ରବଳ ଭିଡ ଦେଖିବାକୁ ମିଳିଥିଲା। ବିଭିନ୍ନ ବଜାର, ଭେଣ୍ଡିଂ ଜୋନ୍, ତେଜରାତି ଦୋକାନ, ଫଳ ଦୋକାନ, ଡ୍ରେସ୍ ଦୋକାନ ଆଦିରେ ଭିଡ଼ ଲାଗି ରହିଥିଲା। ଜିଲାରେ ୬ଟି ସର୍ତ୍ତରେ ଦୋକାନୀ ମାନଙ୍କୁ କରୋନା କଟକଣା କାର୍ଯ୍ୟକାରୀ କରିବାକୁ ଜିଲାପାଳ ସତର୍କ କରାଇ ଦେଇଛନ୍ତି। ସହରରେ ମୋଟ ୩୫ ଅଞ୍ଚଳରୁ ସଂକ୍ରମିତ ଚିହ୍ନଟ ହୋଇଥିବା ନେଇ ମହାନଗର ନିଗମ ତରଫରୁ ମ୍ୟାପ ଜରିଆର ସୂଚନା ଦିଆଯାଇଥିଲା। ସହରରେ କରୋନା ଯୋଦ୍ଧା ଡାକ୍ତର, ନର୍ସ ସ୍ୱାସ୍ଥ୍ୟକର୍ମୀ, ପୋଲିସ ସମେତ ସାଧାରଣ ଲୋକ ଆକ୍ରାନ୍ତ ହୋଇ ସାରିଲେଣି। ଅନ୍ୟପଟେ ଜିଲାରେ ଅଦ୍ୟାବଧି ୧୬,୫୨୮କରୋନାରେ ସଂକ୍ରମିତ ହୋଇଥିବା ବେଳେ ସେଥିମଧ୍ୟରୁ ୧୭୯ କରୋନା ସଂକ୍ରମିତଙ୍କ ମତ୍ୟୁ ଘଟି ସାରିଲାଣି। ଲୋକେ ନିଜେ ସଚେତନ ଓ ସତର୍କ ରହିଲେ ହିଁ କରୋନା ସଂକ୍ରମଣକୁ ରୋକିହେବ ବୋଲି ବୁଦ୍ଧିଜୀବୀମାନେ ମତ ଦେଇଛନ୍ତି।

## ଗଜପତିରୁ ୩ ପଜିଟିଭ ଚିହ୍ନଟ

ପାରଳାଖେମୁଣ୍ଡି,୨୪।୮(ସ୍ୱ.ପ୍ର.)

ଗଜପତି ଜିଲାରେ ସୋମବାର ୩ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ସେମାନଙ୍କୁ ମିଶାଇ ଜିଲାରେ ଆକ୍ରାନ୍ତଙ୍କ ସଂଖ୍ୟା ୨୬୫୩ରେ ପହଞ୍ଚିଛି। ଆଜି ଚିହ୍ନଟ ସଂକ୍ରମିତଙ୍କ ମଧ୍ୟରୁ ପାରଳାଖେମୁଣ୍ଡି ସହରାଞ୍ଚଳରୁ ୨, ଜିଲା ବାହାରେ ଆଉ ଜଣେ ଚିହ୍ନଟ ହୋଇଥିବା ଜିଲାପାଳ ଅନୁପମ ସାହା ସୂଚନା ଦେଇଛନ୍ତି।

## ମୁନିଗାଡ଼ି, ଗହଙ୍ଗୁ ଗ୍ରାମ କଣ୍ଟେନମେଣ୍ଟ ଜୋନ୍

**ଆସିକା,୨୪।୮(ଡି.ଏନ୍.ଏ.):** କରୋନା ଆକ୍ରାନ୍ତ ଚିହ୍ନଟ ପରେ ଆସିକା ବ୍ଲକ ମୁନିଗାଡ଼ି ପଞ୍ଚାୟତର ମୁନିଗାଡ଼ି ଓ ଗହଙ୍ଗୁ ପଞ୍ଚାୟତର ଗହଙ୍ଗୁ ଗ୍ରାମକୁ କଣ୍ଟେନ୍‌ମେଣ୍ଟ ଜୋନ ଘୋଷଣା କରାଯାଇଛି। ସେହିପରି ମୁନିଗାଡି ପଞ୍ଚାୟତର ସିଙ୍ଗିପୁର ଓ ବନ୍ଧପଲ୍ଲୀ ଏବଂ ଗହଙ୍ଗୁ ପଞ୍ଚାୟତର ଫାପଲପୁର ଓ ଦାନଚନ୍ଦନପେଢି ଗ୍ରାମକୁ ବଫର ଜୋନ୍ ଭାବେ ଘୋଷଣା କରାଯାଇଛି। ରବିବାର ରାତିରେ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ଏହି ନିର୍ଦ୍ଦେଶନାମା ଜାରି କରିଛନ୍ତି। ସୋମବାର ବ୍ଲକ ପ୍ରଶାସନ ପକ୍ଷରୁ ସଂପୃକ୍ତ ଗ୍ରାମାଞ୍ଚଳରେ ଏହାକୁ କାର୍ଯ୍ୟକାରୀ କରାଯାଇଥିବା ବିଡିଓ ରୋଶନ ଶତପଥୀ ସୂଚନା ଦେଇଛନ୍ତି। ଆସିକା ଅତିରିକ୍ତ ତହସିଲଦାର ଆଶୁତୋଷ ଗୌରବକରଙ୍କୁ କଣ୍ଟେନମେଣ୍ଟ ଓ ବଫରଜୋନ ଦାୟିତ୍ୱ ସହ କାର୍ଯ୍ୟନିର୍ବାହୀ ମାଜିଷ୍ଟ୍ରେଟ ଭାବେ ଅବସ୍ଥାପିତ କରାଯାଇଛି। ଗତ କିଛିଦିନ ମଧ୍ୟରେ ମୁନିଗାଡି ଗ୍ରାମରେ ୪ ଓ ଗହଙ୍ଗୁ ଗ୍ରାମରେ ୧୦ ଜଣ କରୋନା ଆକ୍ରାନ୍ତ ଚିହ୍ନଟପରେ ଅଧିକ ସଂକ୍ରମଣ ରୋକିବାକୁ ଏପରି ପଦକ୍ଷେପ ଗ୍ରହଣ କରାଯାଇଛି।

## ଛତ୍ରପୁରରେ ୧୪ ପଜିଟିଭ୍

**ଛତ୍ରପୁର,୨୪।୮(ଡି.ଏନ୍.ଏ.):** ଛତ୍ରପୁର ବ୍ଲକ ଓ ଏନଏସିରେ ଆଉ ୧୪ ନୂଆ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ସେମାନଙ୍କ ମଧ୍ୟରେ ଜଣେ କୋଭିଡ୍ ଯୋଦ୍ଧା ଓ ଅନ୍ୟ ୧୩ ଜଣ ପଜିଟିଭ୍‌ଙ୍କ ସଂସ୍ପର୍ଶରେ ଆସି ସଂକ୍ରମିତ ହୋଇଛନ୍ତି। କେବଳ ଏନଏସିରେ ୬ ନୂଆ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଏମାନଙ୍କୁ ମିଶାଇଲେ ଏନ୍‌ଏସିରେ ସଂକ୍ରମିତଙ୍କ ସଂଖ୍ୟା ୨୬୬ରେ ପହଞ୍ଚିଛି। ସେଥିମଧ୍ୟରୁ ଏ ପର୍ଯ୍ୟନ୍ତ ୧୯୫ ଜଣ ସୁସ୍ଥ ହୋଇଥିବାବେଳେ ୬୯ ଜଣଙ୍କ ଚିକିତ୍ସା ଚାଲିଛି। ୨ ଜଣଙ୍କ ଜୀବନ ଯାଇଛି।

# ସଂସ୍କୃତ ଭାଷା ସୁରକ୍ଷା ସମସ୍ତଙ୍କ ଦାୟିତ୍ୱ: ପ୍ରତାପ

ବ୍ରହ୍ମପୁର ଅଫିସ,୨୪।୮

**ଅନ୍‌ଲାଇନ୍‌ରେ ଜିଲାସ୍ତରୀୟ ସଂସ୍କୃତ ଦିବସ ମହୋତ୍ସବ**

ଗଞ୍ଜାମ ଜିଲା ସଂସ୍କୃତ ଶିକ୍ଷକ ସଂଘ ପକ୍ଷରୁ ଜିଲାସ୍ତରୀୟ ସଂସ୍କୃତ ଦିବସ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଅନ୍‌ଲାଇନ୍ ତଥା ଗୁଗୁଲମିଟ୍ ଆପ୍ ମାଧ୍ୟମରେ ଆୟୋଜିତ କାର୍ଯ୍ୟକ୍ରମରେ ମତ୍ସ୍ୟ ପଶୁପାଳନ ଓ ଲଘୁ ଉଦ୍ୟୋଗ କେନ୍ଦ୍ର ମନ୍ତ୍ରୀ ପ୍ରତାପ ଚନ୍ଦ୍ର ଷଡଙ୍ଗୀ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ସଂସ୍କୃତ ସମସ୍ତ ଭାଷାର ଜନନୀ। ଉତ୍ତମ ମାନବ ହେବା ପାଇଁ ସଂସ୍କୃତ ଅଧ୍ୟୟନ ଜରୁରୀ। ସଂସ୍କୃତ ଭାଷାର ସୁରକ୍ଷା ସମସ୍ତଙ୍କ ଦାୟିତ୍ୱ ବୋଲି ମୁଖ୍ୟଅତିଥି କହିଥିଲେ। ସଂସ୍କୃତ ଭାଷାକୁ ଅଧିକ ବ୍ୟାପକ ଓ ଆଦୃତ କରାଇବା ଦିଗରେ କାର୍ଯ୍ୟକ୍ରମରେ ଗୁରୁତ୍ୱାରୋପ କରାଯାଇଥିଲା। ଦିଲ୍ଲୀସ୍ଥିତ ଲାଲବାହାଦୁର ଶାସ୍ତ୍ରୀ ରାଷ୍ଟ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ ପ୍ରଫେସର ଡ. ଭାଗୀରଥି ନନ୍ଦ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିବା ବେଳେ ଜର୍ମାନୀସ୍ଥିତ ଲାଇଷ୍ଟିକ୍ ବିଶ୍ୱବିଦ୍ୟାଳୟର ଅଧ୍ୟାପକ ଡ. ସଦାନନ୍ଦ ଦାଶ ଅତିଥି ଭାବେ ଯୋଗଦେଇଥିଲେ। ଜିଲା ସଭାପତି ସୀମାଞ୍ଚଳ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ରାଜ୍ୟ ସଂଘ ସଭାପତି ଡ. ଗୌତମ ମହାରଣା, ରାଜ୍ୟ ସମ୍ପାଦକ ଡ. କୁମାର ଚନ୍ଦ୍ର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ଜିଲା ସମ୍ପାଦକ ବିନାୟକ ତ୍ରିପାଠୀ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ଗୋପାଳକୃଷ୍ଣ ପାଢୀ ସଂଯୋଜନା କରିଥିବା ବେଳେ ଦୁର୍ଗା ମିଶ୍ର, ଅନ୍ୱେଷା ପଣ୍ଡା ପ୍ରମୁଖ ସହଯୋଗ କରିଥିଲେ।

# ୨୦ରୁ ଉର୍ଦ୍ଧ୍ୱଙ୍କ ନାଁରେ ହତ୍ୟା ଉଦ୍ୟମ ମାମଲା

ଦିଗପହଣ୍ଡି,୨୪।୮(ଡି.ଏନ.ଏ)



ସୋମବାର ପୋଲିସ ପକ୍ଷରୁ ଫ୍ଲାଗମାର୍ଚ୍ଚ।

**ତହସିଲଦାରଙ୍କୁ ଆକ୍ରମଣ ଘଟଣା**

■ ଗିରଫ ଭୟରେ ଗାଁ ପୁରୁଷ ଶୂନ୍ୟ

■ ପୋଲିସର ଫ୍ଲାଗମାର୍ଚ୍ଚ

ଦିଗପହଣ୍ଡି ବ୍ଲକ ଚୌଧୁରୀ ଟିକରପଡ଼ାରେ ଦିଗପହଣ୍ଡି ତହସିଲଦାର ଅଦ୍ୱୈତ କୁମାର ସ୍ୱାଇଁ ଏବଂ ଏନ୍‌ଫୋର୍ସମେଣ୍ଟ ସ୍କ୍ୱାଡ୍‌ଙ୍କୁ ଆକ୍ରମଣ ଅଭିଯୋଗରେ କେ.ନୂଆଗାଁ ଥାନାରେ ୨୦ରୁ ଉର୍ଦ୍ଧ୍ୱ ଗ୍ରାମବାସୀଙ୍କ ନାଁରେ ହତ୍ୟା ଉଦ୍ୟମ ମାମଲା ରୁଜୁ କରାଯାଇଛି। ତହସିଲଦାରଙ୍କ ଏତଲାକ୍ରମେ ଥାନା ମାମଲା ନଂ.୧୭୮/୨୦ରେ ବିଭିନ୍ନ ଦଫା ଅନୁଯାୟୀ ମକଦ୍ଦମା ରୁଜୁ କରାଯାଇଛି। ଗିରଫ ଭୟରେ ଗାଁ ପୁରୁଷ ଶୂନ୍ୟ ହୋଇଛି। ସୋମବାର ଚିକିଟି ଏସ୍‌ଡିପିଓ ସୁରେନ୍ଦ୍ରନାଥ ମୁର୍ମୁ, ଆଇଆଇସିଙ୍କ ନେତୃତ୍ୱରେ ଫୋର୍ସ ଗାଁରେ ଫ୍ଲାଗମାର୍ଚ୍ଚ କରାଯାଇଛି। ସୂଚନାଯୋଗ୍ୟ, ଶନିବାର ଗ୍ରାମବାସୀ କୋଭିଡ୍ ନିୟମକୁ ଉଲ୍ଲଂଘନ କରି ଗଣେଶ ପୂଜା ଚଳାଇଥିଲେ। ଏହି ଅଭିଯୋଗ ହେବା ପରେ ଦିଗପହଣ୍ଡି ତହସିଲଦାର ସ୍ୱାଇଁ, ଅତିରିକ୍ତ ତହସିଲଦାର କଳାକୃଷ୍ଣ ପ୍ରଧାନ, ରାଜସ୍ୱ ନିରୀକ୍ଷକ ଚିତ୍ରସେନ ଦଳାଇ, ଏନ୍‌ଫୋର୍ସମେଣ୍ଟ ସ୍କ୍ୱାଡ୍ ଏବଂ ନୂଆପଡ଼ା ଫାଣ୍ଡି ପୋଲିସ ଗାଁରେ ପହଞ୍ଚି ପୂଜା ବନ୍ଦ ପାଇଁ ନିର୍ଦ୍ଦେଶ ଦେବା ସହ ଦୋକାନ ବଜାର ବନ୍ଦ କରିଥିଲେ। ବହୁ ସଂଖ୍ୟକ ଗ୍ରାମବାସୀ ଏହାକୁ ନେଇ ତହସିଲଦାରଙ୍କ ସହ ଯୁକ୍ତିତର୍କ କରିଥିଲେ। ପରେ ତହସିଲଦାରଙ୍କୁ ସନ୍ଧ୍ୟା ପ୍ରାୟ ୬ଟାରୁ ରାତି ପ୍ରାୟ ୯ଟା ଯାଏ ୩ ଘଣ୍ଟା ଘେରାଉ କରିଥିଲେ। ବ୍ରହ୍ମପୁର ଉପଜିଲାପାଳ ସିନ୍ଧେ ଦତ୍ତାତ୍ରେୟ ଭାଉସାହେବ ସୂଚନା ପାଇ କେ.ନୂଆଗାଁ ଥାନାକୁ ଜଣାଇବା ପରେ ଆଇଆଇସି ଫୋର୍ସ ସହ ପହଞ୍ଚିବା ପୂର୍ବରୁ ତହସିଲଦାର କୌଶଳକ୍ରମେ ଘଟଣାସ୍ଥଳରୁ ଗାଡ଼ି ନେଇ ଆସିବା ବେଳେ ତାଙ୍କ ଗାଡ଼ି ଉପରକୁ ଢେଲା ପଥର ମାଡ଼ କରାଯାଇଥିଲା।

# ଭିଡ଼ ହେବାରୁ ସାର ବିକ୍ରି ବନ୍ଦ

ବୁଗୁଡ଼ା,୨୪।୮(ଡି.ଏନ.ଏ)



ଗୋଳିଆ ବିକ୍ରୟ କେନ୍ଦ୍ରରେ ଚାଷୀଙ୍କ ଭିଡ଼।

ବୁଗୁଡ଼ା ବ୍ଲକ ଅଞ୍ଚଳରେ ଚାଷୀମାନେ ସାର ପାଇଁ ଚାହିଁ ବସିଛନ୍ତି। ଏଭଳି ସ୍ଥିତିରେ ସୋମବାର ବ୍ଲକ ଅନ୍ତର୍ଗତ ଗୋଳିଆ ଓ ଖୋଳଖାଲି ସେବା ସମବାୟ ସମିତିରେ ଚାଷୀଙ୍କ ପ୍ରବଳ ଭିଡ଼ ଯୋଗୁ ସାର ବଣ୍ଟା ଯାଇପାରି ନ ଥିଲା। ପୋଲିସ ଉପସ୍ଥିତିରେ ସାର ବିକ୍ରି କରାଯିବ ବୋଲି ଶେଷରେ ପ୍ରଶାସନ ପକ୍ଷରୁ କୁହାଯାଇଛି। ରବିବାର ରାତିରେ ଗୋଳିଆ, ଖୋଳଖାଲି, ବି.କରଡ଼ାବାଡ଼ି, ପାଙ୍ଗିଡ଼ି, ବିରଞ୍ଚିପୁର, ବାଲିପଦର ସେବା ସମବାୟ ସମିତିକୁ ଟ୍ରକରେ ସାର ଆସିଥିଲା। ସୋମବାର ଭୋରରୁ ଚାଷୀମାନେ ସାର ବିକ୍ରୟ କେନ୍ଦ୍ରରେ ଧାଡ଼ି ଲଗାଇଥିଲେ। ତେବେ ୪ଟି ସେବା ସମବାୟ ସମିତିରେ ସାର ବିକ୍ରି ହୋଇଥିବା ବେଳେ ଗୋଳିଆ ଓ ଖୋଳଖାଲି ସେବା ସମବାୟ ସମିତିରେ ଚାଷୀଙ୍କ ଭିଡ଼ ଏବଂ ହୋହାଲ୍ଲା ଯୋଗୁ ସମିତି ସମ୍ପାଦକମାନେ ବାଧ ହୋଇ ସାର ବିକ୍ରି ବନ୍ଦ କରିଥିଲେ। ଏହି ଦୁଇଟି ସେବା ସମବାୟ ସମିତିରେ ପୋଲିସ ଉପସ୍ଥିତିରେ ସାର ବିକ୍ରି କରାଯିବ ବୋଲି ସୁପରଭାଇଜର ପ୍ରଫୁଲ୍ଲ କୁମାର ଜେନା କହିଛନ୍ତି।

# ଯାତାୟାତକୁ ନେଇ ବଢ଼ୁଛି ଅସନ୍ତୋଷ

ଫୁଲବାଣୀ ଅଫିସ, ୨୪।୮

ରାଜ୍ୟର କୌଣସି ସ୍ଥାନକୁ ଯାତାୟାତ କରିବାକୁ ଏବେ କିଛି କଟକଣା ନ ଥିବା ସ୍ପଷ୍ଟ କରିଛନ୍ତି କେନ୍ଦ୍ର ସରକାର। ରାଜ୍ୟ ସରକାର ମଧ୍ୟ ଯାତାୟାତକୁ ନେଇ ସେଭଳି କଟକଣା କରି ନାହାନ୍ତି। କେବଳ ଶଟ୍‌ଡାଉନ ସମୟରେ କଟକଣା ବଳବତ୍ତର ରହୁଛି। ଅନ୍ୟ ସମୟରେ ଲୋକେ ବିଭିନ୍ନ ସ୍ଥାନକୁ ଯାତାୟାତ କରିପାରୁଛନ୍ତି। ହେଲେ କନ୍ଧମାଳ ପ୍ରଶାସନ ଏଠି ମାତ୍ରାଧିକ କାର୍ଯ୍ୟାନୁଷ୍ଠାନ ନେଉଛି। ଯାତାୟାତ ଲାଗି କଟକଣା ଲଗାଇଛି। ବିଶେଷ କରି ଗଞ୍ଜାମ ଜିଲା ଲୋକଙ୍କ ପ୍ରବେଶକୁ ନିଷେଧ କରିଛି। କଳିଙ୍ଗା ଘାଟିରେ ଜରୁରୀ ପରିସ୍ଥିତିରେ ଆସୁଥିବା ଗାଡିକୁ ବି ଛଡାଯାଉନି। ସେହିପରି ଭୁବନେଶ୍ୱର କଟକ ଯିବା ପାଇଁ ହେଲେ ଖଜୁରୀପଡାଠାରେ ସମାନ ପରିସ୍ଥିତି ଦେଖିବାକୁ ମିଳୁଛି।

କେବଳ ଇ-ମେଲ ଜରିଆରେ ପରିମିଶନ ଦିଆଯାଉଛି। ଯାହା ସହରୀ ଲୋକେ ଜାଣି ପାରୁଥିବା ବେଳେ ଗ୍ରାମାଞ୍ଚଳ ଲୋକ ଏ ବିଷୟରେ ଅଜ୍ଞ। ଏହାପରେ ମଧ୍ୟ ଇ-ମେଲ୍‌ରେ ଆବେଦନ କଲେ କିଛି ଉତ୍ତର ଦିଆ ଯାଉନାହିଁ। ଯଦି ଚିହ୍ନା ରହୁଛି ତା' ହେଲେ ଅନୁମତି, ନ ହେଲେ ନାହିଁ। ପ୍ରଶାସନର ଏଭଳି ବେପରୁଆ ନୀତିକୁ ଏବେ ଜିଲାରେ ସବୁଠି ସମାଲୋଚନା କରାଯାଉଛି। ଏହାକୁ ନେଇ ଅସନ୍ତୋଷ ମଧ୍ୟ ତୀବ୍ର ହେବାରେ ଲାଗିଛି।

କନ୍ଧମାଳ ଜିଲା ପ୍ରଶାସନ ସମସ୍ତ ପ୍ରବେଶ ପଥରେ ନାକା ପୋଷ୍ଟ କରିଛି। ଜିଲାରୁ ବାହାରକୁ ଯିବା ଉପରେ କଟକଣା ଲଗାଇଛି। କୌଣସି ଜରୁରୀ କାର୍ଯ୍ୟରେ

**କନ୍ଧମାଳ ଜିଲା**

ଜିଲାକୁ ଆସିବା କିମ୍ବା ବାହାରକୁ ଯିବାକୁ ହେଲେ ପ୍ରଶାସନଠାରୁ ଅନୁମତି ନେବା ବାଧ୍ୟତାମୂଳକ କରାଯାଇଛି। ଅନୁମତି ପାଇଁ ଅନ୍‌ଲାଇନରେ ଇ-ମେଲରେ ଆବେଦନ କରିବାକୁ କୁହାଯାଉଛି। ଜିଲାର ସହରକୁ ଛାଡିଲେ ଗ୍ରାମାଞ୍ଚଳରେ ନେଟୱର୍କ ନାହିଁ। ସହରବାସୀ ଅନ୍‌ଲାଇନ୍ ବିଷୟରେ ଅବଗତ ଥିବା ବେଳେ ଗ୍ରାମଞ୍ଚଳ ଲୋକେ ଏସବୁ କ'ଣ ଜାଣି ନାହାନ୍ତି। ତେଣୁ ସ୍ୱାସ୍ଥ୍ୟ ସେବା ଭଳି ଜରୁରୀ ଆବଶ୍ୟକତା ଥିଲେ ମଧ୍ୟ ଅନେକେ ଅନୁମତି ଆଣିପାରୁ ନ ଥିବାରୁ ଭୁବନେଶ୍ୱର କିମ୍ବା ବ୍ରହ୍ମପୁର ଯାଇ ପାରୁ ନାହାନ୍ତି। ଅନ୍ୟ ଜିଲାରେ ଏପରି କଡା କଟକଣା ନାହିଁ। ଫଳରେ ବାହାର ଜିଲାର ଲୋକେ କନ୍ଧମାଳ ଜିଲା ପ୍ରଶାସନର କଟକଣା ସମ୍ପର୍କରେ ନ ଜାଣିପାରି ଜରୁରୀ କାମରେ ଏଠାକୁ ଆସିବା ବେଳେ ନାକା ପୋଷ୍ଟରେ ହଇରାଣ ହୋଇଛନ୍ତି। ଅନୁମତି ନେଇ ନ ଥିବାରୁ ସେଠାରୁ ସେମାନଙ୍କୁ ଫେରାଇ ଦିଆଯାଉଛି। ଯଦି କାହାର ହଠାତ ଆତ୍ମୀୟସ୍ୱଜନ/ସମ୍ପର୍କୀୟଙ୍କ ମୃତ୍ୟୁ ହୋଇଗଲେ ସନ୍ଧ୍ୟା ୫ଟା ପରେ ଅନୁମତି ଦିଆଯାଉନାହିଁ। ସକାଳ ଅଫିସ ଖୋଲାଯିବା ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ପଡୁଛି। ଏଭଳି ବିଚିତ୍ର ନୀତିକୁ ସବୁଠି କଡା ସମାଲୋଚନା କରାଯାଉଛି। ପ୍ରଶାସନ କ୍ଷମତାର ଅପବ୍ୟବହାର କରୁଛି ବୋଲି ସବୁଠି ଆଲୋଚନା ହେଉଛି। କଟକଣା ଉଠିବା ନେଇ କୌଣସି ଚିଠି କିମ୍ବା ନିର୍ଦ୍ଦେଶ ରାଜ୍ୟ ସରକାରଙ୍କ ନିକଟରୁ ଆସିନାହିଁ ବୋଲି ଜଣେ ବରିଷ୍ଠ ପ୍ରଶାସନିକ ଅଧିକାରୀ କହିଛନ୍ତି।

## ସଂକ୍ଷେପରେ

### ପାସେଞ୍ଜର ଯାନ ବିକ୍ରି ୧୧ ବର୍ଷ ନିମ୍ନକୁ ଖସିବ

ନୂଆଦିଲ୍ଲୀ,୨୪।୮: କରୋନା ଯୋଗୁ ଦେଶର ଅଟୋମୋବାଇଲ ବଜାର ବର୍ତ୍ତମାନ ପ୍ରଭାବିତ ସ୍ଥିତିରେ ରହିଛି। ବିଭିନ୍ନ ବର୍ଗରେ ଯାନ ବିକ୍ରି ଲଗାତର ଭାବେ ହ୍ରାସ ହେଉଛି। ଏହି ସ୍ଥିତି ଆଗାମୀ ଦିନରେ ମଧ ଲାଗି ରହିବ ବୋଲି ବଜାର ବିଶେଷଜ୍ଞମାନେ ଆଶଙ୍କା କରିଛନ୍ତି। ୨୦୨୦-୨୧ ଆର୍ଥିକ ବର୍ଷରେ ଦେଶର ଅଟୋମୋବାଇଲ ବଜାରରେ ପାସେଞ୍ଜର ଯାନ ବିକ୍ରି ୧୧ ବର୍ଷ ତଳକୁ ଖସିବା ନେଇ ଶିଳ୍ପ ପକ୍ଷରୁ ଆଶଙ୍କା କରାଯାଇଛି। ବଜାରରେ ବର୍ତ୍ତମାନ ଚାହିଦା ପ୍ରଭାବିତ ହୋଇ ରହିଛି। ସେହିଭଳି ଶିଳ୍ପର କାପାସିଟି ୟୁଟିଲାଇଜେଶନ ବା ମୋଟ କ୍ଷମତା ବ୍ୟବହାର ୫୦% ରହିଛି। ଗତ ସପ୍ତାହରେ ବଜାରକୁ ନେଇ ଆଶା ସଞ୍ଚାର ହୋଇଛି। ମାତ୍ର ଗତ କିଛି ମାସ ହେବ ଯେଉଁ ଭଳି ସ୍ଥିତି ଲାଗି ରହିଛି ସମ୍ପୂର୍ଣ୍ଣ ଭାବେ ବଜାର ଟ୍ରାକକୁ ଫେରିବା ନେଇ ଶିଳ୍ପ ଆଶାବାଦୀ ନାହିଁ।

# ପୂର୍ବ ତୁଳନାରେ କମିଛି ଜିଏସ୍‌ଟି

ନୂଆଦିଲ୍ଲୀ,୨୪।୮




■ଅରୁଣ ଜେଟଲୀଙ୍କୁ ସ୍ମୃତିରେ ଅର୍ଥମନ୍ତ୍ରଣାଳୟର ଟୁଇଟ
■୨୭ରେ ଜିଏସ୍‌ଟି ପରିଷଦ ବୈଠକ
■କ୍ଷତିପୂରଣ, ଟିକସ ସଂଗ୍ରହ ହ୍ରାସ ପ୍ରସଙ୍ଗ ଉଠିପାରେ

ସାମଗ୍ରୀ ଓ ସେବା ଟିକସ(ଜିଏସ୍‌ଟି) ପରିଷଦର ୪୧ତମ ବୈଠକ ଚଳିତ ମାସ ୨୭ ତାରିଖରେ ଅନୁଷ୍ଠିତ ହେବ। ଭିଡିଓ କନ୍‌ଫରେନ୍ସରେ ଏହି ବୈଠକ ଆୟୋଜନ କରାଯିବ। ରାଜ୍ୟଗୁଡିକୁ ଜିଏସ୍‌ଟି କ୍ଷତିପୂରଣ ପ୍ରଦାନ ଏବଂ ପରୋକ୍ଷ ଟିକସ ସଂଗ୍ରହ କ୍ଷେତ୍ରରେ ହେଉଥିବା ହ୍ରାସ ଭଳି ପ୍ରମୁଖ ପ୍ରସଙ୍ଗ ଏଠାରେ ସ୍ଥାନ ପାଇବ ବୋଲି କୁହାଯାଉଛି। ସୋମବାର ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ପୂର୍ବତନ ଅର୍ଥମନ୍ତ୍ରୀ ଅରୁଣ ଜେଟ୍‌ଲୀଙ୍କ ସ୍ମୃତିଚାରଣ କରାଯାଇଛି। ବିଭିନ୍ନ ସମୟରେ ଜିଏସ୍‌ଟିରେ ହୋଇଥିବା ସୁଧାର ଉପରେ ଟୁଇଟ ଯୋଗେ ମନ୍ତ୍ରଣାଳୟ ପକ୍ଷରୁ ସୂଚନା ଦିଆଯାଇଛି।

ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି ଯେ, ଜିଏସ୍‌ଟି ଲାଗୁହେବା ପରଠାରୁ ଅଧିକାଂଶ ସାମଗ୍ରୀ ଉପରେ ଲାଗୁ ଥିବା ଟିକସ ହାର ହ୍ରାସ କରାଯାଇଛି। ୨୮% ଟିକସ ସ୍ଲାବ୍‌ରେ କେବଳ ବିଳାସମୟ ସାମଗ୍ରୀ ଏବଂ ଅନ୍ୟ ଅବଗୁଣକାରୀ ସାମଗ୍ରୀ ରହିଯାଇଛି। ପୂର୍ବରୁ ଏହି ଟିକସ ସ୍ଲାବ୍ ଅଧୀନରେ ୨୩୦ ସାମଗ୍ରୀ ରହିଥିଲା। ବର୍ତ୍ତମାନ ୨୦୦ ସାମଗ୍ରୀକୁ କମ୍ ଟିକସ ସ୍ଲାବ୍‌କୁ ଅଣାଯାଇଛି। ସେହିଭଳି ପୂର୍ବରୁ ସିନେମା ଟିକେଟ ଉପରେ ୩୫%ରୁ ୧୧୦% ଟିକସ ଲାଗୁ ହେଉଥିଲା। ଏଥିରେ ହ୍ରାସ କରାଯିବା ସହ ଏହାକୁ ୧୨ରୁ ୧୮% ମଧ୍ୟରେ ରଖାଯାଇଛି। ଦୈନନ୍ଦିନ ବ୍ୟବହାରରେ ଆସୁଥିବା ଅଧିକାଂଶ ସାମଗ୍ରୀକୁ ଶୂନ କିମ୍ବା ୫% ଟିକସ ସ୍ଲାବ୍‌ରେ ରଖାଯାଇଛି। ରେସିଡେନସିଆଲ କମ୍ପ୍ଲେକ୍ସ ନିର୍ମାଣ କ୍ଷେତ୍ରରେ ଟିକସ ହାର ମଧ କମିଛି। ଏହା ୫% କିମ୍ବା ୧% ହାରରେ ସ୍ଥାନିତ ହୋଇଛି। ଦୈନନ୍ଦିନ ବ୍ୟବହାରରେ ଆସୁଥିବା ସାମଗ୍ରୀ ଯଥା ତେଲ, ଟୁଥ୍‌ପେଷ୍ଟ, ସାବୁନ ଆଦିକୁ ୨୯.୩% ଟିକସ ସ୍ଲାବ୍‌ରୁ ହ୍ରାସ କରାଯାଇ ୧୮%କୁ ଖସିଛି।

ଅର୍ଥ ମନ୍ତ୍ରଣାଳୟ ଅନ୍ୟ ଏକ ଟୁଇଟରେ କହିଛି ଯେ, ବର୍ତ୍ତମାନ ୪୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ବାର୍ଷିକ କାରବାର କ୍ଷେତ୍ରରେ ବ୍ୟବସାୟୀଙ୍କୁ ଜିଏସ୍‌ଟି ରିହାତି ଦିଆଯାଇଛି। ପ୍ରାରମ୍ଭିକ ପର୍ଯ୍ୟାୟରେ ଏହା ୨୦ ଲକ୍ଷ ଟଙ୍କା ରହିଥିଲା। ସେହିଭଳି ବାର୍ଷିକ ୧.୫ କୋଟି କାରବାର କ୍ଷେତ୍ରରେ ବର୍ତ୍ତମାନ କମ୍ପୋଜିଶନ ସ୍କିମ୍ ଚୟନ କରିପାରିବେ। ଏହି ବର୍ଗରେ ବ୍ୟକ୍ତିବିଶେଷ ୧% ଟିକସ ପ୍ରଦାନ କରିବେ।

## ଆଇପିଓ ଫାଇଲ କଲା କଲ୍ୟାଣ ଜୁଏଲର୍ସ

ନୂଆଦିଲ୍ଲୀ,୨୪।୮: କଲ୍ୟାଣ ଜୁଏଲର୍ସ ପକ୍ଷରୁ ଇନିସିଆଲ ପବ୍ଲିକ ଅଫରିଂ (ଆଇପିଓ) ଫାଇଲ କରାଯାଇଛି। ଏହି କମ୍ପାନୀ ୧୭୫୦ କୋଟି ଟଙ୍କାର ଅଫର ଦସ୍ତାବିଜକୁ ଭାରତୀୟ ପ୍ରତିଭୂତି ଏବଂ ବିନିମୟ ବୋର୍ଡ (ସେବି) ନିକଟରେ ଫାଇଲ କରିଛି। ୧୦୦୦ କୋଟି ଟଙ୍କାର ପାଣ୍ଠି ଉଠାଣ ଏବଂ ପ୍ରମୋଟର ଟି.ଏସ୍. କଲ୍ୟାଣରମଣନଙ୍କ ସେକେଣ୍ଡାରୀ ଶେୟାର ବିକ୍ରିରୁ ୭୦୦ କୋଟି ଟଙ୍କା ପୁଞ୍ଜି ସଂଗ୍ରହ କରିବା ଲକ୍ଷ୍ୟ ଧାର୍ଯ୍ୟ ହୋଇଛି। ଘରୋଇ ବଜାରର କୌଣସି ଜୁଏଲେରି ରିଟେଲ ବ୍ରାଣ୍ଡ ପକ୍ଷରୁ ଏହା ସବୁଠାରୁ ବଡ ଆଇପିଓ ବୋଲି କୁହାଯାଉଛି।

# ଏନ୍‌ପିଏ ସ୍ଥିତିରେ ସୁଧାର ଆସୁଛି

ନୂଆଦିଲ୍ଲୀ,୨୪।୮




ବ୍ୟାଙ୍କଗୁଡିକର ଅନାଦାୟ ଋଣ ବା ଏନ୍‌ପିଏ ସ୍ଥିତିରେ ସୁଧାର ଆସୁଥିବା ପରିଲକ୍ଷିତ ହୋଇଛି। ପ୍ରମୁଖ ବ୍ୟାଙ୍କଗୁଡିକ ପକ୍ଷରୁ ଜାରି ହୋଇଥିବା ଏପ୍ରିଲ-ଜୁନ୍ ଅବଧିର ଆର୍ଥିକ ଫଳାଫଳରୁ ଏହା ଜଣାପଡିଛି। ୨୦୧୯ ଜୁନ୍ ଏବଂ ମାର୍ଚ୍ଚ ୨୦୨୦ ତୁଳନାରେ ଏନ୍‌ପିଏ ହ୍ରାସ ହେଉଥିବା କୁହାଯାଉଛି। ଆଗାମୀ ଦିନରେ ଏନ୍‌ପିଏ ସ୍ଥିତି ଆହୁରି ଉନ୍ନତ ହୋଇପାରେ ବୋଲି ଆଶା କରାଯାଉଛି। ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡିକର ଏନ୍‌ପିଏରେ ହ୍ରାସ ହେଉଥିବା ଏକ ରିପୋର୍ଟରେ କୁହାଯାଇଛି। ରାଷ୍ଟ୍ରାୟତ୍ତ ୟୁନିୟନ ବ୍ୟାଙ୍କର ମୋଟ ଏନ୍‌ପିଏ ଗତ ବର୍ଷ ଜୁନରେ ୧୫.୫୯% ରହିଥିବା ବେଳେ ୨୦୨୦ ଜୁନ୍‌ରେ ଏହା ୧୪.୯୫% ସ୍ତରକୁ ଖସିଛି। ଏହାବାଦ୍ ବ୍ୟାଙ୍କର ନେଟ୍ ଏନ୍‌ପିଏ ୬.୪୭%ରୁ ହ୍ରାସ ଘଟି ୪.୯%କୁ ଖସିଛି। ସେହିଭଳି ଏସ୍‌ବିଆଇର ମୋଟ୍ ଏନ୍‌ପିଏ ୭.୫୩%ରୁ ହ୍ରାସ ୫.୪୪%କୁ ଖସିଛି। ଏହାବାଦ ବ୍ୟାଙ୍କର ନେଟ୍ ଏନ୍‌ପିଏ ୩.୩୭%ରୁ ୧.୮୬%କୁ ଖସିଛି।

ଘରୋଇ କ୍ଷେତ୍ର ବ୍ୟାଙ୍କଗୁଡିକର ଏନ୍‌ପିଏ ସ୍ଥିତିରେ ମଧ ଉନ୍ନତି ଆସିଛି। ଆଇସିଆଇସିଆଇ ବ୍ୟାଙ୍କର ମୋଟ ଏନ୍‌ପିଏ ୬.୪୯%ରୁ ୫.୪୬%କୁ ଖସିଛି। ଏହାର ନେଟ୍ ଏନ୍‌ପିଏ ୧.୨୩% ରହିଛି। ଏଚ୍‌ଡିଏଫ୍‌ସି ବ୍ୟାଙ୍କର ମୋଟ ଏନ୍‌ପିଏ ୧.୩୬%କୁ ଖସିଥିବା ବେଳେ ନେଟ୍ ଏନ୍‌ପିଏ ୦.୩୩% ସ୍ତରକୁ ଖସିଛି। ଆକ୍ସିସ ବ୍ୟାଙ୍କର ମୋଟ ଏନ୍‌ପିଏ ୪.୭୨% ସ୍ତରକୁ କମିଛି। ଏହି ବ୍ୟାଙ୍କର ନେଟ୍ ଏନ୍‌ପିଏ ୧.୨୩% ରହିଛି। ଏହାବାଦ୍ ପିଏନ୍‌ବିର ମୋଟ ଏନ୍‌ପିଏ ୧୪.୧୧%କୁ ହ୍ରାସ ହୋଇଛି। ଏହି ସମୟରେ ବ୍ୟାଙ୍କର ନେଟ୍ ଏନ୍‌ପିଏ ୫.୩୯%କୁ କମିଛି। ଅନ୍‌ଲକ୍ ଯୋଗୁ ଆର୍ଥିକ କାର୍ଯ୍ୟକଳାପ ସୁଧାର ଆସୁଥିବାରୁ ସ୍ଥିତିରେ ଉନ୍ନତି ପରିଲକ୍ଷିତ ହେଉଥିବା ବ୍ୟାଙ୍କ ଅଫ୍ ବରୋଦାର ମୁଖ୍ୟ ଅର୍ଥନୀତିଜ୍ଞ ସମୀର ନାରଙ୍ଗ ସୂଚନା ଦେଇଛନ୍ତି।

## ଅଧିକ ବିଶ୍ୱ ସ୍ତରୀୟ ବ୍ୟାଙ୍କର ଆବଶ୍ୟକତା ରହିଛି: ସିଇଏ

ନୂଆଦିଲ୍ଲୀ,୨୪।୮: ୨୦୨୪-୨୫ ବେଳକୁ ଭାରତକୁ ୫ ଟ୍ରିଲିୟନ ଡଲାର ଅର୍ଥ ବ୍ୟବସ୍ଥାରେ ରୂପାନ୍ତରିତ କରିବା ଲାଗି ଦେଶ ମଧ୍ୟରେ ଅଧିକ ବିଶ୍ୱ ସ୍ତରୀୟ ବ୍ୟାଙ୍କର ଆବଶ୍ୟକତା ରହିଛି ବୋଲି ମୁଖ୍ୟ ଅର୍ଥନୈତିକ ପରାମର୍ଶଦାତା କେ.ଭି.ସୁବ୍ରମଣ୍ୟନ ମତବ୍ୟକ୍ତ କରିଛନ୍ତି। ବିଶ୍ୱର ଶ୍ରେଷ୍ଠ ୧୦୦ ବ୍ୟାଙ୍କ ମଧ୍ୟରେ ଭାରତର କେବଳ ଗୋଟିଏ ବ୍ୟାଙ୍କ ରହିଛି। ମାତ୍ର ଅନେକ ଛୋଟ ଛୋଟ ବ୍ୟାଙ୍କ ଦେଶ ମଧ୍ୟରେ ରହିଛି। ଶୀର୍ଷ ୧୦୦ ବ୍ୟାଙ୍କ ମଧ୍ୟରେ ଏସ୍‌ବିଆଇ ୫୫ତମ ସ୍ଥାନରେ ରହିଥିବା ବେଳେ ତାଲିକାରେ ଚାଇନାର ୧୮ ଏବଂ ଆମେରିକାର ୧୮ ବ୍ୟାଙ୍କ ରହିଥିବା ସେ ମତ ରଖିଛନ୍ତି।

# ସେପ୍ଟେମ୍ବର ସୁଦ୍ଧା ଖୋଲିପାରେ ସିନେମା ହଲ୍

ନୂଆଦିଲ୍ଲୀ,୨୪।୮



କରୋନା ଭାଇରସ୍ ଜନିତ ଲକ୍‌ଡାଉନ ଲାଗି ଗତ ୪ ମାସ ହେବ ସିନେମା ହଲ୍ ବନ୍ଦ ରହିଛି। ସିନେମା ହଲ୍‌ଗୁଡିକ ସେପ୍ଟେମ୍ବର ସୁଦ୍ଧା ଖୋଲିପାରେ। ଆସନ୍ତା ଅନ୍‌ଲକ୍‌ରେ ସିନେମା ହଲ୍, ଥିଏଟର ବାଦ୍ ସ୍କୁଲ,କଲେଜ, ଶପିଂ ମଲ୍ ଏବଂ ସମସ୍ତ ଷ୍ଟୋର ଖୋଲିବାକୁ ସରକାର ନିୟମ କୋହଳ କରିପାରନ୍ତି ବୋଲି ଆଶା କରାଯାଉଛି। ଏହି ଆଶାରେ ସାରା ଦେଶର ସିନେମା ହଲ୍ ମାଲିକମାନେ ବର୍ତ୍ତମାନ ପ୍ରସ୍ତୁତିରେ ଲାଗିପଡିଛନ୍ତି। ଗ୍ରାହକଙ୍କୁ ଥିଏଟର ଯାଏ ଆଣିବା ଲାଗି ବିଭିନ୍ନ ଯୋଜନା ଉପରେ କାର୍ଯ୍ୟକ୍ରମ ଜାରି ରହିଛି। ମଲ୍ଟିପ୍ଲେକ୍ସ ମୁଭି ଟିକେଟ ଉପରେ ବଡ ଧରଣର ରିହାତି ମିଳିପାରେ ବୋଲି ଶୁଣାଯାଉଛି। ଅନ୍‌ଲକ ୩ ପ୍ରକ୍ରିୟା ଅଗଷ୍ଟ ୩୧ରେ ଶେଷ ହେଉଛି। ସରକାର ଅନ୍‌ଲକ୍ ୪ ଘୋଷଣା କରିବାକୁ ଯାଉଛନ୍ତି। ଆଗାମୀ ଦିନରେ ସିନେମା ହଲ୍ ଏବଂ ଥିଏଟର ଖୋଲିବା ଉପରେ ନିୟମ କୋହଳ ହୋଇପାରେ।

ଗତ ୫ ମାସ ହେବ ସିନେମା ହଲ୍ ବନ୍ଦ ହେବା ଯୋଗୁ ବଲିଉଡ୍‌କୁ ୧ ହଜାର କୋଟି ଟଙ୍କାରୁ ଉର୍ଦ୍ଧ୍ୱ କ୍ଷତି ସହିବାକୁ ପଡିଥିବା ଆକଳନ କରାଯାଇଛି। ଫିକି ପକ୍ଷରୁ ଏକ ରିପୋର୍ଟରେ କୁହାଯାଇଛି ଯେ, ସାରା ଦେଶରେ ମଲ୍ଟିପ୍ଲେକ୍ସଗୁଡିକରେ ୩୨୦୦ ସ୍କ୍ରିନ୍ ରହିଛି। ଗୋଟିଏ ସ୍କ୍ରିନ୍‌ର ୨ ମାସରେ ପରିଚାଳନା ଜନିତ ଲାଭ ପ୍ରାୟ ୨୫ ଲକ୍ଷ ଟଙ୍କା ରହିଥାଏ। ଏହି ସମୟରେ ଗ୍ରାହକଙ୍କ ସୁରକ୍ଷାକୁ ମଧ ଧ୍ୟାନରେ ରଖାଯିବ। ଶିଶୁ ଏବଂ ବରିଷ୍ଠ ନାଗରିକଙ୍କ ଲାଗି ମଧ ବିଭିନ୍ନ ଯୋଜନା ହାତକୁ ନିଆଯିବ ବୋଲି ଶିଳ୍ପର ଜଣେ ଅଂଶୀଦାର ମତ ରଖିଛନ୍ତି। ସିନେମା ହଲ୍‌ଗୁଡିକର ଏଣ୍ଟ୍ରି ଗେଟ୍‌ରେ ସେନ୍‌ସର ଲଗାଯିବ ବୋଲି ଶୁଣାଯାଉଛି।

## ୪୧,୩୩୦ କୋଟି ନିବେଶ କଲେ ବିଦେଶୀ ନିବେଶକ

ନୂଆଦିଲ୍ଲୀ,୨୪।୮

ଅଗଷ୍ଟ ମାସରେ ଦେଶର ପୁଞ୍ଜିବଜାରରେ ବିଦେଶୀ ପୁଞ୍ଜିନିବେଶକଙ୍କ ନିବେଶ ବୃଦ୍ଧି ପାଇଛି। ଚଳିତ ମାସ ୩ରୁ ୨୧ ତାରିଖ ମଧ୍ୟରେ ବିଦେଶୀ ନିବେଶକମାନେ ଦେଶର ପୁଞ୍ଜିବଜାରରେ ୪୧,୩୩୦ କୋଟି ଟଙ୍କା ନିବେଶ କରିଛନ୍ତି। ଶେୟାର ଏବଂ ଡେଟ୍ ବଜାରରେ ଏଭଳି ନେଟ୍ ନିବେଶ ହୋଇଛି। ନ୍ୟାଶନାଲ ସିକ୍ୟୁରିଟିଜ ଡିପୋଜିଟୋରି ଲିମିଟେଡ୍ ପକ୍ଷରୁ ପ୍ରଦାନ କରାଯାଇଥିବା ତଥ୍ୟ ମୁତାବକ ଜୁଲାଇରେ ଏଫ୍‌ପିଆଇ ୩୩୦୧ କୋଟି ଟଙ୍କା ନିବେଶ କରିଥିବା ବେଳେ ଜୁନ୍‌ରେ ଏହା ୨୬,୦୦୯ କୋଟି ଟଙ୍କା ରହିଥିଲା। ବିଶ୍ୱ ବଜାରରେ ନଗଦ ବଢିଥିବା ଯୋଗୁ ନିବେଶକମାନେ ଅଭିବୃଦ୍ଧିଶୀଳ ବଜାରଗୁଡିକରେ ନିବେଶ କରିବାକୁ ଆଗଭର ହେଉଛନ୍ତି। ଜୁଲାଇରେ ବିଦେଶୀ ନିବେଶକ ପୁଞ୍ଜିବଜାରରେ ଶେୟାର ସେଗ୍‌ମେଣ୍ଟରେ ମୋଟ୍ ୪୦,୨୬୨ କୋଟି ଟଙ୍କା ନିବେଶ କରିଛନ୍ତି। ସେହିଭଳି ଡେଟ୍ ସେଗ୍‌ମେଣ୍ଟରେ ୧୦୬୮ କୋଟି ଟଙ୍କା ନିବେଶ ହୋଇଛି। କରୋନା ମହାମାରୀ ଦ୍ୱାରା ପ୍ରଭାବିତ ଅର୍ଥ ବ୍ୟବସ୍ଥାଗୁଡିକୁ ସମ୍ଭାଳିବା ଲାଗି ବିଭିନ୍ନ ଦେଶର କେନ୍ଦ୍ରୀୟ ବ୍ୟାଙ୍କଗୁଡିକ ବଡ ଧରଣର ଆର୍ଥିକ ପ୍ୟାକେଜ ପ୍ରଦାନ କରିଛନ୍ତି। ଆମେରିକା ଭଳି ଦେଶ ଲଗାତର ନୋଟ୍ ଛାପୁଛି। ଏହି ଅର୍ଥ ଭାରତୀୟ ଶେୟାର ବଜାର ଆଡକୁ ପ୍ରବାହିତ ହେଉଥିବା ବିଶେଷଜ୍ଞ ମତ ପ୍ରକାଶ କରିଛନ୍ତି। ସେହିଭଳି ଘରୋଇ ଶେୟାର ବଜାରର ଶେୟାର ମୂଲ୍ୟ ମଧ ଆକର୍ଷକ ସ୍ତରରେ ରହିଛି। ଏଫ୍‌ପିଆଇ ମିଡ୍ କ୍ୟାପ ଏବଂ ସ୍ମଲ କ୍ୟାପ ଶେୟାର ଅଧିକ ହାରରେ କ୍ରୟ କରୁଥିବା ଦେଖାଯାଉଛି।


CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ ମାମଲା, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିୟା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
7503449786
8800979262
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

କଣ ଆପଣ ଚିନ୍ତିତ କି
ଅଲ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ୍
ଫୋନ୍ ଲଗାନ୍ତୁ, ସମସ୍ୟା କୁହନ୍ତୁ
ବାବା ଆଲାମ ଖାନ
ମାଷ୍ଟର କ୍ୟାଣ୍ଟିନ୍, ଭୁବନେଶ୍ୱର
9773820765
ବି.ଦ୍ର : ଯଦି କାହାର ପତି ବା ପ୍ରେମୀ ଅନ୍ୟ ଦ୍ୱାରା ବଶୀଭୂତ ତେବେ ଆମକୁ ଯୋଗାଯୋଗ କରନ୍ତୁ 2 ଘଣ୍ଟାରେ ଗ୍ୟାରେଣ୍ଟି ସମାଧାନ
ସ୍ପେଶାଲିଷ୍ଟ-ବଶୀକରଣ ଓ ମୁଠ୍‌କରଣୀ
ତନ୍ତ୍ର ମନ୍ତ୍ର ର ସମ୍ରାଟ, କାମନହେଲେ ପଇସା ଫେରସ୍ତ, ଗୃହ କ୍ଲେଶ, ପତି ପତ୍ନୀ ମଧ୍ୟରେ ଝଗଡା, ବିବାହରେ ସମସ୍ୟା, ଲଭ୍ ମ୍ୟାରେଜ, ବ୍ୟବସାୟରେ ବାଧା, ରୋଗରେ ଔଷଧ କାମ ନକରିବା, ସନ୍ତାନ ପ୍ରାପ୍ତି, ବିଦେଶ ଯାତ୍ରା ମୋ କାମକୁ କାଟିଥିବା ଲୋକଙ୍କୁ ମନଚାହାଁ ପୁରସ୍କାର।
9910560681

BDFC Finance
(ରେଜିଷ୍ଟ୍ରେଡ କମ୍ପାନୀ)
ସମସ୍ତ ପ୍ରକାର ଲୋନ ନିଅନ୍ତୁ ମାତ୍ର ୧୦ ଦିନ ମଧ୍ୟରେ
ପ୍ରପୋର୍ଟି, ପର୍ସନାଲ୍, ମାର୍କସିଟ୍, ପଶୁପାଳନ, ବ୍ୟବସାୟ, ଗୃହ, ଶିକ୍ଷା, କୃଷି ଓ ଲଘୁଉଦ୍ୟୋଗ ପାଇଁ ଋଣ ନେବାକୁ ଯୋଗାଯୋଗ କରନ୍ତୁ
ସୁଧ ୧% ଘରେ ବସି ପାଆନ୍ତୁ
Ratanpur, Balbaspur, Sundergarh
8895873257
7656825247

ପାଠକଙ୍କ ପାଇଁ ସୂଚନା: ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



**CHIEF DISTRICT MEDICAL & PUBLIC HEALTH OFFICER, KEONJHAR**

Advt. No. 4490 Date: 24.08.2020

**NOTICE**

**No. E-198:-** In pursuance to this office Advt. No.3855 dt. 21.07.2020 & 4075 dt. 05.08.2020, the temporary engagement order issued to the selected candidates for the post of ANMs on daily wages basis for Covid Care Home (CCH) in each GPs of Keonjhar district vide this office order No. 4483 dt. 24.08.2020. The concerned candidates are instructed to download their engagement order from the District NIC website i.e. www.kendujhar.nic.in in Recruitment page for enable to join before the concerned block Superintendent CHC in time as mentioned against each.

Sd./- Chief District Medical & Public Health Officer, Keonjhar

OIPR-10033/11/0017/2021

**GOVERNMENT OF ODISHA**
**INVITATION FOR BIDS (IFB)**
**'e' PROCUREMENT NOTICE**

No. B-210:-

Bid Identification No. E.E. JSPR(R&B)-03/2020-21

1. Name of work : Building, E.I. & P.H. Works for the year 2020-21
2. No. of Works : 05 (Five) Nos.
3. Estimated cost : Above **Rs.5.00 lakhs up to Rs. 50.00 lakhs (Approx)**
4. Period of completion : Work wise mentioned in NIT
5. Class of contractors : (CIVIL) "D", & "C" and (Electric) HT/MV **(Work wise mentioned in NIT)**

Other details as follows :-

6. **Date & time of availability of bid documents in Portal:- 27.08.2020 at 11.30 A.M.**
7. Last date/time for receipt of bids in Portal:- **10.09.2020 up to 05.00 P.M.**
8. Opening of Bid documents :11.09.2020 **at 11.30 A.M.**
9. Procurement Officer : Executive Engineer, Jagatsinghpur (R&B) Division, Jagatsinghpur with

E-Mail address:- eerbjspr@gmail.com

Further details can be seen from the Govt. website **tendersorissa.gov.in**

**Sd./- Executive Engineer**
**Jagatsinghpur (R&B) Division**

OIPR-34093/11/0003/2021

**GOVERNMENT OF ODISHA**
**DEPARTMENT OF WATER RESOURCES**
**OFFICE OF THE EXECUTIVE ENGINEER,**
**MAYURBHANJ IRRIGATION DIVISION, BARIPADA**
**e-mail: exen.mid@gmail.com FAX/TEL: 06792-260442**

**"E" PROCUREMENT NOTICE NO. 01MBJ/2020-21.**

NO. A-202:-

| | | |
|---|---|---|
| 1. Name of works | : | Bank protection works, canal works and road works as mentioned in the website. |
| 2. Total no. of works | : | 12 (Twelve) nos. of work. |
| 3. Estimated cost | : | Varies from 8.0 lakh to 44.500 lakh |
| 4. Class of Contractor | : | 'D' & 'C', 'C' & 'B' and 'B' & 'A" |
| 5. Period of completion | : | As mentioned against work. |
| 6. Other details as follows: | | |
| (i) Procurement Officer | : | Executive Engineer, Mayurbhanj Irrigation Division, Baripada |
| (ii) Availability of Tender online for bidding | : | **26.08.2020 from 10.00 Hours to 09.09.2020 up to 17.00 Hours.** |
| (iii) Date, time and place of opening of Bid. | : | **On 11.09.2020 at 11.00 Hours** in the O/o the Executive Engineer, Mayurbhanj Irrigation Division, Baripada |
| (iv) Date of Transparent Lottery to be conducted (if required) | : | **On dt. 15.09.2020 at 11.00 AM.** |
| 7. Payment of the works will be made on availability of Fund. | | |
| 8. Further details can be seen from the 'e' Procurement Portal http://tendersorissa.gov.in | | |

**Sd./- Executive Engineer, Mayurbhanj Irrigation Division, Baripada.**

OIPR-32041/11/0006/2021



**OFFICE OF THE Pr. CHIEF COMMISSIONER OF INCOME TAX, ODISHA, BHUBANESWAR**

INCOME TAX DEPARTMENT

**Aayakar Bhawan, Rajaswa Vihar, Bhubaneswar, PIN: 751007**

**EMPANELMENT OF SENIOR STANDING COUNSEL & JUNIOR STANDING COUNSEL FOR INCOME TAX DEPARTMENT, ODISHA REGION**

The Office of the Pr. Cheif Commissioner of Income Tax, Bhubaneswar invites applications from eligible advocates for empanelment as Senior Standing Counsel & Junior Standing Counsel for representing the Department on Direct Tax matter before the Hon'ble High Court of Orissa in terms of CBDT Instruction No. 07/2016 dated 07.09.2016 in F. No. 279/Misc./M-75/2011-ITJ (Part-II).

2. The advocates desirous of and eligible for the Post, in terms of the above said instruction may send completed applications for the Post to the following address.
**O/o the Pr. CCIT, Aayakar Bhawan, Rajaswa Vihar, Bhubaneswar - 751007**
3. The format of the application, terms and conditions etc. may be obtained/downloaded from the official Income Tax website **www.incometaxindia.gov.in**.
4. Canvassing in any form shall constitute a disqualification.
5. For the purpose of experience as mentioned in the CBDT Instruction No. 07/2016 dated 07.09.2016, the cut-off date for eligibility will be **09.09.2020**.
6. All the Standing Counsels currently empanelled in the Income Tax Department will have to apply afresh in response to this advertisement.
7. The applications received earlier to this advertisment or received through any other channel or received after the due date are liable to be rejected. Applications deficient in any respect shall also be summarily rejected.
8. The last date for receipt of application is **09.09.2020**.
9. A copy of this notice is also available at the Department's website i.e. **www.incometaxindia.gov.in**.

**Sd./- Dy. Commissioner of Income Tax (Hqrs.) (Admn. & Vig.) O/o. the Pr. CCIT, Odisha**

**Proforma - 'A1' of Annexure I**
**Particulars to be furnished by an advocate applying for engagement as Jr./Sr. Standing Counsel**

1. Name of the Person :
2. Permanent Account Number :
3. Father's Name :
4. Date of Birth :
5. Address for Correspondence including e-mail, Telephone/Mobile No.
6. Permanent Address :
7. Educational Qualification* :
8. Category of Counsel for which applied (Jr. Standing Councel/Sr. Standing Counsel) :
9. Date of enrolment as an advocate in the State Bar Council and Registration No.* :
10. If a partner in a firm, name(s) of the firm(s) and other partners :
11. Number of cases relating to Direct Taxes dealt with during last 3/5 (Jr./Sr.) years as an Advocate* :
12. Number of cases published in Journals/ Newspapers, etc. :
13. Income from Professional Practice (Copy of the latest I.T. return to be attached) :

**Verification**

I ..................................................., S/o. .............................., do hereby declare that whatever has been stated in the above application is true to be best of my knowledge and belief.

**Signature**

**Date:**
**Place:**

***Applicant to submit documentary proof with respect to aforesaid items/information.**

**Undertaking**

I ..................................................., S/o. .............................., do hereby declare that if engaged by the department, I shall fully abide by the terms and conditions of the engagement.

**Signature**

**Date:**
**Place:**

**Proforma - 'A2' of Annexure I**
**Proforma for application by an officer who has retired/resigned from the Income Tax Department or has been a member of ITAT**

1. Name of the Person :
2. Permanent Account Number :
3. Father's Name :
4. Date of Birth :
5. Address for Correspondence including e-mail, Telephone/Mobile No.
6. Permanent Address :
7. *Educational Qualification :
8. Date of Joining Government Service in Income Tax Department
9. Designation and office address of the last post held :
10. Date of retirement/resignation from the Service :
11. *Date of enrolment as an advocate in the State Bar Council and Registration No. :
12. If a partner in a firm, name(s) of the firm(s) and other partners
13. Category of Counsel for which applied (Jr. Standing Counsel/Sr. Standing Counsel)

**Verification**

I ..................................................., S/o. ..........................., do hereby declare that whatever has been stated in the above application is true to be best of my knowledge and belief. I further declare that I have been removed from the service due to any disciplinary proceeding and no disciplinary proceedings under service rules or Pension Rules are pending against me as on date.

**Signature**

**Date:**
**Place:**

***Applicant to submit documentary proof with respect to aforesaid items/information.**

**Undertaking**

I ..................................................., S/o. .............................., do hereby declare that if engaged by the department, I shall fully abide by the terms and conditions of the engagement.

**Signature**

**Date:**
**Place:**

ଧରିତ୍ରୀ
DHARITRI
ମଙ୍ଗଳବାର, ୨୫ ଅଗଷ୍ଟ, ୨୦୨୦



ପାଣିରୁ ବାହାରି ଆସିଥିବା ଏକ ମାଛକୁ ବଞ୍ଚାଇବା ପାଇଁ ଘୁଷୁରିଙ୍କ ଚେଷ୍ଟାର ଏକ ଭିଜୁଆଲ ଏବେ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ଏହାକୁ ଶେୟାର କରିଥିଲେ ଆଇଏଫ୍‌ଏସ୍ ଅଫିସର ସୁଶାନ୍ତ ନନ୍ଦ। ଭିଡିଓରେ ଘୁଷୁରି ଦଳ ମାଟି ଉପରେ ପଡ଼ିଥିବା ଏକ ମାଛକୁ ପାଣିରେ ଛାଡ଼ିବା ପାଇଁ ପ୍ରୟାସ କରୁଛନ୍ତି। ମାତ୍ର ୧୧ ସେକେଣ୍ଡର ଏହି ଭିଜୁଆଲଟିକୁ ସୋସିଆଲ ମିଡିଆରେ ପୋଷ୍ଟ କରିବାର କିଛିଘଣ୍ଟା ପରେ ହଜାର ହଜାର ଲୋକଙ୍କୁ ଆକୃଷ୍ଟ କରିପାରିଛି। ବହୁ ସଂଖ୍ୟାରେ ଲୋକେ ଏହି ଭିଡିଓକୁ ପ୍ରଶଂସା କରିବା ସହିତ ରିଟୁଇଟ୍ ବି କରିଛନ୍ତି।



# ମୃତ୍ୟୁ ପରେ ଜୀବନ୍ତ ଅନୁଭବ

**ପ୍ରାଚୀନ ସଭ୍ୟତାରେ ମୃତଦେହ ସହ ଜଡ଼ିତ ଥିଲା ଜନସାଧାରଣଙ୍କ ବିଶ୍ୱାସ ଏବଂ ଭାବନା। ଫଳସ୍ୱରୂପ ମିଶରରେ ମୁଣ୍ଡ ଟେକିଥିଲା ଶତାଧିକ ପିରାମିଡ୍। ବିଭିନ୍ନ ସଭ୍ୟତା ଏବଂ ସମ୍ପ୍ରଦାୟରେ ମୃତଦେହ ସଂସ୍କାର ପଦ୍ଧତି ଭିନ୍ନ ଭିନ୍ନ। ଆଧୁନିକ ସମୟରେ ମଧ ମୃତଦେହକୁ ସଂରକ୍ଷଣ କରି ରଖାଯାଉଛି। ଉତ୍ତର କୋରିଆ, ରୁଷିଆ ଏବଂ ଭିଏତନାମ ଭଳି କମ୍ୟୁନିଷ୍ଟ ଦେଶରେ ଶାସକଙ୍କ ମୃତଦେହ ସଂରକ୍ଷିତ କରି ରଖିବା ପ୍ରଥା ପାଲଟିଛି, ଯେଉଁଥିରେ ପ୍ରତିବର୍ଷ ଖର୍ଚ୍ଚ ହେଉଛି କୋଟି କୋଟି ଟଙ୍କା। ଆଉ ମୃତଦେହକୁ ଜୀବନ୍ତ ଭଳି ପ୍ରଦର୍ଶନ କରିବା ଲାଗି ଦିନରାତି କାର୍ଯ୍ୟ କରୁଛି ରୁଷିଆର 'ଲେଲିନ୍ ଲାବ୍'।**



ଉତ୍ତର କୋରିଆ ଶାସକ କିମ୍-୨ ସୁଙ୍ଗ୍‌ଙ୍କ ସଂରକ୍ଷିତ ମରଶରୀର।

**ନୂଆଦିଲ୍ଲୀ:** ଉତ୍ତର କୋରିଆର ଏକଚ୍ଛତ୍ରବାଦୀ ଶାସକ କିମ୍ ଜଙ୍ଗ୍ ଉନ୍‌ଙ୍କୁ ନେଇ ବିଶ୍ୱବ୍ୟାପୀ ଆରମ୍ଭ ହୋଇଛି ହଇଚଇ। ଦୀର୍ଘଦିନ ହେଲା ଲାଇମ୍‌ଲାଇଟ୍‌ରୁ ଦୂରରେ ଥିବା କିମ୍‌ଙ୍କୁ ନେଇ ଭିନ୍ନ ଭିନ୍ନ ଚର୍ଚ୍ଚା ଚାଲିଛି। ତାଙ୍କ ବିଷୟରେ ସୂଚନା ସଂଗ୍ରହ କରିବାକୁ ଅନେକ ଦେଶର ଗୋଇନ୍ଦା ସଂସ୍ଥା ଲାଗି ପଡ଼ିଛନ୍ତି। କିଏ କହୁଛି କିମ୍ କୋମାରେ। ଆଉ କିଏ କହୁଛି ତାଙ୍କର ମୃତ୍ୟୁ ହୋଇସାରିଛି। ଏସବୁ ଭିତରେ କିମ୍‌ଙ୍କ ଭଉଣୀ 'ୟୋ ଜୋଙ୍ଗ୍'ଙ୍କୁ ଦେଶର ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ଦିଆଯିବା ପରେ ଆରମ୍ଭ ହୋଇଛି କଳ୍ପନାଜଳ୍ପନା। ତଥାପି ରହସ୍ୟମୟ ଶାସକ କିମ୍‌ଙ୍କ ବିଷୟରେ ସ୍ପଷ୍ଟ ତଥ୍ୟ ପଦାକୁ ଆସୁନାହିଁ। ଉତ୍ତର କୋରିଆରେ ଶୀର୍ଷ ନେତାଙ୍କ ମୃତ୍ୟୁପରେ ତାଙ୍କ ମୃତଦେହ ସଂରକ୍ଷଣ କରି ରଖିବା ପରମ୍ପରା ରହିଛି। ଏଥିରେ ପ୍ରତିବର୍ଷ ଖର୍ଚ୍ଚ ହେଉଛି ଅଜସ୍ର ଟଙ୍କା। କୋରିଆର ଦ୍ୱିତୀୟ ଶାସକ କିମ୍ ଜଙ୍ଗ୍‌ଙ୍କ ଡିସେମ୍ବର ୨୦୧୧ରେ ମୃତ୍ୟୁ ଘଟିଥିଲା। ତାଙ୍କ ମରଶରୀରକୁ ରାଜଧାନୀ ପୋଙ୍ଗୟାଙ୍ଗ୍‌ର 'କମ୍‌ସୁସାନ ମେମୋରିଆଲ ପ୍ୟାଲେସ ଅଫ୍ ସନ୍'ରେ ରଖାଯାଇଛି। ସେହି ସମୟରେ ରାଷ୍ଟ୍ର ଉଦ୍ଦେଶ୍ୟରେ ଅଭିଭାଷଣରେ ତାଙ୍କ ପୁଅ ତଥା ବର୍ତ୍ତମାନର ଶାସକ କିମ୍ କହିଥିଲେ ଯେ, କୋରିଆର ଏକତା ଏବଂ ଅଖଣ୍ଡତା ଲାଗି 'କିମ୍ ଜଙ୍ଗ୍' ଜୀବନବ୍ୟାପୀ ସଂଘର୍ଷ କରିଥିଲେ। ତାଙ୍କ ମୃତଦେହ ଦେଶବାସୀଙ୍କ ପ୍ରେରଣାର ଉତ୍ସ ପାଲଟିବ। ଏହାପୂର୍ବରୁ ଉତ୍ତର କୋରିଆର ପ୍ରତିଷ୍ଠାତା କିମ୍-୨ ସୁଙ୍ଗ୍‌ଙ୍କ ୧୯୯୪ରେ ମୃତ୍ୟୁ ପରେ ମଧ ତାଙ୍କ ମରଶରୀରକୁ ସଂସ୍କାର କରିବା ପରିବର୍ତ୍ତେ 'କମ୍‌ସୁସାନ ମେମୋରିଆଲ ପ୍ୟାଲେସ'ରେ ରଖାଯାଇଛି।

ଉତ୍ତର କୋରିଆ ଇତିହାସରେ 'କମ୍‌ସୁସାନ ମେମୋରିଆଲ ପ୍ୟାଲେସ ଅଫ୍ ସନ୍'ର ଗୁରୁତ୍ୱ ଅନେକ। ୧୯୭୬ରେ ଆସେମ୍ବ୍ଲି ହଲ୍ ଭାବେ ଏହାକୁ ନିର୍ମାଣ କରାଯାଇଥିଲା। ଏଠାରୁ କିମ୍-୨ ସୁଙ୍ଗ୍ ଶାସନ ପରିଚାଳନା କରୁଥିଲେ। ୧୯୯୪ରେ ତାଙ୍କର ମୃତ୍ୟୁ ପରେ ଏହା ପାଲଟିଗଲା ଶାସକଙ୍କ ମୃତଦେହ ସଂରକ୍ଷଣ ସ୍ଥଳ। ଏହା ଏବେ ମ୍ୟୁଜିୟମ ପାଲଟିଛି। ଏଠାରେ ମୃତ ଶାସକଙ୍କ ଦକ୍ଷତା, ବୀରତ୍ୱର ଗାଥା ବଖାଣୁଥିବା ମେଡାଲ, ଶିକ୍ଷାଗତ ସାର୍ଟିଫିକେଟ ସହ ସେମାନେ ବ୍ୟବହାର କରୁଥିବା ଅନ୍ୟ ଗୁରୁତ୍ୱପୂର୍ଣ୍ଣ ସାମଗ୍ରୀ ରଖାଯାଇଛି। ତେବେ 'କମ୍‌ସୁସାନ ମେମୋରିଆଲ ପ୍ୟାଲେସ ଅଫ୍ ସନ୍' ଭିତରକୁ ଜଣେ ମନଇଚ୍ଛା ପ୍ରବେଶ କରିପାରିବ ନାହିଁ। ଏଥିଲାଗି ସ୍ୱତନ୍ତ୍ର ନୀତିନିୟମ ରହିଛି। ଏହା ଭିତରକୁ ପ୍ରବେଶ କରିବା ଆଗରୁ ଜଣେ ପୁରୁଷଙ୍କୁ ଶାର୍ଟ, ଟାଇ, ଟ୍ରାଉଜର ଏବଂ ମହିଳାଙ୍କ ଦେହକୁ ସମ୍ପୂର୍ଣ୍ଣ ଢାଙ୍କିବା ଭଳି ପୋଷାକ ପିନ୍ଧିବା ଜରୁରୀ। ଏଥିସହ ଏକ ଏକ୍ସ-ରେ ମେଶିନରେ ସ୍କାନିଂ କରାଯାଇଥାଏ। ଭିତରକୁ ଧୂଳିକଣା ନ ପଶିବା ପାଇଁ ଏକ ସ୍ୱତନ୍ତ୍ର ସଫେଇ ମେଶିନ ମଧ ରହିଛି।

## ମୃତଦେହ ସଂରକ୍ଷକ 'ଲେଲିନ୍ ଲାବ୍'



ଭ୍ଲାଦିମର ଲେଲିନଙ୍କ ସଂରକ୍ଷିତ ମୃତଦେହ।

## ଏପରି ହୋଇଥିଲା ଆରମ୍ଭ

'କମ୍‌ସୁସାନ ମେମୋରିଆଲ ପ୍ୟାଲେସ ଅଫ୍ ସନ୍'ରେ ସଂରକ୍ଷିତ ମୃତଦେହଗୁଡ଼ିକ ଦୀର୍ଘବର୍ଷ ପରେ ବି ସତେଜ ରହିଛି। ଏହାକୁ ସୁରକ୍ଷିତ ରଖିବା ଦାୟିତ୍ୱ ରୁଷିଆର 'ଲେଲିନ୍ ଲାବ୍'ର ବିଶେଷଜ୍ଞଙ୍କ ଉପରେ ନ୍ୟସ୍ତ କରାଯାଇଛି। ନାମକରା କମ୍ୟୁନିଷ୍ଟ ନେତାଙ୍କ ମୃତଦେହ ସଂରକ୍ଷଣରେ 'ଲେଲିନ୍ ଲାବ୍' ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରୁଛି। ସର୍ବପ୍ରଥମେ ୧୯୨୪ରେ ଭ୍ଲାଦିମର ଲେଲିନ୍‌ଙ୍କ ମୃତଦେହକୁ ଏଠାରେ ଏକ ସ୍ୱତନ୍ତ୍ର ପ୍ରଲେପ ଲଗାଇ ପ୍ରଦର୍ଶନ କରାଯାଇଥିଲା। ଲାବ୍‌ର ରିସର୍ଚ୍ଚରମାନେ ପ୍ରତିବର୍ଷ ଉତ୍ତର କୋରିଆ ଯାଇ ମୃତଦେହ ତଦାରଖ କରିଥାନ୍ତି। ରୁଷିଆ ପକ୍ଷରୁ ୨୦୧୬ରେ ଦିଆଯାଇଥିବା ଏକ ତଥ୍ୟ ଅନୁଯାୟୀ, ଲେଲିନଙ୍କ ମୃତଦେହ ରକ୍ଷଣାବେକ୍ଷଣରେ ପ୍ରତିବର୍ଷ ପାଖାପାଖି ୨ ଲକ୍ଷ ଡଲାର ଖର୍ଚ୍ଚ ହେଉଛି। ଏହକୁ ଦେଖିଲେ ଉତ୍ତର କୋରିଆର ୨ଶାସକଙ୍କ ମୃତଦେହ ତଦାରଖରେ କୋଟି କୋଟି ଟଙ୍କା ଖର୍ଚ୍ଚ ହେଉଥିବା ଆକଳନ କରାଯାଇପାରେ।

## ସ୍ୱତନ୍ତ୍ର ପ୍ରଣାଳୀରେ ମମିଫିକେଶନ

'ଲେଲିନ୍ ଲାବ୍' ପକ୍ଷରୁ ସମ୍ପୂର୍ଣ୍ଣ ସୁରକ୍ଷିତ ପ୍ରଣାଳୀ ମୃତଦେହକୁ ମମିଫିକେଶନ କରାଯାଇଥାଏ। ଏଥିଲାଗି ବ୍ୟବହାର କରାଯାଏ ଗ୍ଲିସେରାଲ ସୋଲ୍ୟୁଶନ, ପୋଟାସିୟମ ଏସିଟେଟ୍, ଆଲ୍‌କହଲ, ହାଇଡ୍ରୋଜେନ୍ ପାରାକ୍ସାଇଡ, ଏସେଟିକ୍ ଏସିଡ୍, ଏସେଟିକ୍ ସୋଡିୟମ। ଅପରପକ୍ଷେ ମୃତଦେହକୁ ଜୀବନ୍ତ ପ୍ରଦର୍ଶନ କରିବାକୁ ଆବଶ୍ୟକସ୍ଥଳେ ସେଥିରେ କୃତ୍ରିମ ଉପକରଣ ମଧ ଲଗାଯାଉଥିବା ନଜିର ରହିଛି। ଲେଲିନଙ୍କ ମୃତଦେହର ଆଖିର ପଲକ, ଗୋଡ଼ ଚମଡ଼ା ନଷ୍ଟ ହୋଇଯାଇଥିଲା, ଯାହାକୁ ହଟାଯାଇ କୃତ୍ରିମ ଚମଡ଼ା ଏବଂ ଆଖି ପଲକ ଲଗାଯାଇଛି। କେବଳ ଏତିକି ନୁହେଁ, ମରଶରୀରର ଚମଡ଼ାର ଭାଙ୍ଗ ଯେପରି କ୍ଷତିଗ୍ରସ୍ତ ନ ହୁଏ ସେଥିପ୍ରତି ମଧ ଧ୍ୟାନ ଦେଇଥାନ୍ତି ବିଶେଷଜ୍ଞ।

## କମ୍ୟୁନିଷ୍ଟ ଦେଶରେ ପ୍ରଥା ପାଲଟିଛି

"କମ୍ୟୁନିଷ୍ଟ ଶାସକଙ୍କ ମୃତଦେହ ସଂରକ୍ଷଣ କରି ରଖିବା ପ୍ରଥା ପ୍ରଥମେ ରୁଷିଆରେ ଆରମ୍ଭ ହୋଇଥିଲା। ପରବର୍ତ୍ତୀ ସମୟରେ କୋରିଆ, ଭିଏତନାମ ଭଳି ଦେଶ ତାହାକୁ ଅନୁସରଣ କଲେ। ଲୋକପ୍ରିୟ ଶାସକଙ୍କ ମରଶରୀର ମାଧମରେ ଦେଶବାସୀଙ୍କୁ ଏକତା ସୂତ୍ରରେ ବାନ୍ଧି ରଖିବା ଲାଗି ଏହା ହେଉଛି ଏକପ୍ରକାର ମାନସିକତା।

-ଆଲେକ୍ସି ୟୁରଚକ,
ଆନ୍ଥ୍ରପୋଲୋଜି ପ୍ରଫେସର, କାଲିଫର୍ନିଆ ୟୁନିଭର୍ସିଟି

# ଅଭାବରେ ଅଭିନେତ୍ରୀ



◄ ଜରିନ୍ ଖାନ୍

**ମୁମ୍ବାଇ:** ବଲିଉଡ୍‌ରେ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିବା ଜରିନ୍ ଖାନ୍ ଏବେ କାମ ଅପେକ୍ଷାରେ। ଯେତେଶୀଘ୍ର କାମ ଆରମ୍ଭ ହେବ, ତାହା ତାଙ୍କ ପାଇଁ ଭଲ ବୋଲି ସେ କହିଛନ୍ତି। କରୋନା ମହାମାରୀ ଯୋଗୁ ଦୀର୍ଘ ପ୍ରାୟ ୫ ମାସ ହେବ ସବୁ ବନ୍ଦ ଥିବାରୁ ଅନେକ ଲୋକ ଏହା ଭିତରେ ରୋଜଗାର ହରାଇଲେଣି। ଏମିତିକି ବଲିଉଡ୍ ଇଣ୍ଡଷ୍ଟ୍ରିରେ କାମ କରୁଥିବା ଲୋକେ ମଧ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏମାନଙ୍କ ମଧରେ ଜଣେ ହେଉଛନ୍ତି ବଲିଉଡ୍ ଅଭିନେତ୍ରୀ ଜରିନ ଖାନ୍। ଏବେ ସେ ଗରିବ ହୋଇଯାଇଥିବା କଥା ମୁହଁ ଖୋଲି କହିଛନ୍ତି। ସେ କହିଛନ୍ତି ଏହି ଲକ୍‌ଡାଉନ୍ ମୋ ପାଇଁ ଅତ୍ୟନ୍ତ ଦୁଃଖଦାୟକ। କୌଣସି ବଡ଼ କାମ ହାତରେ ନ ଥିବାରୁ ମୋ ପକ୍ଷେ ଏବେ ଚଳିବା କଷ୍ଟକର ହୋଇପଡ଼ିଛି। ଏବେ ତାଙ୍କ ନିକଟରେ କିଛି ୱେବ୍ ସିରିଜ୍‌ର ଅଫର ରହିଛି, ହେଲେ ସେ ଆଉ ଟିକେ ଅପେକ୍ଷା ରଖିଛନ୍ତି। କାରଣ ସେ କିଛି ଭିନ୍ନ କ୍ୟାରେକ୍ଟର ସନ୍ଧାନରେ ଅଛନ୍ତି। ଏହାସହ ତାଙ୍କୁ ହଟ୍ ଓ ଗ୍ଲାମରସ୍ ଚରିତ୍ର ଅଫର କରାଯାଉଥିବା ବେଳେ ସେ ତାଙ୍କୁ ନାଁ କହିଦେଉଛନ୍ତି। ତାଙ୍କ ଅଭିନୀତ ଫିଲ୍ମ 'ହମ୍ ଭି ଅକେଲେ ତୁମ୍ ଭି ଅକେଲେ'କୁ ନେଇ ସେ କହିଛନ୍ତି, ଏହାକୁ ଛୋଟ ଫିଲ୍ମ ଭାବି ଓଟିଟି ପ୍ଲାଟଫର୍ମରେ ରିଲିଜ କରାଯାଉ ନାହିଁ। ସେଠାରେ ବଡ଼ ବଡ଼ ଷ୍ଟାରଙ୍କ ଫିଲ୍ମ ରିଲିଜ ହେଉଛି। ସୂଚନାଯୋଗ୍ୟ, ଲକ୍‌ଡାଉନ ପାଇଁ ବଲିଉଡ୍ ଶୁଟିଂ ବନ୍ଦ ଥିବାବେଳେ ଜରିନ୍‌ଙ୍କ ସେଭିଙ୍ଗସ ଏବେ ସରି ସରି ଆସିଥିବା ସେ କହିଛନ୍ତି। ଘରେ କେବଳ ସେ ରୋଜଗାର କରୁଥିବାରୁ ଆଗକୁ ମ୍ୟାନେଜ୍ କରିବା କଷ୍ଟକର ହେବ ବୋଲି ସେ କହୁଛନ୍ତି। ତାଙ୍କ ବାପା ଦାଦାଙ୍କ ପାଖରେ ଏତେବି ଅର୍ଥ ନାହିଁ ଯେ, ସେମାନେ ଘରେ ବସି ଖାଇ ପାରିବେ। ସେଥିପାଇଁ ତ ସେ ରୋଜଗାର କରିବା ଆରମ୍ଭ କରିଛନ୍ତି ବୋଲି କୁହନ୍ତି। ଏବେ କିନ୍ତୁ କରୋନା ଯୋଗୁ ହୋଇଥିବା ଲକ୍‌ଡାଉନ ପରେ ସେ କେବଳ ତାଙ୍କ ସଞ୍ଚିତ ଅର୍ଥ ଖର୍ଚ୍ଚ କରି ଚାଲିଥିବା କୁହନ୍ତି।

# ଚିତ୍ର ଏକ, କଥା ଅନେକ

**ନୂଆଦିଲ୍ଲୀ:** ଅନେକ ଅବ୍ୟକ୍ତ ଭାବନାକୁ ପ୍ରକାଶ କରେ ଚିତ୍ର। ପ୍ରତୀକାତ୍ମକଭାବେ କଳାକାରଟିଏ ଚିତ୍ର ଆଙ୍କି ବିଭିନ୍ନ ପ୍ରସଙ୍ଗରେ କହିଥାନ୍ତି। ହେଲେ ଏମିତି ଏକ ଚିତ୍ର କେବେ ଦେଖିଛନ୍ତି ,ଯେଉଁଥିରେ ଗୋଟିଏ କଥା ନୁହେଁ ଏକାବେଳକେ ଅନେକ ପ୍ରସଙ୍ଗ ସ୍ଥାନ ପାଇଛି। ଏମିତି ଏକ ଫଟୋ ଏବେ ସୋସିଆଲ ମିଡିଆରେ ପୁଣି ଥରେ ଭାଇରାଲ୍ ହୋଇଛି। ସୋସିଆଲ ମିଡିଆରେ ଏଭଳି ଏକ ଫଟୋକୁ ପ୍ରଥମେ ଶେୟାର କରିଥିଲେ ଆଇପିଏସ୍ ଅଫିସର ଦୀପାଂଶୁ କାବ୍ରା। ଟୁଇଟରରେ ସେ ଏକ ଫଟୋ ପୋଷ୍ଟ କରି ସେଥିରେ କେତୋଟି ବ୍ରାଣ୍ଡ ରହିଛି ଜାଣିବା ପାଇଁ ସମସ୍ତଙ୍କୁ ପ୍ରଶ୍ନ କରିଛନ୍ତି। ପ୍ରକୃତରେ ସେ ପୋଷ୍ଟ କରିଥିବା ଚିତ୍ରଟିରେ ଅନେକଗୁଡ଼ିଏ ବ୍ରାଣ୍ଡର ବିଜ୍ଞାପନ ପ୍ରଦର୍ଶିତ ହୋଇଛି। ଏତେ ସଂଖ୍ୟକ କମ୍ପାନୀର ଲୋଗୋ କିମ୍ବା ସଙ୍କେତକୁ ଏହି ଚିତ୍ରରେ ଏତେ ସୁନ୍ଦର ଭାବରେ ପ୍ରଦର୍ଶିତ କରାଯାଇଛି ଯେ ଦେଖିବା ଲୋକଙ୍କୁ ନିଶ୍ଚିତଭାବେ ଖୁସି ଲାଗିବ। ପ୍ରକୃତରେ ଏଭଳି ଏକ ଚିତ୍ରକୁ ପ୍ରଥମେ ଗତ ମାସ ୩୦ ତାରିଖରେ ପ୍ରଥମେ ଡେଲିଭରି ସର୍ଭିସ୍ କମ୍ପାନୀ ଡୁଞ୍ଜୋ ଶେୟାର କରିଥିଲା। ଏହାପରେ ତାକୁ ଅନେକ ପସନ୍ଦ କରିଥିଲେ। କିନ୍ତୁ ଏବେ ଏହାକୁ ରିଟୁଇଟ୍ କରିବା ପରେ ତାହା ଭାଇରାଲ୍ ହେବାରେ ଲାଗିଛି। ଚିତ୍ରରେ ଥିବା କ୍ରିଏଟିଭିଟିକୁ ଲୋକେ ଖୁବ୍ ପସନ୍ଦ କରିଛନ୍ତି। ଚିତ୍ର ଦେଖିବା ପରେ ଅନେକେ ସେଥିରେ ଥିବା ବିଜ୍ଞାପନକୁ ଜାଣିବା ପାଇଁ ଚେଷ୍ଟା କରିଥିବାବେଳେ କେତେକେ ଏହାକୁ କଳାର ଏକ ଭିନ୍ନ ରୂପ ବୋଲି କହିଛନ୍ତି। ମଜାକଥା ହେଉଛି ଚିତ୍ରରେ ଏତେଗୁଡ଼ିଏ ବ୍ରାଣ୍ଡ ରହିଛି ଯେ ଜଣେ ଲୋକ ହୁଏତ ସବୁତକ ଦର୍ଶାଇବା ଏତେ ସହଜ ନୁହେଁ।




# ୨୦ ହଜାର ପ୍ରବାସୀଙ୍କୁ ଘର ଯୋଗାଇବେ ସୋନୁ



**ମୁମ୍ବାଇ:** ରିୟଲ ଲାଇଫର ହିରୋ ପାଲଟିଥିବା ବଲିଉଡ୍ ଖଳନାୟକ ସୋନୁ ସୁଦ୍ ଏବେ ପୁଣି ଚର୍ଚ୍ଚାରେ। ସାରା ଦେଶରେ କରୋନା ଭାଇରସ୍ ମହାମାରୀ ଅନେକଙ୍କ ରୋଜଗାର ଛଡାଇ ନେଇଥିବା ବେଳେ ସବୁଠାରୁ ଅଧିକ ପ୍ରଭାବିତ ହୋଇଛନ୍ତି ପ୍ରବାସୀ ଶ୍ରମିକ। ଆଉ ଏହି ସମୟରେ ପ୍ରବାସୀ ଶ୍ରମିକଙ୍କ ପାଇଁ ଦେବଦୂତ ସାଜିଛନ୍ତି ବଲିଉଡ୍ ଅଭିନେତା ସୋନୁ ସୁଦ। ଯେତେବେଳେ ପ୍ରବାସୀମାନେ ପାଦରେ ଚାଲି ଚାଲି ନିଜ ଗାଁକୁ ଫେରୁଥିଲେ ସେତେବେଳେ ସୋନୁ ସେମାନଙ୍କୁ ଘରେ ପହଞ୍ଚାଇବାକୁ ବସ୍ ବ୍ୟବସ୍ଥା କରି ଆସିଥିଲେ ଚର୍ଚ୍ଚାକୁ। ଏହାପରେ ଯିଏ ତାଙ୍କୁ ସୋସିଆଲ ମିଡିଆ ମାଧମରେ ସାହାଯ୍ୟ ମାଗିଛନ୍ତି ପ୍ରାୟ ସବୁକ୍ଷେତ୍ରରେ ସେ ସହଯୋଗର ହାତ ବଢାଇଛନ୍ତି। ଏମିତିକି କେତେକଙ୍କ ପାଇଁ ରୋଜଗାର ମଧ ଯୋଗାଇ ଦେଇଛନ୍ତି ସୋନୁ। ସେ ତାଙ୍କ ୪୭ ତମ ଜନ୍ମଦିନରେ ଘୋଷଣା କରିଥିଲେ ଯେ, ସେ ପ୍ରବାସୀ ଶ୍ରମିକଙ୍କୁ ରୋଜଗାର ଯୋଗାଇ ଦେବେ। ଏଥିପାଇଁ ସେ 'ପ୍ରବାସୀ ରୋଜଗାର' ନାମକ ଏକ ଆପ୍ ମଧ ଲଞ୍ଚ କରିଥିଲେ। ଏପର୍ଯ୍ୟନ୍ତ ପ୍ରାୟ ୫୮ ଜଣ ପ୍ରବାସୀଙ୍କୁ ସେ ରୋଜଗାର ଯୋଗାଇ ଦେଇଥିବା କୁହାଯାଏ। ହେଲେ ଏଥର ସେ ଯେଉଁ କାମ କରିଛନ୍ତି , ତାହା ସବୁଠାରୁ ବଡ଼ ବୋଲି ଆଲୋଚନା ହେଉଛି। ସୋନୁ ନଏଡ଼ାରେ ୨୦ ହଜାର ପ୍ରବାସୀଙ୍କୁ ଘର ଯୋଗାଇ ଦେବାକୁ କହିଛନ୍ତି। ସେ ନିଜେ ଟୁଇଟ୍ କରି ଏହି ସୂଚନା ଦେଇଛନ୍ତି। ସେ କହିଛନ୍ତି ୨୦ ହଜାର ପ୍ରବାସୀ ଶ୍ରମିକଙ୍କ ପାଇଁ ଘର ତିଆରି କରିବା କାମ 'ନ୍ୟାଶନାଲ ଆସୋସିଏଶନ ଫର ଏଲିବେଶନ କଷ୍ଟ୍ରାକ୍ଟର'ର ଅଧକ୍ଷ ଲଳିତ ଠୁକରାଲଙ୍କ ସହ ମିଶି ୨୪ ଘଣ୍ଟା କାମ କରାଯିବ। ସୂଚନାଯୋଗ୍ୟ, ଏହା ପୂର୍ବରୁ ଥରେ ସୋନୁ ଶେୟାର କରିଥିଲେ କି ଗୋଟିଏ ଦିନରେ ୧,୧୩୭ ଇମେଲ, ୧୯,୦୦୦ ଫେସବୁକ, ୪,୮୧୨ ଇନଷ୍ଟାଗ୍ରାମ, ୬,୭୪୧ ଟୁଇଟର ମେସେଜ ଜରିଆରେ ଲୋକେ ତାଙ୍କୁ ସହାୟତା ମାଗୁଛନ୍ତି।


## ମନେ ପଡ଼ନ୍ତି

### ୪୪ତମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ ଡାକ୍ତର ହରିଶଙ୍କର ତରାସିଆ
ତିରୋଧାନ: ୨୫।୦୮।୧୯୭୭
ଆପଣଙ୍କ ମଧୁମୟ ସ୍ମୃତି ଆମ ପ୍ରାଣରେ ଚିରକାଳ ସତେଜ ଓ ସଂଜୀବିତ ରହିଛି। ଦିବ୍ୟଧାମରୁ ଆମମାନଙ୍କୁ ଆଶୀର୍ବାଦ କରୁଥାନ୍ତୁ।
ପତ୍ନୀ, ପୁତ୍ର, ପୁତ୍ରବଧୂ, ନାତି, ନାତୁଣୀମାନେ।
ଧ-୬୯୩୩୧

### ଦଶାହ ଉପଲକ୍ଷେ



ସ୍ୱର୍ଗତ ଗୋପାଳ ଚନ୍ଦ୍ର ପାଣିଗ୍ରାହୀ
ଅବସରପ୍ରାପ୍ତ ଦୂରସଂଚାର କର୍ମଚାରୀ
ଗ୍ରାମ: କାଉପୁର, ଜିଲ୍ଲା: ବାଲେଶ୍ୱର
ଆବିର୍ଭାବ: ତା୨୬।୦୨।୧୯୩୦ରିଖ
ତିରୋଧାନ: ତା୧୬।୦୮।୨୦୨୦ରିଖ
ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଚରଣାରବିନ୍ଦରେ ପ୍ରାର୍ଥନା କରୁଛୁ।
-:ଶୋକସନ୍ତପ୍ତ:-
ହତଭାଗ୍ୟ ବନ୍ଧୁ ଓ ପରିବାରବର୍ଗ।
ଧ-୬୯୬୧୪

### ଏକାଦଶାହ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ ସୁବୋଧ ଚନ୍ଦ୍ର ସାହୁ
ମତୋ, ଭଦ୍ରକ
ଆବିର୍ଭାବ: ୧୫।୦୩।୧୯୩୭
ତିରୋଧାନ: ୧୫।୦୮।୨୦୨୦
ଅସମୟରେ ଆମକୁ ଲୁହର ସାଗରରେ ଭସାଇ ଚାଲିଗଲ। ଜଗନ୍ନାଥଙ୍କ ଆଶୀର୍ବାଦରୁ ଯେଉଁଠି ଅଛ ଭଲରେ ଥାଅ। ଆମକୁ ସ୍ନେହ, ଶ୍ରଦ୍ଧା, ଆଶୀର୍ବାଦ ଦେଉଥାଅ। ଆପଣଙ୍କ ଅମର ଆତ୍ମା ସଦା ସଦ୍‌ଗତି ଲାଭକରୁ, ପ୍ରଭୁ ପାଦେ ଏତିକି ପ୍ରାର୍ଥନା।
ସୁବୋଧ ଚନ୍ଦ୍ର ସାହୁ ଏଣ୍ଡ ସନ୍ସ, ଜୁଏଲର୍ସ, ମତୋ, ବନ୍ଧୁ ଓ ପରିବାରବର୍ଗ।
ଧ-୧୮୦୨୯



ସୌନ୍ଦର୍ଯ୍ୟ

# ବର୍ଷାଦିନେ ଅଏଲି ତ୍ୱଚାର ଯତ୍ନ

**ଅଏଲି ତ୍ୱଚା ହୋଇଥିଲେ ବର୍ଷାଦିନେ ବହୁ ସମସ୍ୟା ସୃଷ୍ଟି ହୋଇଥାଏ। ଏହିଦିନେ ତ୍ୱଚାରେ ଅତ୍ୟଧିକ ତୈଳ ସ୍ରାବ ଯୋଗୁ ଅଧିକ ବ୍ରଣ ବାହାରି ଥାଏ। ତେଣୁ ତୈଳୀୟ ତ୍ୱଚାର କିଭଳି ଯତ୍ନ ନେବେ ଜାଣିରଖନ୍ତୁ...**

–ଆନୁବଂଶିକ ହରମୋନ୍ କାରଣରୁ ତ୍ୱଚା ସାଧାରଣତଃ ଅଏଲି ହୋଇଥାଏ। ବର୍ଷାଦିନେ ବାୟୁମଣ୍ଡଳରେ ଆଦ୍ରତା ବୃଦ୍ଧି କାରଣରୁ ଅଧିକ ତୈଳ ସ୍ରାବ ହୋଇଥାଏ। ତେଣୁ ଏହି ଋତୁରେ ଠିକ୍‌ଭାବେ ତ୍ୱଚାର ଯତ୍ନ ନିଅନ୍ତୁ।

– ଦିନକୁ ଅତିକମ୍‌ରେ ଦୁଇଥର ମୁହଁକୁ ମାଇଲ୍ଡ କ୍ଲିଜରରେ ଧୁଅନ୍ତୁ। ଅଧିକ ଥର ମୁହଁ ଧୁଅନ୍ତୁ ନାହିଁ। କାରଣ ମୁହଁକୁ ଜୋରରେ ଘଷିଲେ ଗ୍ରନ୍ଥିଗୁଡ଼ିକ ଅଧିକ ସକ୍ରିୟ ହୋଇଯିବା ଫଳରେ ଅଧିକ ତୈଳ ସ୍ରାବ ହୋଇଥାଏ।

– ମନସୁନ୍‌ରେ ତ୍ୱଚା ଅନୁସାରେ ହିଁ ବ୍ୟୁଟି ପ୍ରଡକ୍ଟ ସବୁ ବ୍ୟବହାର କରନ୍ତୁ। ବିଶେଷକରି ଅଏଲି ତ୍ୱଚାର ଲୋକେ ଏହି ଋତୁରେ ବ୍ୟୁଟି ପ୍ରଡକ୍ଟ ବ୍ୟବହାର ସମୟରେ ଅଧିକ ସତର୍କ ହେବା ଉଚିତ।

– ମନସୁନ୍‌ରେ ଖାଦ୍ୟ ପ୍ରତି ବିଶେଷଭାବେ ସଚେତନ ହେବା ଜରୁରୀ। ଅତ୍ୟଧିକ ମସଲା ତଥା ତେଲଛଣା ଖାଦ୍ୟ କମ୍ ଖାଇବା ସହିତ ଲୁଣ ମଧ୍ୟ କମ୍ ଖାଇବା ଉଚିତ।

– ଓଟମିଲ୍ ସ୍କ୍ରବ ଏବଂ ପାଚିଲା ଅମୃତଭଣ୍ଡାକୁ ସ୍କ୍ରବଭାବେ ବ୍ୟବହାର କଲେ ବ୍ରଣ ସମସ୍ୟାରୁ ମୁକ୍ତି ମିଳିବ।

– ପ୍ରତିଦିନ ରାତିରେ ଆଣ୍ଟିବାୟୋଟିକ୍ ଟୋନର ଲଗାଇ ଶୋଇବା ଉଚିତ। କାରଣ ଏହା ଦ୍ୱାରା ତ୍ୱଚାର ପିଏଚ୍ ଲେବଲ୍ ଠିକ୍ ରହିଥାଏ।

– ଶରୀରକୁ ଡିଟକ୍ସ କରିବା ପାଇଁ ପ୍ରଚୁର ପାଣି ପିଅନ୍ତୁ। ଫଳରେ ବ୍ରଣ ସମସ୍ୟା ସୃଷ୍ଟି ହେବ ନାହିଁ।

– ମେକ୍‌ଅପ୍ ଲଗାଇଥିଲେ ଭଲଭାବରେ ବେବି ୱାଇପ୍ସ କିମ୍ବା ନଡ଼ିଆ ତେଲରେ ସଫା କରନ୍ତୁ।

– ବର୍ଷାଦିନେ ମହୁ ଏବଂ ଚିନି ମିଶାଇ ସ୍କ୍ରବ କରନ୍ତୁ। ଏହା ତ୍ୱଚାରେ ଥିବା ମୃତ କୋଷକୁ ବାହାର କରି ଲୋମ ଛିଦ୍ରକୁ ଖୋଲି ଦେଇଥାଏ ଓ ତ୍ୱଚା କୋମଳ ହୋଇଥାଏ।

## ପାର୍ଟି ଲୁକ୍

କରୋନା ପାଇଁ ଯଦିଓ ବିବାହ, ବ୍ରତ, ଜନ୍ମଦିନ ଆଦି ପାର୍ଟି ଆୟୋଜନ ଉପରେ କଟକଣା ଲାଗିଥିଲା ଏବେ ତାହା ଧୀରେ ଧୀରେ କୋହଳ ହୋଇଛି। ତେଣୁ କରୋନା କଟକଣା ଭିତରେ ଏବେ କେତେକ ସ୍ଥାନରେ ପାର୍ଟି ଆୟୋଜନ କରାଗଲାଣି। ତେବେ ଏଭଳି କୌଣସି ପାର୍ଟିରେ ଯୋଗଦେବାକୁ ଯାଉଥିଲେ ଆପଣ ନୂଆ ଡିଜାଇନ୍ ବିଷୟରେ ଅପଡେଟ୍ ରହି ଷ୍ଟାଇଲିସ୍ ହୋଇ ଯାଆନ୍ତୁ।

►ଅଫ୍ ହ୍ୱାଇଟ୍ କଲର, ଚେହେରାର ରଙ୍ଗକୁ ଅଧିକ ସୁନ୍ଦର କରିଥାଏ। ତେଣୁ ପାର୍ଟି ୱେୟର ସିଲଭର୍ କଲର କିମ୍ବା ପିଙ୍କ୍ କଲର ହୋଇଥିଲେ ଭଲ ଲାଗିବ। ପାର୍ଟି ନିମନ୍ତେ ଶାଢିର ବର୍ଡରରେ କାମ ଭଲ ଲାଗୁଥିବାବେଳେ କୁର୍ତ୍ତାରେ ମଧ୍ୟ ଏପରି କାମ ବହୁତ ଭଲ ମାନିବ।



►ଶାଢିର ବର୍ଡର ଉପରେ ଏବଂ ସୁଟ୍‌ର ନେକ୍ ପାଖରେ ଆଇଭରୀ କଲରର କଢାଇ ଏବେ ଲାଟେଷ୍ଟ ଡିଜାଇନ୍ ହୋଇଛି। ଏପରି କାମଥିବା ହଳଦିଆ ରଙ୍ଗର ଶାଢି ମଧ୍ୟ ପାର୍ଟିରେ ବହୁତ ସୁନ୍ଦର ଦେଖାଯିବ।

►ଶାଢିର ପ୍ରିଣ୍ଟ ହିଁ ଏହାକୁ ଅଧିକ ସୁନ୍ଦର କରିଥାଏ। ତେଣୁ ପାର୍ଟି ନିମନ୍ତେ ପ୍ରିଣ୍ଟେଡ୍ ଶାଢିର ରଙ୍ଗ ଦେଖି ନିଜ ଚେହେରା ସହିତ ଖାପ ଖୁଆଇଲା ଭଳି କିଣନ୍ତୁ।

►ଏବେ ଏଥେନିକ୍ ଓ ମଡର୍ନ ଲୁକ୍ ଦେବା ଭଳି ବିଭିନ୍ନ ଡିଜାଇନ୍ ଆପଣ ଟ୍ରାଏ କରିପାରିବେ। ଏକ ସମୟରେ ମଡର୍ନ ସ୍କଟ୍ ସାଙ୍ଗରେ ଏଥେନିକ୍ ଟପ୍ ବି ଫ୍ୟାଶନ୍ ଡିଜାଇନ୍‌ର ଲାଟେଷ୍ଟ ଟ୍ରେଣ୍ଡ ପାଲଟିଛି।



# ଖାଦ୍ୟ ପାଇଁ ଡାଏରୀ



**ନୀରୋଗ ହେବା ଲାଗି ଓଜନକୁ ନିୟନ୍ତ୍ରଣରେ ରଖିବା ସବୁଠୁ ଗୁରୁତ୍ୱପୂର୍ଣ୍ଣ। ତେଣୁ କେଉଁ ସମୟରେ କ'ଣ କ'ଣ ଖାଇଲେ ଏବଂ ସେଥିରୁ ଶରୀରକୁ କେତେ କ୍ୟାଲୋରି ମିଳିଲା ସେସବୁର ହିସାବ ଏକ ଡାଏରୀରେ ଲେଖି ରଖିବା ଦ୍ୱାରା ଓଜନ କମାଇବାର ଦୃଢ଼ ଇଚ୍ଛାଶକ୍ତି ନିଜ ଜିଭ ଓ ସ୍ୱାଦଗ୍ରନ୍ଥି ଉପରେ ବହୁ କଟକଣା ଲଗାଇବାରେ ସହାୟକ ହେବା ଆଉ ଏକ ସୁସ୍ଥ ଜୀବନ ବିତାଇବାରେ ସହାୟକ ହେବ ଏଥିରେ ସନ୍ଦେହ ନାହିଁ...**

ଡା. ସରୋଜିନୀ ଷଡ଼ଙ୍ଗୀ

ଡାଏରୀର ଅନ୍ୟନାମ ଦିନ ଲିପି । ଗୋଟିଏ ଉଜ୍ଜ୍ୱଳ ସକାଳର ଅମୃତମୟ ମୁହୂର୍ତ୍ତରୁ ସାୟାହ୍ନ ତଥା ରାତିରେ ଶୋଇବା ଯାଏ ପ୍ରତିଟି ସୁଖ, ଦୁଃଖ, ହସ, କାନ୍ଦ, ଘଟଣା, ଦୁର୍ଘଟଣା, ରାଗ, ଅନୁରାଗ ତଥା ମାନ ଅଭିମାନର କାହାଣୀ କୁହେ ଡାଏରୀ । ଆହୁରି ପୁଣି ସେଥିରେ କେତେବେଳେ ଲିପିବଦ୍ଧ ହୁଏ ସାୟରି ତ କେତେବେଳେ କବିତାର ଛନ୍ଦ ଓ ଗଳ୍ପର ଶବ୍ଦରେ ପୂରିଯାଏ ଡାଏରୀର ପୃଷ୍ଠା । କିନ୍ତୁ ଦିନ ଲିପି ନୁହେଁ ଏବେ ସମୟ ଆସିଯାଇଛି ଡାଏରୀର ପ୍ରତ୍ୟେକ ଶୂନ୍ୟସ୍ଥାନକୁ ପୂର୍ଣ୍ଣ କରିବ ଖାଦ୍ୟ ଓ କ୍ୟାଲୋରି । ଏବେ ଡାଏରୀର ପ୍ରତ୍ୟେକ ପୃଷ୍ଠାରେ ଲେଖାହେବ ରସଗୋଲା, ଆଇସ୍‌କ୍ରିମ୍, ଗୁପ୍‌ଚୁପ୍, ମୃଦୁପାନୀୟ, ମ୍ୟାଗି, ବଟର ଚିକେନ୍, ମାଛ, ଅଣ୍ଡା, ନୁଡଲ୍‌ସ ତଥା ଛଣାଛଣି ଆଦି ପ୍ରତ୍ୟେକ ଖାଦ୍ୟର ତାଲିକା, କେତେବେଳେ ଏବଂ କେତେ କ୍ୟାଲୋରି ଯୁକ୍ତ ଖାଦ୍ୟ ଖାଇଲେ ତାହାର କ୍ୟାଲୋରିର ହିସାବ। କାରଣ ମେଦବହୁଳତାକୁ ନିୟନ୍ତ୍ରଣରେ ରଖିବାର ଏହା ସବୁଠୁ ଭଲ ଉପାୟ।

ଆଜିକାଲି ସାରା ପୃଥିବୀରେ ପୃଥୁଳକାୟ ବ୍ୟକ୍ତି ବା ମୋଟା ବ୍ୟକ୍ତିଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି । ଦେହରେ ଆବଶ୍ୟକତାଠାରୁ ବେଶି ଚର୍ବି ଜମିଗଲେ ଏବଂ ତଦ୍ୱାରା ଓଜନ ବଢିଗଲେ ଏହାକୁ ପୃଥୁଳକାୟତା ବା 'ଓବେସିଟି' କୁହାଯାଏ। ପୃଥିବୀରେ ପ୍ରାୟ ଲକ୍ଷ ଲକ୍ଷ ଲୋକଙ୍କର ଓଜନ ନିଜ ଉପଯୁକ୍ତ ଓଜନଠାରୁ ବେଶି, ଯାହାଦ୍ୱାରା ଅଳ୍ପ ବୟସରେ ମଧ୍ୟ ଅନେକଗୁଡ଼ିଏ ରୋଗର ଶିକାର ହେବାକୁ ପଡ଼ିଥାଏ ।

**ମୋଟା ହେବାର କାରଣଗୁଡ଼ିକ ହେଲା:** ନିଜ ଆବଶ୍ୟକତାଠାରୁ ବେଶି ଖାଇବା ବା ଓଭର୍ ଇଟିଂ, ଭୋକ ନ ଥାଇ ଖାଇବା, ବେଶି ଛଣାଛଣି ଓ ତେଲ, ଘିଅ ଆଦି ଖାଦ୍ୟ ଖାଇବା, ମଧୁମେହ ଓ ଥାଇରଏଡ୍ ରୋଗ ଦ୍ୱାରା ଆକ୍ରାନ୍ତ ହେବା ଏବଂ ଅନେକ ମହିଳା ପ୍ରସବ ପରେ ପରେ ମୋଟା ହୋଇଯିବାର ଆଶଙ୍କା ଥାଏ । ତା'ଛଡା ଆଜିକାଲି ଅଧିକାଂଶ ଲୋକ ଦୀର୍ଘ ସମୟ ଧରି କମ୍ପ୍ୟୁଟର୍‌ରେ କାମ କରୁଥିବାରୁ କ୍ୟାଲୋରି ଖର୍ଚ୍ଚ ନ ହୋଇ ବଢ଼ିଯାଇଥାଏ, ଯାହା କି ମୋଟା ହେବାର ଏକ ବଡ କାରଣ । ତେବେ ସାରା ଦେହର ଚର୍ବି ଅପେକ୍ଷା ପେଟ ଓ ଅଣ୍ଟାରେ ଚର୍ବି ଲାଗିବା ବେଶି ବିପଜ୍ଜନକ । ଅଣ୍ଟାରେ ଚର୍ବି ଲାଗିବା ହିଁ ସାରା ଦେହ ମୋଟା ହେବାର ପରିଚାୟକ । ଏହି ବଡ଼ିମାସ୍ ଇଣ୍ଡେକ୍ସ ଦ୍ୱାରା ସାରା ଦେହର ଚର୍ବିର ପରିମାଣ ମଧ୍ୟ ଜଣାପଡ଼େ ।

**ଓଜନ ନିୟନ୍ତ୍ରଣର ଉପାୟ:** – ମାନସିକ ଅବସାଦ ବା ଷ୍ଟ୍ରେସ୍ ସମୟରେ ବେଶି ଖାଦ୍ୟ ଖାଇ ହୋଇଯାଏ, ତେଣୁ ଖାଇବା ବେଳେ ଷ୍ଟ୍ରେସ୍ ଏଡ଼ାଇ କମ୍ ଖାଇବା ଆବଶ୍ୟକ। ତରଳି ଯିବ ଓ ପୃଥୁଳତା କମିଯିବ ।

– ଫିଟ୍ ରହିବା ଲାଗି ଆମିଷ ଆହାର ଅପେକ୍ଷା ନିରାମିଷ ଆହାର ଉତ୍ତମ। ମନେରଖନ୍ତୁ ନିରାମିଷ ଆହାରର ୮୦ ଭାଗ ତଟକା ଫଳ ତଥା ସଜ ପନିପରିବା (ତନ୍ତୁଯୁକ୍ତ ଖାଦ୍ୟ) ହେବା ଆବଶ୍ୟକ।

– ମଇଦା ଓ ଛଣାଛଣି ଖାଦ୍ୟରୁ ଦୂରେଇ ରହିବା ଦରକାର।

– ପ୍ରତ୍ୟେକ ଦିନ ସିଝା ଖାଦ୍ୟ, କମ୍ ଶ୍ୱେତସାର ଖାଦ୍ୟ ଓ କମ୍ ଲୁଣ ଖାଇବା ଭଲ ।

– ଦୁଇଟି ମୁଖ୍ୟ ଖାଦ୍ୟ ମଧ୍ୟରେ ଛଣାଛଣି ଖାଦ୍ୟ ଖାଇବା ଉଚିତ ନୁହେଁ ।

– ଯଥା ସମ୍ଭବ ଶୋଇବାର ୨–୩ ଘଣ୍ଟା ଆଗରୁ ହାଲୁକା ରାତ୍ରିଭୋଜନ କରିନେବା ଭଲ।

– ଟିଣରେ ବିକ୍ରି କରାଯାଉଥିବା ଖାଦ୍ୟ ଖାଇବା ଉଚିତ ନୁହେଁ (ଟିନ୍‌ଡ଼ ଏଣ୍ଡ୍ ପ୍ରିଜରଭଡ଼ ଫୁଡ଼)।

– ଖାଦ୍ୟକୁ ବେଶି ସମୟ ଚୋବାଇ ଖାଇବା ଦରକାର। ପ୍ରତିଦିନ ପଇଡ଼ପାଣି ପିଇବା ଭଲ । ଏହାଛଡ଼ା ସପ୍ତାହରେ ଦିନଟିଏ ଉପବାସ ରହିବା ଭଲ ।

– ଚା, କଫି, ମୃଦୁପାନୀୟ ଏବଂ ମଦ୍ୟପାନ ଯେତେଦୂର ସମ୍ଭବ ପରିହାର କରିବା ଆବଶ୍ୟକ।

– ସକାଳେ ଓ ସନ୍ଧ୍ୟାରେ ଚାଲିବା ତଥା ବ୍ୟାୟାମ କଲେ ଭଲ ଫଳ ମିଳେ ।

ଡାଏରୀରେ କେତୋଟି ସାଧାରଣ ଖାଦ୍ୟର କ୍ୟାଲୋରି ମାତ୍ରା ନ ଜାଣିଲେ, ଡାଏଟିଂ ହୁଏ ନାହିଁ । ସାଧାରଣତଃ ଉପବାସ ବେଳେ ଅନେକେ ଭାତ ନ ଖାଇ ଛଣାହୋଇଥିବା ପୁରି, ଆଳୁ ପରଟା ଆଦି ଖାଇ ଦିଅନ୍ତି । ଜଳଖିଆରେ ସିଙ୍ଗଡ଼ା, ବରା, ଆଳୁଚପ୍, ଆଇସ୍‌କ୍ରିମ୍, ମିଠା ଆଦି ମଧ୍ୟ ଖାଇବାକୁ ଦ୍ୱିଧା କରନ୍ତି ନାହିଁ । କିନ୍ତୁ ପୁରିରେ ୨୦୦ କ୍ୟାଲୋରି, ସିଙ୍ଗଡ଼ା, ବରା, ଆଳୁଚପ୍‌ରେ ୨୦୦–୨୫୦ କ୍ୟାଲୋରି, ଆଳୁ ପରଟା ୨୫୦–୩୦୦ କ୍ୟାଲୋରି ଓ ଆଇସ୍‌କ୍ରିମ୍‌ରେ ମଧ୍ୟ ୩୦୦ କ୍ୟାଲୋରିରୁ ଅଧିକା ଥାଏ । ଚାଲୁ ଚା'ରେ ୪୦ କ୍ୟାଲୋରି କିନ୍ତୁ ମସଲା ଚା'ରେ ୧୨୦ କ୍ୟାଲୋରି ଥାଏ, ଫଳରେ ମଧ୍ୟ କଦଳୀ ଛଡ଼ା ଅଳ୍ପ କ୍ୟାଲୋରି ଥାଏ । ତେବେ ଇଣ୍ଟରନେଟ୍‌ରୁ କ୍ୟାଲୋରି ଚାର୍ଟ ବାହାର କରି ପ୍ରତ୍ୟେକ ଖାଦ୍ୟ ପଦାର୍ଥର କ୍ୟାଲୋରି ବିଷୟରେ ଜାଣିବା ଦରକାର । କମ୍ କ୍ୟାଲୋରି ଗ୍ରହଣ କରିବାକୁ ଚାହୁଁଥିଲେ ଖାଦ୍ୟ ତାଲିକାରେ ପ୍ରଚୁର ପରିମାଣରେ ସାଲାଡ୍ ଖାଇବା ଦରକାର। ଭାତ ଓ ମିଠା ବଦଳରେ ରୁଟି ଖାଇବା ଅପେକ୍ଷାକୃତ ଭଲ। ଫିଟ୍ ରହିବା ଲାଗି ଭାବି ଚିନ୍ତି ଫୁଡ୍ ଚଏସ୍ କରି ଖାଇବା ଆବଶ୍ୟକ। ଏହାଛଡ଼ା ସାଇକ୍ଲିଂ, ପହଁରା, ନୃତ୍ୟ ଓ ଦୌଡ଼ାଦୌଡ଼ି କଲେ ଭଲ । ଯୋଗ ଓ ପ୍ରାଣାୟାମ ତଥା ଧ୍ୟାନ ମଧ୍ୟ ମେଦବହୁଳତା କମାଇବାରେ ସାହାଯ୍ୟ କରେ । କେତେ କ୍ୟାଲୋରିର ଖାଦ୍ୟ, କେଉଁ ପରାମର୍ଶରେ ଏବଂ କେତେବେଳେ ଖାଇଲେ, ଏ ସବୁ ଡାଇରୀରେ ଲିପିବଦ୍ଧ ହେବା ଦରକାର। କେଉଁ ସମୟରେ କ'ଣ କ'ଣ ଖାଇଲେ, ସେଗୁଡ଼ିକର କ୍ୟାଲୋରି ଚାର୍ଟ ଜାଣିଲେ ଆମେ ଅଯଥା ମେଦବହୁଳତାରୁ ରକ୍ଷା ପାଇପାରିବା । ନିଜ ଓଜନକୁ ନିୟନ୍ତ୍ରଣରେ ରଖିବା ପାଇଁ ଦରକାର ଆତ୍ମସଂଯମ ତଥା ସାଧନା । ନିଜ ଜିଭ ଓ ସ୍ୱାଦଗ୍ରନ୍ଥି ଉପରେ ପ୍ରଚୁର କଟକଣା ତଥା ଓଜନ କମାଇବାର ଦୃଢ଼ ଇଚ୍ଛାଶକ୍ତି ହିଁ ନିଶ୍ଚିତ ଭାବେ ମେଦ କମାଇବାରେ ତଥା ଏକ ସୁସ୍ଥ ଜୀବନ ବିତାଇବାରେ ସହାୟକ ହେବ ଏଥିରେ ସନ୍ଦେହ ନାହିଁ ।

–ସ୍ତ୍ରୀରୋଗ ଓ ପ୍ରସୂତି ବିଶେଷଜ୍ଞ
ଲିଙ୍କ୍ ରୋଡ୍, କଟକ





# ମିରର୍ ଲଗାଇବା ପୂର୍ବରୁ...

**ଘରକୁ ସୁନ୍ଦର ଲୁକ୍ ଦେବାପାଇଁ ଘରର ବିଭିନ୍ନ ସ୍ଥାନରେ ମିରର୍ ଲଗାଇବାକୁ ଅନେକେ ଇଚ୍ଛା କରିଥାନ୍ତି। ଆପଣ ଯଦି ଘରେ ଆଇନା ଲଗାଇବାକୁ ଯାଉଛନ୍ତି ତେବେ ଘରେ ଯେପରି ସକାରାତ୍ମକ ଉର୍ଜା ସୃଷ୍ଟି ହେବ ସେଥିପ୍ରତି ଧ୍ୟାନ ଦେବେ। ତେଣୁ ଏ ଦୃଷ୍ଟିରୁ ଜାଣି ରଖନ୍ତୁ କିଛି କଥା..**

– ଡ୍ରଇଁ ରୁମରେ ସବୁବେଳେ ଖାଇବା ଟେବୁଲ ସାମ୍ନାରେ ହିଁ ମିରର୍ ଲଗାନ୍ତୁ। ସବୁବେଳେ ଚାରିକଣିଆ ମିରର୍ ଲଗାନ୍ତୁ।

– ବାସ୍ତୁ ଶାସ୍ତ୍ର ଅନୁସାରେ ବେଡରୁମରେ ମିରର୍ ଲଗାଇବା ଉଚିତ ନୁହେଁ। ଯଦି ଆପଣଙ୍କର ଅନ୍ୟ କୌଣସି ଘରେ ସ୍ଥାନ ନାହିଁ ତେବେ ନିହାତିଭାବେ ବେଡରୁମରେ ମିରର୍ ଲଗାଉଛନ୍ତି ତା'ହେଲେ ଶୋଇବା ସମୟରେ ଏହାକୁ ଘୋଡାଇ ରଖନ୍ତୁ। ଫଳରେ ଉଠିବା ବେଳକୁ ଆପଣଙ୍କୁ ନିଜ ଚେହେରା ଦେଖାଯିବ ନାହିଁ।

– ଘରର ଠିକ୍ ପ୍ରବେଶ ଦ୍ୱାରରେ ବି ମିରର୍ ଲଗାନ୍ତୁ ନାହିଁ। ଘର ସଜାଇବା ଉଦ୍ଦେଶ୍ୟରେ କିଛି ଲୋକ ଏପରି କରିଥାନ୍ତି, କିନ୍ତୁ ଏହାଫଳରେ ଘରର ସକାରାତ୍ମକ ଶକ୍ତି ବାହାରକୁ ଚାଲିଯାଏ।

– ଘରର ଛୋଟ ଏବଂ ସଙ୍କୁଚିତ ସ୍ଥାନରେ ମିରର୍ ଲଗାଇବା ଭଲ। ବାସ୍ତୁ ଅନୁସାରେ ଏପରି ସ୍ଥାନରେ ମିରର୍ ଲଗାଇବା ଫଳରେ ଚମତ୍କାର ପ୍ରଭାବ ପଡ଼ିଥାଏ।

– ଦୁଇଟି କାନ୍ଥ ଯୋଡା ହୋଇଥିବା ସ୍ଥାନରେ ମିରର୍ ଲଗାନ୍ତୁ ନାହିଁ। ଏହା ସହିତ ମିରର୍‌କୁ ସବୁବେଳେ ସଫା ରଖନ୍ତୁ।

– ଘରର ଦକ୍ଷିଣ ପୂର୍ବ ଦିଗରେ ମିରର୍ ଲଗାନ୍ତୁ ନାହିଁ। ୱାଶ୍ ବେସିନ୍ ଉପରେ ମିରର୍ ଲଗାଇବା ଶୁଭ କୁହାଯାଏ।

– ଘରେ ଭଙ୍ଗା ମିରର୍ ରଖନ୍ତୁ ନାହିଁ ଏହା ସହିତ କବାଟ ପଛପଟରେ ମଧ୍ୟ ଲଗାନ୍ତୁ ନାହିଁ।



ଧରିତ୍ରୀ DHARITRI

www.orissakhabar.com/ www.dharitri.com ପୃଷ୍ଠା ୧୨ Press Regd. No. R.N. 21326/74 Postal Regd. No. BN/42/18-20. ମଙ୍ଗଳବାର, ଅଗଷ୍ଟ ୨୫/୨୦୨୦ Tuesday, August 25/2020

## ଟେନିସ୍‌କୁ ଗ୍ରିଗୋରଙ୍କ ସଫଳ ପ୍ରତ୍ୟାବର୍ତ୍ତନ

**ନ୍ୟୁୟର୍କ, ୨୪।୮ (ପି.ଟି.):** ବୁଲଗେରିଆର ଗ୍ରିଗୋର ଦିମିତ୍ରୋଭ୍ ଟେନିସ୍‌କୁ ସଫଳ ପ୍ରତ୍ୟାବର୍ତ୍ତନ କରିଛନ୍ତି। ୱେଷ୍ଟର୍ନ ଆଣ୍ଡ୍ ସଦର୍ନ ଓପନ ଟେନିସ ପ୍ରତିଯୋଗିତାରେ ସେ ଫ୍ରାନ୍ସର ଉଗୋ ହମବର୍ଟଙ୍କୁ ୬-୩, ୬-୪ ସେଟ୍‌ରେ ପରାସ୍ତ କରିଛନ୍ତି। ସେ କହିଛନ୍ତି ଏହି ମ୍ୟାଚ ବିଜୟ ତାଙ୍କ ପାଇଁ ସେତେଟା ଗୁରୁତ୍ୱପୂର୍ଣ୍ଣ ନ ଥିଲା। ଦୁଇମାସ ପୂର୍ବେ ନୋଭାକ ଜୋକୋଭିଚ୍‌ଙ୍କ ଦ୍ୱାରା ଆୟୋଜିତ ପ୍ରଦର୍ଶନୀ ଟେନିସ୍ ଟୁର୍ନାମେଣ୍ଟରେ ଅଂଶଗ୍ରହଣ ବେଳେ ସେ କୋଭିଡ୍-୧୯ରେ ସଂକ୍ରମିତ ହୋଇଥିଲେ। ଅସୁସ୍ଥ ହୋଇ ସେ ଏତେଟା ଦୁର୍ବଳ ହୋଇ ପଡ଼ିଥିଲେ ଯେ, ଭଲ ରୂପେ ଚାଲିପାରୁ ନ ଥିଲେ। ସୁସ୍ଥ ହେବାର ଅଳ୍ପ କିଛି ଦିନ ପରେ ସେ ଗୋଟିଏ ମ୍ୟାଚ ଖେଳି ପାରିବେ କି ନା ତାଙ୍କର ସନ୍ଦେହ ଥିଲା। ଏହା ଆଶଙ୍କା ତାଙ୍କ ମନରୁ ଦୂର ହୋଇଯାଇଛି। ୧୯ର୍‍ୟାଙ୍କିଂପ୍ରାପ୍ତ ଏହି ଟେନିସ ଖେଳାଳିଙ୍କ ପାଇଁ ଅଗଷ୍ଟ ୩୧ରେ ହେବାକୁ ଥିବା ୟୁଏସ୍ ଓପନ୍ ଗ୍ରାଣ୍ଡସ୍ଲାମ ଟେନିସ ପ୍ରତିଯୋଗିତା ଲାଗି ଏହି ଟୁର୍ନାମେଣ୍ଟ ଏକ ୱାର୍ମଅପ୍ ଭଳି। ରବିବାର ଏହି ହାର୍ଡକୋର୍ଟ ଟୁର୍ନାମେଣ୍ଟର ଦ୍ୱିତୀୟ ଦିବସ ମହିଳା ବିଭାଗର ପ୍ରଥମ ରାଉଣ୍ଡରେ ୨୦୧୭ ୟୁଏସ ଓପନ ଚାମ୍ପିୟନ ସେଲାଏନ୍ ଷ୍ଟିଫେନ୍ସଙ୍କୁ ୬-୩, ୭-୬ (୪) ସେଟ୍‌ରେ ପରାସ୍ତ କରିଛନ୍ତି କାରୋଲିନ୍ ଗ୍ରାସିଆ।

# ବେୟର୍ନ ମ୍ୟୁନିକ୍‌କୁ ଷଷ୍ଠ ଟାଇଟଲ

**ଲିସ୍‌ବନ,୨୪।୮(ଏପି)**

### ଚାମ୍ପିୟନ୍ସ ଲିଗ୍ ଫୁଟ୍‌ବଲ

ୟୁନିୟନ ଅଫ୍ ୟୁରୋପିଆନ ଫୁଟ୍‌ବଲ ଆସୋସିଏଶନ (ୟୁଇଏଫ୍‌ଏ) ଆନୁକୂଲ୍ୟରେ ପ୍ରତିବର୍ଷ ଆୟୋଜିତ ହୋଇଆସୁଥିବା ଚାମ୍ପିୟନ୍ସ ଲିଗ୍‌ରେ ଏଥର ଜର୍ମାନୀର ପେସାଦାର କ୍ଲବ୍ ବେୟର୍ନ ମ୍ୟୁନିକ୍ ବାଜି ମାରିଛି। ଦର୍ଶକଙ୍କ ଅନୁପସ୍ଥିତିରେ ରବିବାର ସ୍ଥାନୀୟ ଇଷ୍ଟାଡିଓ ଡି ଲୁଜ୍‌ରେ ଅନୁଷ୍ଠିତ ସଂଘର୍ଷପୂର୍ଣ୍ଣ ଫାଇନାଲ ମ୍ୟାଚ୍‌ରେ ବେୟର୍ନ ମ୍ୟୁନିକ୍ ୧-୦ ଗୋଲରେ ଫ୍ରେଞ୍ଚ୍ ପେସାଦାର କ୍ଲବ୍ ପ୍ୟାରିସ୍ ସେଣ୍ଟ ଜର୍ମାନ (ପିଏସ୍‌ଜି)କୁ ହରାଇ ଟାଇଟଲ ହାସଲ କରିଛି। କୋଭିଡ୍-୧୯ ମହାମାରୀ କାରଣରୁ ଫାଙ୍କା ଷ୍ଟାଡିୟମରେ ମ୍ୟାଚ୍ ଖେଳାଯାଇଥିଲା। ଏଥିସହିତ ବେୟର୍ନ ଷଷ୍ଠ ଥର ପାଇଁ ଏହି ହାଇପ୍ରୋଫାଇଲ ଲିଗ୍‌ରେ ଚାମ୍ପିୟନ ହେବାର ଗୌରବ ଅର୍ଜନ କରିଛି। ୨୦୧୩ ପରେ ପିଏସ୍‌ଜି ପ୍ରଥମଥର ପାଇଁ ବେୟର୍ନ ପ୍ରଥମ ଫାଇନାଲ ଜିତିଛି। ଅପରପକ୍ଷରେ ପିଏସ୍‌ଜି ପ୍ରଥମଥର ପାଇଁ ଟାଇଟଲ ହାସଲ କରିବାର ସୁଯୋଗ ହାତଛଡ଼ା କରିଛି। ଗତ ୯ ବର୍ଷ ମଧ୍ୟରେ ଖେଳାଳିଙ୍କ ପାଇଁ ଏକ ବିଲିୟନ ଆମେରିକୀୟ ଡଲାର ଖର୍ଚ୍ଚ କରିଥିଲେ ମଧ୍ୟ ପିଏସ୍‌ଜି ହାତ ଖାଲି ରହିଛି। ନେମାର, କିଲିଆନ ଏମ୍‌ବାପେ ଓ ଆଞ୍ଜେଲ ଡି ମାରିଆ ପାଇଁ ୫୦୦ ମିଲିୟନ ଆମେରିକୀୟ ଡଲାର ଖର୍ଚ୍ଚ କରାଯାଇଛି। ଫାଇନାଲରେ ଏମାନେ କିଛି କରି ଦେଖାଇବାରେ ବିଫଳ ହୋଇଥିଲେ।

କଡ଼ା ସଂଘର୍ଷପୂର୍ଣ୍ଣ ଫାଇନାଲ ମ୍ୟାଚ୍‌ରେ ବେୟର୍ନ ପକ୍ଷରୁ କିଙ୍ଗ୍ସଲି କୋମାନ ୫୯ତମ ମିନିଟ୍‌ରେ ମ୍ୟାଚ୍‌ର ଏକମାତ୍ର ଗୋଲ ସ୍କୋର କରିଥିଲେ। ୨୪ ବର୍ଷିଆ କୋମାନ ପିଏସ୍‌ଜି ଡିଫେନ୍ସକୁ ଭେଦ କରି ଏହି ଚମତ୍କାର ଗୋଲ ସ୍କୋର କରିଥିଲେ। ଏଥିସହିତ ବେୟର୍ନ ଲିଗ୍‌ରେ ୪୩ତମ ଗୋଲ ସ୍କୋର କରିଛି। ପୁଣି ପ୍ରଥମ ଦଳ ଭାବେ ବେୟର୍ନ ଚାମ୍ପିୟନ୍ସ ଲିଗ୍‌ର ସବୁ ୧୧ଟି ମ୍ୟାଚ୍ ଜିତି ଏକ ବିରଳ ସଫଳତା ହାସଲ କରିଛି। କୋଭିଡ୍-୧୯ ମହାମାରୀ ପାଇଁ ଫାଇନାଲ ମ୍ୟାଚ୍‌କୁ ପାଖାପାଖି ୩ ମାସ ଘୁଞ୍ଚାଇ ଦିଆଯାଇଥିଲା। ପୂର୍ବରୁ ଏହି ଲିଗ୍‌ରେ ଏସି ମିଲାନ ୭ ଥର, ରିୟଲ ମାଡ୍ରିଡ୍ ୧୩ଥର ଚାମ୍ପିୟନ ହେବାର ଗୌରବ ଅର୍ଜନ କରିଛନ୍ତି। ବେୟର୍ନର ପରାଜୟ ପରେ ନେମାର କାନ୍ଦି ପକାଇଥିଲେ। ତେବେ ତାଙ୍କୁ ପ୍ରତିଦ୍ୱନ୍ଦ୍ୱୀ ବେୟର୍ନ ଖେଳାଳି ଡେଭିଡ୍ ଅଲାବା ସାନ୍ତ୍ୱନା ଦେଉଥିବାର ଦେଖାଯାଇଥିଲା। ବେୟର୍ନ ଏଥିସହିତ କ୍ରମାଗତ ୨୧ତମ ବିଜୟ ହାସଲ କରିବା ସହ ଗତ ୩୦ଟି ମ୍ୟାଚ୍‌ରେ ଅପରାଜେୟ ରହିଛି।




ଟ୍ରଫି ସହ ବେୟର୍ନ ମ୍ୟୁନିକ୍ ଦଳ।

### ୧୪୮ ଜଣଙ୍କୁ ଗିରଫ କଲା ପ୍ୟାରିସ୍ ପୋଲିସ୍

**ପ୍ୟାରିସ୍,୨୪।୮(ଏପି):** ପରାଜୟ ପରେ ନିରାଶ ହୋଇଥିବା ୧୪୮ ଜଣ ପ୍ୟାରିସ୍ ସେଣ୍ଟ ଜର୍ମାନୀ (ପିଏସ୍‌ଜି) ପ୍ରଶଂସକଙ୍କୁ ଗିରଫ୍ କରିଛି ପ୍ୟାରିସ୍ ପୋଲିସ୍। ନିରାଶ ପ୍ରଶଂସକମାନେ ଅଧିକାରୀମାନଙ୍କ ସହ ମୁହାଁମୁହିଁ ହେବା ସହ କେତେକ କାର ଓ ଷ୍ଟୋର ଝର୍କାକୁ ଭାଙ୍ଗି ଦେଇଥିଲେ। ସଂଘର୍ଷରେ ୧୬ଜଣ ପୋଲିସ୍ ଅଧିକାରୀ ଆହତ ହୋଇଥିବା କଥା ସରକାରଙ୍କ ତରଫରୁ କୁହାଯାଇଛି। ପୋଲିସ ଏକାଠି ହୋଇଥିବା ପ୍ରଶଂସକଙ୍କ ଉପରକୁ ଲୁହବୁହା ଗ୍ୟାସ୍ ପ୍ରୟୋଗ କରିଥିଲା।

# ପାକିସ୍ତାନର ସଂଘର୍ଷ ଜାରି

**ସାଉଥାମ୍ପଟନ,୨୪।୮(ପି.ଟି.):** ଇଂଲଣ୍ଡ ବିପକ୍ଷ ତୃତୀୟ ତଥା ଅନ୍ତିମ କ୍ରିକେଟ ଟେଷ୍ଟ ମ୍ୟାଚ୍‌ରେ ଭ୍ରମଣକାରୀ ପାକିସ୍ତାନ ସଂଘର୍ଷ ଜାରି ରଖିଛି। ପ୍ରଥମ ଇନିଂସରେ ଇଂଲଣ୍ଡ ୫୮୩/୮ରେ ଇନିଂସ ଘୋଷଣା କରିବା ପରେ ପାକିସ୍ତାନ ୨୭୩ ରନ୍ କରି ଅଲଆଉଟ ହୋଇଥିଲା। ଫଳରେ ପାକିସ୍ତାନ ୩୧୦ ରନରେ ପଛରେ ପଡି ଫଲୋଅନ ହୋଇଥିଲା। ସୋମବାର ଚତୁର୍ଥ ଦିବସରେ ଦ୍ୱିତୀୟ ଇନିଂସ ଆରମ୍ଭ କରି ପାକିସ୍ତାନ ୧୮ ଓଭରରେ କୌଣସି ଉଇକେଟ ନ ହରାଇ ୪୧ ରନ କରି ଭଲ ଆରମ୍ଭ କରିଥିଲା। ଦୁଇ ଓପନର ଶାନ ମାସୁଦ ୧୩ ଓ ଆବିଦ ଅଲୀ ୨୨ ରନ କରି ଅପରାଜିତ ରହିଥିଲେ। ତେବେ ଖରାପ୍ ଆଲୋକ ଓ ବର୍ଷା କାରଣରୁ ଶୀଘ୍ର ଲଞ୍ଚ୍ ଘୋଷଣା କରାଯାଇଥିଲା। ବର୍ଷା ଓ ଓଦା ଆଉଟ୍‌ଫିଲ୍ଡ ଯୋଗୁ ଦୀର୍ଘ ସମୟ ଧରି ଖେଳ ସମ୍ଭବ ହୋଇପାରି ନ ଥିଲା। ପୁଣି ଖେଳ ଆରମ୍ଭ ହେବାର କିଛି ସମୟ ପରେ ପାକିସ୍ତାନ ପ୍ରଥମେ ମାସୁଦଙ୍କ ଉଇକେଟ ହରାଇଥିଲା। ମାସୁଦ ୧୮ରନ କରି ଷ୍ଟୁଆର୍ଟ ବ୍ରଡ୍‌ଙ୍କ ଦ୍ୱାରା ଏଲ୍‌ବିଡବ୍ଲ୍ୟୁ ହୋଇଥିଲେ। ଏହାପରେ ଆବିଦ୍ ୪୨ ରନ କରିଥିବା ବେଳେ ଅଭିଜ୍ଞ ଦ୍ରୁତ ବୋଲର ଜେମ୍ସ ଆଣ୍ଡରସନଙ୍କ ଦ୍ୱାରା ଏଲ୍‌ବିଡବ୍ଲ୍ୟୁ ହୋଇଥିଲେ। ତୃତୀୟ ସେସନ୍

### ତୃତୀୟ ଟେଷ୍ଟ

ଖେଳରେ ଖରାପ୍ ଆଲୋକ କାରଣରୁ ମ୍ୟାଚ୍ ସ୍ଥଗିତ ରଖାଯାଇଥିଲା। ସେତେବେଳକୁ ଅଧିନାୟକ ଆଜାର ଅଲୀ ୨୯ ଓ ବାବର ଆଜମ ୪ ରନକରି ଅପରାଜିତ ରହିଥିଲେ। ଆଉ ଗୋଟିଏ ଉଇକେଟ ଅକ୍ତିଆର କଲେ ଆଣ୍ଡରସନ ପ୍ରଥମ ଫାଷ୍ଟ ବୋଲର ହିସାବରେ ୬୦୦ ଉଇକେଟ ହାସଲ କରିବାର ସୌଭାଗ୍ୟ ଅର୍ଜନ କରିବେ।

# ଉସେନ ବୋଲ୍ଟଙ୍କୁ କରୋନା

**କିଙ୍ଗଷ୍ଟନ, ୨୪।୮:** କିମ୍ବଦନ୍ତୀ ସ୍ପ୍ରିଣ୍ଟର ତଥା ୮ଥର ଅଲିମ୍ପିକ ସ୍ୱର୍ଣ୍ଣ ବିଜେତା ଉସେନ ବୋଲ୍ଟ କରୋନା ପଜିଟିଭ୍ ବୋଲି ଏକ ରିପୋର୍ଟରେ ପ୍ରକାଶ ପାଇଛି। ବୋଲ୍ଟ ଶୁକ୍ରବାର ତାଙ୍କ ୩୪ତମ ଜନ୍ମ ଦିନ ପାଳିଥିଲେ। ଏହି ଅବସରରେ ଆୟୋଜିତ ପାର୍ଟିରେ ଇଂଲଣ୍ଡ ଫୁଟବଲ ଷ୍ଟାର ରହିମ ଷ୍ଟର୍ଲିଂ, ଲିଅନ ବେଲି, ୱେଷ୍ଟଇଣ୍ଡିଜ କ୍ରିକେଟ ଷ୍ଟାର କ୍ରିସ୍ ଗେଲ୍‌ଙ୍କ ସମେତ ବହୁ ବନ୍ଧୁ ଯୋଗ ଦେଇଥିଲେ। ଅତିଥିମାନେ ମାସ୍କ ପରିଧାନ କରି ନ ଥିଲେ କିମ୍ବା ସାମାଜିକ ଦୂରତ୍ୱ ରଖି ନ ଥିଲେ। ଜନ୍ମଦିନ ପାର୍ଟିରେ ସେ ସଂକ୍ରମିତ ହୋଇଥିବା ଅନୁମାନ କରାଯାଉଛି। ରବିବାର ତାଙ୍କ କୋଭିଡ୍-୧୯ ରିପୋର୍ଟ ପଜିଟିଭ୍ ଆସିଥିଲା। ବୋଲ୍ଟଙ୍କ ନିକଟରେ ରୋଗର କୌଣସି ଲକ୍ଷଣ ଦେଖା ଦେଇଥିଲା କି ନା ତାହା ସ୍ପଷ୍ଟ ହୋଇ ନାହିଁ।

# ବାଇଚୁଙ୍ଗ ଭୂଟିଆ ଷ୍ଟାଡିୟମ ଉଦ୍‌ଘାଟନରେ ବିଳମ୍ବ



ଉଦ୍‌ଘାଟନ ଅପେକ୍ଷାରେ ଥିବା ବାଇଚୁଙ୍ଗ ଭୂଟିଆ ଷ୍ଟାଡ଼ିୟମ।

**ନୂଆଦିଲ୍ଲୀ, ୨୪।୮ (ପି.ଟି.):** କୋଭିଡ୍-୧୯ ପ୍ରଭାବ ହ୍ରାସ ପାଇଲେ ଭାରତର ଅନ୍ୟତମ ମହାନ ଫୁଟ୍‌ବଲ ଖେଳାଳି ବାଇଚୁଙ୍ଗ ଭୂଟିଆଙ୍କ ନାମରେ ତିଆରି କରାଯାଇଥିବା ଷ୍ଟାଡିୟମର ଉଦ୍‌ଘାଟନ ହେବ। ସିକିମରେ ନିର୍ମିତ ୧୫,୦୦୦ ଆସନ ବିଶିଷ୍ଟ ଏହି ଷ୍ଟାଡିୟମରେ ଫ୍ଲଡଲାଇଟ୍‌ର ବ୍ୟବସ୍ଥା ରହିଛି। ଷ୍ଟାର ଫୁଟବଲ ଖେଳାଳିଙ୍କ ଜନ୍ମସ୍ଥାନ ଟିନ୍‌କିଟାମଠାରୁ ୨୫କିଲୋମିଟର ଦୂର ନାମ୍‌ଚିଠାରେ ଏହି ଷ୍ଟାଡିୟମଟି ରହିଛି। ଫୁଟ୍‌ବଲରୁ ଅବସର ନେଇ ସାରିଥିଲେ ମଧ୍ୟ ବାଇଚୁଙ୍ଗ ଭୂଟିଆ ଅନେକଙ୍କ ପାଇଁ ରୋଲ୍ ମଡେଲ ଓ ପ୍ରେରଣାର ଉତ୍ସ ସାଜିଛନ୍ତି। ଦେଶର ଫୁଟ୍‌ବଲରମାନଙ୍କ ପାଇଁ ସେ ରୋଲ୍ ମଡେଲ ମଧ୍ୟ ପାଲଟିଛନ୍ତି ବୋଲି ସିକିମ ଫୁଟ୍‌ବଲ ଆସୋସିଏଶନର ସଭାପତି ମେନ୍‌ଲା ଇଥେନ୍‌ପା କହିଛନ୍ତି। ୧୦୦ ଅନ୍ତର୍ଜାତୀୟ ମ୍ୟାଚ ଖେଳିବାରେ ଭୂଟିଆ ହେଉଛନ୍ତି ପ୍ରଥମ ଭାରତୀୟ ଫୁଟ୍‌ବଲର। ଜଣେ ଫୁଟ୍‌ବଲରଙ୍କ ନାମରେ ଷ୍ଟାଡିୟମ ନିର୍ମାଣ ହେବା ଦେଶରେ ପ୍ରଥମ ଦୃଷ୍ଟାନ୍ତ।

# ଦିନକୁ ଗୋଟେ ଓଳି ଖାଉଥିଲେ ସାରିକା

**ଔରଙ୍ଗାବାଦ, ୨୪।୮ (ପି.ଟି.):** ଖେଳ କିପରି ତାଙ୍କ ଜୀବନଶୈଳୀ ବଦଳାଇ ଦେଇଛି ତାହାର ବର୍ଣ୍ଣନା କରିଛନ୍ତି ଅର୍ଜୁନ ପୁରସ୍କାର ପାଇଁ ମନୋନୀତ ଭାରତର ପୂର୍ବତନ ମହିଳା ଖୋ ଖୋ ଅଧିନାୟିକା ସାରିକା କାଲେ। ଦିନ ଥିଲା ପରିବାରର ଆର୍ଥିକ ସମସ୍ୟା ଯୋଗୁ ୧୦ବର୍ଷ ଧରି ତାଙ୍କୁ ଗୋଟେ ଓଳି ଖାଇବାକୁ ମିଳୁଥିଲା। ବର୍ତ୍ତମାନ ସେ ମହାରାଷ୍ଟ୍ର ସରକାରଙ୍କ ଅଧୀନରେ ଜଣେ କ୍ରୀଡ଼ା ଅଧିକାରୀ। ଅଗଷ୍ଟ ୨୯ରେ ଜାତୀୟ କ୍ରୀଡ଼ା ଦିବସ ଅବସରରେ ଏକ ଭର୍ଚୁଆଲ ଉତ୍ସବରେ ସାରିକାଙ୍କୁ ଅର୍ଜୁନ ପୁରସ୍କାରରେ ସମ୍ମାନିତ କରାଯିବ। ସାରିକା କହିଛନ୍ତି, ସେ ଯଦିଓ ଚଳିତ ବର୍ଷର ଅର୍ଜୁନ ପୁରସ୍କାର ପାଇଁ ମନୋନୀତ ହୋଇଛନ୍ତି ତାଙ୍କର ଖୋ ଖୋ ଖେଳୁଥିବା ସମୟର ଦୁଃଖଦ ଅନୁଭୂତି ମନେପଡୁଛି। ୨୦୧୬ରେ ଅନୁଷ୍ଠିତ ୧୨ତମ ଦକ୍ଷିଣ ଏସୀୟ କ୍ରୀଡ଼ା (ସାଗ୍)ରେ ସାରିକାଙ୍କ ନେତୃତ୍ୱରେ ଭାରତୀୟ ଦଳ ସ୍ୱର୍ଣ୍ଣ ପଦକ ଲାଭ କରିଥିଲା। ସେ କହିଛନ୍ତି ପାରିବାରିକ ଅବସ୍ଥାକୁ ନେଇ ଖେଳ ପ୍ରତି ତାଙ୍କର ଆଗ୍ରହ ସୃଷ୍ଟି ହୋଇଥିଲା। ଖେଳ ତାଙ୍କ ଜୀବନଶୈଳୀକୁ ବଦଳାଇ ଦେଇଛି। ବର୍ତ୍ତମାନ ସେ ଓସମାନାବାଦ ଜିଲାରେ ଜଣେ କ୍ରୀଡ଼ା ଅଧିକାରୀ ଭାବେ କାର୍ଯ୍ୟରତ। ୨୭ ବର୍ଷୀୟା ସାରିକା କହିଛନ୍ତି, ମାମୁ ହିଁ ତାଙ୍କୁ ପ୍ରଥମେ ପଡ଼ିଆକୁ ନେଇଥିଲେ ଯେତେବେଳେ ତାଙ୍କୁ ୧୩ ବର୍ଷ ବୟସ ହୋଇଥିଲା। ତା'ପରଠାରୁ ମୁଁ ଖେଳ ଜାରି ରଖିଥିଲି। ସାରିକାଙ୍କ ମା ସିଲାଇ କାର୍ଯ୍ୟକରି କିଛି ରୋଜଗାର କରିଥାନ୍ତି। ଶାରୀରିକ ସମସ୍ୟା ଯୋଗୁ ପିତାଙ୍କର ଆୟ ମଧ୍ୟ ସୀମିତ। କହିବାକୁ ଗଲେ ଜେଜେବାପାଙ୍କ ଉପାର୍ଜନ ଉପରେ ଆମ ପରିବାର ନିର୍ଭରଶୀଳ ଥିଲା। ପ୍ରତିଯୋଗିତା ପାଇଁ କ୍ୟାମ୍ପରେ ଯୋଗ ଦେବାବେଳେ ମୋତେ ସ୍ପେଶାଲ ଖାଦ୍ୟ ମିଳିଥାଏ। ନାନା ସମସ୍ୟା ସତ୍ତ୍ୱେ ବିଭିନ୍ନ ଟୁର୍ନାମେଣ୍ଟରେ ଖେଳିବା ଲାଗି ତାଙ୍କ ପରିବାର କେବେ ବାରଣ କରି ନ ଥିବା ସାରିକା କହିଛନ୍ତି।



ସାରିକା କାଲେ




# 'ଫାଙ୍କା ଷ୍ଟାଡିୟମ କ୍ରିକେଟ କ୍ୱାଲିଟିକୁ ପ୍ରଭାବିତ କରିବନି'

**ଦୁବାଇ,୨୪।୮(ପି.ଟି.)**

କୋଭିଡ୍-୧୯ କାରଣରୁ ୟୁନାଇଟେଡ୍ ଆରବ ଏମିରେଟ୍ସ (ୟୁଏଇ)ରେ ଆୟୋଜନ ହେବାକୁ ଯାଉଥିବା ଆଇପିଏଲ୍‌ର ୧୩ତମ ସଂସ୍କରଣ ଫାଙ୍କା ଷ୍ଟାଡିୟମରେ ଆୟୋଜନ ହେବ। ଏହା ସତ୍ତ୍ୱେ ଆଇପିଏଲ୍‌ରେ କ୍ରିକେଟର କ୍ୱାଲିଟି ତଥା ଗୁଣବତ୍ତା ପ୍ରଭାବିତ ହେବ ନାହିଁ ବୋଲି ସନ୍ ରାଇଜର୍ସ ହାଇଦ୍ରାବାଦ୍ ବ୍ୟାଟିଂ ମେଣ୍ଟର ଭି.ଭି.ଏସ୍. ଲକ୍ଷ୍ମଣ କହିଛନ୍ତି। ମହାମାରୀ କାରଣରୁ ଏହି ଲିଗ୍‌କୁ ଭାରତରୁ ୟୁଏଇକୁ ସ୍ଥାନାନ୍ତର କରାଯାଇଥିଲା। ସେପ୍ଟେମ୍ବର ୧୯ରୁ ଆରମ୍ଭ ହୋଇ ଆଇପିଏଲ୍ ନଭେମ୍ବର ୧୦ ତାରିଖରେ ଶେଷ ହେବ। ମ୍ୟାଚ୍‌ଗୁଡିକ ଦୁବାଇ, ଆବୁଧାବି ଓ ଶାରଜାରେ ଆୟୋଜନ ହେବ। ଷ୍ଟାଡିୟମରେ ଉପସ୍ଥିତ ନ ରହିଲେ ମଧ୍ୟ ପ୍ରଶଂସକମାନେ ପୂର୍ବଭଳି ଆଇପିଏଲ୍‌କୁ ଉପଭୋଗ କରିପାରିବେ ବୋଲି ସେ ହାଇଦ୍ରାବାଦ୍ ଫ୍ରାଞ୍ଚାଇଜ୍ ଦ୍ୱାରା ଜାରି କରାଯାଇଥିବା ଏକ ଭିଡିଓରେ କହିଛନ୍ତି। କ୍ରିକେଟର ଶକ୍ତି ବା ଗୁଣବତ୍ତାରେ ଅବନତି ହେବ ନାହିଁ ବୋଲି ସେ ସ୍ପଷ୍ଟ କରିଛନ୍ତି। ତେବେ ୟୁଏଇରେ କିଭଳି ପିଚ୍ ମିଳିବ ଓ ଏହି ପିଚ୍‌ଗୁଡିକ ଧର୍ମ କିପରି ହେବ ସେ ନେଇ ଲକ୍ଷ୍ମଣ ଆଶଙ୍କା ପ୍ରକାଶ କରିଛନ୍ତି। ଗ୍ରାଉଣ୍ଡ ଷ୍ଟାଫ୍‌ମାନେ କିଭଳି କାର୍ଯ୍ୟ କରିଛନ୍ତି ତାହା ଜାଣିବାକୁ ହେଲେ ଆମକୁ ଅପେକ୍ଷା କରିବାକୁ ହେବ। ଉଇକେଟଗୁଡିକ ସାମାନ୍ୟ ମନ୍ଥର ହୋଇପାରେ। କିନ୍ତୁ ଆଉଟ୍‌ଫିଲ୍ଡ ଅତି ସୁନ୍ଦର ହେବ ବୋଲି ସେ ପୂର୍ବାନୁମାନ କରିଛନ୍ତି। ହାଇଦ୍ରାବାଦ୍ ଫ୍ରାଞ୍ଚାଇଜ୍‌ର ଭାରତୀୟ ଖେଳାଳିମାନେ ରବିବାର ଦୁବାଇରେ ପହଞ୍ଚିଛନ୍ତି। ଆଇପିଏଲ୍‌ର ଅନ୍ତିମ ଦୁଇ ଦଳ ଭାବେ ହାଇଦ୍ରାବାଦ ଓ ଦିଲ୍ଲୀ କ୍ୟାପିଟାଲ୍ସ ୟୁଏଇରେ ପହଞ୍ଚିଛନ୍ତି। ୨୦୨୦ ନିଲାମରେ ମିଡଲ ଅର୍ଡର ପାଇଁ ଯୁବ ବ୍ୟାଟ୍ସମ୍ୟାନମାନଙ୍କୁ ଚୟନ କରିବାକୁ ଲକ୍ଷ୍ମଣ ଓ ବାକି ଟମ୍ ମ୍ୟାନେଜମେଣ୍ଟ ଚିନ୍ତା କରିଥିଲେ। ଫଳରେ ଦଳରେ ପ୍ରିୟମ ଗର୍ଗ, ବିରାଟ ସିଂ ଓ ବି. ସନ୍ଦୀପ ଓ ଅନ୍ୟ କେତେଜଣ ଯୁବ ଖେଳାଳି ସାମିଲ ହୋଇଛନ୍ତି।



ଭି.ଭି.ଏସ୍. ଲକ୍ଷ୍ମଣ







3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ